

ପୁଣି ସାମ ପିତ୍ରୋଡାଙ୍କ ବୟାନକୁ ନେଇ ବିବାଦ

ପୃଷ୍ଠା ୫



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17



**ସହସମ୍ପାଦକ ଆବଶ୍ୟକ**

ଦୈନିକ 'ସଂଚାର'' ପାଇଁ ସହ-ସମ୍ପାଦକ ଆବଶ୍ୟକ। ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତି କମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବା। ଏଥିସହ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। ଓଡ଼ିଆ ଟାଇପିଂ ସହ କମ୍ପ୍ୟୁଟରରେ ତାଙ୍କର ଦକ୍ଷତା ଥିବା ଅନିର୍ବାର୍ଯ୍ୟ। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିପାରିବେ।



ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 331 ଭାଗ ୩୩ | ସଂଖ୍ୟା ୩୩୧ Monday 23 February 2026 | Page 8 Rs. 5.00 ● ଭୁବନେଶ୍ୱର ସୋମବାର ୨୩ ଫେବ୍ରୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ୪୯ ନମ୍ବର ଜାତୀୟ ରାଜପଥରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

# ପୁଲିସ୍ ଭ୍ୟାନ୍ ଚୂନା: ୫ ମୃତ



**୨ ସଙ୍କଟାପନ୍ନ, ବାହାଘର ଭୋଜିରୁ ଫେରୁଥିଲେ**

**ରିଜର୍ଭ ପଡ଼ିଆରେ ଶେଷ ଶ୍ରଦ୍ଧାଞ୍ଜଳି**

**୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା**

**ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଶୋକ**

ଝାରସୁଗୁଡ଼ା,୨୨।୨(ସଂଚାର ବ୍ୟୁରୋ): ଆଜି ଭୋର୍ ସମୟରେ ସୁନ୍ଦରଗଡ଼ରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏଥିରେ ୫ ଜଣ ପୁଲିସ୍ କର୍ମୀଙ୍କ ଜୀବନ ଯାଇଥିବା ବେଳେ ୨ ଜଣ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ଘଟିବା ସମୟରେ ଖୁବ୍ ଜୋର୍‌ରେ ଶବ୍ଦ ହୋଇଥିଲା, ଯେଉଁଥିରେ ନିକଟସ୍ଥ ସଦର ପୁଲିସ୍ ଥାନାର ପୁଲିସ୍ କର୍ମୀ ଓ ଆଖପାଖ ଅଞ୍ଚଳର ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ୫ ଜଣ ପୁଲିସ୍ କର୍ମୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୩ ଜଣଙ୍କୁ ନିକଟସ୍ଥ ଜିଲ୍ଲା ସଦର ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ମୃତ୍ୟୁ ସହ ଲଢ଼େଇ କରୁଛନ୍ତି।

ମିଳିଥିବା ସୂଚନାନୁସାରେ, ଶନିବାର ରାତିରେ କେତେକ ପୁଲିସ ➭ପୃଷ୍ଠା-୬

# ଏନ୍‌କାଉଣ୍ଟର୍‌ରେ ୩ ମାଓବାଦୀ ନିପାତ



**ବ୍ୟାପକ ଅସ୍ତ୍ରଶସ୍ତ୍ର ଜବତ**

**ମୁଣ୍ଡରେ ଥିଲା ସାଢ଼େ ୨୭ ଲକ୍ଷର ପୁରସ୍କାର**

**ଦୁଇ ସିପିଆଇ(ମାଓବାଦୀ) ନେତାଙ୍କ ଆତ୍ମସମର୍ପଣ**

ଫୁଲବାଣୀ,୨୨।୨(ସଂଚାର ବ୍ୟୁରୋ): ଗଞ୍ଜାମ-କନ୍ଧମାଳ ସୀମାବର୍ତ୍ତୀ ରାଇକିଆ ଥାନା ଅଧୀନସ୍ଥ କରଡ଼ା ପଞ୍ଚାୟତର ନିତିବାଡ଼ି ଜଙ୍ଗଲରେ ଆଜି ପୁଲିସ୍ ଗୁଳିରେ ୩ ଜଣ ମାଓବାଦୀ ନିପାତ ହୋଇଛନ୍ତି। ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିବା ବେଳେ ଏଥିରେ ୩ ମାଓବାଦୀଙ୍କର ମୃତ୍ୟୁ ହୋଇଥିବା ବେଳେ ଏକାଧିକ ➭ପୃଷ୍ଠା-୬

# ଦାୟିତ୍ୱବାନ ବାବୁଙ୍କ ଚରିତ୍ରହୀନ କାମ

**କାମୁକପଣିଆ ପାଇଁ ଭୁଲୁଛନ୍ତି ପଦ ମର୍ଯ୍ୟାଦା**

**ରାଜଧାନୀରୁ କେନ୍ଦ୍ରାପଡ଼ା ସବୁଠି ଛି'ଛି'**

**ରେଡ୍‌ଫ୍ଲାଗ ଅନ୍ତର୍ଭୁକ୍ତ ହେଲା ରାଜକନିକା ଗଣଦୁଷ୍କର୍ମ**

**ସହିଦ ନଗର କେସରେ ଆଇଆରଏସ୍ ବାବୁଙ୍କୁ ଜେରା**



ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ): ଅଭିଯୋଗ ଯେତିକି ସାଙ୍ଘାତିକ, ସେତିକି ସଙ୍ଗିନ। ଦାୟିତ୍ୱବାନ ପଦପଦବୀରେ ରହୁଛନ୍ତି, ହେଲେ ନା ସଂସ୍କାର ରହୁଛି ନା ଚରିତ୍ରବାନ ହେଉଛନ୍ତି। ପଦମର୍ଯ୍ୟାଦାକୁ ଭୁଲି ସେଭଳି କାଣ୍ଡ ଭିଆଉଛନ୍ତି, ଯାହା ସମାଜକୁ ଲଜ୍ଜିତ କରୁଛି। କେନ୍ଦ୍ରାପଡ଼ା ରାଜନଗର ଅଞ୍ଚଳର ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷକ ଓ ପିଅନଙ୍କ ଦ୍ୱାରା ଜନୈକା ସପ୍ତମ ଶ୍ରେଣୀ ଛାତ୍ରୀ ଗଣଦୁଷ୍କର୍ମ ଘଟଣା ନେଇ ଲାଗିରହିଛି ହଲଚଲ। କ୍ରାଇମବ୍ରାଞ୍ଚ ବି ମାମଲାକୁ ଗୁରୁତର ଭାବେ ନେଇ ଏହାକୁ ରେଡ୍‌ଫ୍ଲାଗ୍ ଅନ୍ତର୍ଭୁକ୍ତ କରିବା ସହ ଏହି ମାମଲାରେ ମୋଟ ୫ ଜଣଙ୍କୁ ଗିରଫ କରିସାରିଛି। ଏଭଳି ସ୍ଥିତିରେ ସରକାରୀ କ୍ୱାର୍ଟର୍ସରେ ଜନୈକ ଯୁବତୀଙ୍କୁ ଆଇଆରଏସ୍ ବାବୁଙ୍କ ଦୁଷ୍କର୍ମ ଓ ଉକ୍ତ ସମୟର ଫଟୋ ଭାଇରାଲ ଧମକ ଅଭିଯୋଗ ମାମଲା ରାଜଧାନୀରେ ଚହଳ ସୃଷ୍ଟି କରିଛି।

ଭୁବନେଶ୍ୱରରେ ଆଇଆରଏସ୍ ବାବୁଙ୍କ ବିରୋଧରେ ଆସିଛି ସଙ୍ଗିନ ଅଭିଯୋଗ। ସରକାରୀ କ୍ୱାର୍ଟର୍ସରେ ସମ୍ପର୍କୀୟ ଭଉଣୀଙ୍କ ପଡ଼ୋଶିନୀଙ୍କୁ ଦୁଷ୍କର୍ମ! ଆପତ୍ତିଜନକ ଭିଡିଓ ସହ ଫଟୋ ଭାଇରାଲ ଧମକ। ଶେଷରେ ସହିଦ ନଗର ଥାନାରେ ମାମଲା ରୁଜୁ ପରେ ହଲଚଲ ପୂରା ଅଫିସର ମହଲ। କୁହାଯାଉଛି, ବାବୁ ଜଣେ ଇଣ୍ଡିଆନ ରେଭିନ୍ୟୁ ସର୍ଭିସ୍ (ଆଇଆରଏସ୍) ଅଫିସର। ଜିଏସଟି ବିଭାଗରେ ଯୁଗ୍ମ କମିଶନର ଭାବେ ବି କାର୍ଯ୍ୟରତ ଅଛନ୍ତି। କିନ୍ତୁ ଦାୟିତ୍ୱରେ ରହୁଥିବା ନିଜ ସମ୍ପର୍କୀୟ ଭଉଣୀ ମାଧ୍ୟମରେ ତାଙ୍କ ପଡ଼ୋଶିନୀଙ୍କ ସଂସ୍ପର୍ଶରେ ଆସିବା ପରେ ଯାହା ଘଟାଇଛନ୍ତି, ତାକୁ ନେଇ ସବୁଠି ଚର୍ଚ୍ଚା। ପୀଡ଼ିତାଙ୍କ ଅଭିଯୋଗ, ଗତ ଜାନୁଆରୀ ୧୫ ତାରିଖରେ ନାନା ଆଳ କରି ସତ୍‌ସଙ୍ଗ ବିହାରସ୍ଥିତ ସମ୍ପୃକ୍ତ ଆଇଆରଏସ୍ ଅଫିସରଙ୍କ ସରକାରୀ କ୍ୱାର୍ଟର୍ସକୁ ଡାକିନେଇଥିଲେ ସମ୍ପର୍କୀୟ ଭଉଣୀ। କିଛି ସମୟ ପରେ ଅଫିସରଙ୍କ ପତ୍ନୀଙ୍କ ସହ ସେ ଘରୁ ବାହାରିଯାଇଥିଲେ। ସେହି ସମୟରେ ବାବୁ ଜଣଙ୍କ ପାଖକୁ ଡାକି ଲ୍ୟାପଟପ୍ ଖୋଲି ପୀଡ଼ିତାଙ୍କ ଏକ ଆପତ୍ତିଜନକ ଫଟୋ ଦେଖାଇବା ସହ ତାଙ୍କୁ ଦୁଷ୍କର୍ମ କରିଥିଲେ। ଏପରିକି ଭିଡିଓ ରେକର୍ଡିଂ ବି କରିଥିଲେ, ଯାହାକୁ ନେଇ ସହିଦ ନଗର ଥାନାରେ ଏତଲା ଦେଇଛନ୍ତି ନିଜେ ପୀଡ଼ିତା।

୧୦ ଦିନ ତଳେ ଇନଫୋସିଟି ଥାନାରେ ଆଉ ଏକ ମାମଲା ବି ରୁଜୁ ହୋଇଛି। ଆଇଆରଏସ୍ ବାବୁଙ୍କ ସେହି ସମ୍ପର୍କୀୟ ଭଉଣୀଙ୍କ ସ୍ୱାମୀ ଓ ସମ୍ପୃକ୍ତ ପୀଡ଼ିତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିଥିବା ଅଭିଯୋଗ ଆଣି ସେହି ଭଉଣୀଙ୍କ ବିରୋଧରେ ଏତଲା ଦେଇଛନ୍ତି। ଯେଉଁ ଫଟୋକୁ ପୀଡ଼ିତାଙ୍କୁ ଦେଖାଇ ବାବୁ ବ୍ଲାକମେଲ୍ କରି ବିଭିନ୍ନ ସମୟରେ ଦୁଷ୍କର୍ମ ➭ପୃଷ୍ଠା-୬

# 'ମନ୍ କୀ ବାତ୍'ରେ ସୁନ୍ଦରଗଡ଼ର ହୀରୋଦ

**ପ୍ରଶଂସା କରିବା ସହ ଚାଷଶୈଳୀରୁ ପ୍ରେରଣା ନେବାକୁ ମୋଦିଙ୍କ ପରାମର୍ଶ**



ନୂଆଦିଲ୍ଲୀ,୨୨।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ତାଙ୍କ ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ର ୧୩୧ତମ ସଂସ୍କରଣରେ ଦେଶବାସୀଙ୍କୁ ନିଜ ମନର କଥା କହିବା ସହ ଓଡ଼ିଶାର ଜଣେ ଯୁବଚାଷୀଙ୍କୁ ପ୍ରଶଂସା କରିଛନ୍ତି। ଉକ୍ତ ଯୁବ ଚାଷୀ ଜଣଙ୍କ ହେଉଛନ୍ତି ହିରୋଦ ପଟେଲ୍। ମୋଦି ହିରୋଦଙ୍କ ପ୍ରଶଂସା କରିବା ସହ ତାଙ୍କ ଚାଷଶୈଳୀର ଉଦାହରଣ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କହିବାନୁସାରେ, ବାପା ଶିବଶଙ୍କର ପଟେଲଙ୍କଠାରୁ ପ୍ରେରଣା ପାଇ ହିରୋଦ ଏବେ ଚାଷ କରୁଛନ୍ତି। ପାରମ୍ପରିକ କୃଷିକୁ ଏକ ଅତ୍ୟନ୍ତ ଲାଭଦାୟକ ଓ ସ୍ଥାୟୀ ଉଦ୍ୟମରେ ପରିଣତ କରିବା କ୍ଷେତ୍ରରେ ହିରୋଦ ଜଣେ ଅଗ୍ରଣୀ ଚାଷୀର ମାନ୍ୟତା ପାଇଛନ୍ତି। ସେ ଧାନ, କଦଳୀ, ମାଛ ଆଦି ଚାଷ କରି ବେଶ୍ ➭ପୃଷ୍ଠା-୬

## ଅଭିନବ କୃଷି କାର୍ଯ୍ୟ ଯୁବ ସମାଜ ପାଇଁ ଆଦର୍ଶ: ଧର୍ମେନ୍ଦ୍ର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ୧୩୧ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ରତନପୁରର ଯୁବ ଚାଷୀ ହୀରୋଦ ପଟେଲଙ୍କ ନିଆରା ଓ ଅଭିନବ କୃଷି ପ୍ରଣାଳୀକୁ ପ୍ରଶଂସା କରି ଓଡ଼ିଶାକୁ ଗର୍ବିତ କରିଥିବା କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ➭ପୃଷ୍ଠା-୬

# ବିଜେଡି ଯୁବ ଓ ଛାତ୍ର ଶାଖାରେ ବଢ଼ୁଛି ଫାଟ



**କାହାର କାହା ସହ ପଡୁନି**

**ବିରୋଧ କରିବାକୁ ବଳ ପାଉନି**

ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ): ବିଜେଡିର ଦୁଇ ଛାମୁଆ ସଂଗଠନ କୁହାଯାଉଥିବା ଛାତ୍ର ଓ ଯୁବ ଶାଖା ଏବେ ପରସ୍ପର ବିରୁଦ୍ଧରେ। ସରକାରଙ୍କ ସହ ଲଢ଼ିବା ବଦଳରେ ଏମାନେ ଏବେ ପରସ୍ପର ବିରୋଧରେ ଲଢ଼ୁଛନ୍ତି। ଯୁବ ଶାଖାରେ ଥିବା କିଛି ଟାଣୁଆ ନେତା ଛାତ୍ର ସଭାପତିଙ୍କୁ ସହିପାରୁ ନ ଥିବା ବେଳେ ଛାତ୍ରଶାଖାରେ ଥିବା କିଛି ନେତା ଯୁବ ନେତୃତ୍ୱଙ୍କ ଚେର କାଟୁଛନ୍ତି। ଏମାନଙ୍କୁ ଏକାଠି କରି ଦଳ କିଭଳି ଆଗକୁ ବଢ଼ିବ, ତା' ଏବେ ମୁଖିଆଙ୍କ ପାଇଁ ମୁଖ୍ୟ ଚିନ୍ତାର କାରଣ ହୋଇଛି।

ବହୁ ପ୍ରତୀକ୍ଷା ପରେ ଖୋଦ ନବୀନ ପଟ୍ଟନାୟକ ବିଜେଡି ଛାତ୍ର ସଭାପତି ଭାବେ ଇପ୍ସିତା ସାହୁ ଓ ଯୁବ ଶାଖାର ସଭାପତି ଭାବେ ଚିନ୍ମୟ ସାହୁଙ୍କୁ ନିଯୁକ୍ତି ଦେଲେ। ଉଭୟ ନିଯୁକ୍ତି ପାଇବା ପରେ ନବୀନ ପଟ୍ଟନାୟକଙ୍କ ସହ ଫଟୋ ଉଠାଇ ସୋସିଆଲ୍ ମିଡିଆରେ ପୋଷ୍ଟ୍ କରି ସଙ୍କେତ ଦେଲେ ଯେ ସେମାନଙ୍କ ପ୍ରତି ସମସ୍ତଙ୍କ ସମର୍ଥନ ରହିଛି। ହେଲେ ଧିରେ ଧିରେ ଏହି ଦୁଇ ଛାମୁଆ ସଂଗଠନ ଭିତରେ ଫାଟ ବଢ଼ିବାରେ ଲାଗିଛି। ନିକଟରେ ଘଟିଥିବା କେତେକ ଘଟଣାରୁ ଦୁଇ ଶାଖାରେ କିଭଳି ଫାଟ ବଢ଼ୁଛି, ତା' ଜଳ ଜଳ ହୋଇ ଦିଶୁଛି। ଢେଙ୍କାନାଳରେ ଚାଷୀଙ୍କ ସପକ୍ଷରେ ଆନ୍ଦୋଳନ କରିବାକୁ ଛାତ୍ର ସଭାପତି ଯାଇଥିବା ସମୟରେ ତାଙ୍କୁ ଯୁବ ଶାଖାରୁ ସହଯୋଗ ମିଳିଲା ନାହିଁ। ଫଳରେ ଏହି ଆନ୍ଦୋଳନ ଏକପ୍ରକାର ପାଣିଚିଆ ହୋଇଗଲା। ସେହିଭଳି ଶିକ୍ଷକମାନଙ୍କ ସପକ୍ଷରେ ରାଜଧାନୀରେ ଆନ୍ଦୋଳନ ପାଇଁ ଇପ୍ସିତା ଆଗେଇଲା ବେଳକୁ ସେଥିରୁ ତାଙ୍କୁ ବାରଣ କରାଗଲା। ବରଂ ପ୍ରସଙ୍ଗକୁ ଭିନ୍ନ ରୂପ ଦେଇ ସାମ୍ବାଦିକ ସମ୍ମିଳନୀ କରିବାକୁ କୁହାଗଲା।

ତେବେ ଦଳରେ ହେଉଥିବା ଆଲୋଚନା ଅନୁଯାୟୀ, ଦଳର ଛାତ୍ର ଶାଖା ସଭାପତି ପଦରେ ବସିବା ପାଇଁ ଆଶା କରିଥିବା କିଛି ଆଗ ଧାଡ଼ିର ଯୁବ ନେତୃତ୍ୱ ଯେଉଁମାନେକି ଯୁବ ସଂଗଠନରେ ରହିଛନ୍ତି, ସେମାନେ ଏବେ ଇପ୍ସିତାଙ୍କ ବିରୋଧୀ ହୋଇଯାଇଛନ୍ତି। ଏମାନେ ତାଙ୍କ ନେତୃତ୍ୱରେ ରାସ୍ତାକୁ ଓହ୍ଲାଇବାକୁ ରାଜି ହେଉନାହାନ୍ତି। ସେହିଭଳି ଯୁବ ଶାଖାରେ ଥିବା କିଛି ଆଗ ଧାଡ଼ିର ଯୁବକ ମଧ୍ୟ ଶାଖା ନେତୃତ୍ୱଙ୍କୁ ଯେଭଳି ସହଯୋଗ କରିବା କଥା, ତା' କରୁନାହାନ୍ତି। ➭ପୃଷ୍ଠା-୬

### ବଡ଼ ଧରଣର ଆକ୍ରମଣ ଯୋଜନା ପଣ୍ଡ

# ଧରାହେଲେ ୮ ସନ୍ଦିଗ୍ଧ ଆତଙ୍କୀ

କୋଲକାତା,୨୨।୨: ସୁରକ୍ଷାକର୍ମୀମାନେ ଆଜି ବଡ଼ ଧରଣର ଆତଙ୍କୀ ଯୋଜନାକୁ ପଣ୍ଡ କରିଛନ୍ତି। ତାମିଲନାଡୁ ଓ ପଶ୍ଚିମବଙ୍ଗରୁ ଆଜି ୮ ଜଣ ସନ୍ଦିଗ୍ଧ ଆତଙ୍କୀଙ୍କୁ ଗିରଫ କରାଯାଇଛି। ଏହି ସନ୍ଦିଗ୍ଧମାନେ ଲସ୍କର-ଏ-ତୋଇବା ଆତଙ୍କୀ ସଂଗଠନ ଢଙ୍ଗରେ ଆକ୍ରମଣ ପାଇଁ ଯୋଜନା କରୁଥିଲେ। ଏମାନଙ୍କର ସମ୍ପୃକ୍ତି ପାକିସ୍ତାନ ଓ ବାଂଲାଦେଶ ସହ ରହିଥିବା ଅନୁମାନ କରାଯାଉଛି। ତାମିଲନାଡୁର ଏକ ଗାର୍ମେଣ୍ଟ୍ ଫ୍ୟାକ୍ଟ୍ରିରୁ ୬ ଜଣଙ୍କୁ ଓ ଅନ୍ୟ ୨ ଜଣଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ବାଂଲାଦେଶୀ ନାଗରିକ ବି ଅଛନ୍ତି ବୋଲି ସୂଚନା ମିଳିଛି। ଏହି ସନ୍ଦିଗ୍ଧମାନେ ଜାଲ୍ ଆଧାର କାର୍ଡ ବଳରେ ରହିଆସୁଥିଲେ। ଏହି ସନ୍ଦିଗ୍ଧମାନଙ୍କୁ ତାମିଲନାଡୁ ପୁଲିସ୍ ଗିରଫ କରିବା ପରେ ଦିଲ୍ଲୀ ପୁଲିସ୍‌କୁ ହସ୍ତାନ୍ତର କରିଛି। ଏହି ସନ୍ଦିଗ୍ଧମାନେ 'ମୁକ୍ତ କାଶ୍ମୀର' ଓ 'କାଶ୍ମୀରରେ ନରସଂହାର ବନ୍ଦ କର' ଲେଖା ➭ପୃଷ୍ଠା-୬

# ରାଜ୍ୟ ବିଜେପିରେ ତୁଟିଲା ଅଡୁଆ



**କୋର୍ କମିଟି ବୈଠକରେ ଚୂଡ଼ାନ୍ତ ହେଲା ପ୍ରାର୍ଥୀ**

**ହୋଲି ପରେ ନିଗମ ଓ ବୋର୍ଡ ଅଧ୍ୟକ୍ଷ ଘୋଷଣା**

**ଚର୍ଚ୍ଚାରେ ତୋମାର ଓ ଅରୁଣ ସିଂଙ୍କ ନାଁ**

ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ): ରାଜ୍ୟ ବିଜେପିରେ ଗତ ୧୮ ମାସ ଧରି ରହିଥିବା ଦ୍ୱନ୍ଦ୍ୱ ଆଜି ଦୂର ହୋଇଛି। ଶେଷରେ ଅଡୁଆ ସୁତାକୁ ଖୋଲି ସବୁ ବରିଷ୍ଠ ନେତୃତ୍ୱ ଏକାଠି ବସିଛନ୍ତି। ଆଉ ରାଜ୍ୟସଭା ନିର୍ବାଚନଠାରୁ ଆରମ୍ଭ କରି ନିଗମ ଓ ବୋର୍ଡ ନିଯୁକ୍ତି ପର୍ଯ୍ୟନ୍ତ ସବୁ କିଛି ଉପରେ ବାଜିଛି ଚୂଡ଼ାନ୍ତ ମୋହର।

ବିଜେପି ରାଜ୍ୟରେ ସରକାର ଗଠନ କରିବାକୁ ଇତିମଧ୍ୟରେ ୧୮ ମାସ ବିତିଗଲାଣି। ହେଲେ ନିଗମ ଓ ବୋର୍ଡ ନିଯୁକ୍ତି ଚୂଡ଼ାନ୍ତ ହୋଇପାରୁ ନ ଥିବା ବେଳେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନିଷ୍ପତ୍ତି ବି ହୋଇପାରୁନି। ଏ ଭିତରେ ଆସନ୍ତା ୭ ତାରିଖରେ ଓଡ଼ିଶା ଆସୁଛନ୍ତି କେନ୍ଦ୍ରମନ୍ତ୍ରୀ ଅମିତ ଶାହା। ତା' ପୂର୍ବରୁ ସାଙ୍ଗଠନିକ କାର୍ଯ୍ୟ ସାରିବାକୁ ତତ୍ପରତା ପ୍ରକାଶ କରିଛନ୍ତି କୋର କମିଟି। ଏନେଇ ଆଜି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ କୋର କମିଟି ବୈଠକ ବସିଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ପୂର୍ବତନ ରାଜ୍ୟ ସଭାପତି ତଥା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ ବସନ୍ତ ➭ପୃଷ୍ଠା-୬



## କାନ ଡେରିଥା

ବାହାଘର ପରେ ବନ୍ଧୁକ ଦେଖାଇ
ପ୍ରେମିକା ଉଠାଇ ନେଲେ
ଭଲ ପାଇବାର ଏତେ ଗଭୀରତା
ସଭିଙ୍କୁ ଶିଖାଇ ଦେଲେ
ବର ଶିଶୁପାଳ ହେଲେ...
ଏତେ ଖର୍ଚ୍ଚ ସବୁ କରିବା ଆଗରୁ
କାହିଁ ଏସବୁ ନ କଲେ

■ ଦେବାଶିଷ

### ମିଛ ପ୍ରଚାର ବିରୋଧରେ ଏକା ଲଢୁଛି, ଲଢ଼ିବି

# 'ସାନ ମାନ୍ୟବର'ଙ୍କ ଗାଡ଼ି ପାଇଁ ଭାଙ୍ଗିଲା ବଜାର



ଭୁବନେଶ୍ୱର,୨୨।୨(ସଂଚାର ବ୍ୟୁରୋ): ଶହେ ଘୋଡ଼ାକୁ ଶହେ ହାତୀ, ଏକା ଲଢ଼ିବ ମହାରଥୀ। ସ୍ୱର୍ଗତଃ ପ୍ରଦୀପ ମହାରଥୀଙ୍କ ଏହି ଡାଇଲଗ ଏକଦା ରାଜ୍ୟ ରାଜନୀତିରେ ବେଶ ଆଲୋଡ଼ନ ସୃଷ୍ଟି କରିଥିଲା। ପ୍ରଦୀପ ମହାରାଥୀଙ୍କ ଗଡ଼ରେ ତାଙ୍କ ପୁଅ ରୁଦ୍ର ପ୍ରତାପ ମହାରଥୀ ୨୦୨୪ ନିର୍ବାଚନରେ ହାରିଗଲେ। ଏହି ହାର ପାଇଁ ରୁଦ୍ର ଏବେ ବିଜେପିର ମିଛ ପ୍ରଚାରକୁ ଦାୟୀ କରୁଛନ୍ତି। ସୁଭଦ୍ରାଠାରୁ ଆରମ୍ଭ କରି ନିଯୁକ୍ତି ପର୍ଯ୍ୟନ୍ତ ଡବଲ ଇଞ୍ଜିନର ମିଛ ପ୍ରଚାରରେ ଲୋକ ପ୍ରଭାବିତ ହୋଇଗଲେ। ହେଲେ ଏବେ ସେମାନେ ବୁଝିଗଲେଣି ଯେ ସେମାନଙ୍କ ୧୨ ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଗଲା। ଲୋକେ ଅତିଷ୍ଠ ହୋଇ 'ସାନ ମାନ୍ୟବର' ଅର୍ଥାତ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କୁ କଦଳୀ ଗଛ ସହ ତୁଳନା କରୁଥିବା ଆଜି 'ସଂଚାର' ସହ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ।

କେବଳ ପିପିଲି ନୁହେଁ, ରାଜ୍ୟର ଅନେକ ନିର୍ବାଚନମଣ୍ଡଳୀରେ ବିଜେଡିର ନେତାମାନେ ଏହି ମିଛ ପ୍ରଚାର ଯୋଗୁଁ ହାରିଯାଇଛନ୍ତି। କିଛି ନେତା ହାରିଯିବା ପରେ ସେମାନେ ନିଜକୁ ସୀମିତ କରିଦେଇଛନ୍ତି। କିନ୍ତୁ ରୁଦ୍ର ମହାରଥୀ ଏବେ ବି ଦୈନିକ ନିଜ ନିର୍ବାଚନମଣ୍ଡଳୀକୁ ଯାଉଛନ୍ତି ଆଉ ଲୋକଙ୍କ ସମସ୍ୟା ସହ ଯୋଡ଼ି ହେଉଛନ୍ତି। ନିଜ ଅନୁଭୂତି ବାଣ୍ଟିବାକୁ ଯାଇ ସେ କହିଛନ୍ତି ଯେ ଲୋକେ ଯେଉଁ ଆଶା ଭରସା ନେଇ ଡବଲ ଇଞ୍ଜିନ୍‌କୁ ଭୋଟ ଦେଇଥିଲେ, ପିପିଲିରେ ତା' ଫେଲ୍ ମାରିଛି। ଧାନ ଉଠୁନି କି ଦୁଇ ବର୍ଷ ଭିତରେ ଗୋଟେ ବି ଶୀତଳଭଣ୍ଡାର ଖୋଲିଲା ନାହିଁ। ଏପରିକି ନୂଆ ବସଷ୍ଟାଣ୍ଡ ବି ନିର୍ମାଣ ହୋଇପାରିଲାନି। ବିକାଶ ହୋଇଛି କହିଲେ ପିପିଲି ବଜାରକୁ ଭାଙ୍ଗି ଦିଆଯାଇଛି। ସବୁ ସଭା ସମିତିରେ ସରକାର ପିପିଲି ଚାନ୍ଦୁଆର ପ୍ରଦର୍ଶନ କରୁଛନ୍ତି। କିନ୍ତୁ ସେମାନଙ୍କ ➭ପୃଷ୍ଠା-୬

# ଦୋଳରେ ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ



**୫୯ ମିନିଟ୍ ଧରି ପୂର୍ଣ୍ଣଗ୍ରାସ**

**ଓଡ଼ିଶାରେ ସ୍ପଷ୍ଟ ଦୃଶ୍ୟମାନ ହେବ**

ନୂଆଦିଲ୍ଲୀ,୨୨।୨: ଆସନ୍ତା ୩ ତାରିଖ ଅର୍ଥାତ୍ ଫାଲଗୁନ ପୂର୍ଣ୍ଣିମା ବା ଦୋଳ ପୂର୍ଣ୍ଣିମାରେ ଚଳିତ ବର୍ଷର ପ୍ରଥମ ଚନ୍ଦ୍ର ଗ୍ରହଣ ଅନୁଭୂତ ହେବ। ଧାର୍ମିକ ଓ ଜ୍ୟୋତିଷ ଶାସ୍ତ୍ର ଦୃଷ୍ଟିରୁ ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ତେବେ କେତେବେଳେ ଏହି ଗ୍ରହଣ ଲାଗିବ ଓ କେତେବେଳେ ସର୍ବମୋକ୍ଷ ହେବ, ସେନେଇ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭା ଅନୁମୋଦିତ ପଞ୍ଜିକାରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଏହି ଅନୁସାରେ, ଚନ୍ଦ୍ରଗ୍ରହଣ ମାର୍ଚ୍ଚ ୩ ତାରିଖ ଅପରାହ୍ଣ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଆରମ୍ଭ ହେବ ଓ ସନ୍ଧ୍ୟା ୬ଟା ୪୭ ମିନିଟ୍ ଏହା ପର୍ଯ୍ୟନ୍ତ ଚାଲିବ। ଅର୍ଥାତ୍ ଗ୍ରହଣ ସମୟ ୩ ଘଣ୍ଟା ୨୭ ମିନିଟ୍ ଓ ପୂର୍ଣ୍ଣ ଗ୍ରାସ ସମୟ ପ୍ରାୟ ୫୯ ମିନିଟ୍ ରହିବ ବୋଲି ପଞ୍ଜିକାରୁ ସ୍ପଷ୍ଟ ହୋଇଛି। ସେହିପରି ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଗ୍ରହଣ ଆରମ୍ଭର ୯ ଘଣ୍ଟା ପୂର୍ବରୁ ଘାତ କାଳ ଆରମ୍ଭ ହୁଏ। ସେହି ଅନୁସାରେ ୩ ତାରିଖ ସକାଳ ୬ଟା ୨୦ ମିନିଟ୍‌ରୁ ଘାତ ସମୟ ଆରମ୍ଭ ହେବ ଏବଂ ସନ୍ଧ୍ୟା ୬ଟା ୪୬ ମିନିଟ୍ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏହି ସମୟରେ କୌଣସି ଶୁଭ କାର୍ଯ୍ୟ, ପୂଜା, ନୂତନ କାମ ଆରମ୍ଭ ଆଦି କରାଯିବା ଅନୁଚିତ ବୋଲି ଶାସ୍ତ୍ରରେ କୁହାଯାଇଛି। ତେବେ ଏହି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ପଶ୍ଚିମବଙ୍ଗ, ମିଜୋରାମ, ନାଗାଲାଣ୍ଡ, ମଣିପୁର, ଆସାମ ଓ ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳ ସହ ଓଡ଼ିଶାରେ ସ୍ପଷ୍ଟ ଦୃଶ୍ୟମାନ ହେବ।



# ଜୀବନର ଜଟିଳତା

## ସତ୍ୟନାରାୟଣ ପ୍ରଧାନ

ଶିଉଳି ଦୁନିଆକୁ ଅତି ନିକଟରୁ ଦେଖି ସାରିବା ପରେ ବାଧ୍ୟରେ ଗାଁ ଛାଡି ସହରକୁ ଚାଲି ଆସିଥିଲା। ନୂଆ କରି ବାହାର ଦୁନିଆର ପାଣି ପବନ ଭିତରେ ଟିକେ ଆଶ୍ୱସ୍ତି ମନେ କରୁଥିଲା। ଜୀବନରେ ଘଟି ଯାଇଥିବା ପୁରୁଣା ଅଲୋଡା ଫର୍ଦ୍ଦଗୁଡ଼ାକୁ ଚିରି ଆଉଥରେ ବଞ୍ଚିବା ପାଇଁ ମନରେ ସାହାସ ଯୋଗାଡ କରିଥିଲା। ସହରର ରାସ୍ତା କଡ଼ରେ କାହିଁ କେତେ ଦିନରୁ ଆକାଶକୁ ମୁଣ୍ଡ ଟେକି ଥିବା ଭଡ଼ାରେ ମିଳୁଥିବା ଶସ୍ତା ବଖରା ଘରେ ମନରେ ଉଙ୍କି ମାରୁଥିବା ସବୁ ସ୍ୱପ୍ନକୁ ପୂରଣ କରିବା ପାଇଁ ସମୟକୁ ଅପେକ୍ଷା କରିଥିଲା।

ନିଜ ପେଟରେ ବଢ଼ୁଥିବା ଛୁଆକୁ ଅନ୍ୟ ମାନଙ୍କ ଭଳି ମାତୃତ୍ୱର ସ୍ନେହରେ ବାନ୍ଧି ବଡ଼ ମଣିଷ କରିବାକୁ ଶେଷ ଇଛା ବୋଲି ଭାବି ନେଇଥିଲା। ପିଲାଟି ଜନ୍ମ ନେବା ପରେ ତାର ଗୁଲୁଗୁଲିଆ ମୁହଁରେ ସବୁ ଦୁଃଖ କଷ୍ଟ ଯନ୍ତ୍ରଣା ଉପଶମ ନିମନ୍ତେ କୁନି କଣ୍ଢେଇ ମିଳିଗଲା ବୋଲି ଖୁସିରେ ଫାଟି ପଡୁଥିଲା। ନବ ସଦ୍ୟଜାତ ଶିଶୁର କ୍ରନ୍ଦନରେ ଆକାଶରେ ଭାସି ଯାଉଥିବା ବାଦଲ ଗୁଡାକ ଲୁଚି ଯାଇ ଚାରିଆଡ଼େ ପୁରା ନିର୍ମଳ ଦେଖା ଯାଉଥିଲା। ପିଲାଟି ଜନ୍ମ ନେବା ପରେ ତାର ଆବଶ୍ୟକ ଅନୁସାରେ ଔଷଧ କିଣିବାକୁ ହାତରେ ପିନ୍ଧିଥିବା କାଚକୁ ବିକି ଦେବା ପରେ ମଧ୍ୟ ଆଉ କିଛି ଯାହା ପଇସା ଦେବାରେ ବାକି ରହି ଯିବାରୁ ଦେଇ ହେବ ନାହିଁ ଶୁଣିବାକୁ ମିଳିଥିଲା। ମନ ଦୁଃଖରେ ଫେରି ଆସି ଘରେ ପହଞ୍ଚିବା ବେଳକୁ ପଦା କବାଟ ବାହାର ପଟୁ କିଏ ଜଣେ ଠକ୍ ଠକ୍ ଶବ୍ଦ କରୁଥିଲା। କବାଟ ଖୋଲି ଦେଖିଲା ବେଳକୁ ଦୋକାନରେ ଔଷଧ କିଣିବାକୁ ଯାଇଥିବା ବେଳେ ସେ ଲୋକଟି ଠିଆ ହୋଇ ଦେଖୁଥିଲା। ହାତରେ ଔଷଧ ଧରିବା ସହିତ ଗୋଲାପ ଫୁଲ ଟିଏ ଆଣି ଖାଲି ମୁରୁକି ହସୁଥିଲା। ଲୋକଟିର ଭାବନାକୁ ବୁଝିବା ପାଇଁ ତାକୁ ଆଉ ବେଶୀ ସମୟ ଲାଗି ନ ଥିଲା। ପିଲାଟିର କଅଁଳ ମୁହଁକୁ ଚାହିଁ ନିଜ ଇଛା ବିରୁଦ୍ଧରେ ସର୍ବସ୍ୱ ସମର୍ପଣ କରିବାକୁ ବାଛି ନେଇଥିଲା। ସେଇଦିନ ଠାରୁ ସମସ୍ତଙ୍କ ପାଇଁ କାମନା ବାସନାକୁ ପୂରଣ କରିବା ପାଇଁ ସେ ଗୋଟେ ଅଭିସାରିକା ପାଲଟି ଯାଇଥିଲା। ସବୁଦିନ ଲାଗି ଘର ଦାଣ୍ଡ କବାଟ ଖୋଲି ଯାଇ ଆଗନ୍ତୁକ ମାନଙ୍କୁ ପାଛୋଟି ନେବାକୁ ଆଉ କାହାର ଦରକାର ପଡୁ ନ ଥିଲା।

ପିଲାଟିର ଦେହ ଖରାପ ଥିବାରୁ ସେ ପୁରା ବ୍ୟସ୍ତ ହୋଇ କିପରି ଡାକ୍ତର ପାଖକୁ ସାଙ୍ଗରେ ଧରି ଯିବ ମନରେ ଚିନ୍ତା କରୁଥିବା ବେଳେ ବାହାରୁ ଲୋକଟି ଘର ଭିତରକୁ ପଶି ଆସିଲା। ସେ ଖାଲି ଲୋକଟିକୁ ମୁହଁ ଉଠାଇ ଦେଖିଲା ବେଳକୁ ଯାହା ପାଇଁ ସବୁଛାଡି ସହରକୁ ଚାଲି ଆସିଥିଲା ସେଇ ଲୋକଟି ପାଖରେ ଠିଆ ହୋଇଥିଲା ଆଗରୁ ତାଙ୍କ ଘରେ ପେଟକୁ ଦୁଇ ମୁଠା ଖାଇବା ଦେବା ପାଇଁ କାମ ଦାମ୍ କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ସେ ଲୋକଟି ଅଚାନକ ତାକୁ ଦେଖି ସାରିବା ପରେ ଆଉ ଗୋଟେ ମୁହୂର୍ତ୍ତ ବିଳମ୍ବ ନ କରି ସେଠାରୁ ଚାଲି ଯାଇଥିଲା।

ଅତୀତକୁ ଅନେକ ଦିନ ଆଗରୁ ମାଟି ତଳେ କବର ଦେଇ ବର୍ତ୍ତମାନରେ ନିଜକୁ ଜଣେ ଗଙ୍ଗ ଶିଉଳି ର ପରିଚୟ ନେଇ ବଞ୍ଚୁ ଥିବାରୁ ନିଜର ବୋଲି କହିବାକୁ କୁଣ୍ଠାବୋଧ ପ୍ରକାଶ କରି ଥିଲା। ସେ ମଧ୍ୟ ଅଭିଶପ୍ତ ସ୍ୱାମୀ ନ ହୋଇ ଖାଲି କେବଳ ଜଣେ ସରଳ ନିରୀହ ନିଷ୍ପାପ ଶିଶୁର ବାପା ହିସାବରେ ପଦେ କଥା ହେବାକୁ ନିଜର ପରିଚୟ ହରାଇ ବସି ସେମାନଙ୍କ ଲାଗି ସାତ ପର ପାଲଟି ଯାଇଥିଲା। ସବୁଦିନେ ସେ କାଳେ ପୁଣି ଫେରି ଆସି ତାକୁ ନିଜର କରିବା ସହ କୋମଳ ଶିଶୁର ବାପାର ପରିଚୟ ଦେଇ ଅନ୍ଧ ଗଳିର କଳା କୋଠରୀ ଭିତରୁ ବାହାରି ଦୂର ଦିଗନ୍ତରେ ଦେଖା ଯାଉଥିବା ପ୍ରାକୃତିକ ପରିବେଶର ନିକାଞ୍ଚନ ସ୍ଥାନରେ ଗୋଟେ ସୁନ୍ଦର ସଂସାର ଗଢ଼ିବାକୁ ରାତିର ଅନ୍ଧାରେ କବାଟ ଖୋଲି ବାହାରକୁ ଚାହିଁ ନିରାଶରେ ପୁଣି ଭିତରକୁ ପଶି ଯିବା ବୋଧେ ତା ଭାଗ୍ୟରେ ଲେଖା ହୋଇଥିଲା।



**ମିନି ଗଳ୍ପ**

# ଭାଗ୍ୟ ରେଖା

## ସତ୍ୟନାରାୟଣ ପ୍ରଧାନ

ଦିନ କେଇଟାରେ ମନୋହର ବାବୁ ସାମାଜିକ ଗଣ ମାଧ୍ୟମ ଜରିଆରେ ଲୋକମାନଙ୍କ ନିକଟତର ହୋଇ ଅନେକ ପ୍ରଶଂସା ଲାଭ କଲେ। ତାଙ୍କର ବୃକ୍ଷ ରୋପଣ ସଚେତନ ବାର୍ତ୍ତାରେ ମୁଗ୍ଧ ହୋଇ ଲୋକମାନେ ପ୍ରକୃତି ବନ୍ଧୁ ବୋଲି ଡାକିବା ଆରମ୍ଭ କରି ଦେଇଥିଲେ। ସେ ମଧ୍ୟ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କାର ପାଇ ଆଖ ପାଖ ଅଞ୍ଚଳରେ ବିକଶିତ କରିବାରେ ସଫଳ ହେଲେ। ପରିବେଶକୁ ନେଇ ଗବେଷଣା କରୁଥିବା ଲୋକମାନେ ତାଙ୍କୁ ସାକ୍ଷାତ କରିବାକୁ ଧାଇଁ ଆସୁଥିଲେ।

ଜୀବନ ଚକ୍ରରେ ସେ ଅଚାନକ ରୋଗରେ ଆକ୍ରାନ୍ତ ହେଲେ। ସେ ଅସ୍ୱାଭାବିକ ଭାବରେ ଏ ଦୁନିଆ ଛାଡି ଆରପାରିକୁ ଚାଲି ଯିବା କଥା ସବୁରି ମୁଖରେ ପ୍ରଚାର ହେଲା। ତାଙ୍କ ଅନୁଗାମୀ ତଥା ପ୍ରଶଂସକ ମାନେ ଆସି ପହଞ୍ଚି ଗଲେ। ଘର ଆଗରେ ବନ୍ଧୁ ବାନ୍ଧବ ମାନେ ମଧ୍ୟ ଉପସ୍ଥିତ ହୋଇଥାନ୍ତି। ଜଣେ ବିଶିଷ୍ଟ ବ୍ୟକ୍ତିର ଅନ୍ତିମ ସମୟରେ ସେ ଜନ୍ମ ହୋଇଥିବା ଗାଁର ଲୋକମାନଙ୍କର ଏତେ ଦେଖା ନ ଥାଏ।

ବାହାରୁ ଆସିଥିବା ଲୋକମାନେ ଏ ସବୁ ଦେଖି ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥାନ୍ତି। ଏତେ ବଡ଼ ଲୋକକୁ ଶେଷରେ ଏପରି କେମିତି ବିଦାୟ ଦିଆ ଯାଇପାରେ ବୋଲି। କାହାରି ମୁଁହରେ କିଛି ଭାଷା ନ ଥାଏ। ଗାଁ ଶେଷ ମୁଣ୍ଡ ନଇ ପଠା ଶ୍ମଶାନରେ ଶବ ଦାହ କରି ଆସିଲା ପରେ ଗାଁ ଲୋକମାନଙ୍କ ମୁଁହରେ ହସର ଲହରୀ ଖେଳି ଯାଇଥିଲା। ସେମାନେ ନିଜ ଭିତରେ କଥାବାର୍ତ୍ତା ହେଉଥିଲେ ସେ ଲୋକଟି ମରିଗଲା ନାହିଁ ଯେ ଅନେକ ରାସ୍ତା କଡ଼ ଗଛ ଗୁଡାକ ବଞ୍ଚିଗଲା ଆଉ ଲୋକମାନେ ଶାନ୍ତିରେ ଟିକେ ଖରା ଦିନେ ଛାଇ ମୂଳରେ ବସି ପାରିବେ। ସେ ଆଜି ଯାଏ କିପରି ଥିଲେ ବାହାରୁ ଆସିଥିବା ଲୋକ ମାନଙ୍କ ମନର ଭାବନା ସମ୍ପୂର୍ଣ ବଦଳି ଯାଇଥିଲା।।

ନାମ ଓ ଡାକ ଠିକଣା
ଜେନାପୁର, ଯାଜପୁର
ମୋବାଇଲ୍: ୯୧୭୮୩୧୩୬୪

**ସମୟର ଛାୟାଚିତ୍ର**



# ସଂସାର ତ୍ୟାଗ କେବଳ ବୈରାଗୀ ନୁହେଁ

## ଡକ୍ଟର ଲକ୍ଷ୍ମଣ ସାହୁ



ସଂସାର ତ୍ୟାଗ କରିବାର ଅର୍ଥ କେବଳ ବୈରାଗୀ ସାଧୁ ସନ୍ଥ ନୁହେଁ। ଆପଣ ନିଶ୍ଚିତ ଭାବରେ ଜାଣିଛନ୍ତି ଯେ ଏହି ଜଗତ ଚିରଦିନ ପାଇଁ ବିଦ୍ୟମାନ ନୁହେଁ , କିମ୍ବା ଚିରଦିନ ପାଇଁ ରହିବ ନାହିଁ। ତେଣୁ ସର୍ବଦା ଏହା ସହିତ ବନ୍ଧୁ ହେବା ନିଜକୁ ଅସୁବିଧାରେ ପକାଇଥାଏ। ଯଦି ଏହି ଚିନ୍ତାଧାରା ମନରେ ଜାରି ରହେ, ତାହା ହେଉଛି ତ୍ୟାଗ। ବର୍ତ୍ତମାନ ତ୍ୟାଗକାରୀ ମନ ଥିବା ବ୍ୟକ୍ତି ପ୍ୟାଣ୍ଟ-ସାର୍ଟ ପିନ୍ଧିଛନ୍ତି କିମ୍ବା ଧୋତି ପିନ୍ଧିଛନ୍ତି କିମ୍ବା ତିଲକ ଲଗାଇଛନ୍ତି, ବେକରେ ରୁଦ୍ରାକ୍ଷ ମାଳା ପିନ୍ଧିଛନ୍ତି ନା ଆଦୌ କିଛି ପିନ୍ଧୁ ନାହାଁନ୍ତି, ଏହାର କ'ଣ ପାର୍ଥକ୍ୟ ଅଛି ? ତୁମେ ନିଜେ ଜଣେ ମହାନ ସାଧୁ ହୋଇପାରିବ, ଯଦି ତୁମେ ତ୍ୟାଗକୁ ଅଧିକ ଗଭୀର କର।

ସାଧାରଣତଃ ତ୍ୟାଗକୁ ନିଆଯିବା ଅର୍ଥ ନିଆଯାଏ ଯେ ଜଣେ ଘରୁ ଦୁଃଖଦ ଅବସ୍ଥାରେ ଗଙ୍ଗା କୂଳରେ ବସିବା ଉଚିତ୍। ସେଥିପାଇଁ କିଛି ଲୋକ କୁହନ୍ତି ଯେ ଆମେ ପରିବାର ସଦସ୍ୟ, ତେବେ ଆମେ କିପରି ସେସବୁ ତ୍ୟାଗ ହାସଲ କରିବା ? କିଛି ଲୋକ କୁହନ୍ତି ଯେ ତୁମେ ଘର, ସମାଜ, ସବୁକିଛି ଛାଡି ଗୌତମ ବୁଦ୍ଧଙ୍କ ଭଳି ଜଙ୍ଗଲକୁ ଯାଅ କିମ୍ବା ସହରଠାରୁ ଦୂରରେ ରୁହ। ଘରେ ରହୁଥିବା ବ୍ୟକ୍ତିଙ୍କ ବିଷୟରେ ସେମାନେ କହନ୍ତି, 'ସେ ଜଣେ ଉତ୍ସାହୀ, ସାଂସାରିକ, ଘର ମାଲିକ।' ଏହା ତ୍ୟାଗର ଅର୍ଥ ନୁହେଁ। ଘରୁ ବାହାରିବା ଓ ହରିଦ୍ୱାର କି କୁମ୍ଭମେଳାକୁ ଯିବା ଓ ମାଳଧରି ଜପି ବସିବା ତ୍ୟାଗ ନୁହେଁ। ତେବେ ତ୍ୟାଗ କ'ଣ ? ତ୍ୟାଗ ଜଗତକୁ ଅର୍ଥହୀନ ଓ ଶରୀରକୁ ଧୂଳି ମାଟି ବୋଲି ବିଚାର କରୁଛି। ଏଥିପାଇଁ, ଆପଣ ଏକ ସହର କିମ୍ବା ଗାଁରେ କିମ୍ବା ହିମାଳୟର ଗୁମ୍ଫାରେ ବାସ କରିବା ଜରୁରୀ ନୁହେଁ। ଯଦି ଆପଣ ବୁଝିପାରିବେ ଯେ ଆପଣଙ୍କ ଶରୀର ଧୂଳି ମାଟିରେ ଗଢା ଓ ଆପଣ ଦେଖୁଥିବା ଦୁନିଆ ସବୁଦିନ ପାଇଁ ରହିବ ନାହିଁ।ତେବେ ଆପଣ ଏହା ବିଷୟରେ ନିଶ୍ଚିତ ହେବା ଉଚିତ୍, ଏହା ହିଁ ହେଉଛି ତ୍ୟାଗ।

ଏହି ତ୍ୟାଗକୁ ଦୂର କରନ୍ତୁ। ତା'ପରେ ଘରେ ଖୁସିରେ ରୁହନ୍ତୁ। ବ୍ୟବସାୟ କର, ଯେ କୌଣସି ଗୋଟିଏ କାମ କର, ଅତ୍ୟନ୍ତ ପକ୍ଷରେ ନିଜ ପରିବାର ପିଲାମାନଙ୍କୁ ବଂଚାନ୍ତୁ। ଜଗତ ଓ ରୀତିନୀତି ସହିତ ତୁମେ ଯାହା କରିବାକୁ ଚାହୁଁଛ, ତାହାହିଁ କର। ଦୁନିଆରେ ବଞ୍ଚିବା ଦ୍ୱାରା ତ୍ୟାଗ ଶେଷ ହୁଏ ନାହିଁ, ଏପରିକି ସଂସାର ଛାଡି ମନ ସଂଲଗ୍ନରୁ ମୁକ୍ତ ହେବ - ଏହା ଏକ ମିଥ୍ୟା; କାରଣ ଯେଉଁ ମନ ଧରି ରଖିବାର ଅଭ୍ୟାସ ଅଛି।

ହଁ, କ୍ରୋଧିତ ହେବାର ଅଭ୍ୟାସ ଥାଇପାରେ। ପୂର୍ବରୁ ଆମେ ପତ୍ନୀ, ପିଲା, ଘର, ସମ୍ପର୍କୀୟ, ଟଙ୍କା, ସମ୍ମାନକୁ ଧରି ରଖୁଥିଲେ। ଧରାଯାଉ ଜଣେ ଏସବୁ ଛାଡି ଅନ୍ୟତ୍ର ପଳାଇ ଯାଆନ୍ତି। ଯଦିଓ କେହି କୌଣସି ସ୍ଥାନକୁ ଯାଆନ୍ତି ନାହିଁ, କେହି ଦେବାଳିଆ, ଋଣଦାତା ତାଙ୍କ ମୁଣ୍ଡରେ ଥାଆନ୍ତି, ଟଙ୍କା ନାହିଁ, ସେ ଭୟଭୀତ ହୋଇ ପଳାଇ ପାରନ୍ତି। ଯଦିଓ କାହାର ପତ୍ନୀ ମୃତ୍ୟୁ ହୋଇଯାଏ କିମ୍ବା ତାଙ୍କ ପତ୍ନୀଙ୍କ ସହିତ ଝଗଡା ହୁଏ, ତେବେ ସେ ନିଜ ମନ କୁ ଘର ଛାଡି ଚାଲିଯାଆନ୍ତି। ଯଦି ତାଙ୍କ ମନରେ ସଂଲଗ୍ନତା ଭାବ ଅଛି, ତେବେ ସେ ନିଜ ଘର ଛାଡି ଏକ ଆଶ୍ରମ, ହରିଦ୍ୱାର କିମ୍ବା ଋଷିକେଶର ଗୁମ୍ଫାକୁ ଯାଆନ୍ତି, ତେବେ ସେ ସେଠାକୁ ଯାଇ ଏକ ଅଶାନ୍ତ ସୃଷ୍ଟି କରିବେ ଯେ 'ଏ କୋଠରୀ ମୋର।' ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସାଧୁମାନେ ଭିକ୍ଷା ନେବା ପାଇଁ ଧାଡିରେ ଠିଆ ହୁଅନ୍ତି, କିଏ ଆଗେ ସାମ୍ନାରେ ଠିଆ ହେବ , ସେନେଇ ଝଗଡ଼ା ହୁଏ ? କେବଳ ସାଧୁ ଯେ ସର୍ବଶ୍ରେଷ୍ଠ ଅଟନ୍ତି , ତାହା ବିଚାର ହୁଏ ନାହିଁ। ତେଣୁ ପଛରେ ଠିଆ ହୋଇଥିବା ବ୍ୟକ୍ତି ମଧ୍ୟ ଭାବନ୍ତି, 'ମୁଁ କେବେ ଆଗ ଧାଡ଼ିରେ ପହଞ୍ଚିବି ?' ଏହାକୁ ତ୍ୟାଗ କ'ଣ କହିହେବ ?

ଜଣେ ଶିଷ୍ୟ ଏହି ପରି ଗେରୁଆ ବସ୍ତ୍ର ପିନ୍ଧିଲେ, କିନ୍ତୁ ସେ ମନରେ ଭାବିଲେ, ଗୁରୁଜୀ କେବେ ମୃତ୍ୟୁ ଲଭିବେ ଓ ସେ ସିଂହାସନରେ ବସିବେ ? ଶ୍ରୀମନ୍ଦିରରେ ଅଲଗା ଅଲଗା ମହାତ୍ମା - ଓଡିଆ ବାବାଜୀ ମହାରାଜ ଥିଲେ। ସେ ଭଲଭାବରେ କହୁଥିଲେ ଯେ ' ମୋର ଟଙ୍କା ଦରକାର ନାହିଁ, ଏହାକୁ ଫେରାଇ ରଖ', କିନ୍ତୁ ଲୋକମାନେ ଏଥିରେ ସହମତ ନଥିଲେ। ତା'ପରେ ଧୀରେ ଧୀରେ ତାଙ୍କ ଚାରିପାଖରେ ଗୋଟିଏ ଛୋଟ କୁଟୀର ନିର୍ମାଣ ହେଲା। ଧୀରେ ଧୀରେ ସାଧୁମାନେ ମନ୍ତ୍ର ଶିଖିବା ପାଇଁ ତାଙ୍କ ପାଖକୁ ଆସି ବସିବା ଆରମ୍ଭ କଲେ। ଧୀରେ ଧୀରେ ସିଂହାସନ ପ୍ରସ୍ତୁତ ହେଲା। ତା'ପରେ ଦିନେ ସେ ସ୍ଥିର କଲେ ଯେ ସେ ସ୍ୱାମୀ ଅଖିଳାନନ୍ଦ ସରସ୍ୱତୀଙ୍କୁ ତାଙ୍କର ଉତ୍ତରାଧିକାରୀ କରିବେ।

ବାସ୍ତବରେ ସେ ଜଣେ ଅତି ଜ୍ଞାନୀ , ଶିକ୍ଷିତ ସାଧୁ ଥିଲେ। କିନ୍ତୁ ତାଙ୍କର ଅନ୍ୟ ଜଣେ ଶିଷ୍ୟ ଅତ୍ୟନ୍ତ ବିରକ୍ତ ହେଲେ ଯେ 'ଅନ୍ୟ ଜଣଙ୍କୁ ସିଂହାସନରେ ବସିବାକୁ ପଡିଲା, ତେବେ ଏହା କାହିଁକି ?' ଦିନେ ସେ ମନ୍ଦିରରେ ଓଡିଆ ବାବାଙ୍କୁ ହତ୍ୟା କଲା। ଏହି ଶିଷ୍ୟ ଜଣେ ସାଧୁ ପରି ପରିହିତ ଓ ଗେରୁଆ ପୋଷାକ ପିନ୍ଧିଛନ୍ତି। ଦୁନିଆ ପାଇଁ ସେ ଏକ ପୁନଃ ବ୍ୟବହାର , କିନ୍ତୁ ତ୍ୟାଗ ହେଲା କି ତୁମେ ତୁମର ଗୁରୁଙ୍କୁ ହତ୍ୟା କଲ ? କାହା ପାଇଁ ? ସିଂହାସନ ପାଇଁ ? ପ୍ରକୃତରେ ଏହାକୁ ତ୍ୟାଗ କୁହାଯାଏ ନାହିଁ। ସବୁକିଛି ଛାଡି ଗୁମ୍ଫାରେ ବସି, କିନ୍ତୁ ତା'ପରେ କହିଲା, 'ଏହା ମୋର, ଏଥିରେ କେହି ବସି ପାରିବେ ନାହିଁ', ଏହା କି ପ୍ରକାର ତ୍ୟାଗ , ବାସ୍ତବରେ ଏହା ତ୍ୟାଗ ନୁହେଁ।

ନିକଟରେ ମୁଁ ଜଣେ ମହାତ୍ମାଙ୍କୁ ଭେଟିଥିଲି। କହିବା ଆରମ୍ଭ କଲେ , ' ମୁଁ ତୁମକୁ ମୋ ଗୁମ୍ଫାକୁ ନେବାକୁ ବହୁତ ଇଚ୍ଛା କରୁଛି , ଯେଉଁଠାରେ ମୁଁ ଦିନେ ରହୁଥିଲି, ଯାହା ହିମାଳୟର ଉଚ୍ଚରେ ଥିବା ତପୋବନରେ ଅଛି। ମୁଁ କହିଲି ଆମେ ସେଠାକୁ ଯିବାକୁ ବହୁତ ଇଚ୍ଛା କରୁଛୁ। ସେ କହିଲେ, 'ମୁଁ ସେଠାରେ ପ୍ରାୟ ୨୨ ବର୍ଷ ରହିଆସିଛି। ବର୍ତ୍ତମାନ ସେଠାରେ କିଏ ରହୁଛନ୍ତି ମୁଁ ଜାଣେ ନାହିଁ। ଯଦି ତାହା ଖାଲି ରହିଥାଏ, ଆପଣ ଚାହିଁଲେ ଗୋଟିଏ ରାତି ସେଠାରେ ବିଶ୍ରାମ କରିପାରିବେ। ମୁଁ କହିଲି ତୁମେ ସେଠାରେ ୨୨ ବର୍ଷ ରହିଛ, ତେବେ ତୁମେ ଏହାକୁ ଖାଲି ଛାଡି ଦେଇଥିଲ କି ? ସେ ସାମାନ୍ୟ ଟିକିଏ ହସି କହିଥିଲେ, 'ତାହା ଖାଲି ଥିଲା , ଖାଲି ଛାଡିଦିଅ, ଗୁମ୍ଫା କାହାର ସମ୍ପତ୍ତି ନୁହେଁ।'

ଏହାର ଅର୍ଥ କେବଳ ଆପଣ ନିଶ୍ଚିତ ଭାବରେ ଜାଣିବା ଉଚିତ୍ ଯେ ଏହି ଜଗତ ଚିରଦିନ ପାଇଁ ବିଦ୍ୟମାନ ନାହିଁ କିମ୍ବା ଚିରଦିନ ପାଇଁ ରହିବ ନାହିଁ। ତେଣୁ ସର୍ବଦା ତାହା ସହିତ ବନ୍ଧୁ ହେବା ନିଜକୁ ଅସୁବିଧାରେ ପକାଇଥାଏ। ଯଦି ଏହି ଚିନ୍ତାଧାରା ମନରେ ଚାଲିଥାଏ, ତାହା ହେଉଛି ତ୍ୟାଗ। ବର୍ତ୍ତମାନ ତ୍ୟାଗକାରୀ ମନ ଥିବା ବ୍ୟକ୍ତି ପ୍ୟାଣ୍ଟ-ସାର୍ଟ ପିନ୍ଧିଛନ୍ତି କିମ୍ବା ଧୋତି ପିନ୍ଧିଛନ୍ତି କିମ୍ବା ତିଲକ ଲଗାଇଛନ୍ତି, ବେକରେ ରୋଜାରୀ ପିନ୍ଧିଛନ୍ତି ନା ଆଦୌ କିଛି ପିନ୍ଧୁ ନାହାଁନ୍ତି, ଏହାର କ'ଣ ପାର୍ଥକ୍ୟ ଅଛି ? ତୁମେ ନିଜେ ଜଣେ ସର୍ବୋଚ୍ଚ ସାଧୁ ହୋଇପାରିବ, ଯଦି ତୁମେ ତ୍ୟାଗକୁ ଗଭୀର କର।

ତ୍ୟାଗ ବିନା ତୁମେ ଜଣେ ସାଧୁ ହୋଇପାରିବ ନାହିଁ। ଏପରିକି ଭଗବାନଙ୍କ ସନ୍ଧାନକାରୀ ମଧ୍ୟ ହୋଇପାରିବ ନାହିଁ। ତ୍ୟାଗ ହାସଲ କରିବାକୁ, ସବୁକିଛି ଛାଡି ଅନ୍ୟତ୍ର ଯିବା ଆବଶ୍ୟକ। ଦେଖନ୍ତୁ ଘରୁ ବାହାରିବା ବଡ କଥା ନୁହେଁ। କେଶ ତେଲ, ସାବୁନ୍ କିମ୍ବା ସାମ୍ପୁରେ କୌଣସି ଖର୍ଚ୍ଚ ନାହିଁ। ରେଜର ସହିତ ଥରେ ମୁଣ୍ଡ ସଫା କରନ୍ତୁ। ପ୍ରଥମେ ମୁଁ ଉଷାରୁ ମୁକ୍ତି ପାଇଲି। ଦ୍ୱିତୀୟତଃ - ତୁମର ମଣ୍ଡନ ଖପୁରୀ ଦେଖି ଲୋକମାନେ ମହାରାଜ ଜୀ କହିବେ ଓ ତୁମେ ବସିଥିବା ବେଳେ କେହି ଆପଣଙ୍କୁ ରୁଟି ଖାଇବାକୁ ଦେବ, କେହି କେହି ଆପଣଙ୍କୁ କ୍ଷୀର ଓ ଫଳ ଦେବେ, କାରଣ ଆଜି ମଧ୍ୟ ଭାରତରେ ଜଣେ ସାଧୁଙ୍କ ଛଦ୍ମନାମକୁ ସମ୍ମାନ ଦିଆଯାଏ।

କିନ୍ତୁ ଏହା ଏକ ଭିନ୍ନ କଥା, 'ସାଧୁଙ୍କ ସଂଜ୍ଞା କ'ଣ ?' 'ଜଣେ ସାଧୁ କିଏ ?'। ଯଦି ଜଣେ ପ୍ରକୃତ ହୃଦୟ ସହିତ ତାଙ୍କ ଜୀବନରେ ଆଧ୍ୟାତ୍ମିକ ଅଭ୍ୟାସ ଆଣିଛନ୍ତି, ଯିଏ ସତ୍ୟର ଅନୁସନ୍ଧାନ କରିଛନ୍ତି, ବାସ୍ତବରେ ସେ ହିଁ ଜଣେ ସାଧୁ-ମହାତ୍ମା। କିନ୍ତୁ ଆଲୋଚନାର ଉଦ୍ଦେଶ୍ୟ ଜଣେ ବ୍ୟକ୍ତି ଧନ ଓ ଗୌରବ ସଂଗ୍ରହ କରିବାରେ ଏତେ ପାଗଳ ହୋଇଯାଆନ୍ତି , ଏପରିକି ସେ ନିଜ ଲୋକଙ୍କୁ ବି ଭୁଲିଯାଆନ୍ତି। ଯାହା ସାଧୁ , ସନ୍ଥ , ସନ୍ୟାସୀଙ୍କ ପାଖରେ ଦେଖାଯିବା ଅନୁଚିତ୍। ସାଧୁ, ସନ୍ୟାସୀମାନେ କୁହନ୍ତି "ଜଣେ ନିଜେ ଠୁଳ କରିଥିବା ଧନକୁ ଠିକ୍ ସମୟରେ ଉପଭୋଗ କରିବା ଉଚିତ୍। ତୁମ ପିଲାମାନଙ୍କ ସହିତ ସମୟ ବିତାଇବା ଉଚିତ୍। ଏପରିକି ସେମାନଙ୍କର ସାମର୍ଥ୍ୟ ଅନୁଯାୟୀ, ସେମାନଙ୍କୁ ଦେଶ ତଥା ବିଦେଶ ଭ୍ରମଣ କରିବା ଉଚିତ୍। ଟଙ୍କା ନେବା ଓ ଯାତ୍ରାକୁ ଯିବା କିମ୍ବା ମଜା କରିବା ଭଳି ଜଣେ ଏହା କରିବା ଉଚିତ୍ ନୁହେଁ। ବୁଲିବାକୁ ଯିବା ଅପେକ୍ଷା ଆପଣଙ୍କ ପିତାମାତାଙ୍କ ସହିତ ରହିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ବେଳେବେଳେ ଜଣେ କାମରୁ ସମୟ ବାହାର କରି ପିଲାମାନଙ୍କ ସହିତ ବସିବା ଉଚିତ୍। ସେମାନଙ୍କ କଥା ଶୁଣିବା ଦ୍ୱାରା ସମସ୍ୟାର ସମାଧାନ ହେବା ଉଚିତ୍।

ସାଜେସ୍ କହିଛନ୍ତି ଯେ ଚଳଚ୍ଚିତ୍ର ପରି ମୃତ୍ୟୁ ଶଯ୍ୟାରେ ଶୋଇଥିବା ବ୍ୟକ୍ତିଙ୍କ ଆଖି ଆଗରେ ଜଣେ ବ୍ୟକ୍ତିଙ୍କ ଜୀବନର ସମ୍ପୂର୍ଣ୍ଣ ଆକାଉଣ୍ଟ୍ ଝଲସି ଉଠେ। ଅନ୍ୟ ଅର୍ଥରେ ସେ ନିଜ ଜୀବନ କାଳରେ କରିଥିବା ସମସ୍ତ ଭଲ ଓ ଖରାପ କାର୍ଯ୍ୟ ଏକ ପରଦାରେ ଗତି କରୁଥିବା ରିଲ୍ ପରି ତାଙ୍କ ସାମ୍ନାରେ ଘୂରି ବୁଲେ। ସେ କରିଥିବା ଭଲ କାର୍ଯ୍ୟ ଦେଖି ଖୁସି, ଯେପରିକି କାହାର କଲ୍ୟାଣ ବିଷୟରେ ଚିନ୍ତା କରିବା, ଦାନ କରିବା, ଯେ କୌଣସି ପ୍ରକାରର ଦାନ ଦେବା, ଦାୟିତ୍ୱ ପୂରଣ କରିବା, ପ୍ରକୃତ ହୃଦୟରେ ଭଗବାନଙ୍କୁ ଉପାସନା କରିବା ଇତ୍ୟାଦି ବୈରାଗୀ କରିଥାଏ।

ଅପରପକ୍ଷେ ସେ ଅପମାନଜନକ କାର୍ଯ୍ୟ ଦେଖିବା ପରେ କାନ୍ଦନ୍ତି। ଯେପରିକି କାହାକୁ କ୍ଷତି ପହଞ୍ଚାଇବା, ବ୍ୟବସାୟ କରିବା, କାହାକୁ ପ୍ରତାରଣା କରିବା, ଲାଞ୍ଚ ନେବା, କାହାକୁ ଦୁର୍ବ୍ୟବହାର କରିବା, କାହାକୁ ଅସଦାଚରଣ କରିବା, କାହାକୁ ଅପମାନିତ କରିବା, ବନ୍ଧୁଙ୍କ ଅଧିକାରକୁ ଉଲ୍ଲଂଘନ କରିବା, ଜାଣିଶୁଣି କିମ୍ବା ଅଜାଣତରେ କାହାକୁ ଖରାପ କହିବା ଇତ୍ୟାଦି। ତାଙ୍କୁ କିଛି ସମୟ ଦେବା ପାଇଁ ସେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତି ଯାହା ଦ୍ୱାରା ତୁମେ ସେ ସେହି ଲୋକମାନଙ୍କ ନିକଟରେ କ୍ଷମା ମାଗି ପାରିବେ , ଯେଉଁମାନଙ୍କ ସହ ସେ ଅସଦାଚରଣ କରିଛନ୍ତି କିମ୍ବା ଅନ୍ୟ କିଛି ଭଲ କାର୍ଯ୍ୟ କରିଛନ୍ତି ଯାହା ଅସମ୍ପୂର୍ଣ୍ଣ ରହିଛି। ତାଙ୍କର ଅମାର ଧନ ଯେଉଁମାନେ ବ୍ୟବସାୟ କରିଛନ୍ତି ସେମାନଙ୍କ ପାଇଁ କୌଣସି ଲାଭ ନାହିଁ ସେହି ସବୁ ବଦଳରେ କେହି ତାଙ୍କୁ ଜୀବନର କିଛି ମୁହୂର୍ତ୍ତ ଦେଇପାରିବେ ନାହିଁ। ମଣିଷ ସାରା ଜୀବନରେ ସଫଳତା ହାସଲ କରିବାରେ ବ୍ୟସ୍ତ ରହିଥାଏ। ସେ ନିଜର ସମସ୍ତ ସୁଖ ଓ ଶାନ୍ତି ତ୍ୟାଗ କରି ଜୀବନରେ ବହୁତ ଉଚ୍ଚତାରେ ପହଞ୍ଚନ୍ତି ଯେତେବେଳେ ସେ ଅନୁଭବ କରନ୍ତି ଯେ ସେ ବଞ୍ଚିବା ପାଇଁ ଆବଶ୍ୟକ କରୁଥିବା ସମସ୍ତ ଜିନିଷ ଅର୍ଜନ କରିଛନ୍ତି। ବର୍ତ୍ତମାନ ଯେତେବେଳେ ତାଙ୍କର ଅନ୍ୟ ଇଚ୍ଛା ବାକି ନାହିଁ, ଭଗବାନ କୁହନ୍ତି, 'ତୁମେ ସବୁକିଛି ଛାଡି ମୋ ପାଖକୁ ଆସ। ଏହାର ଅର୍ଥ ସେ ଅର୍ଜନ କରିଥିବା ସମସ୍ତ ଅପାରଗତାକୁ ଉପଭୋଗ କରିବାକୁ ମଧ୍ୟ ସମୟ ପାଆନ୍ତି ନାହିଁ। ସେସମୟରେ ତୁମର ସମସ୍ତ ଧନ କିଛି ମୁହୂର୍ତ୍ତ କିଣି ପାରିବ ନାହିଁ। ଏହା ହେଉଛି ମାନବ ଜୀବନର ଦୁଃଖଦ ଘଟଣା। ଅନ୍ୟ କେହି ରୋଜଗାର କରନ୍ତି ଓ ଅନ୍ୟ କେହି ଏହାକୁ ଉପଭୋଗ କରନ୍ତି।

ଜଣେ ବ୍ୟକ୍ତି ଧନ ଓ ଗୌରବ ସଂଗ୍ରହ କରିବାରେ ଏତେ ପାଗଳ ହେବା ଉଚିତ୍ ନୁହେଁ ଯେ ସେ ନିଜ ଲୋକଙ୍କୁ ଭୁଲିଯାଆନ୍ତି। ଜଣେ ନିଜ ଧନକୁ ଠିକ୍ ସମୟରେ ଉପଭୋଗ କରିବା ଉଚିତ୍। ଗାଆଁରେ ଥିବା ତୁମ ପିଲାମାନଙ୍କ ସହିତ ସମୟ ଖର୍ଚ୍ଚ କରିବା ଜରୁରୀ। ସେମାନଙ୍କର ସାମର୍ଥ୍ୟ ଅନୁଯାୟୀ, ସେମାନଙ୍କୁ ଦେଶ ତଥା ବିଦେଶ ଭ୍ରମଣ କରିବା ଉଚିତ୍। ଟଙ୍କା ନେବା ଓ ବାହାରକୁ ଯାଇ ମଜା କରିବା ଭଳି ଜଣେ ଏହା କରିବା ଉଚିତ୍ ନୁହେଁ। ବୁଲିବାକୁ ଯିବା ଅପେକ୍ଷା ଆପଣଙ୍କ ପିତାମାତାଙ୍କ ସହିତ ରହିବା ଅଧିକ ଗୁରୁତ୍ୱପୂର୍ଣ୍ଣ।

ବେଳେବେଳେ ଜଣେ କାମରୁ ସମୟ ବାହାର କରି ପିଲାମାନଙ୍କ ସହିତ ବସିବା ଉଚିତ୍। ଜଣେ ସେମାନଙ୍କର ଛୋଟ ସମସ୍ୟା ଶୁଣିବା ଏବଂ ସମାଧାନ କରିବା ଉଚିତ୍। ଏପରି ଅନେକ ପିଲାଙ୍କୁ ଅତି ନିକଟରୁ ଦେଖିଛନ୍ତି ଯାହାର ପିତାମାତାଙ୍କର ପିଲାମାନଙ୍କ ପାଇଁ ସମୟ ନାହିଁ। ଏହିପରି ପିଲାମାନେ ନିନ୍ଦନୀୟ ଓ ଜିଦ୍ଖୋର ହୁଅନ୍ତି। ସେମାନେ ଜାଣିଶୁଣି ଏପରି କାର୍ଯ୍ୟ କରନ୍ତି ଯାହାକି ସେମାନଙ୍କ ପିତାମାତାଙ୍କୁ ଯନ୍ତ୍ରଣା ଦେଇଥାଏ। ଯଥା ସେମାନେ ନିଜ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅଶ୍ଳୀଳ କାର୍ଯ୍ୟ କରନ୍ତି ଯଥା ଘରେ କିମ୍ବା ବିଦ୍ୟାଳୟରେ ଯୁଦ୍ଧ କରିବା, ସ୍କୁଲ କିମ୍ବା ଟ୍ୟୁସନରୁ ଟଙ୍କା ଉଠାଇବା, ଅଧ୍ୟୟନ ନକରିବା, ପରୀକ୍ଷା ପାଇଁ ପ୍ରସ୍ତୁତ ନହେବା। ଏହି କାରଣରୁ ଅଭିଭାବକମାନେ ସେମାନଙ୍କର ଅଭିଯୋଗ ସବୁ ଦିଗରୁ ପାଇଥାନ୍ତି। ତଥାପି ସେମାନେ ଭାବରେ ପଢନ୍ତି ? ସେମାନେ କିଛି କରିବାକୁ ଚେଷ୍ଟା କରନ୍ତି ନାହିଁ ବରଂ ସେମାନଙ୍କୁ ଦୋଷ ଓ ଭର୍ତ୍ସନା କରନ୍ତି।

ଶେଷରେ ଯେତେବେଳେ ସେ ଏହି ସବୁ ଦେଖନ୍ତି, ସେତେବେଳେ ସେ ବହୁତ ବିରକ୍ତ ହୁଅନ୍ତି। ମୃତ୍ୟୁ ଶଯ୍ୟାରେ ପଡ଼ିଥିବା ଜଣେ ବ୍ୟକ୍ତି କିଛି କହିବାକୁ ଅସମର୍ଥ ହୋଇ ଅସହାୟ ଭାବରେ ଦେଖନ୍ତି। ତୁମ ଜୀବନର ଗତି ପରିବର୍ତ୍ତନ କରିପାରିବ ନାହିଁ। ସେ ତାଙ୍କ ଦୁର୍ଭାଗ୍ୟକୁ ଅଭିଶାପ ଦେଇଛନ୍ତି ଯେ ତାଙ୍କ ସମଗ୍ର ଜୀବନରେ ସେ ଯେତିକି ହାରିଛନ୍ତି ସେତିକି ରୋଜଗାର କରିନାହାଁନ୍ତି। ସମଗ୍ର ଜୀବନ ଅତିକ୍ରମ କରିବା ପରେ ଜଣେ ବ୍ୟକ୍ତି ଶେଷରେ ଅନୁତାପ କରିବା ବ୍ୟତୀତ ଅନ୍ୟ କିଛି କରିପାରିବ ନାହିଁ। ତା'ପରେ ସେ ନିଜକୁ ନିଜ ପାପରୁ ମୁକ୍ତ କରିପାରିବ ନାହିଁ କିମ୍ବା ନିଜର ଉତ୍ତମ କାର୍ଯ୍ୟରେ କିଛି ଯୋଗ କରିପାରିବ ନାହିଁ ଭାବିବା ଉଚିତ।

ତେଣୁ ସମୟ ସମୟରେ ଜଣେ 'ସମୟର ଛାୟାଚିତ୍ର ' କୁ ଅନୁସନ୍ଧାନ କରିବା ଉଚିତ୍। ଅସମ୍ପୂର୍ଣ୍ଣ ରହିଯାଇଥିବା କାର୍ଯ୍ୟ ଶୀଘ୍ର ଶେଷ ହେବା ଉଚିତ୍। ଜଣେ କରିଥିବା ଭୁଲକୁ ସଂଶୋଧନ କରିବାକୁ ଚେଷ୍ଟା କରିବା ଉଚିତ୍। ଯେଉଁମାନେ ଦୁଷ୍କର୍ମ କରିଛନ୍ତି ସେମାନଙ୍କ ପାଇଁ ଜଣେ କ୍ଷମା ମାଗିବା ଉଚିତ୍। ଜୀବନରେ ଯାହାକିଛି ବାକି ଅଛି ତାହା ବ୍ୟବହାର କରିବା ଓ ଏହାକୁ ଶୁଭ କାର୍ଯ୍ୟରେ ଉତ୍ସର୍ଗ କରିବା ପାଇଁ ପ୍ରୟାସ କରିବା ଉଚିତ୍। ଏହା ଜାରି ରଖିବା ଦ୍ୱାରା ଜୀବନ ଶେଷରେ, ମଣିଷ ମୁଣ୍ଡ ଉଠାଇ ସେହି ଗୁରୁଙ୍କ କୋର୍ଟରେ ଠିଆ ହୋଇପାରିବ ! ବାସ୍ତବରେ ଏହା ହେଉଛି ବୈରାଗୀ ହୃଦୟର ଉଚ୍ଚତମ ଭାବନା...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪ ୭୫**

# ୧୪ କ୍ୱିଣ୍ଟାଲ ୫୦ କେଜି ଗଞ୍ଜେଇ ଜବତ, ୭ ଗିରଫ



ବୌଦ୍ଧ, ୨୨।୨ (ସଂଚାର ବ୍ୟୁରୋ) : ବୌଦ୍ଧ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋୟଲ ବୌଦ୍ଧ ଜିଲ୍ଲାରେ ଗଂଜେଇ ମୁକ୍ତ ଅଭିଯାନ ଆରମ୍ଭ କରିଥିବା ବେଳେ ଜିଲ୍ଲା ପୁଲିସ ପକ୍ଷରୁ ବିପୁଳ ପରିମାଣର ଗଂଜେଇ ଜବତ କରାଯାଉଛି। ରବିବାରବୌଦ୍ଧ ପୁଲିସ ପୃଥକ ପୃଥକ ଦୁଇଟି ମାମଲା ରୁଜୁ କରି ୧୪ କୁଣ୍ଟାଲ ୫୦ କେଜି ଗଂଜେଇ ଜବତ କରିଛି । ଏହାସହ ୭ ଜଣ ଗିରଫ ହୋଇଛନ୍ତି । ଏନେଇବୌଦ୍ଧ ଥାନା ଅଧିକାରୀ ନଳିନୀକାନ୍ତ ଦାସ ସୂଚନା ଦେଇଛନ୍ତି ।

ସୂଚନା ଥାଉକି,ଖୋର୍ଦ୍ଧା- ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ଗଂଜେଇ ଚାଲାଣ ହେଉଥିବା ନେଇ ବୌଦ୍ଧ ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ବାମଣ୍ଡା ନିକଟରେ ଏକ କାରକୁ ଅଟକାଇ ପୁଲିସ ଯାଞ୍ଚକରିଥିଲା ।ଗାଡି ମଧ୍ୟରୁ ୫୦ କିଲୋ ଗଂଜେଇ ଜବତ କରିବା ସହ ଗାଡିରେ ଥିବା ବାଣପୁରର ଭକ୍ତିପ୍ରସାଦ ଦାଶଙ୍କୁ ଗିରଫ କରିଥିଲା । ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଲାଇଥିବା ଜଣାଯାଇଛି ।

ସେହିପରି ବଘିଆପଡା- ଲାଣ୍ଡିବନ୍ଧ ରାସ୍ତାର ପଢେଇ ନିକଟରେ ଗଂଜେଇ ଚାଲାଣ ପାଇଁ ଜମା କରି ରଖାଯାଇଥିବା ବେଳେ ବୌଦ୍ଧପୁଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଅତର୍କିତ ଭାବରେ ଚଢାଉ କରିଥିଲା । ଉକ୍ତ ସ୍ଥାନରୁ ୧୪ କୁଣ୍ଟାଲ ଗଂଜେଇ ଜବତ କରିଥିବାବେଳେ ଏହି ମାମଲାରେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ ତଦନ୍ତ ଚଳାଇଛି । ତଦନ୍ତରେ ବାଧା ଆସିବା ଯୋଗୁଁ ପୁଲିସ ଅଭିଯୁକ୍ତଙ୍କ ନାମ ଗୋପନ ରଖିଛି ।



# ୧ହଜାର ଜିଞ୍ଜର ବୋତଲ ଜବତ

ବାଲେଶ୍ୱର, ୨୨।୨ (ସଂଚାର ବ୍ୟୁରୋ) : ବାଲେଶ୍ୱର ଜିଲା ଭ୍ରାମ୍ୟମାଣ ଅବକାରୀ ୟୁନିଟ୍ ପକ୍ଷରୁ ରବିବାର ଚଢ଼ାଉ କରାଯାଇଛି। ସୋର ଥାନା ଅନ୍ତର୍ଗତ ଦୟାନିଧିପୁର ନିକଟ ଖେଳପଡ଼ିଆରେ ବେଆଇନ ଭାବେ ଏକ ଭ୍ୟାନ୍‌ରୁ ଜିଞ୍ଜର ଅନ ଲୋଡିଂ ହେଉଥିବା ଖବର ପାଇ ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସ୍ୱପ୍ନାରାଣୀ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲେ। ୫ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପ୍ରାୟ ୩ ଲକ୍ଷ ଟଙ୍କା ମୂଲ୍ୟର ୧ ହଜାର ଜିଞ୍ଜର ବୋତଲ (୪୫୦ ଲିଟର ) ଜବତ ହୋଇଥିଲା। ଆଇଆଇସି ହରିହର ସିଂହ,ଏସ୍ଆଇ ଭବେଶ ଦାସ, ଏଏସ୍ଆଇ ଲମ୍ବୋଦର ମହାନ୍ତଙ୍କ ସମେତ ସୋର ଥାନା ପୋଲିସ ଏହି ଚଢ଼ାଉରେ ସାମିଲ ଥିଲେ।

## ମିଶନ ଶକ୍ତି ବିଭାଗର ସମୀକ୍ଷା ବୈଠକ

# ଏସ୍ଏଚ୍‌ଜି ମହିଳାଙ୍କ ଆୟ ବୃଦ୍ଧିକୁ ପ୍ରାଥମିକତା



ଭୁବନେଶ୍ୱର,୨୨।୨ (ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ବିଭାଗ ଓ ଓଡ଼ିଶା ଜୀବିକା ମିଶନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଭାଗର ସମସ୍ତ ଶାଖାର କାର୍ଯ୍ୟକଳାପ ଓ ଜିଲ୍ଲାଭିତ୍ତିକ ପ୍ରଗତି ଉପରେ ସମୀକ୍ଷା କରାଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପ୍ରତି ଜିଲ୍ଲାର କାର୍ଯ୍ୟକଳାପ ଉପରେ ସମୀକ୍ଷା କରିଛନ୍ତି। ଚଳିତ ଆର୍ଥିକ ବର୍ଷର ସଫଳତା, ବିଭିନ୍ନ ଯୋଜନାର ପ୍ରଗତି, ବ୍ୟାଙ୍କ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ଙ୍କୁ ସୁଧ ଫେରସ୍ତ, ମହିଳାମାନଙ୍କୁ ଉଦ୍ୟୋଗପତି ଭାବେ ଗଢ଼ି ସେମାନଙ୍କ ଆୟ ବୃଦ୍ଧି ସମ୍ପର୍କିତ ପଦକ୍ଷେପଗୁଡ଼ିକର ସେ ପର୍ଯ୍ୟବେକ୍ଷଣ କରିଛନ୍ତି।

ଜିଲ୍ଲାସ୍ତରୀୟ କର୍ମକର୍ତ୍ତାମାନଙ୍କୁ ସମ୍ବୋଧନ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମିଶନ ଶକ୍ତି ବିଭାଗ ମାଧ୍ୟମରେ ଓଡ଼ିଶାର ଲକ୍ଷାଧିକ ମହିଳା ଏସ୍ଏଚ୍‌ଜି ସହ ଯୋଡ଼ି ଆର୍ଥିକ, ସାମାଜିକ ଓ ଡିଜିଟାଲ ଭାବେ ସଶକ୍ତ ହୋଇପାରିଛନ୍ତି। ଏହି ବିଭାଗ ମହିଳାମାନଙ୍କୁ କେବଳ ଆତ୍ମନିର୍ଭର କରିବାରେ ସୀମିତ ରହିନାହିଁ, ସେମାନଙ୍କୁ ସଫଳ ଉଦ୍ୟୋଗୀ ଓ ସମାଜର ଅଗ୍ରଗାମୀ ନେତୃତ୍ୱ ଭାବେ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ମିଶନ ଶକ୍ତି ଆଜି ମହିଳା ସଶକ୍ତିକରଣର ଏକ ଶକ୍ତିଶାଳୀ ଆନ୍ଦୋଳନରେ ପରିଣତ ହୋଇଛି, ଯାହା ମହିଳାମାନଙ୍କ ଜୀବନମାନ ଉନ୍ନତ କରିବା ସହ ରାଜ୍ୟର ଆର୍ଥିକ ଉନ୍ନତିରେ ମଧ୍ୟ ମୂଲ୍ୟବାନ ଅବଦାନ ରଖୁଛି। ମହିଳାମାନଙ୍କୁ ଉଦ୍ୟୋଗୀ ଭାବେ ଗଢ଼ି ଅଧିକରୁ ଅଧିକ 'ଲକ୍ଷପତି ଦିଦି' ଓ 'ମହାଲକ୍ଷପତି ଦିଦି'ରେ ପରିଣତ କରିବା ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

ବୈଠକରେ ଚଳିତ ଆର୍ଥିକ ବର୍ଷର ଲକ୍ଷ୍ୟ ପୂରଣ ସହ ଆସନ୍ତା ଆର୍ଥିକ ବର୍ଷ ପାଇଁ ନିର୍ଦ୍ଧାରିତ ପ୍ରଥମିକତା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା, ଯାହା ମହିଳା ଏସ୍ଏଚ୍‌ଜିମାନଙ୍କୁ ଆର୍ଥିକ ଭାବେ ଆହୁରି ସଶକ୍ତ କରିବା ସହିତ ଉଦ୍ୟୋଗି ଭାବେ ପ୍ରତିଷ୍ଠିତ କରିବ। ବୈଠକରେ ମିଶନ ଶକ୍ତି ବିଭାଗ କମିଶନର ତଥା ସଚିବ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀଙ୍କ ସମେତ ମିଶନ ଶକ୍ତି ବିଭାଗ ଓ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀ ଏବଂ ସମସ୍ତ ଜିଲ୍ଲାର ଅଧିକାରୀ ଉପସ୍ଥିତ ଥିଲେ।

## ରାଜନଗର ନାବାଳିକା ଗଣଦୁଷ୍କର୍ମ ଘଟଣା

# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି



**ସରକାର ମିଛ ସଫଳତା ବଖାଣି ଆତ୍ମପ୍ରଚାରରେ ବିଭୋର**

ଭୁବନେଶ୍ୱର,୨୨।୨ (ସଂଚାର ବ୍ୟୁରୋ): ରାଜ୍ୟରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ, ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିଯିବା ସହିତ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ପରିସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଦିନକୁ ଦିନ ଅଧିକ ବିଗୁଡୁଛି ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ପିଏସି ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ମହିଳା କମିଶନର ମିନତୀ ବେହେରା, ଜ୍ୟୋସ୍ନାମୟୀ ପରିଡା ଓ ରୀତାଞ୍ଜଳି ପ୍ରଧାନ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

ଟୁକୁନି ସାହୁ କହିଥିଲେ ଯେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକର ଏକ ଘରୋଇ ବିଦ୍ୟାଳୟରେ ଗୋଟିଏ ସପ୍ତମ ଶ୍ରେଣୀର ଛାତ୍ରୀକୁ ପାଞ୍ଚ ଜଣ ଶିକ୍ଷକଙ୍କ ଦ୍ୱାରା ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି, ଯାହା ପ୍ରତ୍ୟେକ ରାଜ୍ୟବାସୀଙ୍କୁ ମନକୁ ଗଭୀର ଆଘାତ ଦେଇଛି। ଦୁଃଖ ଓ ପରିତାପର ବିଷୟ, ବିଜେପି ରାଜ୍ୟରେ କ୍ଷମତାସୀନ ହେବା ପରଠାରୁ ବିଦ୍ୟାଳୟ ଏପରିକି ସରକାରୀ ଆବାସିକ ହଷ୍ଟେଲ ଗୁଡିକରେ ରହୁଥିବା ନାବାଳିକା ଛାତ୍ରୀମାନେ ଦୁଷ୍କର୍ମ, ନିର୍ଯାତନା ଓ ଗର୍ଭବତୀ ହେଉଥିବା ଖବର ଗଣମାଧ୍ୟମରେ ଶିରୋନାମା ପାଲଟୁଛି। ସରକାର ମିଛ ସଫଳତା ବଖାଣି ନିଜ ପ୍ରଚାରରେ ବ୍ୟସ୍ତ ଅଛନ୍ତି।

ମିନତୀ ବେହେରା କହିଥିଲେ ଯେ ଯଦିଓ ବିଜେଡି ପ୍ରତିନିଧି ମଣ୍ଡଳୀର ଗସ୍ତ ପରେ ଅଭିଯୁକ୍ତ ମାନଙ୍କୁ ପୋଲିସ ଦ୍ୱାରା ଗିରଫ କରା ଯାଇଛି, ଏହି ନାବାଳିକା ଗଣ ଦୁଷ୍କର୍ମ ଘଟଣାର ସବିଶେଷ ତଦନ୍ତ ହେବା ସହିତ ଏହାକୁ ଫାଷ୍ଟ ଟ୍ରାକ କୋର୍ଟରେ ଶୁଣାଣି କରାଯାଉ ବୋଲି ସେ ଦାବି କରିଛନ୍ତି। ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟ ଜ୍ୟୋସ୍ନାମୟୀ ପରିଡା କହିଥିଲେ, ପିଡିତାଙ୍କ ପରିବାର ସଦସ୍ୟ ଓ ତାଙ୍କର ଗ୍ରାମବାସୀମାନେ ଏହି ଘଟଣାରେ ସମ୍ପୂର୍ଣ୍ଣ ମର୍ମାହତ। ଯୋଜନାବୋଧ ଭାବେ ବିଦ୍ୟାଳୟ ପରିସରରେ ନାବାଳିକା ଜଣକୁ ଦୁଷ୍କର୍ମ କରାଯାଉଥିଲା। ଏହି ଘଟଣା ସମୟରେ ସ୍କୁଲର ସିସି କ୍ୟାମେରାକୁ ବନ୍ଦ କରି ଦିଆଯାଉଥିଲା।

# ପୁଅ ଆତ୍ମହତ୍ୟା କରିନି: ପିତା ଗୋବିନ୍ଦ

ଭୁବନେଶ୍ୱର,୨୨।୨ (ସଂଚାର ବ୍ୟୁରୋ) : ପୁଣି ବିବାଦରେ କିସ୍ । ମାତ୍ର ୩ମାସ ନପୁରୁଣୁ ପୁଣିଥରେ ଛାତ୍ରମୃତ୍ୟୁ ଅଭିଯୋଗ। କିସ୍ ଆବାସିକ ଶିକ୍ଷାନୁଷ୍ଠାନ ପରିସରରେ ଯୁକ୍ତ ଦୁଇ ଛାତ୍ର ଚନ୍ଦନ ଶବରଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ କିସ୍ କର୍ତ୍ତୃପକ୍ଷ ପୁଣି ବିବାଦଘେରରେ। ଦିନକ ପୂର୍ବରୁ ମା' ସହ ବହୁ ସମୟ ଧରି ଖୁସିରେ କଥା ହୋଇଥିବା ଓ ତାଙ୍କ ପୁଅ କେବେବି ଆତ୍ମହତ୍ୟା କରିପାରିବ ନାହିଁ, ନିଶ୍ଚିତ ଭାବେ ମୃତ୍ୟୁ ପଛରେ କିଛି ରହସ୍ୟ ଲୁଚିଛି ବୋଲି ପିତା ଗୋବିନ୍ଦ ପ୍ରକାଶ କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କୁର୍ଲାପଡ଼ା ଗ୍ରାମର ଗୋବିନ୍ଦ ଶବର କହିଛନ୍ତି ଯେ, "ମୋ ପୁଅ ଯେଉଁ ଖଟରେ ଶୋଉଥିଲା ତାହା ମାତ୍ର ୩ ଫୁଟ ଉଚ୍ଚର। ଏତେ କମ୍ ଉଚ୍ଚତାର ଗୋଟିଏ ଖଟରୁ ଜୀବନ ହାରିବା ଆଦୌ ସମ୍ଭବ ନୁହେଁ।" ପୁଅର ଶରୀର ଖଟ ଉପରେ ଥିବାବେଳେ ସେ କିପରି ପ୍ରାଣ ହରାଇଲା, ତାହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ଘଟଣା ଦିନ ତାଙ୍କୁ ଜଣେ ଶିକ୍ଷକ ଫୋନ କରି ଚନ୍ଦନ ଆତ୍ମହତ୍ୟା କରିଥିବା ସୂଚନା ଦେଇଥିଲେ।

# ମିଡିଆ ମ୍ୟାନେଜମେଣ୍ଟ ପାଇଁ ଗୌର ମହାପାତ୍ର ସମ୍ବର୍ଦ୍ଧିତ



ଭୁବନେଶ୍ୱର,୨୨।୨ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅବସରପ୍ରାପ୍ତ ଅଧିକାରୀ ଗୌରଚନ୍ଦ୍ର ମହାପାତ୍ର ତାଙ୍କ କାର୍ଯ୍ୟ ଦକ୍ଷତା ପାଇଁ ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଗତକାଲି ମିଡିଆ ଫେଡେରେସନ ଅଫ ଇଣ୍ଡିଆ, ନୂଆଦିଲ୍ଲୀ ପକ୍ଷରୁ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ଶ୍ରୀ ମହାପାତ୍ରଙ୍କୁ ଶ୍ରେଷ୍ଠ ମିଡ଼ିଆ ମ୍ୟାନେଜମେଣ୍ଟ ଅର୍ଗାନାଇଜର ଷ୍ଟେଟ ଆୱାର୍ଡ ପ୍ରଦାନ କରାଯାଇଛି। ଏଥିପାଇଁ ଶ୍ରୀ ମହାପାତ୍ର ଫେଡେରେସନ୍‌ର କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ନିଜ କାର୍ଯ୍ୟକାଳ ମଧ୍ୟରେ ମିଡିଆ ମ୍ୟାନେଜମେଣ୍ଟ କରି ସମସ୍ତ ସାମ୍ବାଦିକ ଓ ଅଧିକାରୀଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ଏଥିସହ ସେ ପୂର୍ବରୁ ବହୁ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି।

# ଅନୁସୂଚୀତ ଜାତି କଂଗ୍ରେସ ଓ ଆଦିବାସୀ କଂଗ୍ରେସର ଧାରଣା




ଭୁବନେଶ୍ୱର,୨୨।୨ (ସଂଚାର ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶ କ୍ରମେ ରାଜ୍ୟରେ ଦୈନନ୍ଦିନ ଘଟୁଥିବା ଦଳିତ, ଆଦିବାସୀ ମହିଳା ନିର୍ଯାତନା ବିରୋଧରେ ଏକ ୬ଦିନିଆ ଅହୋରାତ୍ର ଧାରଣା ରାଜ୍ୟ ଅନୁସୂଚୀତ ଜାତି କଂଗ୍ରେସର ଅଧ୍ୟକ୍ଷ ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଗତକାଲିଠାରୁ ଆରମ୍ଭ ହୋଇଛି ।

ସମ୍ବିଧାନର ୯୩ତମ ସଂଶୋଧନ ଅନୁଯାୟୀ ଓଡ଼ିଶାରେ ଏକ ଆଇନ ଅଣାଯାଇ ଅନୁସୂଚିତ ଜାତି, ଆଦିବାସୀ ଓ ପଛୁଆବର୍ଗ, ଛାତ୍ରଛାତ୍ରୀଙ୍କର ଅଣଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନଗୁଡିକରେ ସଂରକ୍ଷଣ ମୁତାବକ ପାଠ ପଢ଼ିବାର ସୁବିଧା ଦେବା, ଦଳିତ ଆଦିବାସୀ ନିର୍ଯାତନା ନିବାରଣ ଅଧିନିୟମର ନିୟମ ୭ ଅନୁଯାୟୀ ଅତି କମରେ ଜଣେ ଡିଏସପି ପାହ୍ୟା ଅଧିକାରୀଙ୍କ ଦ୍ୱାରା ତଦନ୍ତ କରିବା ଭଳି ୮ଟି ଦାବିକୁ ନେଇ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଏହି ଅହୋରାତ୍ର ଧାରଣା ଜାରି ରହିଛି। ଆଜି ଏହି ଧାରଣାର ଦ୍ୱିତୀୟ ଦିନରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଯୋଗଦେଇ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ସମୟରେ ଓଡ଼ିଶାର ଦଳିତ ଆଦିବାସୀମାନେ ସବୁଠାରୁ ବେଶି ନିର୍ଯାତିତ ବୋଲି ଅଭିଯୋଗ କରିଥିଲେ। ଯଦି ଦାବି ପ୍ରତି ରାଜ୍ୟ ସରକାର ଉଦାସୀନ ରହନ୍ତି, ତା'ହେଲେ ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇ ବିଧାନସଭା ଘେରାଉ କରିବ ବୋଲି ଅନୁସୂଚିତ ଜାତି କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ଚେତାବନୀ ଦେଇଛନ୍ତି ।

# ରାଷ୍ଟ୍ର ପରିଚାଳନାରେ ନ୍ୟାୟ ଇଞ୍ଜିନ୍ ସଦୃଶ: ଜଷ୍ଟିସ୍ ମିଶ୍ର




ଭୁବନେଶ୍ୱର,୨୨।୨ (ସଂଚାର ବ୍ୟୁରୋ): ଭାରତର ସମ୍ବିଧାନ ରାଷ୍ଟ୍ରର ନାଗରିକଙ୍କୁ ବ୍ୟକ୍ତିଗତ ସ୍ତରରେ ଓ ସାମୂହିକ ଭାବେ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ବୃଦ୍ଧି କରିବା ସୁନିଶ୍ଚିତ କରିଛି। ଯାହାଦ୍ୱାରା କି ରାଷ୍ଟ୍ର ନିରନ୍ତର ଭାବରେ ଉଚ୍ଚତର ସ୍ତରକୁ ଯାଇ ସଫଳତା ହାସଲ କରିପାରିବ ବୋଲି ଗତକାଲି ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର କହିଥିଲେ। ଭାରତ ସମ୍ବିଧାନକୁ ସମ୍ମାନ ଦେବା ଆମର ମୌଳିକ ଦାୟିତ୍ୱ ଓ ନ୍ୟାୟ ଏକ ଇଞ୍ଜିନ୍ ସଦୃଶ, ଯାହାକି ରାଷ୍ଟ୍ରକୁ ପରିଚାଳନା କରିଥାଏ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସୋଆ ବକ୍ତୃତାମାଳାର ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଷ୍ଟିସ୍ ମିଶ୍ର କହିଥିଲେ।

ସେ କହିଥିଲେ ଯେ ଜ୍ଞାନ ବୃଦ୍ଧି ଓ ମାନବ ସଭ୍ୟତାର ମିଶ୍ରଣକୁ ନେଇ ବିଶେଷଜ୍ଞମାନେ ଏକାଠି ବସି ସମ୍ବିଧାନ ଗଠନ କରିଥିଲେ। ତେଣୁ ବ୍ରିଟିଶରମାନେ ଯେ ଆମକୁ ଆଇନ ଶିଖାଇଛନ୍ତି ଏହା କହିବା ଭୁଲ୍ ହେବ ବୋଲି ଜଷ୍ଟିସ୍ ମିଶ୍ର କହିଥିଲେ। ଏହି ଅବସରରେ ଭାରତୀୟ ନାଗରିକଙ୍କ ଉପରେ ସମ୍ବିଧାନର ପ୍ରଭାବକୁ ଦର୍ଶାଇ ତାଙ୍କର ଏକ ଅନୁଭୂତି ବଖାଣିଥିଲେ। ବହୁଦିନ ପୂର୍ବରୁ ସେ ଏକ ଶୀତ ରାତିରେ ନୂଆଦିଲ୍ଲୀରେ ଏକ ଅଟୋ ଯାଉଥିବା ବେଳେ ଡ୍ରାଇଭର ଜଣକ ଟ୍ରାଫିକ ନିୟମ ଉଲ୍ଲଂଘନ କରି ଯିବା ପାଇଁ ମନା କରିଥିଲେ। ଯଦିଓ ମଧ୍ୟରାତ୍ରିରେ ରାସ୍ତାରେ ମାତ୍ର କିଛିଟା ଗାଡ଼ି ଚାଲୁଥିଲା ଏବଂ ତାଙ୍କର ଏକ ଟ୍ରେନ୍ ଯାତ୍ରାର ସମୟ ହୋଇଯାଇଥିଲା, ସେ ଅଟୋ ଡ୍ରାଇଭର ଜଣଙ୍କ ମନା କରିଦେଇ କହିଥିଲେ ଯେ ଟ୍ରାଫିକ୍ ନିୟମ ଭାଙ୍ଗିଲେ ମତେ ଭଲ ଲାଗିବ ନାହିଁ। ଯଦିଓ ସେ ଆଇନ୍‌ର ପାଠ ପଢ଼ିଛନ୍ତି ଓ ଅଟୋ ଡ୍ରାଇଭର ଜଣଙ୍କ କେବେ ବି ଏହା ପଢ଼ିନାହାଁନ୍ତି। ତଥାପି ସେ ଆଇନ ଉଲ୍ଲଂଘନ କଲେ ନାହିଁ। ଏହା ଭାରତୀୟ ନାଗରିକଙ୍କ ଉପରେ ସମ୍ବିଧାନର କିଭଳି ପ୍ରଭାବ ପକାଇଛି, ତା'ର ଏକ ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଜଣେ ହୁଏତ ସମ୍ବିଧାନ ବିଧି ବ୍ୟବସ୍ଥାକୁ ପ୍ରତ୍ୟେକ ଦିନ ପାଳନ କରୁ ନଥାଇପାରେ। କିନ୍ତୁ ନ୍ୟାୟ, ସମାନତା ଭଳି ନୀତି ଆଦର୍ଶକୁ ଯଦି ତା'ର ଦୈନନ୍ଦିନ କାର୍ଯ୍ୟରେ ପ୍ରତିଫଳିତ ହୁଏ। ତେବେ ସେ ସମ୍ବିଧାନକୁ ପାଳନ କରୁଛି ବୋଲି କୁହାଯାଇପାରିବ। କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସ୍‌ଏନ୍‌ଆଇଏଲ୍)ର ଡିନ୍ ପ୍ରଫେସର ଏସ୍‌କେ ଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ‘ଅପରେସନ ସାଇବର କବଚ’

# ୩୬୨୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ, ୧୮୭ ଗିରଫ



ଭୁବନେଶ୍ୱର,୨୨।୨ (ସଂଚାର ବ୍ୟୁରୋ): ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନ 'ଅପରେସନ ସାଇବର କବଚ'ର ଦଶମ ଦିନରେ ଆଜି ଏହାକୁ ଆହୁରି ଜୋରଦାର କରାଯାଇଛି। ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଏସ୍‌ପି ଓ ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍‌ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସାଇବର କ୍ରାଇମ୍ ୟୁନିଟ୍, ସିଆଇଡି କ୍ରାଇମ୍ ବ୍ରାଞ୍ଚ ଏହି ସମଗ୍ର ଅପରେସନର ସମନ୍ୱୟ ରକ୍ଷା କରୁଛନ୍ତି। ସାଇବର ଅପରାଧୀଙ୍କ ଆର୍ଥିକ ଭିତ୍ତିଭୂମିକୁ ଦୁର୍ବଳ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଅଦ୍ୟାବଧି 'ଅପରେସନ ସାଇବର କବଚ' ଅଧୀନରେ ରାଜ୍ୟରେ ମୋଟ ୩,୬୨୫ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟର ଯାଞ୍ଚ କରାଯାଇଛି। ମୋଟ ୨୭୫ଟି ବେନାମୀ ଆକାଉଣ୍ଟ ସମ୍ପର୍କିତ ମାମଲା, ୮ଟି ଚେକ୍ ଉଠାଣ ମାମଲା ଓ ୭ଟି ନକଲି ସିମ୍ ପିଓଏସ୍ ଯାଞ୍ଚ ସମ୍ପର୍କିତ ମାମଲା ରୁଜୁ ହୋଇଛି। ଏହି ପ୍ରକ୍ରିୟାରେ ଅଦ୍ୟାବଧି ୧୮୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧,୦୭୫ ଜଣ ସନ୍ଦିଗ୍ଧ ସହାୟକ ଓ ଆକାଉଣ୍ଟଧାରୀଙ୍କୁ (ନୂତନ ମାମଲା ଓ ୮୪ଟି ପୁରୁଣା ଏଫ୍‌ଆଇଆର୍) ଆଇନଗତ ନୋଟିସ୍ ଜାରି କରାଯାଇଥିବା ଜଣାପଡ଼ିଛି। ଏହି ଅଭିଯାନ ସମୟରେ ଜଗତସିଂହପୁର ଜିଲ୍ଲା ପୁଲିସ ୨୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ଗୋଟିଏ ସାଇବର ମାମଲା ରୁଜୁ କରିଛି। ସେହିପରି ଯାଜପୁର ଜିଲ୍ଲା ପୁଲିସ ୪୪ଟି ଆକାଉଣ୍ଟ ଯାଞ୍ଚ କରି ୪ଟି ମାମଲା ରୁଜୁ କରିବା ସହ ୪୭ ଜଣଙ୍କୁ ନୋଟିସ୍ ଜାରି କରିଛି। ଏହାଛଡ଼ା କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସ ୮୮ଟି ଆକାଉଣ୍ଟ ଯାଞ୍ଚ କରି ୫ଟି ମାମଲା ରୁଜୁ କରି ୬୭ ଜଣଙ୍କୁ ନୋଟିସ୍ ଜାରି କରିଛି। ଖୋର୍ଦ୍ଧା ଜିଲ୍ଲା ପୁଲିସ ୯୮ଟି ଆକାଉଣ୍ଟ ଯାଞ୍ଚ କରି ୬ଟି ମାମଲା ରୁଜୁ କରିବା ସହ ୨ ଜଣଙ୍କୁ ନୋଟିସ୍ ଜାରି କରିଛି। ସେହିପରି ପୁରୀ ଜିଲ୍ଲା ପୁଲିସ ୭୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ବେନାମୀ ବ୍ୟାଙ୍କ ସମ୍ପର୍କିତ ୪ଟି ଓ ଚେକ୍ ଉଠାଣ ସମ୍ପର୍କିତ ମାମଲା ରୁଜୁ କରି ୬ ଜଣଙ୍କୁ ଗିରଫ କରିଛି ଓ ୧୫ ଜଣଙ୍କୁ ନୋଟିସ୍ ଜାରି କରିଛି।

# ସ୍କୁଟିରୁ ବ୍ରାଉନସୁଗର ଜବତ, ୨ ଗିରଫ

ଭଞ୍ଜନଗର, ୨୨।୨ (ସଂଚାର ବ୍ୟୁରୋ) : ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ ରବିବାର ଚୋରା ବ୍ରାଉନସୁଗାର କାରବାର ଅଭିଯୋଗରେ ୨ ଜଣକୁ ଗିରଫ କରିଛି। ସେମାନଙ୍କ ଠାରୁ ୫୧ ଗ୍ରାମ ବ୍ରାଉନସୁଗର, ଗୋଟିଏ ସ୍କୁଟି ସହ ୨୭୦୦ ଟଙ୍କା ଓ ଦୁଇଟି ମୋବାଇଲ ଜବତ କରାଯାଇଛି। ଗିରଫ



ଦୁଇଜଣଙ୍କ ମଧ୍ୟରୁ ଜଣକ ଘର ଭଞ୍ଜନଗରର ଓମ୍ ସାଇ ହୋଇଥିବା ବେଳେ ଆଉ ଜଣେ ହେଲେ ଖଲ୍ଲିକୋଟର ଚନ୍ଦନ ମହାପାତ୍ର। ଗିରଫ ଦୁଇଜଣଙ୍କୁ ଆଜି ସନ୍ଧ୍ୟାରେ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି। ଗତିକାଲି ସନ୍ଧ୍ୟାରେ ଭଞ୍ଜନଗର ଥାନା ଏସ୍.ଆଇ. ଏସ୍.କେ. ସେଠୀ ଏବଂ ଅନ୍ୟ କର୍ମଚାରୀମାନେ ଶାଳୁଆପଲ୍ଲୀ ମୁଖ୍ୟ ରାସ୍ତା ନିକଟରେ ପାଟ୍ରୋଲିଂ ଡ୍ୟୁଟି କରୁଥିଲେ। ଏହି ସମୟରେ ଗୋଟିଏ ସ୍କୁଟିରେ ବସିଥିବା ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପୋଲିସ ପଚରାଉଚରା କରିଥିଲା। ଯାଞ୍ଚ କରିବା ପରେ ସେମାନଙ୍କଠାରୁ ବ୍ରାଉନସୁଗର ମିଳିଥିଲା।

# ଜାତୀୟ ଚେତନାର ସମ୍ପାଦକ ବର୍ଷର ଶ୍ରେଷ୍ଠ ଓଡ଼ିଆ ସାମ୍ବାଦିକ



ଭୁବନେଶ୍ୱର,୨୨।୨ (ସଂଚାର ବ୍ୟୁରୋ): ମିଡ଼ିଆ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ନୂଆଦିଲ୍ଲୀର ବିଏସ୍‌ଜେଡ ରୋଡସ୍ଥିତ ପିରେଲାଲ-ଗାନ୍ଧି ମେମୋରିଆଲ ହଲ୍ (ଆଇଟିଓ)ଠାରେ ଫେଡେରେସନର ରାଷ୍ଟ୍ରୀୟ ସଭାପତି ଅରୁଣ ଶର୍ମାଙ୍କ ସଭାପତିତ୍ୱରେ ବିଭିନ୍ନ ପର୍ଯ୍ୟାୟରେ ଆୟୋଜିତ ୨୦ତମ 'ମିଡିଆ ଏକ୍ସଲେନ୍ସି ଆୱାର୍ଡ' ପ୍ରଦାନ ଉତ୍ସବକୁ ଜାତୀୟ ବିଦ୍ୟୁତ୍ ଗଣମାଧ୍ୟମର ଶ୍ରୀବର୍ଦ୍ଧନ ତ୍ରିବେଦୀ, ସଞ୍ଜୟ ଦ୍ୱିବେଦୀ, ପ୍ରତୀକ ତ୍ରିବେଦୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିଗଣ କହିଥିଲେ ଯେ ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଓ ଏହା ଗଣତନ୍ତ୍ରର ସୁରକ୍ଷା କବଚ ଭାବେ କାର୍ଯ୍ୟ କରିଥାଏ। ସାମ୍ବାଦିକମାନଙ୍କ ସ୍ୱାଧୀନତାକୁ କ୍ଷୁଣ୍ଣ କରାଗଲେ ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି ହେବା ସହ ଦେଶରେ ଅରାଜକତା ପରିସ୍ଥିତି ଦେଖାଦେଇପାରେ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ଓଡ଼ିଶାର ସମ୍ବାଦପତ୍ର 'ଜାତୀୟ ଚେତନା'ର ସମ୍ପାଦକ ତପନ ବିହାରୀ ଭଞ୍ଜଙ୍କୁ 'ବର୍ଷର ଶ୍ରେଷ୍ଠ ଓଡ଼ିଆ ସାମ୍ବାଦିକ' ଭାବେ ସମ୍ମାନିତ କରାଯାଇଛି। ପୁରସ୍କାର ଆକାରରେ ତାଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ, ମାନପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ପ୍ରବୀଣ ସାମ୍ବାଦିକ, କର୍ପୋରେଟ ହାଉସର ପ୍ରତିଷ୍ଠାତା, ଶିକ୍ଷାବିତ୍ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୬ ଶହ ସାମ୍ବାଦିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ଭଞ୍ଜ କହିଛନ୍ତି ଯେ ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକମାନେ କୌଣସି ପରିସ୍ଥିତିରେ କାହା ସହ ସାଲିସ୍ ନ କରି ସତ୍ୟ ଓ ନୀତିର ପକ୍ଷରେ ଦୃଢ଼ତାର ସହିତ ସାମନା କରିବା ଉଚିତ। ସତ୍ୟନିଷ୍ଠ ଓ ନିର୍ଭୀକ ସାମ୍ବାଦିକତା ହିଁ ସମାଜକୁ ସଠିକ ଦିଗ୍‌ଦର୍ଶନ ଦେଇପାରିବ ବୋଲି ଶ୍ରୀ ଭଞ୍ଜ କହିଛନ୍ତି।

# ଦଳିଦେଲା ଦନ୍ତା, ଚାଲିଗଲା ଦୁଇ ଜୀବନ

ବ୍ରହ୍ମପୁର, ୨୨।୨ (ସଂଚାର ବ୍ୟୁରୋ) : ଦଳିଦେଲା ଦନ୍ତା। ଚାଲିଗଲା ଦୁଇ ଜୀବନ। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଜଲମେରିପଲ୍ଲୀରେ ଅଘଟଣ ଘଟିଛି। ଦୁଇ ଜଣ ପରିବା ତୋଳିବାକୁ କ୍ଷେତକୁ ଯାଇଥିବାବେଳେ ହାତୀ ହାବୁଡରେ ପଡିଥିଲେ। ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ବ୍ୟକ୍ତିଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଛି। ଘଟଣାର ତଦନ୍ତ କରୁଛି ପୋଲିସ।

# ଗୋଷ୍ଠୀ ସଂଘର୍ଷରେ ଜଣେ ମୃତ

ଯାଜପୁର, ୨୨।୨ (ସଂଚାର ବ୍ୟୁରୋ) : ଗାଁରେ ଗୋଷ୍ଠୀ ସଂଘର୍ଷ । ଚାଲିଗଲା ଜୀବନ । ଯାଜପୁର ରୋଡ୍ ସୋଲେଇରେ ଗୋଷ୍ଠୀ ସଂଘର୍ଷ ଘଟିଛି । ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି । ଏହାସହ ଏହି ଘଟଣାରେ ୨ ଜଣ ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଗାଁର ଜେମା ହାଲଦା । ଆହତଙ୍କୁ ଉଦ୍ଧାର କରି ଦାନଗଦି ମେଡିକାଲରେ ଭର୍ତ୍ତି କରାଯାଇଛି। ସେପଟେ ଖବର ପାଇ ପୁଲିସ ଗାଁରେ ପହଞ୍ଚିଛି। ଏବେ ମଧ୍ୟ ଗାଁରେ ଚାପା ଉତ୍ତେଜନା ଲାଗି ରହିଥିବା ଦେଖିବାକୁ ମିଳିଛି ।

# କାର୍-ବାଇକ୍ ଦୁର୍ଘଟଣା, ୨ ମୃତ

କେନ୍ଦୁଝର, ୨୨।୨ (ସଂଚାର ବ୍ୟୁରୋ) : ତେଲକୋଇ ଥାନା ଅନ୍ତର୍ଗତ ଗୋଲବନ୍ଧ ଗ୍ରାମ ଛକ ନିକଟରେ ରବିବାର ମଧ୍ୟାହ୍ନରେ ଏକ କାର ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ତେଲକୋଇ ଥାନା ସିରିଗିଡ଼ା ଗ୍ରାମର ମହେଶ୍ୱର ନାୟକ(୩୪) ଓ ପଡ଼ୋଶୀ ଢେଙ୍କାନାଳ ଜିଲା ମହାବିରୋଡ ଥାନା ତୁରୁଡ଼ା ନାଳି ଗ୍ରାମର ଜିତୁ ନାୟକ (୨୪)। ଅନ୍ୟପକ୍ଷରେ କାର୍ ଚାଳକ ଦେବଗଡ଼ କଲା ଗ୍ରାମର ଶୁଭାଶିଷ ଦଳ ବେହେରା ଆହତ ହୋଇଛନ୍ତି। ଖବର ପାଇ ତେଲକୋଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। କଲା ଗ୍ରାମର ଶିବାଶିଷ କାର୍ ଯୋଗେ ତେଲକୋଇ ଅଭିମୁଖେ ଆସୁଥିବା ବେଳେ ମୋଟର ସାଇକେଲ ଯୋଗେ ମହେଶ୍ୱର ଓ ଜିତୁ ତେଲକୋଇ ପଟୁ ଜଗମୋହନପୁର୍ ଗ୍ରାମ ଆଡ଼କୁ ଯାଉଥିଲେ। ମଧ୍ୟାହ୍ନରେ ଗୋଲାବନ୍ଧ ଛକ ନିକଟରେ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା।

# ରାଜ୍ୟସଭା ନିର୍ବାଚନ, ଆଶାୟୀଙ୍କ ତାଲିକା ଲମ୍ବୁଛି

ଭୁବନେଶ୍ୱର,୨୨।୨: ରାଜ୍ୟସଭା ନିର୍ବାଚନ ପାଇଁ କାର୍ଯ୍ୟନିର୍ଘଣ୍ଟ ଘୋଷଣା ସରିଥିବାବେଳେ ବିଜେପି ଓ ବିଜେଡିରେ ଆଶାୟୀମାନଙ୍କ ତାଲିକା ଲମ୍ବିବାରେ ଲାଗିଛି। ଓଡିଶାର ଯେଉଁ ୪ଟି ରାଜ୍ୟସଭା ଆସନ ଖାଲି ହେଉଛି ସେସବୁ ଆଗକୁ ବିଜେଡି କବଜାରେ ଥିଲା। ଏଥିରୁ ଦୁଇ ଜଣ ବିଜେଡି ସାଂସଦ ଇସ୍ତଫା ଦେଇ ପୁର୍ନବାର ବିଜେପି ଟିକଟରେ ନିର୍ବାଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡି ଛାଡି ବିଜେପି ହାତ ଧରିଥିବା ମୟୁରଭଞ୍ଜ ଜିଲ୍ଲାର ମମତା ମହାନ୍ତ ଓ କଳାହାଣ୍ଡି ଜିଲ୍ଲାର ସୁଜିତ କୁମାରଙ୍କୁ ବିଜେପି ଏଥର ପ୍ରାର୍ଥୀ କରିବ କି ନାହିଁ, ସେନେଇ ଛକାପଞ୍ଝା ଚାଲିଛି।

ସେହିଭଳି ବିଜେଡି ରାଜ୍ୟସଭା ସଦସ୍ୟ ମୁନ୍ନା ଖାଁ ଓ ନିରଞ୍ଜନ ବିଶିଙ୍କ ଭିତରୁ ଦଳ କାହାକୁ ଟିକେଟ ଦେବ କି ଅନ୍ୟ ନୂଆ ଚେହେରାଙ୍କୁ ନିର୍ବାଚନରେ ଅବତୀର୍ଣ୍ଣ କରାଇବ, ସେଥିଘେନି ବି କଳ୍ପନାଜଳ୍ପନା ଚାଲିଛି। ନିର୍ବାଚନ ଜିଣିପାରି ନ ଥିବା ଓ ପ୍ରତିଦ୍ୱନ୍ଦ୍ୱିତାରୁ ଦୂରରେ ରହି ଦଳ ପାଇଁ କାମ କରିଥିବା ବହୁ ବିଜେଡି ନେତାଙ୍କର ବି ରାଜ୍ୟସଭାକୁ ଯିବାକୁ ଇଚ୍ଛା। ସେହିପରି ବିଜେପିର ବହୁ ନେତା ମଧ୍ୟ ରାଜ୍ୟସଭା ଲାଗି ବିଭିନ୍ନ ସ୍ତରରେ ଲବି ଚଳାଉଥିବା ବେଳେ ପୁଣି ଜଣେ ଅଣଓଡ଼ିଆ ଯେ ଓଡ଼ିଶାରୁ ପ୍ରାର୍ଥୀ ନ ହେବେ, ତା' ଉପରେ କେହି ଗ୍ୟାରେଣ୍ଟି ଦେଇପାରୁନାହାନ୍ତି।



ଏଠାରେ ଉଲ୍ଲେଖନୀୟ ଯେ ବିଧାନସଭାରେ ଏବେ ବିଜେପିର ୭୯, ବିଜେଡିର ୫୦ ଓ କଂଗ୍ରେସର ୧୪ ଜଣ ସଦସ୍ୟ ଅଛନ୍ତି। ଏହାଛଡ଼ା ୩ ଜଣ ସ୍ୱାଧୀନ ବିଧାୟକ ଓ ସିପିଏମର ଜଣେ ବିଧାୟକ ମଧ୍ୟ ରହିଛନ୍ତି। ସଂଖ୍ୟାଗଣିତ ଦୃଷ୍ଟିରୁ ଯଦି କ୍ରସ ଭୋଟିଂ ନ ହୁଏ, ତା'ହେଲେ ସହଜରେ ବିଜେପି ଦୁଇଟି ଓ ବିଜେଡି ଗୋଟିଏ ଆସନ ନିର୍ବିଘ୍ନରେ ଅକ୍ତିଆର କରିପାରିବ। କଂଗ୍ରେସର ମାତ୍ର ୧୪ ଜଣ ବିଧାୟକ ଥିବାରୁ ଏହି ଦଳ ନିଜସ୍ୱ ଶକ୍ତିରେ ଗୋଟିଏ ବି ଆସନ ଜିଣିପାରିବ ନାହିଁ। ଏହାସତ୍ତ୍ୱେ ବି କ୍ରସ ଭୋଟକୁ ଏଡ଼ାଇବା ପାଇଁ କଂଗ୍ରେସ ପ୍ରାର୍ଥୀ ଦେଇ ନିଜ ଭୋଟକୁ ସୁରକ୍ଷିତ ରଖିବା ଲାଗି ଚାହୁଁଛି। କଂଗ୍ରେସ ପ୍ରାର୍ଥୀ ନ ଦେଲେ ଦଳର ବିଧାୟକମାନେ ନିର୍ବାଚନରୁ ଦୂରରେ ରହିବେ କି ଚତୁର୍ଥ ଆସନ ପାଇଁ ବିଜେପି କିମ୍ବା ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ସମର୍ଥନ ଦେଲେ ବିଶେଷ କ୍ଷତି ହୋଇପାରେ। ଅନ୍ୟପକ୍ଷରେ ଯଦି ବିଜେପି ଚତୁର୍ଥ ଆସନ ପାଇଁ କିମ୍ବା ବିଜେଡି ଉକ୍ତ ଆସନ ଲାଗି ପ୍ରାର୍ଥୀ ଛିଡ଼ା କରନ୍ତି, ତା' ମଧ୍ୟ ଏହି ଦୁଇ ଦଳର ପତିଆରା ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିବ। ଏ କ୍ଷେତ୍ରରେ କଂଗ୍ରେସ, ସିପିଏମ୍ ଓ ସ୍ୱାଧୀନ ବିଧାୟକମାନଙ୍କର ନିର୍ଣ୍ଣାୟକ ଭୂମିକା ରହିବ। ବିଜେଡିର ୫୦ ଜଣ ବିଧାୟକଙ୍କ ଭିତରୁ ଦୁଇ ଜଣଙ୍କୁ ନିଲମ୍ବନ କରାଯାଇଥିବାରୁ ସେମାନଙ୍କ ଉପରେ ବି ଅନ୍ୟମାନଙ୍କର ନଜର ରହିଛି। ଅତୀତରେ ଶାସକ ଦଳ ଏଭଳି ରିସ୍କ ନେଇ ଲୋକହସା ହେବାର ଅନେକ ନଜର ରହିଛି। ତେବେ ଗୋଟିଏ ସମୟରେ ଏଭି ସ୍ୱାମୀଙ୍କ ଭଳି ଜଣେ ନିର୍ଦ୍ଦଳୀୟ ସମାଜସେବୀଙ୍କୁ ସର୍ବସମ୍ମତ ପ୍ରାର୍ଥୀ କରି ଉଭୟ ଶାସକ ଓ ବିରୋଧୀଦଳ କ୍ରସଭୋଟିଂ କେଳେଙ୍କାରୀରୁ ବର୍ତ୍ତିବାର ନଜିର ରହିଛି। ଏହି ଘଟଣାର ପୁନରାବୃତ୍ତି କରାଯାଇ ଯଦି ତିନି ଦଳର ସହମତି ଭିତ୍ତିରେ ଚତୁର୍ଥ ଆସନ ଲାଗି ନିର୍ଦ୍ଦଳୀୟ ପ୍ରାର୍ଥୀ ଛିଡ଼ା କରାଯାଏ, ତା'ହେଲେ କାହାର କିଛି ଚାପ ରହିବ ନାହିଁ। ଏହି ପରିପ୍ରେକ୍ଷୀରେ କେତେକ ବ୍ୟବସାୟୀ ମଧ୍ୟ ଚତୁର୍ଥ ଆସନ ଲାଗି ପ୍ରାର୍ଥୀ ହେବାକୁ ଆଗ୍ରହ ପ୍ରକାଶ କରୁଥିବା ଘଟଣା ଗଣମାଧ୍ୟମରେ ବାରମ୍ବାର ଚର୍ଚ୍ଚା ହେଉଥିବାରୁ ଅନେକ ବିଧାୟକଙ୍କର ତୀକ୍ଷ୍ଣ ଦୃଷ୍ଟି ମଧ୍ୟ ସେମାନଙ୍କ ଉପରେ ରହିବା ସ୍ୱାଭାବିକ। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ



# ସହଜ ନୁହେଁ ବଙ୍ଗ ଦଖଲ

ପଶ୍ଚିମବଙ୍ଗର ରାଜନୀତି ସବୁବେଳେ ଉତ୍ତେଜନାପୂର୍ଣ୍ଣ ରହିଛି। ୨୦୨୬ ବିଧାନସଭା ନିର୍ବାଚନ ନିକଟତର ହେବା ସହିତ ଭାରତୀୟ ଜନତା ପାର୍ଟି (ବିଜେପି) ପାଇଁ ଚ୍ୟାଲେଞ୍ଜ ବଢ଼ିଚାଲିଛି। ୨୦୨୧ରେ ବିଜେପି ୭୭ଟି ଆସନ ଜିତି ପ୍ରଧାନ ବିରୋଧୀ ଦଳ ହୋଇଥିଲା, କିନ୍ତୁ ଏବେ ତାହାର ସ୍ଥିତି ଦୁର୍ବଳ ହୋଇପଡ଼ିଛି। ଅଭ୍ୟନ୍ତରୀଣ ବିଭେଦ, ନେତାମାନଙ୍କର ଦଳତ୍ୟାଗ, ସାଂସ୍କୃତିକ ଅନଭିଜ୍ଞତା ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଦୃଢ଼ ଆଧାର ଯୋଗୁଁ ବିଜେପି କଠିନ ସମୟର ସମ୍ମୁଖୀନ ହେଉଛି।



୨୦୨୧ ନିର୍ବାଚନ ପରେ ବିଜେପିର ଆସନ ସଂଖ୍ୟା ୬୫କୁ ଖସିଆସିଛି। ଉପନିର୍ବାଚନରେ ହାର ଏବଂ ଦଳତ୍ୟାଗ ଏହାର ମୁଖ୍ୟ କାରଣ। ନିକଟରେ ପୂର୍ବ ମିଦନାପୁରରୁ ଚନ୍ଦନ ମଣ୍ଡଳ ଏବଂ ଅଭିନେତ୍ରୀ ପାର୍ଣ୍ଣୋ ମିତ୍ର ବିଜେପି ଛାଡ଼ି ଟିଏମ୍‌ସିରେ ଯୋଗଦାନ କରିଛନ୍ତି। ସେମାନେ ବିଜେପିକୁ ଚାପଲୁସୀର ସ୍ଥାନ ବୋଲି ଅଭିଯୋଗ କରିଛନ୍ତି। ଏହି ଦଳତ୍ୟାଗ ବିଜେପିର ମନୋବଳକୁ ହ୍ରାସ କରିଛି ଏବଂ ଏହାର ସଂଗଠନକୁ ଦୁର୍ବଳ କରିଛି। ରାଜ୍ୟ କମିଟିରେ ଅଭ୍ୟନ୍ତରୀଣ କଳହ ମଧ ଉତ୍କଟ। ସୁନୀଲ ବନସଲଙ୍କ ନିୟମ 'ପାର୍ଟି ପୋଷ୍ଟ କିମ୍ବା ୨୦୨୬ ଟିକେଟ୍' ନେତାମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଅନେକ ବିଧାୟକ ଏବଂ ସାଂସଦ ଭବିଷ୍ୟତ ନିର୍ବାଚନୀ ଆକାଂକ୍ଷା ଛାଡ଼ିବାକୁ ଅନିଚ୍ଛୁକ।

ବଙ୍ଗଳାର ସାଂସ୍କୃତିକ ଏବଂ ଐତିହାସିକ ପାର୍ଥକ୍ୟକୁ ବୁଝିବାରେ ବିଜେପିର ଦୁର୍ବଳତା ଏକ ପ୍ରମୁଖ ସମସ୍ୟା। ବଙ୍ଗଳା ନାଗରିକତା ଏବଂ ବଙ୍ଗଳା ଜାତୀୟତାବାଦ ଟିଏମ୍‌ସିର ମମତା ବାନାର୍ଜୀଙ୍କୁ ସହାୟକ ହୋଇଛି। ବିଜେପିର 'ପରିବର୍ତ୍ତନ ଯାତ୍ରା' ଏବଂ ବୁଥ୍-ଲେଭଲ୍ ରଣନୀତି ସତ୍ତ୍ୱେ, ଏହା ବଙ୍ଗଳାର ବିବିଧ ସମାଜକୁ ପ୍ରଭାବିତ କରିବାରେ ବିଫଳ ହୋଇଛି। ବାଂଲାଦେଶ ନିର୍ବାଚନ ଏବଂ ଅନୁପ୍ରବେଶ ବିବାଦ ବିଜେପିର ରଣନୀତିର ଅଂଶ, କିନ୍ତୁ ଏହା ବଙ୍ଗଳାର ବହୁସଂଖ୍ୟକଙ୍କୁ ବିରୋଧୀ କରିଛି। ଟିଏମ୍‌ସି ୨୦୨୧ରେ ୨୧୩ଟି ଆସନ ଜିତିଥିଲା ଏବଂ ଏହାର କଲ୍ୟାଣ ଯୋଜନା ମହିଳା ଭୋଟରଙ୍କୁ ଆକୃଷ୍ଟ କରିଛି। ବିଜେପିର ମହିଳା ସୁରକ୍ଷା ଏବଂ ଦୁର୍ନୀତି ଅଭିଯୋଗ ସତ୍ତ୍ୱେ, ଆର୍‌ଜି କର ଘଟଣା ଏବଂ ସନ୍ଦେଶଖାଲି ହିଂସା ପରି ଘଟଣାରେ ଏହା ସ୍ଥାନୀୟ ନ୍ୟାୟକୁ ଉଠାଇବାରେ ବିଫଳ ହୋଇଛି। କେନ୍ଦ୍ରୀୟ ଏଜେନସି ରେଡକୁ ଟିଏମସି 'ଦିଲ୍ଲୀ ବନାମ୍ ବଙ୍ଗଳା' ବୋଲି ଚିତ୍ରଣ କରି ଲାଭ ଉଠାଉଛି।

ବିଜେପି କେନ୍ଦ୍ରୀୟ ଯୋଜନାର ଅଣ-କାର୍ଯ୍ୟକାରୀତା, ବେରୋଜଗାରୀ ଏବଂ ଦୁର୍ନୀତିକୁ ଉଠାଉଛି। ଏହାର 'ବିକଶିତ ପଶ୍ଚିମବଙ୍ଗ' ଅଭିଯାନ ଏବଂ ମ୍ୟାନିଫେଷ୍ଟୋ ଡ୍ରପ ବକ୍ସ ଲୋକଙ୍କ ପରାମର୍ଶ ନେଉଛି। କିନ୍ତୁ ୧୫ ବର୍ଷର ଟିଏମ୍‌ସି ଶାସନ ପରେ ଲୋକମାନେ ପରିବର୍ତ୍ତନ ଚାହୁଁଥିଲେ ମଧ, ବିଜେପିର ରାଷ୍ଟ୍ରୀୟ ବ୍ରାଣ୍ଡ ବଙ୍ଗଳାର ପ୍ଲୁରାଲିଷ୍ଟ ସଂସ୍କୃତି ସହିତ ମେଳ ଖାଉନାହିଁ। କଂଗ୍ରେସ ଏବଂ ସିପିଆଇ(ଏମ୍) ପରି ଅନ୍ୟ ଦଳମାନେ ମଧ ଟିଏମ୍‌ସି ସହିତ ମେଣ୍ଟ କରିବାରେ ଦ୍ୱନ୍ଦ୍ୱରେ ଅଛନ୍ତି, ଯାହା ବିଜେପିକୁ ଏକାକୀ କରିଛି।

ସୁଭେନ୍ଦୁ ଅଧିକାରୀ ପରି ନେତାମାନେ ବିଜେପିର ବିଜୟ ଦାବି କରୁଛନ୍ତି, କିନ୍ତୁ ଟିଏମ୍‌ସି କହୁଛି ବିଜେପି ଡବଲ ଡିଜିଟ ଅତିକ୍ରମ କରିବାରେ କଷ୍ଟ କରିବ। ସୁପ୍ରିମ କୋର୍ଟର ଭୋଟର ଲିଷ୍ଟ୍ ସଂଶୋଧନ ନିର୍ଦ୍ଦେଶ ଏବଂ ଡିଏ ମାମଲାରେ ଟିଏମ୍‌ସିକୁ ଝଟ୍‌କା ଦେଇଛି, କିନ୍ତୁ ଏହା ବିଜେପିର ସମସ୍ୟାକୁ ଲାଘବ କରିନାହିଁ। ବିଜେପିକୁ ସଫଳ ହେବାକୁ ହେଲେ ସ୍ଥାନୀୟ ପ୍ରସଙ୍ଗକୁ ପ୍ରାଥମିକତା ଦେବାକୁ ପଡ଼ିବ, ଅଭ୍ୟନ୍ତରୀଣ ଏକତା ସୁନିଶ୍ଚିତ କରିବାକୁ ପଡ଼ିବ ଏବଂ ବଙ୍ଗଳାର ସାଂସ୍କୃତିକ ସମ୍ବେଦନଶୀଳତାକୁ ବୁଝିବାକୁ ପଡ଼ିବ। ଅନ୍ୟଥା, ୨୦୨୬ ଏହା ପାଇଁ ଆହୁରି କଠିନ ହୋଇଯିବ।

# ପିଲାଙ୍କ ପରୀକ୍ଷା ପାଇଁ ପ୍ରସ୍ତୁତି

ଡକ୍ଟର ରାଜକିଶୋର ମିଶ୍ର



ଖୁବ୍ କମ ଦିନ ଭିତରେ ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ଶିକ୍ଷା ଶ୍ରେଣୀ ଭିତରେ ପରୀକ୍ଷା ଆରମ୍ଭ ହୋଇଯାଉଛି। ବାର୍ଷିକ ପରୀକ୍ଷା ଫଳ ହୋଇଥିବାରୁ ପରୀକ୍ଷାକୁ ନେଇ କେବଳ ଛାତ୍ରଛାତ୍ରୀ ନୁହଁନ୍ତି ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷକ ବା ଶିକ୍ଷୟିତ୍ରୀମାନଙ୍କ ଭିତରେ ଏକ ପ୍ରକାର ବ୍ୟସ୍ତତା, ଆଶଙ୍କା ଆଉ ପ୍ରସ୍ତୁତିକୁ ନେଇ ଅନେକ ଚର୍ଚ୍ଚା। ଅନେକ ହୁଏତ ଜାଣିନଥାନ୍ତି ପିଲାମାନଙ୍କ ପରୀକ୍ଷାକୁ ନେଇ ସେମାନଙ୍କ ଭିତରେ ଏକ ପ୍ରକାର ଚାପ, ଉତ୍କଣ୍ଠା ଓ ଆଶଙ୍କା ସୃଷ୍ଟି କରାଯାଏ। ବର୍ଷ ତମାମ ଯେଉଁ ଶିକ୍ଷା ଖସଡ଼ାକୁ ପିଲାମାନେ ନିତ୍ୟ ନିୟମିତ ଅଧ୍ୟୟନ କରୁଥିଲେ କେତଟା ଦିନକୁ ଆଖିରେ ରଖି ପିଲାମାନଙ୍କ ଭିତରେ ଆଶଙ୍କା, ଚାପ ସୃଷ୍ଟି କରିବା ସମ୍ପୂର୍ଣ୍ଣ ରୂପେ ଅନୁଚିତ। ପିଲାମାନଙ୍କୁ ଯଥା ସମ୍ଭବ ଚାପ ଓ ବ୍ୟସ୍ତତା ଠାରୁ ଦୂରେଇ ରଖିବା ସବୁଠାରୁ ଶ୍ରେଷ୍ଠ ମାଧ୍ୟମ। ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ଦିଗକୁ ଦେଖିଲେ ଶୋଇବାର ଯଥେଷ୍ଟ ପୂର୍ବରୁ ପିଲାଟିର ପାଠପଢ଼ା ଶେଷ ପାଇଁ ଦୃଷ୍ଟି ଦିଅନ୍ତି। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବା ଭଲ। ସଠିକ୍ ଭାବେ ବିଶ୍ରାମ ନହେଲେ ଓ ନିର୍ଦ୍ଦିଷ୍ଟ ଅନ୍ତରରେ ଖାଦ୍ୟ ବ୍ୟବସ୍ଥାର ଖସଡ଼ା ନ ରଖିଲେ ପିଲାମାନଙ୍କର ପ୍ରସ୍ତୁତିରେ ବ୍ୟତିକ୍ରମ ଦେଖାଯାଏ। ନିଜ ଶିକ୍ଷାୟତନର ଶିକ୍ଷକ ବା ଟ୍ୟୁସନ ସାରଙ୍କ ଠାରୁ ଯଥେଷ୍ଟ ପୂର୍ବରୁ ଏ ପରୀକ୍ଷା ପାଇଁ ପ୍ରସ୍ତୁତିର ଖସଡ଼ା ତିଆରି କରି ନିଜେ ଏକ ପାଠ୍ୟସୂଚୀ ପ୍ରସ୍ତୁତ କରନ୍ତୁ। ପାଠପଢ଼ା ବେଳେ ହାତ ପାଖରେ ଖାତା, ବହି, ପେନ୍‌ସିଲ ପରି ଆବଶ୍ୟକୀୟ ଜିନିଷ ରଖନ୍ତୁ। ଏ ସବୁ ଜିନିଷ ଖୋଜିବା ପାଇଁ ଯେପରି ଜଣେ ଅନ୍ୟମନସ୍କ ନହୁଏ ଏବଂ ଏହା ପାଇଁ ଯେପରି ସମୟ ଅତିବାହିତ ନକରେ। ସେହିପରି କ୍ରମାଗତ ଭାବେ ଚାରି ପାଞ୍ଚ ଘଣ୍ଟା ଧରି ପାଠ ପଢ଼ିବା ଅପେକ୍ଷା ମଝିରେ କିଛି ମଧ୍ୟାନ୍ତର ସମୟ ରଖି ଏବଂ ପଢ଼ୁଥିବା ଜିନିଷକୁ ଚିନ୍ତନ କରି ଏକ ମୁକ୍ତ ପରିବେଶରେ ନିଜକୁ ରଖିପାରିଲେ ଏହା ବହୁତ ଭଲ କାମ ଦିଏ। ରାତି ରାତି ଅନିଦ୍ରା ହୋଇ ପିଲାମାନଙ୍କୁ ଘୋଷା ସୁଆ କରିବା ଅଭ୍ୟାସ ଭଲ ନୁହେଁ। ବର୍ତ୍ତମାନ ସମୟର କେବଳ ସିଲେକ୍‌ଟିଭ୍ ପ୍ରଶ୍ନ ଉତ୍ତର ପ୍ରସ୍ତୁତ ନହୋଇ ପିଲାଟିକୁ ପୁସ୍ତକାବଳୀର ସମସ୍ତ ଅଧ୍ୟାୟକୁ ନିଜ ଦଖଲରେ ରଖିବା ପାଇଁ ମାନସିକତାରେ ସହାୟକ ହୁଅନ୍ତୁ। ମନେରଖିବା ପାଇଁ ବଜାରରେ ମିଳୁଥିବା ଔଷଧ ଟନିକ୍ ପିଲାଙ୍କୁ ଆଦୌ ଦିଅନ୍ତୁନାହିଁ। ପିଲାମାନେ ପାଠ ପଢ଼ିବା ବେଳେ ସେମାନଙ୍କୁ ଗରିଷ୍ଠ ଖାଦ୍ୟଠାରୁ ଦୂରେଇ ରଖନ୍ତୁ।

ସକାଳୁ ଶୋଇ ଉଠିବା ପରେ ମସ୍ତିଷ୍କ ସବୁଠାରୁ ଅଧିକ ସଜାଗ ଥିବାରୁ ଏହି ସମୟଟି ପିଲାମାନଙ୍କ ପାଠପଢ଼ା ପାଇଁ ଖୁବ୍ ଭଲ। ମଧ୍ୟାହ୍ନରେ ଭୋଜନ ପରେ ପିଲାମାନେ ବିଶ୍ରାମ ନେବା ବହୁତ ଭଲ। ବିଶେଷକରି ପରୀକ୍ଷା ସମୟରେ ପିଲାମାନଙ୍କ ମନ ବେଳେ ବେଳେ ଅସ୍ଥିର ରହେ। ପରୀକ୍ଷା ପୂର୍ବରୁ ଯାହା ପଢ଼ିଛନ୍ତି ପରୀକ୍ଷା ପରେ ମୂଲ୍ୟାୟାନ କରନ୍ତୁ ନାହିଁ। ସବୁବେଳେ ଗୋଟିଏ କଥା ମନେରଖନ୍ତୁ ତୁମର ଅକ୍ଷର ଓ ବନାନ ଯେପରି ଶୁଦ୍ଧିକରଣ ରୁହେ ଏବଂ ପରୀକ୍ଷା ପୂର୍ବରୁ ତୁମକୁ ବୋର୍ଡ଼ ପ୍ରଦାନ କରିଥିବା ନିୟମାବଳୀ ଭଲ ଭାବରେ ପଢ଼ନ୍ତୁ। ପରୀକ୍ଷା ପୂର୍ବରୁ ରିଭିଜନକୁ ଗୁରୁତ୍ୱ ଦିଅନ୍ତୁ ଏବଂ ଭଲ ଭାବେ ଲେଖିବା ଅଭ୍ୟାସ ରଖନ୍ତୁ। ରାତି ଅନିଦ୍ରା ହୋଇ ପଢ଼ନ୍ତୁ ନାହିଁ ଓ ମୋବାଇଲରୁ ଯଥା ସମ୍ଭବ ଦୂରେଇ ରୁହନ୍ତୁ। ପିଲାଟିର ଏହି ପରୀକ୍ଷା ଜୀବନର ଶେଷ ପରୀକ୍ଷା ନୁହେଁ ବା ଏ ପରୀକ୍ଷାରେ ପିଲାଟିର ଫଳ କିଛି କମିଗଲେ ଯେ ତାର ଭବିଷ୍ୟତ ବା କ୍ୟାରିୟର ଯେ ଓଲଟି ପଡ଼ିବ ଏପରି ଚିନ୍ତାଧାରା ଠାରୁ ଦୂରେଇ ରଖନ୍ତୁ। ବେଳେ ବେଳେ ଦେଖାଯାଏ ତରୁଣ ବୟସରେ କେତେକ ପିଲା ନିଶାଦ୍ରବ୍ୟ ପ୍ରତି ପ୍ରଲୋଭିତ ଥାଆନ୍ତି। ଏ ଦିଗଟିକୁ ଗୁରୁତର ସହ ବିଚାର କରି ତାକୁ ଦୂରେଇ ରଖନ୍ତୁ। ଅସାଧୁ ଉପାୟରେ ପିଲାମାନଙ୍କୁ କପି ଯୋଗାଇବା ବା ଆଉ କୌଣସି ମାଧ୍ୟମ ରାସ୍ତାରେ ତାକୁ ସହାୟତା କରିବା ଭଳି ଗୁରୁତର ଭୁଲ କରିବା ତ ଦୂରର କଥା ପିଲାଟିର ମନ ଭିତରେ ପ୍ରବେଶ କରାନ୍ତୁ ନାହିଁ। ଅନ୍ୟ ଛାତ୍ରଛାତ୍ରୀଙ୍କ ଉଦାହରଣ ଦେଇ ପିଲାଟିକୁ ହତୋତ୍ସାହିତ କରନ୍ତୁନାହିଁ। ଆଜିକାଲି ପିଲାମାନଙ୍କ ଉପରେ ଅନେକ ପ୍ରକାର ପ୍ରଲୋଭନ ଓ ଚାପ ଦିଆଯାଉଛି। ଏଥିରୁ ନିବୃତ୍ତ ରଖି ପିଲାଟିକୁ ଜୀବନ ପରୀକ୍ଷା ପାଇଁ ପ୍ରତି ମୁହୂର୍ତ୍ତରେ ସାମ୍ନା କରିବାର ସାମର୍ଥ୍ୟ ଶିଖାନ୍ତୁ ନ ହେଲେ କେବଳ ଆପଣଙ୍କର ନୁହେଁ ଆଗାମୀ ସମୟର ମୂଲ୍ୟବାନ ମୁକ୍ତାକୁ ଆପଣ ଅବହେଳା କରୁଛନ୍ତି ବୋଲି ସମୟ ଆସିବ ଆପଣ ଅନୁଭବ କରିବା ପାଇଁ ବାଧ୍ୟ ହେବେ। ପ୍ରତିଟି ପିଲାଙ୍କ ପରୀକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ କାମନା ଜଣାଉଛି।

**ଶିକ୍ଷାବିତ୍ ଓ ପୂର୍ବତନ ସମ୍ପାଦକ ଶ୍ରୀ ସତ୍ୟସାଇ ବିଦ୍ୟାଳୟ, କଟକ, ମୋବାଇଲ୍: ୭୦୦୮୧୮୧୮୨୦**



# ଶରୀର ତତ୍ତ୍ୱରେ ଆତ୍ମା, ପରମାତ୍ମା ଓ ଜୀବାତ୍ମାର ବିଶ୍ଳେଷଣ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ପୁରାତନ କବି ରଘୁନାଥ ଦାସଙ୍କ ଭଜନ " ବହୁ ଚାଲି ନ ଜାଣଇ ଗୋ ପାଦ ପଡୁଥାଏ ବଙ୍କା" ହୁଏତ ଆପଣମାନେ ସମସ୍ତେ ବିଭିନ୍ନ ଗାୟକଙ୍କ କଣ୍ଠରେ ବେତାରରୁ ଅବା ଟିଭିରୁ କିମ୍ବା ଲୋକଙ୍କ ମୁଖରୁ ନିଶ୍ଚିତ ଶୁଣିଥିବେ। ଏହି ଭଜନ ଶୁଣିବାକୁ ଯେତିକି ମଧୁର ଲାଗେ ଏହାର ମର୍ମ ମଧ୍ୟ ସେତିକି ସାରଗର୍ଭକ। ଅର୍ଥାତ୍ ଏହା ଏକ ଶରୀର ତତ୍ତ୍ୱକୁ ନେଇ ମୂଲ୍ୟବାନ ଲେଖା ବା ଭଜନ ଯାହାକୁ ଅତି ସୁନ୍ଦର ଭାବରେ ରଘୁନାଥ ଦାସ ଲେଖି ଯାଇଛନ୍ତି। ଭଜନ। ଏହି ଭଜନର ପ୍ରକୃତ ଅର୍ଥ ତଥା ଏଥିରେ ଅନ୍ତର୍ନିହିତ ଥିବା ଶରୀରତତ୍ତ୍ୱ କଥାକୁ ବିଶେଷ ଭାବରେ ବର୍ଣ୍ଣନା କରାଯାଇଛି। ଆସନ୍ତୁ ଜାଣିବା ଏହି ଭଜନର ସମସ୍ତ ପଂକ୍ତିର ଅନ୍ତର୍ନିହିତ କଥାକୁ। ଏହି ଭଜନ ଟିରେ ଛଅ ଗୋଟି ପଂକ୍ତି ଅଛି ଓ ଏହା ଶରୀର ତତ୍ତ୍ୱର ଜୀବ ପରମ ଉପରେ ବିଶେଷ ଆଧାରିତ।

ଭଜନର ପ୍ରଥମ ପଦ ହେଲା-ବୋହୂ ଚାଲି ନ ଜାଣଇ ଗୋ/ପାଦ ପଡୁଥାଏ ବଙ୍କା - ଯେଉଁ ଦିନ ବୋହୂ ସଳଖି ଚାଲିବ/ଘରେ ପଡ଼ିଯିବ ଡକା। ଏଠାରେ ପ୍ରାଣବାୟୁ କୁ ଏକ ନବାଗତ ବଧୂ ସହିତ ତୁଳନା କରିଛନ୍ତି। ଏ ଶରୀର ରୂପକ ଘରର ବୋହୂ ହେଉଛି ପ୍ରାଣବାୟୁ। ଶରୀରରେ ପାଞ୍ଚ ବାୟୁ ପ୍ରବାହିତ। ସେମାନେ ହେଲେ ପ୍ରାଣ, ଅପାନ, ସମାନ, ବ୍ୟାନ ଓ ଉଦାନ। ପ୍ରାଣବାୟୁ ବାମ ନାସାପୁଟ, ଦକ୍ଷିଣ ନାସାପୁଟରେ ପ୍ରବାହିତ। ଏହାକୁ ଚନ୍ଦ୍ରାୟଣ, ସୂର୍ଯ୍ୟାୟଣ କୁହାଯାଏ। ନିଶ୍ୱାସ, ପ୍ରଶ୍ୱାସର ଗତିକୁ ପ୍ରାଣବାୟୁ କୁହାଯାଏ। ଏହାର ସ୍ୱାଭାବିକ ଗତି ବାର ଆଙ୍ଗୁଳ। ନିଶ୍ୱାସରେ ଯାଏ ଦ୍ୱାଦଶ ଆଙ୍ଗୁଳ ଆଉ ପ୍ରଶ୍ୱାସରେ ଆସେ ଦ୍ୱାଦଶ ଆଙ୍ଗୁଳ। ଶରୀରର ଭିନ୍ନ ଭିନ୍ନ କ୍ରିୟାରେ ଭିନ୍ନ ଭିନ୍ନ ଆଙ୍ଗୁଳ ପ୍ରାଣବାୟୁ ପ୍ରବାହିତ ହୁଏ। ବୋହୂର ପାଦ ସୀମିତ ବ୍ୟବଧାନରେ ବାର ଆଙ୍ଗୁଳ ମଧ୍ୟରେ ବଙ୍କେଇ ବଙ୍କେଇ ଚାଲୁଥାଏ ପାଦକୁ ଥାପି ଥାପି। ମାତ୍ର ଯେତେବେଳେ ସିଧା ଚାଳନା କରେ ସେତେବେଳେ ଆମେ କହୁ ଗୋଟିକିଆ ପକାଇଲାଣି ଉର୍ଦ୍ଧ ନିଶ୍ୱାସ ନେଲାଣି ଶେଷ ସମୟ ହେଲାଣି ବୋଲି କହିଥାଉ ତାହା ହେଲା ପ୍ରାଣବାୟୁର ବେଗ ବଢ଼ିଯାଏ ଅର୍ଥାତ୍ ସଳଖି ଚାଲିବାର ଆଙ୍ଗୁଳରୁ ତେର ଆଙ୍ଗୁଳ ହୋଇଯାଏ ଆଉ ସେତେବେଳେ ଶରୀର ଛାଡି ପ୍ରାଣବାୟୁ ଚାଲିଯାଏ। ଆତ୍ମୀୟ ସ୍ୱଜନ ମାନେ ଡକା ପକାନ୍ତି ଅର୍ଥାତ୍ ବାହୁନି ବାହୁନି କ୍ରନ୍ଦନ ବା ବିଳାପ କରିଥାନ୍ତି।

ଭଜନର ଦିତୀୟ ପଦ - ଯେଉଁଦିନ ବୋହୂ ବାପ ଘର ଠାରୁ /ଅଇଲା ଶଶୁର ଘରକୁ-ଆପଣା ପତିର ସଙ୍ଗେ ସଙ୍ଗ ନାହିଁ/ରସରେ ରସାଏ ପରକୁ। ଏଠାରେ ଜୀବାତ୍ମା ମାତୃ ଗର୍ଭରେ ଥିଲା। ଏହା ହିଁ ବୋହୂର ବାପଘର। ବିଶ୍ୱପତି ତାକୁ ମାତୃ ଗର୍ଭରେ ସ୍ଥାନ ଦେଲେ। ମାତୃ ଗର୍ଭରେ ଜୀବ ଥିଲା ବେଳେ ପରମାତ୍ମାଙ୍କୁ ଭଜୁଥିଲା ଓ କହୁଥିଲା ହେ ପ୍ରଭୁ, ଯଦି ମୋତେ ମର୍ତ୍ତ୍ୟ ମଣ୍ଡଳରେ ଜନ୍ମ ଦେବାର ସୁଯୋଗ ଦିଅନ୍ତି, ତେବେ ମୁଁ ଆପଣଙ୍କୁ ନିରନ୍ତର ଭଜୁଥିବି। ଜୀବ ଯେବେ ଶଶୁର ଘରକୁ ବୋହୂ ହୋଇ ଆସିଲା ଅର୍ଥାତ୍ ମର୍ତ୍ତ୍ୟରେ ଜନ୍ମ ଲାଭ କଲା, ସେତେବେଳେ ସେ ମାତୃ ଗର୍ଭରେ ଆପଣା ପତି ଅର୍ଥାତ୍ ପରମାତ୍ମାଙ୍କୁ ଦେଇଥିବା କଥା ଭୁଲିଗଲା। ସାଂସାରିକ ବନ୍ଧନରେ ବାନ୍ଧି ହୋଇ ସମସ୍ତଙ୍କର ଆନନ୍ଦର କାରଣ ହେଲା ଓ ଆପଣା ପତିର ସଙ୍ଗେ ସଙ୍ଗ ଛାଡ଼ି ଅର୍ଥାତ୍ ନିଜ ପତି ବା ପରମାତ୍ମାଙ୍କୁ ଭୁଲି ସେ ସଂସାର ମୋହ ମାୟାରେ ପଡ଼ି ପରକୁ ଅର୍ଥାତ୍ ସଂସାରର ଲୋକମାନଙ୍କୁ ରସରେ ରସାଇଲା ଓ ନିଜର ଇଷ୍ଟଦେବ ସ୍ୱାମୀଙ୍କୁ ସମ୍ପୂର୍ଣ୍ଣ ଭୁଲିଗଲା। ଭଜନର ତୃତୀୟ ପଡ - ପାଞ୍ଚ ଭଲ ଲୋକ ବୁଝାଇ କହିଲେ/ନ ବୁଝିଲା ବୋହୂ ତିଳେ-ଅନ୍ନ ପାଣି ବୋହୂ କିଛି ନ ଖାଇଣ/ରହିଛି ଶୂନ୍ୟ ଆହାରେ। ଏଠାରେ ଗାଆଁର ପାଞ୍ଚ ଜଣ ଭଦ୍ର ଲୋକ ଆସି ବୋହୂକୁ ବୁଝାସୁଝା କଲେ, ଅର୍ଥାତ୍ ସେଇ ପାଞ୍ଚ ଭଦ୍ରଲୋକ ହେଲେ ପାଞ୍ଚ ମନ। ସେମାନେ ହେଲେ ମନ, ଅମନ, ବିମନ, କୁମନ ଓ ସୁମନ। ଶରୀର ରୂପକ ବୃକ୍ଷରେ ଆତ୍ମା ଓ ପରମାତ୍ମା ତଥା ଜୀବ ଓ ପରମ ରୂପରେ ଦୁଇଟି ପକ୍ଷୀ ବାସ କରନ୍ତି ଓ ଜୀବ ଭୋକ୍ତା ରୂପେ କର୍ମଫଳ ଭୁଞ୍ଜୁଥାଏ। ଏ ପାଞ୍ଚ ମନ ଯେତେ ଚେଷ୍ଟା କଲେ ମଧ୍ୟ ବୋହୂ ସେମାନଙ୍କ କଥାକୁ ହେୟ କରିଥାଏ। ଅନ୍ନ ପାଣି ବୋହୂ ନ ଖାଇଣ ତଥା ଶୂନ୍ୟ ଆହାରେ ମାନେ ପରମାତ୍ମା ନିଲିପ୍ତ, ନିର୍ବିକାର ଓ ଅନଶନ ରହି ଜୀବର ଗତିବିଧି ଲକ୍ଷ୍ୟ କରନ୍ତି। ଭୋଗ, ଲାଳସା, କାମନା, ବାସନା ଆଦି ସାଂସାରିକ ମାୟା ତାକୁ ସ୍ପର୍ଶ କରି ପାରେ ନାହିଁ। ଏହି ଅର୍ଥରେ ଅତିବଡି ଜଗନ୍ନାଥ ଦାସ ଭାଗବତରେ ଲେଖିଲେ-"ଏକଇ ବୃକ୍ଷେ ହଂସ ଦୁଇ/ବସନ୍ତି ମିତ୍ର ଭାବ ବହି। ସମାନ ବୃକ୍ଷେ ସେ ବସନ୍ତି/ଏବେ ଆରକେ ନ ଦେଖନ୍ତି। ସେ ବୃକ୍ଷେ ଯେତେ ଫଳ ଫଳେ/ଏକ ଭୁଞ୍ଜଇ କର୍ମ ବଳେ। ଆରକେ ଥାଏ ଭବବାସେ/ ନିର୍ଲିପ୍ତ ନିରଞ୍ଜନ ଆଶେ"

ଭଜନର ଚତୁର୍ଥ ପଦ-ପଚିଶ ନଣନ୍ଦ ଜଞ୍ଜାଳ କରନ୍ତି/ବୋହୂ ମୋର ବାରୁଆଳୀ-ବୋହୂ ଦୁରୁ ଦଣ୍ଡୀ ସହି ନ ପାରଇ/ବୁଲଇ ପଡ଼ିଶା ଓଳି। ଏଠାରେ ଜୀବାତ୍ମା ରୂପୀ ବୋହୂର ପଚିଶ ନଣନ୍ଦ ହେଲେ, ପଚିଶ ପ୍ରକୃତି। ଅର୍ଥାତ୍ ଏକାଦଶ ଇନ୍ଦ୍ରିୟ+ଏକାଦଶ ବିଷୟ+ବୁଦ୍ଧି+ଅହଂ+ମହତ=୨୫ ପ୍ରକୃତି। ଏମାନେ ହେଲେ:-ନିଦ୍ରା, କ୍ଷୁଧା, ତୃଷ୍ଣା, ଆଳସ୍ୟ, ଆହାର, କ୍ରୋଧ, ଲୋଭ, କାମ, ହାସ୍ୟ, ଲଜ୍ଜା, ହିଂସା, ବୀରତ୍ୱ, ବିଚାର, ବିଚଳିତ, ଶାନ୍ତି, ଅଶାନ୍ତି, କୁଟ, ଗନ୍ଧ, ରସ, ସ୍ପର୍ଶ, ବିତୃଷ୍ଣା, ଭୟ, ଅଭିମାନ, ଲାଳସା ଓ ମୈଥୁନ। ଏହି ନଣନ୍ଦମାନେ ବୋହୂକୁ ବାରୁଆଳୀ କରି ଆକ୍ଷେପ କରନ୍ତି। କିନ୍ତୁ ସେ ଦୁର୍ଦ୍ଦଣ୍ଡୀ ବୋହୂ ଏମାନଙ୍କ କଥାକୁ ଭ୍ରୁକ୍ଷେପ ନକରି ମୁକ୍ତ ଭାବେ ସବତ୍ର ଭ୍ରମଣ କରେ। ଅର୍ଥାତ୍ ଆତ୍ମା ଏକ ନିର୍ଦ୍ଦିଷ୍ଟ ଶରୀର ରୂପକ ଘରେ ଆବଦ୍ଧ ନ ରହି ଘଟରୁ ଘଟାନ୍ତର ତଥାଦେହରୁ ଦେହାନ୍ତର ବୁଲୁଥାଏ।

ଭଜନ ର ପଞ୍ଚମ ପଦ-ବୋହୂ ଗୋଟିକ ମୁଁ କରି ଆଣିଥିଲି/କାଉନ୍ଦା ଘରର ଝିଅ-ବାଞ୍ଝ କରକଟୀ ନୁହଁଇ ଲମ୍ପଟୀ/ବୋହୂ ଆଡେ ତିନି ପୁଅ। ଏଠାରେ ମାତୃଜର ରୂପକ କାଉନ୍ଦା ଘରୁ ବୋହୂ ଆସିଛି। ସେ ବନ୍ଧ୍ୟା ବା ବାଞ୍ଝ ନୁହେଁ କି ମୃତ ବତ୍ସା ନୁହେଁ କି ଦୋଚାରୁଣୀ ବା ବ୍ୟାଭିଚାରଣୀ ମଧ୍ୟ ନୁହେଁ। କାରଣ ସେ ସତ୍ତ୍ୱ (ସାତ୍ତ୍ୱିକ) ତମ (ତାମସିକ) ଓ ରଜ (ରାଜସିକ) ନାମକ ତିନି ସନ୍ତାନର ଜନନୀ। ପ୍ରତ୍ୟେକ ଜୀବର ଏହି ତିନୋଟି ଗୁଣ ଥାଏ। ଭାଗବତରେ ଏହାକୁ ତିନୋଟି ଦଉଡି ବୋଲି କୁହାଯାଇଛି। ଯେଉଁ ଦଉଡ଼ିକୁ ଧରି ପରମାତ୍ମା ଜୀବାତ୍ମାକୁ ନଚାଉଛନ୍ତି। " ତ୍ରିଗୁଣ ରଜୁ କରେ ଧରି/ ମୃଗୀ ଚରାଏ ନରହରି "

ଭଜନର ଷଷ୍ଠ ପଦ-ପୁଅ ବୋହୂ ଦୁହେଁ ଏକତ୍ର ହୋଇଲେ/ଚତୁର୍ବର୍ଗ ଫଳ ପାଇ-ରଘୁନାଥ ଦାସ ଭରସା କରିଛି/ବୋହୂକୁ ଭେଟିବା ପାଇଁ। ଏଠାରେ ପୁଅ ବୋହୂଙ୍କର ମନ ମିଳିଲେ ଘର ବୈକୁଣ୍ଠରେ ପରିଣତ ହୋଇଯାଏ। ପୁଅ ବୋହୂଙ୍କର ଏକତ୍ର ଭେଟ ହେବା ଅର୍ଥ ଜୀବାତ୍ମା ସହ ପରମାତ୍ମାଙ୍କ ମିଳନ ହେବା। ଏହି ମିଳନ ହେଲେ ଚତୁର୍ବର୍ଗ ଫଳ ପ୍ରାପ୍ତି ହୋଇଥାଏ। ଅର୍ଥାତ୍ ଧର୍ମ, ଅର୍ଥ, କାମ ମୋକ୍ଷ ଲାଭ ହୋଇଥାଏ। ଏହାକୁ ପୁରୁଷାର୍ଥ ମଧ୍ୟ କୁହାଯାଏ। ମଣିଷ ଜନ୍ମ ସାର୍ଥକ ହୋଇଥାଏ। ବୋହୂକୁ ଭେଟିବା ପାଇଁ ଅପେକ୍ଷାରେ କବି ଅର୍ଥାତ୍ କବି ରଘୁନାଥ ଆତ୍ମସାକ୍ଷାତକାର ପାଇଁ ଆଶାୟୀ ହୋଇଛନ୍ତି। ଆତ୍ମା ପରମାତ୍ମା ମିଳନ ହୋଇଗଲେ ସେମାନେ ପୁରୁଣା ଘର (ଶରୀର)କୁ ଛାଡ଼ି ନୂଆଘର (ନବକଳେବରକୁ ଚାଲିଯାଆନ୍ତି। "ଜୀବ ପରମ ଦୁହିଁଙ୍କର ବିଚାର/ଚାଲ ଏ ଘରୁ ହୋଇଯିବା ବାହାର। ଏହା ଏକ ମୂଲ୍ୟବାନ କବିତା ତଥା ପଦାବଳୀ ଯାହା ଆଜି କାଲିର ପିଢ଼ିମାନେ ଏ ଭଜନ ବୁଝିବା ତ ଦୂରର କଥା ଜାଣି ମଧ୍ୟ ନ ଥିବେ। ଏହାକୁ ସମସ୍ତେ ହୃଦୟଙ୍ଗମ କରିପାରିଲେ ଜୀବନତତ୍ତ୍ୱ ଉପରେ ବହୁ କିଛି ଜାଣିପାରନ୍ତେ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**



# ଆମେରିକା ସହ ବୁଝାମଣା ନୂଆ ନୁହେଁ, ହୋହାଲ୍ଲା କାହିଁକି ?



ଗୋପାଳ ମହାପାତ୍ର

ଲୋକସଭାରେ ବିରେଧିଦଳ ନେତା ରାହୁଲ ଗାନ୍ଧୀ ଗତ ୫ ତାରିଖ ଦିନ ସରକାର ବିରୋଧରେ ଯେତେବେଳେ ଅଭିଯୋଗ ପରେ ଅଭିଯୋଗ ଆଣିବାରେ ଲାଗିଲେ ସେତେବେଳେ ଅନେକେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼କ୍ଟର ମନମୋହନ ସିଂହଙ୍କୁ ମନେ ପକାଇଥିବେ ନିଶ୍ଚୟ। ରାହୁଲଙ୍କ ଅଭିଯୋଗକୁ ଲୋକସଭା ପୀଠ ଗ୍ରହଣ କରି ନଥିଲେ କିନ୍ତୁ ମନମୋହନ ସିଂହଙ୍କ ସହ ଯୋଡିହୋଇଥିବା ଦ୍ରଷ୍ଟାନ୍ତ ଜରିଆରେ ବର୍ତ୍ତମାନର ଅବସ୍ଥାକୁ ବୁଝିବାକୁ ଉଦ୍ୟମ କଲେ ଚିତ୍ର କିନ୍ତୁ ଭିନ୍ନ ଜଣାପଡେ। ୧୯୯୧ ମସିହାରେ ଜୁଲାଇ ମାସ ୨୪ ତାରିଖ। ତତ୍‌କାଳୀନ କେନ୍ଦ୍ରଅର୍ଥମନ୍ତ୍ରୀ ଡକ୍ଟର ମନମୋହନ ସିଂହ ଏହି ଦିନ ଯେଉଁ ପରିବର୍ତ୍ତନକାରୀ ବଜେଟ ଆଗତ କରିଥିଲେ ତାର ପ୍ରାରମ୍ଭିକ ଅଂଶ ଏବଂ ଶେଷଅଂଶ ଆଜିବି ମନେରହିଛି। ତାଙ୍କର ଭାଷଣର ପ୍ରଥମ କଥା ଥିଲା “ଏକ ମହାନ୍ ଆର୍ଥୀକ ଶକ୍ତି ଭାବେ ଭାରତର ଅଭ୍ୟୁଦୟର ସମୟ ଆସିଯାଇଛି”। ତାଙ୍କ ଭାଷଣର ଶେଷ ବାକ୍ୟ ଥିଲା “ବିଶ୍ୱର କୌଣସି ଶକ୍ତି ସେଇ ବିଚାରକୁ ଅଟକାଇ ପାରିବନାହିଁ ଯାହାର ସମୟ ଆସିଯାଇଛି”। ପ୍ରକୃତପକ୍ଷେ ଡ଼କ୍ଟର ସିଂହ ଅର୍ଥବ୍ୟବସ୍ଥାକୁ ସୁଧାରିବାର ବ୍ୟବସ୍ଥା କରିଥିଲେ। ଡ଼କ୍ଟର ସିଂହ ବଜେଟ ଆଗତ କରିବାର ଦୁଇ ମାସ ପୁର୍ବରୁ ଚନ୍ଦ୍ରଶେଖରଙ୍କ ସରକାର ୨୦ଟନ ସୁନା ୟୁନିୟନ ବ୍ୟାଙ୍କ ଅଫ ସୁଇଜରଲ୍ୟାଣ୍ଡରେ ବିକ୍ରୀ କରିଦେଇଥିଲେ। ସର୍ତ୍ତ ଥିଲା ଭାରତ ସରକାର ଯେତେବେଳେ ଚାହିଁବେ ସେଇ ସୁନାକୁ ପୁନର୍ବାର କିଣିପାରିବେ। ପି.ଭି. ନରସିଂହ ରାଓଙ୍କ ସରକାର ଶାସନକୁ ଆସିବା ପରେ ତାଙ୍କ ସରକାର ୪୭ ଟନ ସୁନା ବ୍ୟାଙ୍କ ଅଫ ଇଂଲଣ୍ଡ ପାଖରେ ବନ୍ଧା ପକାଇଥିଲେ। ଏହି କାରଣରୁ ଭାରତର ଲୋକଙ୍କ ମନର ଦେଶରେ ଅର୍ଥବ୍ୟସ୍ଥାକୁ ନେଇ ନିରାଶା ଥିଲା। ଏଭଳି ଅବସ୍ଥାରେ ବଜେଟ ଆଗତ କରି ଡ଼କ୍ଟର ସିଂହ ଯାହା କହିଥିଲେ ତାକୁ ବିଶ୍ୱାସ କରିବା ମଧ୍ୟ କଠିନ ଥିଲା। ସେ ସମୟରେ ଜର୍ଜ ଫର୍ଣ୍ଣାଡ଼ିଜ ଡ଼କ୍ଟର ସିଂହଙ୍କ ବଜେଟକୁ ସମାଲୋଚନା କରି ବଜେଟ ଭାରତର ଆର୍ଥୀକ ସ୍ୱାଧିନତା ଉପରେ ଆକ୍ରମଣ ବୋଲି କହିଥିଲେ। ଏପରିକି ଡ଼କ୍ଟର ସିଂହ ଓ୍ୱାସିଂଟନର ଏଜେଣ୍ଟ, ଇଷ୍ଟଇଣ୍ଡିଆ କମ୍ପାନୀ ପୁଣି ଫେରିବ ଓ ଛୋଟ ଛୋଟ ଉଦ୍ୟୋଗର ବିନାଶ ପାଇଁ ବଜେଟ ଉଦିଷ୍ଟ ବୋଲି ଫର୍ଣ୍ଣାଡ଼ିଜ କହିଥିଲେ। ସେତେବେଳର ବିରୋଧିଦଳର ଟାଣୁଆ ନେତା ଅଟଳବିହାରୀ ବାଜପେୟୀ କହିଥିଲେ “ଭାରତର ସ୍ୱାର୍ଥକୁ ଅଣଦେଖା କରାଯିବା ଉଚିତ୍ ନୁହେଁ, ଆମକୁ ବଜାରର ଆବଶ୍ୟକତା ରହିଛି କିନ୍ତୁ ବଜାରବାଦ ନୁହେଁ”। ସେତେବେଳେ ସମାଜର ଅନେକ ବୁଦ୍ଧିଜୀବି ମଧ୍ୟ ବଜେଟକୁ ସମାଲୋଚନା କରିଥିଲେ। ଅନେକ ମଧ୍ୟ ଦେଶକୁ ବିଘଟନ ଆଡ଼କୁ ନିଆଯାଉଛି ବୋଲି କହିଥିଲେ। କିନ୍ତୁ ପ୍ରକୃତରେ କ'ଣ ଘଟିଥିଲା? ଡ଼କ୍ଟର ମନମୋହନ ସିଂହ ଅର୍ଥବ୍ୟବସ୍ଥାକୁ ସୁଧାରିବା ପାଇଁ ଯେଉଁ ପଦକ୍ଷେପ ନେଇଥିଲେ ତାର ଫଳ ସ୍ୱରୁପ ନରସିଂହ ରାଓ ଓ ଡ଼କ୍ଟର ସିଂହଙ୍କ ଜୋଡି କିଛି ମାସ ପରେ ବିଦେଶରେ ବନ୍ଧା / ବିକ୍ରୀ ହୋଇଥିବା ସବୁ ସୁନା ଭାରତକୁ ଫେରାଇ ଆଣିଥିଲେ ଏବେ ଆମ ଦେଶ ଅଧିକ ସୁନା କିଣୁଥିବା ଦେଶମାନଙ୍କ ମଧ୍ୟରେ ରହିଛି। ୧୯୯୬ ଓ ପରେ ୧୯୯୮ରେ ଅଟଳ ବିହାରୀ ବାଜାପୟୀ ଡ଼କ୍ଟର ସିଂହଙ୍କ ନୀତିକୁ ଅଧିକ ଗତିଶୀଳ କରାଇଥିଲେ।



ଡ଼କ୍ଟର ସିଂହଙ୍କ ବଜେଟର ପ୍ରଭାବ ସକରାତ୍ମକ ଥିଲା। ଫଳସ୍ୱରୂପ ଟାଟା, ବିରଳା, ମହିନ୍ଦ୍ରା, ଏୟାରଟେଲ, ରିଲାଏନ୍ସ, ଆଦାନୀ ସମେତ ଅନେକ ଭାରତୀୟ କମ୍ପାନୀ ବହୁରାଷ୍ଟ୍ରୀୟ କମ୍ପାନୀରେ ପରିଣତ ହୋଇପାରିଛନ୍ତି। ଦେଶର ପ୍ରତିଷ୍ପର୍ଦ୍ଧାର ପରିବେଷ ବଢ଼ିଛି। ବର୍ତ୍ତମାନର ମୋଦୀ ସରକାର ବଜେଟରେ ଅନେକ ବ୍ୟବସ୍ଥା କରିଛନ୍ତି। ଭାରତ ଏବେ ଏକ ଦୃତ ଗତିଶୀଳ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି ଏବେ ଭାରତ ବିଶ୍ୱର ୪ର୍ଥ ଅର୍ଥବ୍ୟବସ୍ଥା ଓ ଓ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ “ବିକଶିତ ଭାରତ”ରେ ପରିଣତ ହେବାର ଆଶା ରହିଛି। ଦେଶକୁ ଏହି ଅବସ୍ଥାରେ ପହଞ୍ଚାଇବା ପାଇଁ ଯେ ସହଜ ହୋଇଛି ତା ନୁହେଁ। ୨୦୦୮ ମସିହା ଅକ୍ଟୋବର ମାସର କଥା ମଧ୍ୟ ଏଠାରେ ଉଲ୍ଲେଖ କରାଯାଇପାରେ। ଏହି ସମୟରେ ଭାରତ ଆମେରିକା ମଧ୍ୟରେ ପରମାଣୁ ଚୁକ୍ତି ହୋଇଥିଲା। ଚୁକ୍ତିକୁ ବିରୋଧକରି ସରକାରର ସମର୍ଥକ ବାମଦଳ ମାନେ ଡ଼କ୍ଟର ମନମୋହନ ସିଂହ ସରକାରଙ୍କଠାରୁ ସମର୍ଥକ ପତ୍ୟାହାର କରିନେଇଥିଲେ। କିନ୍ତୁ ବାମ ଦଳର ସମର୍ଥନ ପ୍ରତ୍ୟାହାରର କିଛି ଘଣ୍ଟା ମଧ୍ୟରେ ମୁଲାୟାମ ସିଂହ ମନମୋହନ ସରକାରଙ୍କୁ ସମର୍ଥନ କରିବା ପାଇଁ ଆଗେଇ ଆସିଥିଲେ। ବାମଦଳ ପରମାଣୁ ଚୁକ୍ତିକୁ ଦେଶର ସ୍ୱାର୍ଥ ପାଇଁ ହାନୀକାରକ ବୋଲି କହିଥିଲେ। ସେତେବେଳେ ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡ଼ଭାନି ମଧ୍ୟ ଚୁକ୍ତିକୁ ସମାଲୋଚନା କରି କହିଥିଲେ ଯେ ଏହି ଚୁକ୍ତି ଭାରତକୁ ଆମେରିକାର ଜୁନିୟର ପାର୍ଟନର କରିଦେବ। ଏତେ ସବୁ ବିରୋଧ ପରେ ମଧ୍ୟ ମନମୋହନ ସିଂହ ଚୁକ୍ତିରୁ ଓହରି ନଥିଲେ। ସଂସଦରେ ଚୁକ୍ତି ପ୍ରସଙ୍ଗରେ ତାଙ୍କର ଉତ୍ତର ଥିଲା “ମୁଁ ଏଠି ଦେଶକୁ ବିକିବା ପାଇଁ ଠିଆ ହୋଇ ନାହିଁ, ଏହି ବୁଝାବଣା ଭାରତକୁ ପରମାଣୁ ଶକ୍ତି ସମ୍ପନ୍ନ କରିବ”। ମନମୋହନ ଭୁଲ ନଥିଲେ ଏବଂ ଏହାର ସବୁଠାରୁ ବଡ଼ ପ୍ରମାଣ ହେଉଛି ବର୍ତ୍ତମାନର ସରକାର ମଧ୍ୟ ଆମେରିକା ସହ ପରମାଣୁ ଶକ୍ତି ମାମଲାରେ ବୁଝାବଣା କରିଛନ୍ତି। ଏ ସବୁରୁ କ'ଣ ସେତେବେଳର ଓ ଏବେର ରାଜନୈତିକ ଘଟଣାକ୍ରମ ବାବଦରେ କିଛି ଜଣାପଡୁନାହିଁ? ଭାରତ -ଆମେରିକା ବୁଝାବଣାକୁ ନେଇ ଏବେ ଦେଶରେ ହୋ ହାଲ୍ଲା ଚାଲିଛି ଯାହା ସେତେବେଳେ ମଧ୍ୟ ହେଉଥିଲା। ୧୯୯୧ରୁ ୨୦୦୮ ମଧ୍ୟରେ ଭାରତ ଏଭଳି ଅନେକ କଥା ଦେଖିଛି। ଫରକ ହେଉଛି ସେତେବେଳେ ଯେଉଁମାନେ ଆମେରିକା ସହ ବିରୋଧ କରୁଥିଲେ ସେମାନେ ଏବେ ଶାସନରେ ଏବଂ ଯେଉଁମାନେ ଚୁକ୍ତି କରିଥିଲେ ସେମାନେ ଏବେ ବିରୋଧିଦଳରେ ବସିଛନ୍ତି। ସଂସଦରେ ବସିବାର ସ୍ଥାନ ବଦଳିବା ସହ ଆମ ମାନନୀୟ ମାନଙ୍କର ନୀତି ଓ କାର୍ଯ୍ୟଶୈଳୀ କାହିଁକି ବଦଳି ଯାଇଛି? ଆମେରିକା ସହ ଯେଉଁ ଚୁକ୍ତି ହୋଇଛି ତାହା କାର୍ଯ୍ୟକାରୀ ହେବାକୁ ସମୟ ଅଛି। ଚୁକ୍ତିକୁ ନେଇ ସରକାର ସ୍ପଷ୍ଟ କରିଛନ୍ତି ଯେ ଦେଶର କୃଷକ, ଶ୍ରମିକ ଏବଂ ଭାରତୀୟ ବ୍ୟବସାୟୀଙ୍କ ସ୍ୱାର୍ଥ ହାନୀ ହେବା ଭଳି କୌଣସି ବୁଝାବଣା ହେବ ନାହିଁ। କିନ୍ତୁ ହଟ୍ଟଗୋଳ ଚାଲିଛି।

ସିଦ୍ଧାନ୍ତ ବା ବ୍ୟବହାରିକ ଭାବେ କୌଣସି ସମ୍ପ୍ରଭୁ ଦେଶକୁ କେବଳ ବର୍ତ୍ତମାନର ସରକାର ପ୍ରତି ପସନ୍ଦ ବା ନାପସନ୍ଦ ରେ ଅଙ୍କାଯାଇ ପାରିବ ନାହିଁ। ଆଜି ବି ଦେଶରେ ସେ ସମୟର ଲୋକ ଅଛନ୍ତି ଯେଉଁମାନଙ୍କୁ ୧୯୬୫-୬୬ରେ ଆମେରିକାରୁ ଆସିଥିବା ଗହମ ଖାଇବାକୁ ପଡ଼ିଥିଲା ଯେଉଁ ଗହମ ସେ ଦେଶର କୁକୁଡାଙ୍କ ଖାଦ୍ୟ ଭାବେ ପରିଚିତ ଥିଲା। କିନ୍ତୁ ଦେଶର ହରିତ୍‌କ୍ରାନ୍ତି ହେଲା ଓ ଦେଶ ସ୍ୱାଭିମାନ ଫେରିପାଇଲା। ଯେତେବେଳେ ବିଦେଶୀ ବ୍ୟାଙ୍କମାନେ ଦେଶର କାମ ଆରମ୍ଭ କଲେ ଓ ଦେଶକୁ ବିଦେଶୀ ଗାଡି ଆସିଲା ସେତେବେଳେ ମଧ୍ୟ ବିରୋଧ କରାଯାଇଥିଲା। ଏମିତି ଅନେକ ଉଦାହରଣ ରହିଛି ଭାରତବାସୀ ହଜିଯାଇଥିବା ଗୌରବ ଫେରି ପାଇବା ପାଇଁ ସ୍ୱାଧିନତା ପୁର୍ବରୁ ପ୍ରୟାସ କରୁଛନ୍ତି? ବିଗତ ୭୬ ବର୍ଷ ମଧ୍ୟରେ ଯଦି କିଛି ଦୁଃଖଦ ଘଟଣା ରହିଛି ଅନେକ ସୁଖଦ ଘଟଣା ମଧ୍ୟ ରହିଛି। ଅନେକ କଥା ଆମକୁ ଲଜ୍ଜିତ କରିଛି ପୁଣି ଗର୍ବ କରିବା ପାଇଁ ମଧ୍ୟ ଅନେକ କିଛି ରହିଛି। ଆମକୁ ଆମ ସ୍ୱପ୍ନ ପୁରଣ କରିବା ପାଇଁ ଆମେ ଚାହୁଁନେ କାହିଁକି?

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

### ଭାରତ ବିରୋଧରେ ନେପାଳରେ ଗୁପ୍ତ ବୈଠକ

# ଅରୁଣାଚଳ ପ୍ରଦେଶ ସ୍ଥିତି ବିଗାଡ଼ିବାକୁ ଷଡ଼ଯନ୍ତ୍ର

**କାଠମାଣ୍ଡୁ,୨୨।୨:** ଫେବୃଆରି ୧୬ ତାରିଖରେ, ନେପାଳର ରାଜଧାନୀ କାଠମାଣ୍ଡୁର ସବୁଠୁ ସୁରକ୍ଷିତ ବୋଲି ବିବେଚିତ ଏକ ଆବାସିକ ଅଞ୍ଚଳ ବାଲୁୱାଟାରରେ ପାକିସ୍ତାନୀ ଓ ଚୀନ୍ ଅଧିକାରୀଙ୍କ ମଧ୍ୟରେ ଏକ ଗୁପ୍ତ ବୈଠକ ଅନୁଷ୍ଠିତ ହୋଇଥିଲା । ଉଚ୍ଚପଦସ୍ଥ ଚୀନ୍ ତଥା ପାକିସ୍ତାନୀ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନେପାଳରେ ଥିବା ପାକିସ୍ତାନ ଦୂତାବାସର ପାକିସ୍ତାନୀ ପ୍ରତିରକ୍ଷା ଆଟାଚି କର୍ଣ୍ଣେଲ ହାଫିଜ୍-ଉର୍-ରେହମାନ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଅରୁଣାଚଳ ପ୍ରଦେଶକୁ ନେଇ ଭାରତକୁ ଅସ୍ଥିର କରିବା ପାଇଁ ଏକ ଷଡ଼ଯନ୍ତ୍ରର ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ, ଚୀନ୍ ଓ ପାକିସ୍ତାନରେ ଥିବା ନେପାଳୀ ସାମ୍ବାଦିକଙ୍କଠାରୁ ଆରମ୍ଭ କରି ସାମାଜିକ କର୍ମୀ ଏବଂ ଦକ୍ଷିଣ ନେପାଳର ମଦେଶିଆ ସମ୍ପ୍ରଦାୟର ସଦସ୍ୟ ଆଦି ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ ତଥା କାର୍ଯ୍ୟ ପ୍ରଦାନ କରିବା ପାଇଁ ଏକ ପୁଙ୍ଖାନୁପୁଙ୍ଖ ଯୋଜନା



ବିକଶିତ ହୋଇଥିଲା। କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ଦ୍ୱାରା ପ୍ରାପ୍ତ ସୂଚନା ଅନୁସାରେ ଚୀନ୍ ଓ ପାକିସ୍ତାନ ଭାରତ ବିରୋଧରେ ଷଡ଼ଯନ୍ତ୍ର ରଚିବା ପାଇଁ ନେପାଳକୁ ବ୍ୟବହାର କରୁଥିବାର ଦୃଢ଼ ପ୍ରମାଣ ରହିଛି ।

ସୂତ୍ର ଅନୁଯାୟୀ, ପାକିସ୍ତାନ ଓ ଚୀନର ସାତ ଜଣ ପ୍ରମୁଖ ଅଧିକାରୀ ଏହି ବୈଠକରେ ଯୋଗ ଦେଇଥିଲେ। ପ୍ରାୟ ଅଢ଼େଇ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ଚୀନ୍ ଅରୁଣାଚଳ ପ୍ରଦେଶ ପ୍ରସଙ୍ଗକୁ ନେଇ ଭାରତକୁ ଅସ୍ଥିର କରିବାର ଏକ ମାଧ୍ୟମ ଭାବରେ ଉଲ୍ଲେଖ କରିଥିଲା। ଫେବୃଆରି ୨୦ ତାରିଖରେ ଅରୁଣାଚଳ ପ୍ରଦେଶର ପ୍ରତିଷ୍ଠା ଦିବସର ପରିବେଶକୁ ବିଗାଡ଼ିବା ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଚୀନ୍ ଏଥିପାଇଁ ସ୍ୱଚ୍ଛ ଭାବରେ ୨୩ ଜଣ ସ୍ଥାନୀୟ ବ୍ୟକ୍ତିଙ୍କୁ ଚୟନ କରିଥିଲା । ଯୋଜନା ଅନୁଯାୟୀ, ନେପାଳରୁ ସେହି ଲୋକମାନଙ୍କୁ ଚୟନ କରାଯାଇଥିଲା ଯେଉଁମାନେ ଗତ ଦୁଇ ବର୍ଷ ମଧ୍ୟରେ ଚୀନ୍‌ର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। କିନ୍ତୁ ଆନ୍ତର୍ଜାତୀୟ ସ୍ତରରେ ତଥ୍ୟଙ୍କୁ ନିଜର ଅଂଶ ବୋଲି ଦାବି କରିବାର କାହାଣୀ ଉପସ୍ଥାପନ କରିବାରେ ଚୀନ୍ ଓ ପାକିସ୍ତାନର ବଡ଼ ଷଡ଼ଯନ୍ତ୍ର ସମ୍ପୂର୍ଣ୍ଣ ବିଫଳ ହୋଇଥିଲା । ନେପାଳରୁ ଏହି ୨୩ ଜଣଙ୍କ ମଧ୍ୟରୁ କିଛି ଲୋକଙ୍କୁ ଭାରତ ପଠାଇବାର ଯୋଜନା କରାଯାଇଥିଲା। ଏବେ ମଧ୍ୟ, ସମ୍ପୂର୍ଣ୍ଣ ସୂଚନା ସଂଗ୍ରହ କରିବା ପାଇଁ ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କୁ ଭାରତର ଉତ୍ତର-ପୂର୍ବକୁ ପଠାଇବା ପାଇଁ ଯୋଜନା କରାଯାଉଛି। ଏହି ବୈଠକଗୁଡ଼ିକ ମଧ୍ୟରୁ କେତେକରେ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ଅଧିକାରୀମାନେ ମଧ୍ୟ ସାମିଲ ଥିଲେ। ସେମାନେ ଦୂତାବାସ କାର୍ଯ୍ୟ ବାହାନାରେ ନେପାଳ ଯାଇଥିଲେ।

## ମୁମ୍ବାଇ ବସ୍ତିରୁ ଆଇଆରଏସ ଅଫିସର



**ମୁମ୍ବାଇ,୨୨।୨:** ସିଭିଲ ସର୍ଭିସ ପରୀକ୍ଷା ପାସ କରିବା କିଛି ସହଜ ନୁହେଁ। କଠିନ ପରିଶ୍ରମ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି ଆଶାୟୀ। କିଛି ବାରମ୍ବାର ବିଫଳତାର କଷ୍ଟ ସହିନପାରି ସେଥିରେ ଏଥିରୁ ଓହରି ଯାଆନ୍ତି କିମ୍ବା ବିଫଳତାରେ ମାନସିକ ଭାରସାମ୍ୟ ହରାଇ ଅବାଟକୁ ବାଛି ନିଅନ୍ତି। କିନ୍ତୁ ଏମିତି ବି କିଛି ଉଦାହରଣ ରହିଛି ଯେଉଁଠି ଆଶାୟୀ ବାରମ୍ବାର ବିଫଳ ହେବା ପରେ ବି ନିଜର ଲକ୍ଷ୍ୟରେ ଅଡ଼ି ରୁହନ୍ତି। ସଫଳତା ପାଇବା ଯାଏଁ ଚେଷ୍ଟା ଜାରି ରଖନ୍ତି। ଏମାନଙ୍କ ଭିତରୁ ଜଣେ ହେଉଛନ୍ତି ମୁମ୍ବାଇର ମହମ୍ମଦ ହୁସେନ। ମୁମ୍ବାଇର ବାଡି ବନ୍ଦର ଅଞ୍ଚଳସ୍ଥିତ ଗଳି ବସ୍ତି। ଯେଉଁଠି କେବେଠୁ ଛୋଟ ରୁମ୍ ଉପରକୁ ଚଢ଼ିବାକୁ ଆଉଜଣ ଶିଡ଼ି ଦେଇ ବଖରାରେ ବାପା, ମାଆ, ପୁଅ, ଝିଅ ସମସ୍ତେ ତା ଭିତରେ ଖିଆପିଆ, ପାଠପଢ଼ା ସବୁକିଛି। କାରଣ ମୁମ୍ବାଇରେ ଘରଟେ ନେଇ ରହିବା ଭାରି କଷ୍ଟ। ବାପା ଡକୟାର୍ଡରେ ଶ୍ରମିକ ଭାବେ କାମ କରୁଥିଲେ। ହେଲେ ମନରେ ତାଙ୍କର ଇଚ୍ଛା ଥିଲା ପୁଅ ମହମ୍ମଦ ଯେମିତି ଭଲ ସ୍କୁଲରେ ପଢ଼ିବ, ନିଜ ଗୋଡ଼ରେ ଛିଡ଼ା ହେବ। ଅନେକ କଷ୍ଟ କରି ପୁଅକୁ ଡୋଙ୍ଗରି ସେଣ୍ଟ ଜୋସେଫ୍ ସ୍କୁଲ ଓ ପରେ ମୁମ୍ବାଇର ନାମୀ କଲେଜରେ ପଢ଼ାଇଲେ, ଯେଉଁଠୁ ସେ ଗ୍ରାଜୁଏସନ୍ ଶେଷ କଲେ। ଏହାପରେ ପୁଅକୁ ଯାକିମ୍ କରିବାକୁ ଅଣ୍ଟା ଭିଡ଼ିଲେ। ଏଥିପାଇଁ ତାଙ୍କୁ କୋଚିଂରେ ଦେଲେ। ହେଲେ ବାରମ୍ବାର ବିଫଳ ହେଲେ ମହମ୍ମଦ। ତାଙ୍କ ଧୈର୍ଯ୍ୟକୁ ବି ମାନିବାକୁ ପଡ଼ିବ। ଏତେ ଅଭାବ ଅନଟନ ଭିତରେ ବି ସେ ତାଙ୍କର ଇଚ୍ଛାକୁ ନିଜ ଲକ୍ଷ୍ୟ କରିଥିବା ମହମ୍ମଦ ହାର୍ ମାନିନଥିଲେ। ବାପାଙ୍କ ସ୍ୱପ୍ନକୁ ପୂରଣ କରିବାକୁ ତାଙ୍କର ବି ଜିଦ୍। ୪ ଥର ବିଫଳ ହେବା ପରେ ପଞ୍ଚମ ଚେଷ୍ଟାରେ ସଫଳତା ପାଇ ୫୭୦ ରାଙ୍କ ପାଇଲେ। ଏହାପରେ ଜଣେ ଆଇଆରଏସ ଅଫିସର ଭାବେ ନିଯୁକ୍ତି ପାଇଲେ। ପୁଅର ସଫଳତାରେ ବାପାଙ୍କ ଖୁସି ଦେଖିବାର ଥିଲା। ଗୋଟେ ବସ୍ତିରୁ ଯାଇ ୟୁପିଏସସି କ୍ରାକ୍ କରିବା କିଛି କମ୍ କଥା ନୁହେଁ। ହେଲେ ଏହାକୁ ସତ କରି ଦେଖାଇଲେ ମହମ୍ମଦ।

## ଘୋଡାରେ ଅନଲାଇନ୍ ଡେଲିଭରି




**ରାଜସ୍ଥାନ, ୨୨।୨:** ଆଜିକାଲି ଅନଲାଇନରେ କୌଣସି ସାମଗ୍ରୀ ମଗେଇବା ଏକ ସାଧାରଣ କଥା ହୋଇଗଲାଣି। ଅଧିକାଂଶ ଡେଲିଭରି ବଏ ବାଇକ୍ କିମ୍ବା ସ୍କୁଟର ମାଧ୍ୟମରେ କିଛି ମିନିଟ୍ ମଧ୍ୟରେ ଆପଣଙ୍କ ଜିନିଷ ଆପଣଙ୍କ ପାଖରେ ପହଂଚାଥାନ୍ତି। କିନ୍ତୁ ବର୍ତ୍ତମାନ ସୋସିଆଲ ମିଡ଼ିଆରେ ଏକ ଭିନ୍ନ ଡେଲିଭରି ପଦ୍ଧତି ଦେଖାଉଥିବା ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି। ଭାଇରାଲ ଭିଡିଓରେ, ଜଣେ ବ୍ୟକ୍ତି ଘୋଡା ଉପରେ ଡେଲିଭରି କରୁଥିବାର ଦେଖାଯାଉଛି। ତାଙ୍କ ପିଠିରେ ଏକ ହଳଦିଆ ବ୍ଲିଙ୍କିଟ୍ ଡେଲିଭରି ବ୍ୟାଗ୍ ସ୍ପଷ୍ଟ ଭାବରେ ଦେଖାଯାଉଛି। ଘୋଡାଟି ସୁନ୍ଦର ଭାବରେ ଗତି କରୁଛି ଏବଂ ବ୍ୟକ୍ତି ଜଣକ ଅତି ସାଧାରଣ ଭାବରେ ଦଉଡ଼ିକୁ ଧରିଛନ୍ତି। ଏହି ଦୃଶ୍ୟଟି ଆଧୁନିକ ଅନଲାଇନ୍ ସେବା ଏବଂ ପାରମ୍ପରିକ ଯାତ୍ରାର ଏକ ଅନନ୍ୟ ମିଶ୍ରଣ ପରି ମନେହୁଏ। ଜଣେ ପଥଚାରୀ ଏହି ମୁହୂର୍ତ୍ତକୁ କ୍ୟାମେରାରେ କଏଦ କରି ପୋଷ୍ଟ କରିଛନ୍ତି ଏବଂ ଭିଡିଓଟି ଶୀଘ୍ର ଅନଲାଇନରେ ଭାଇରାଲ ହେବାରେ ଲାଗିଛି। ଜଣାପଡ଼ିଛି ଯେ ଏହି ଭିଡିଓଟି ରାଜସ୍ଥାନର ବୋଲି। ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି। ପ୍ରାୟ ୧୧ ସେକେଣ୍ଡର ଏହି ଭିଡିଓଟି ୨୧ହଜାରରୁ ଅଧିକ ଥର ଦେଖାଯାଇଛି, ଶହ ଶହ ଲାଇକ ଏବଂ ବିଭିନ୍ନ ପ୍ରତିକ୍ରିୟା ପାଇଛି। କିଛି ବ୍ୟବହାରକାରୀ ମଜା କରି ଲେଖିଛନ୍ତି, ଏହା ଘୋଡାର ଖର୍ଚ୍ଚ ମଧ୍ୟ ପୂରଣ କରିପାରିବ ନାହିଁ।

## ପୁଣି ସାମ ପିତ୍ରୋଡାଙ୍କ ବୟାନକୁ ନେଇ ବିବାଦ



**ନୂଆଦିଲ୍ଲୀ, ୨୨।୨:** ଭାରତୀୟ ପ୍ରବାସୀ କଂଗ୍ରେସ ମୁଖ୍ୟ ସାମ ପିତ୍ରୋଡାଙ୍କ ପୁଣି ଏକ ବୟାନ ଦଳ ପାଇଁ ସମସ୍ୟା ସୃଷ୍ଟି କରିଛି। ବରିଷ୍ଠ କଂଗ୍ରେସ ନେତା କହିଛନ୍ତି ଯେ ଭାରତ ଅନ୍ୟମାନଙ୍କ ସେବା ଲାଗି ଯୁବକଙ୍କ ବିଶାଳ ବାହିନୀ ଛିଡା କରିଛି। ଏମାନେ ଭାରତର କୌଣସି କାମରେ ଆସିବେନି, ବିଦେଶୀଙ୍କ ନିମନ୍ତେ କାମ କରିବେ। ପିତ୍ରୋଡା ବର୍ତ୍ତମାନର ଟେକ୍ନୋଲଜି ନିର୍ମାଣର ସ୍ଥିତି ଉପରେ ପ୍ରଶ୍ନଉଠାଇଛନ୍ତି। ସେ କହିଛନ୍ତି ଦେଢଶହ କୋଟି ଜନସଂଖ୍ୟାର ଦେଶ ଭାରତର ଏପର୍ଯ୍ୟନ୍ତ ନିଜର ଅପରେଟିଂ ସିଷ୍ଟମ ମଧ୍ୟ ନାହିଁ। ପିତ୍ରୋଡାଙ୍କ ଏହି ଟିପ୍ପଣୀ ପରେ ବିଜେପି ଆକ୍ରମକ ହୋଇ ଉଠିଛି। ଏକ ୟୁଟ୍ୟୁବ୍ ଚ୍ୟାନେଲକୁ ଦେଇଥିବା ସାକ୍ଷାତକାରରେ ସାମ ପିତ୍ରୋଡା ବିଦେଶୀ କମ୍ପାନୀମାନଙ୍କରେ ଭାରତୀୟଙ୍କ ସଂଖ୍ୟା ଉଲ୍ଲେଖ କରି ନିଜର କଥା ରଖିଛନ୍ତି। ସେ କହିଛନ୍ତି ଯେ ଭାରତ ନିଜର ଶିକ୍ଷା ସଂସ୍ଥାଙ୍କ ଦ୍ୱାରା ଯୁବ ପ୍ରତିଭାଙ୍କ ଏକ ବିଶାଳ ଆଧାର ତିଆରି କରିଛି। ହେଲେ ଭାରତରେ ନୂଆ ଆବିଷ୍କାର ପାଇଁ ଏହାର ଲାଭ ନେବାକୁ ନୂଆଦିଲ୍ଲୀ ସମ୍ପୂର୍ଣ୍ଣ ଅସମର୍ଥ। ସେ କହିଛନ୍ତି ଆମେ ଅନେକ ଯୁବ ପ୍ରତିଭା ତିଆରି କରୁଛେ, ହେଲେ ଏମାନେ ଅପରିପକ୍ୱ। ଏହି ପ୍ରତିଭାମାନେ ଭାରତକୁ ନୁହେଁ ବିଶ୍ୱର ତମାମ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ପ୍ରୋଗ୍ରାମିଂ, ଆଇନ, ଉଦ୍ୟୋଗ, ଲଜିଷ୍ଟିକ୍ସ, ଇନୋଭେସନ ଓ ବ୍ୟାଙ୍କିଙ୍ଗରେ ସହଯୋଗ କରୁଛନ୍ତି। ଏହି ପ୍ରତିଭାଙ୍କ ଦ୍ୱାରା ଭାରତ କୌଣସି ବୈଶ୍ୱିକ ପ୍ରଡକ୍ଟ ତିଆରିପାରିନି, ବରଂ ଏହି ପ୍ରତିଭାଙ୍କୁ ଉପଯୋଗ କରି ଅନ୍ୟର ସେବା କରିଛି। ନିଜ କଥାକୁ ପ୍ରମାଣିତ କରିବା ପାଇଁ ପିତ୍ରୋଡା କହିଛନ୍ତି ନା ଭାରତ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ତିଆରି କରିପାରିଛି ନା ମାଇକ୍ରୋସଫ୍ଟ ଭଳି କୌଣସି ବଡ଼ କମ୍ପାନୀ ଗଢି ପାରିଛି। ଆମେ ଆମ ନିଜର ଅପରେଟିଂ ସିଷ୍ଟମ ମଧ୍ୟ ତିଆରି କରିପାରିନେ। ଦେଢଶହ କୋଟି ଜନସଂଖ୍ୟାର ଦେଶରେ ନିଜର ଅପରେଟିଂ ସିଷ୍ଟମ ନଥିବା ବାସ୍ତବିକ ଲଜ୍ଜାଜନକ। ଆମେ ସତରେ ଆମ ଯୁବ ପ୍ରତିଭାଙ୍କୁ ଅନ୍ୟର ସେବାରେ ଉପଯୋଗ କରିଛେ। ବରିଷ୍ଠ କଂଗ୍ରେସ ନେତାଙ୍କ ଏହି ଟିପ୍ପଣୀ ପରେ ଶାସକ ବିଜେପି କଡ଼ା ପ୍ରତିକ୍ରିୟା ରଖିଛି। ବିଜେପି ପକ୍ଷରୁ ମୁଖପାତ୍ର ଶହଜାଦ ପୁନାୱାଲା କହିଛନ୍ତି କଂଗ୍ରେସର ମୁଖ୍ୟ ପରାମର୍ଶଦାତା ପୁଣି ଥରେ ମିଛ କଥା କହି ଭାରତକୁ ଉପହସିତ କରିବାକୁ ଚେଷ୍ଟା କରିଛନ୍ତି। ଏ ନେଇ ସେ ସୋସିଆଲ ମିଡିଆରେ କରିଥିବା ପୋଷ୍ଟରେ ଏଆଇ ସମ୍ମିଟରେ କଂଗ୍ରେସର ଟପଲେସ୍ ଆକ୍ଟ ପରେ ମୁଖ୍ୟ ପରାମର୍ଶଦାତା ସାମ ପିତ୍ରୋଡା ଏବେ ମୈଦାନକୁ ଓହ୍ଲାଇଥିବା କହିଛନ୍ତି। ପୁଣି ଥରେ ଭାରତକୁ ବଦନାମ କରିବା ଏଜେଣ୍ଡା ହାତକୁ ନେଇଛନ୍ତି। ଅଙ୍କଲ ସାମ ମିଛ କହି ଭାରତକୁ ଲୋକହସା କରୁଛନ୍ତି। କହୁଛନ୍ତି ଭାରତ ନିଜ ପାଇଁ ଅପରେଟିଂ ସିଷ୍ଟମ ମଧ୍ୟ ବିକଶିତ କରିପାରିନି।

## ନମୋ ଭାରତ ଓ ମିରଟ ମେଟ୍ରୋର ଶୁଭାରମ୍ଭ




**ନୂଆଦିଲ୍ଲୀ, ୨୨।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଶତାବ୍ଦୀ ନଗର ଷ୍ଟେସନରୁ ବହୁ ପ୍ରତୀକ୍ଷିତ ନମୋ ଭାରତ ଆଞ୍ଚଳିକ ରାପିଡ ଟ୍ରାଞ୍ଜିଟ ସିଷ୍ଟମ (ଆରଆରଟିଏସ୍) ଏବଂ ମିରଟ ମେଟ୍ରୋକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଉପସ୍ଥିତିରେ ଏହି ସେବାକୁ ଉଦଘାଟନ କରିବା ସହ ନମୋ ଭାରତ ଟ୍ରେନରେ ବସି ମିରଟ ଦକ୍ଷିଣ ଷ୍ଟେସନ ପର୍ଯ୍ୟନ୍ତ ସେ ଯାତ୍ରା କରିଛନ୍ତି। ଏହି ସମୟରେ ସ୍କୁଲ ପିଲା ଓ ଅଧିକାରୀଙ୍କ ସହିତ ମୋଦୀ ଆଲୋଚନା ମଧ୍ୟ କରିଛନ୍ତି । 'ଆରଆରଟିଏସ୍'କୁ ପତାକା ଦେଖାଇବା ପରେ, ପ୍ରଧାନମନ୍ତ୍ରୀ ଦେଶରେ ମେଟ୍ରୋ ନେଟୱାର୍କର ସମ୍ପ୍ରସାରଣରେ ହୋଇଥିବା ପ୍ରଗତି ଉପରେ ଆଲୋକପାତ କରିଥିଲେ । ୨୦୧୪ ପୂର୍ବରୁ, ଭାରତରେ ମେଟ୍ରୋ ସମ୍ପ୍ରସାରଣ ବହୁତ ଧୀର ଥିଲା। କଂଗ୍ରେସ ସରକାର ସମୟରେ, କେବଳ ପାଞ୍ଚଟି ସହରରେ ମେଟ୍ରୋ ଚାଲୁଥିଲା । ବିଜେପି ସରକାର ସମୟରେ, ବର୍ତ୍ତମାନ ୨୫ରୁ ଅଧିକ ସହରରେ ମେଟ୍ରୋ ଚାଲୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ବିଶ୍ୱର ତୃତୀୟ ବୃହତ ମେଟ୍ରୋ ନେଟୱାର୍କ ମଧ୍ୟ ନିର୍ମାଣ କରିଛି । ଗତ ୧୦-୧୧ ବର୍ଷ ମଧ୍ୟରେ, ମେଟ୍ରୋଗୁଡ଼ିକ ଡଜନ ଡଜନ ସହରରେ ପହଞ୍ଚିଛି, କାରଣ ବିଜେପି ସରକାର ନାଗରିକମାନଙ୍କୁ ସୁବିଧାଜନକ, ଦ୍ରୁତ ଏବଂ ପ୍ରଦୂଷଣମୁକ୍ତ ପରିବହନ ସୁବିଧା ଯୋଗାଇବାକୁ ଲକ୍ଷ୍ୟ ରଖିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଯାତ୍ରା ସମୟରେ, ପ୍ରଧାନମନ୍ତ୍ରୀ ଅନେକ ସ୍କୁଲ ଓ କଲେଜ ଛାତ୍ର ଏବଂ ଅନ୍ୟାନ୍ୟ ଯାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। ଲୋକମାନେ ପୁରୁଣା ଦିନଗୁଡ଼ିକୁ ମନେ ପକାଇଥିଲେ, ବିଶେଷକରି ମହିଳା ଯାତ୍ରୀମାନେ ମୋତେ କହିଥିଲେ ଯେ କିଛି ବର୍ଷ ପୂର୍ବେ ସନ୍ଧ୍ୟା ସୁଦ୍ଧା ସମଗ୍ର ରୁଟ୍ ନିର୍ଜନ ହୋଇଯାଉଥିଲା, ଯାହା ଭୟର ପରିବେଶ ସୃଷ୍ଟି କରୁଥିଲା, କିନ୍ତୁ ବର୍ତ୍ତମାନ କେଉଁଆଡ଼େ ବି ଯାତ୍ରା କରିବା ପାଇଁ ଭୟ ଲାଗୁନି। ମିରଟ ମେଟ୍ରୋ, ଦେଶର ସବୁଠାରୁ ଦ୍ରୁତତମ ମେଟ୍ରୋ ସେବା। ଆଜିଠାରୁ ମୋଦୀପୁରମରୁ ଦକ୍ଷିଣ ମିରଟ ପର୍ଯ୍ୟନ୍ତ ଯାତ୍ରା କରିବ, ଯାହା ୧୨ଟି ଷ୍ଟେସନରେ ବିସ୍ତୃତ ୨୩ କିଲୋମିଟର ଟ୍ରାକକୁ କଭର କରିବ। ପ୍ରାୟ ୧୩,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ, ମିରଟ ମେଟ୍ରୋ ସମଗ୍ର ଯାତ୍ରାକୁ ମାତ୍ର ୩୦ ମିନିଟ୍ ମଧ୍ୟରେ କଭର କରିବ। ଏହାର ସର୍ବାଧିକ ଘଣ୍ଟା ପ୍ରତି ବେଗ ୧୨୦ କିଲୋମିଟର ରହିବ। ଯଦି ଆମେ ଏହାର ଟିକେଟ୍-ଫି କଥା କହିବା ତେବେ ଏଥିରେ ଯାତ୍ରା କରିବା ପାଇଁ ୧୦ଟଙ୍କାରୁ ୫୦ଟଙ୍କା ମଧ୍ୟରେ ଭଡ଼ା ଦେବାକୁ ପଡ଼ିବ।

## ପୁଣି ଭାରତୀୟଙ୍କୁ ମିଳିବ ବାଂଲାଦେଶ ଭିସା




**ଢାକା, ୨୨।୨:** ବାଂଲାଦେଶର ତାରିକ ରହମାନଙ୍କ ନୂଆ ସରକାର ଭାରତ ସହିତ ସବୁ ପ୍ରକାର ସମ୍ପର୍କ ସୁଧାରିବାକୁ ପ୍ରଥମ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ପ୍ରଥମେ କ୍ରିକେଟ ସମ୍ପର୍କ ସୁଧାରିବା ଦିଗରେ ବାଂଲାଦେଶ ଆଲୋଚନା କରିଥିବା ବେଳେ ଏବେ ଭାରତୀୟ ନାଗରିକଙ୍କ ପାଇଁ ପର୍ଯ୍ୟଟକ ଭିସା ଜାରି କରିବା ପୁନଃ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାରଙ୍କ ଭାରତ ସହିତ ସମ୍ପର୍କ ତିକ୍ତ ପରେ ପର୍ଯ୍ୟଟକ ଭିସା ସ୍ଥଗିତ ରଖାଯାଇଥିଲା। ହେଲେ ତାରିକ ସରକାର ଏହାକୁ ପୁନଃ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିବା ବାଂଲାଦେଶ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂତ୍ରରୁ ତଥ୍ୟ ନେଇ ଏଏନ୍ଆଇ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟ ଅନୁସାରେ ସୋମବାର ଠାରୁ ପର୍ଯ୍ୟଟନ ଭିସା ପୁନଃ ଆରମ୍ଭ ହେବ। ସୁରକ୍ଷା ଦୃଷ୍ଟିରୁ ପୂର୍ବରୁ ଭାରତରେ ଥିବା ବାଂଲାଦେଶୀ କୂଟନୈତିକ ମିଶନରୁ ପର୍ଯ୍ୟଟକ ଭିସା ସେବାକୁ ସ୍ଥଗିତ କରାଯାଇଥିଲା। ଅଧିକାରୀଙ୍କ ଅନୁଯାୟୀ, ନିର୍ବାଚନ ପରେ ପରିସ୍ଥିତି ସ୍ଥିର ହୋଇଛି। ଯାହା ଫଳରେ ସରକାରଙ୍କୁ ସେବାଗୁଡ଼ିକୁ ସମ୍ପୂର୍ଣ୍ଣ ପୁନଃସ୍ଥାପିତ କରିବାକୁ ଅନୁମତି ମିଳିଛି। ଏନେଇ ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ କହିଛି"ଦିଲ୍ଲୀରେ ଥିବା ବାଂଲାଦେଶ ହାଇକମିଶନ ଏବଂ ଭାରତର ବିଭିନ୍ନ ସହର ଯେପରିକି ଗୌହାଟି, ଅଗରତାଲା, ମୁମ୍ବାଇ ଏବଂ କୋଲକାତାରେ - ଯେଉଁଠାରେ ବାଂଲାଦେଶୀ କୂଟନୈତିକ ମିଶନ ଅବସ୍ଥିତ - ପର୍ଯ୍ୟଟନ ଭିସା ବ୍ୟତୀତ ଅନ୍ୟାନ୍ୟ ଭିସା ସେବା ପ୍ରାୟତଃ ଚାଲୁଥିଲା। ତେବେ, ପର୍ଯ୍ୟଟନ ଭିସା ସାଧାରଣତଃ ବନ୍ଦ କରାଯାଇଥିଲା, ହେଲେ ଜରୁରୀ ପରିସ୍ଥିତିରେ ଏହା ଜାରି କରାଯାଉଥିଲା। ଯଦିଓ ଆମେ ଏହାକୁ ବନ୍ଦ ବୋଲି ଆନୁଷ୍ଠାନିକ ଭାବରେ ଘୋଷଣା କରି ନଥିଲୁ ତେଣୁ ଆମେ ଏହାକୁ ପୁନଃଆରମ୍ଭ କରାଯାଇଛି ବୋଲି ମଧ୍ୟ ଆନୁଷ୍ଠାନିକ ଭାବରେ ଘୋଷଣା କରୁନାହୁଁ। ପ୍ରକୃତରେ, ଏହା ଚାଲୁଥିଲା ଏବଂ ଏବେ ସୋମବାରଠାରୁ ଏହାକୁ ବ୍ୟାପକ ଭାବରେ ବିସ୍ତାର କରାଯିବ।" ଫେବୃଆରୀ ୧୨ ତାରିଖରେ ନିର୍ବାଚନ ସମୟରେ, ବାଂଲାଦେଶ ସରକାର ଭାରତରେ ଥିବା ଏହାର ମିଶନଗୁଡ଼ିକୁ ଜାନୁଆରୀ ୧୫ ରୁ ଫେବୃଆରୀ ୧୫ ମଧ୍ୟରେ ପର୍ଯ୍ୟଟନ ଭିସା ପ୍ରଦାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟ ମଧ୍ୟରେ ଜରୁରୀକାଳୀନ ପରିସ୍ଥିତିରେ ଭିସା ପ୍ରଦାନ ଜାରି ରହିଥିଲା। ସୁରକ୍ଷା ଦୃଷ୍ଟିରୁ, ଭୁଟାନ ଏବଂ ନେପାଳ ଭଳି ଦେଶ ପାଇଁ ଭିସା

## ବିଜେପିରେ ମିଶିଲେ ଭୂପେନ ବୋରା




**ଆସାମ,୨୨।୨:** ଆସାମ କଂଗ୍ରେସକୁ ବଡ଼ ଝଟକା। ବିଜେପିରେ ଯୋଗଦେଲେ ପୂର୍ବତନ ଆସାମ କଂଗ୍ରେସ ମୁଖ୍ୟ ଭୂପେନ ବୋରା। ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଆସାମ ନିର୍ବାଚନ ପ୍ରଭାରୀ ବୈଜୟନ୍ତ ପଣ୍ଡାଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହୋଇଛନ୍ତି ଭୂପେନ ବୋରା। ଗୁଆହାଟୀରେ ଆୟୋଜିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଆଗକୁ ଆସାମରେ ବିଧାନସଭା ନିର୍ବାଚନ ଥିବାବେଳେ ବୋରା ଗତ ସୋମବାର କଂଗ୍ରେସରୁ ଇସ୍ତଫା ଦେଇଥିଲେ ଭୂପେନ ବୋରା। କଂଗ୍ରେସରୁ ଇସ୍ତଫା ଦେବା ପରେ ଆସାମ ରାଜନୀତିରେ ହଲଚଲ୍ ଦେଖିବାକୁ ମିଳିଥିଲା। ରାଜ୍ୟରେ ଦଳ ପକ୍ଷରୁ ତାଙ୍କୁ ଯେତିକି ଗୁରୁତ୍ୱ ମିଳିବା କଥା ମିଳୁନଥିବା ଅଭିଯୋଗ କରିଥିଲେ ଭୂପେନ। ଦଳରେ ଅବହେଳା ପ୍ରଦର୍ଶନ ଅଭିଯୋଗ କରି ଇସ୍ତଫା ଦେଇଥିଲେ ପୂର୍ବତନ ଆସାମ କଂଗ୍ରେସ ସଭାପତି ଭୂପେନ ବୋରା।

## ଏଲିଏନ୍ ଫାଇଲ୍ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଲେ ଟ୍ରମ୍ପ



**ନ୍ୟୁୟର୍କ, ୨୨।୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଲିଏନ୍ ସହ ଜଡିତ ଗୋପନୀୟ ଦଲିଲଗୁଡ଼ିକୁ ସାର୍ବଜନୀନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ପେଣ୍ଟାଗନ ଓ ଅନ୍ୟାନ୍ୟ ଏଜେନ୍ସିଗୁଡ଼ିକୁ ୟୁଏଫ୍ଓ, ୟୁଏପି ଓ ଏଲିଏନ୍ ଜୀବନ ଉପରେ ସରକାରୀ ଫାଇଲଗୁଡ଼ିକୁ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି । ଆମେରିକାର ରାଷ୍ଟ୍ରପତି ତାଙ୍କ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, ଦେଖାଯାଉଥିବା ଆଗ୍ରହକୁ ଦୃଷ୍ଟିରେ ରଖି ମୁଁ ଯୁଦ୍ଧ ସଚିବ ଓ ଅନ୍ୟାନ୍ୟ ସମ୍ବନ୍ଧିତ ବିଭାଗ ତଥା ଏଜେନ୍ସିଗୁଡ଼ିକୁ ଏଲିଏନ୍ ଓ ବାହ୍ୟ ଜଗତର ଜୀବନ ସହିତ ଜଡିତ ଫାଇଲଗୁଡ଼ିକୁ ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ଦେବି । ପୂର୍ବତନ ଆମେରିକା ରାଷ୍ଟ୍ରପତି ବାରାକ୍ ଓବାମା ଫେବୃଆରି ୧୪ରେ ପ୍ରକାଶିତ ନୋ ଲାଇ ୱିଥ୍ ବ୍ରାଏନ୍ ଟାଇଲର୍ କୋହେନ୍ ପୋଡକାଷ୍ଟରେ ଦେଖାଦେବା ପରେ ଏଲିଏନ୍ ବିଷୟରେ ଆଲୋଚନା ପୁନର୍ବାର ଆରମ୍ଭ ହୋଇଥିଲା। ତାଙ୍କୁ ପଚରାଯାଇଥିଲା ଯେ ଏଲିଏନ୍ ପ୍ରକୃତରେ ଅଛନ୍ତି କି ନାହିଁ ? ସେ କହିଥିଲେ, ସେମାନେ ପ୍ରକୃତରେ ଅଛନ୍ତି, କିନ୍ତୁ ମୁଁ ସେମାନଙ୍କୁ ଦେଖିନାହିଁ, ଏବଂ ସେମାନଙ୍କୁ ଏରିଆ ୫୧ରେ ରଖାଯାଇନାହିଁ । ଏରିଆ ୫୧ ବିଷୟରେ, ମୋସାଦର ପୂର୍ବତନ ମୁଖ୍ୟ ମଧ୍ୟ ଦାବି କରିଥିଲେ ଯେ, ଆମେରିକା ସେଠାରେ ଏଲିଏନ୍ ରଖିଛି। ତେଣୁ, ଗୁପ୍ତ ଫାଇଲଗୁଡ଼ିକରେ ଏଲିଏନ୍ ବିଷୟରେ ଗୁପ୍ତ ତଥ୍ୟ ରହିଛି କି ନାହିଁ ସେ ବିଷୟରେ ଆଗ୍ରହ ଏବେ ବୃଦ୍ଧି ପାଇଛି। ନିକଟରେ, ଏକ ପଡକାଷ୍ଟରେ, ପ୍ରସିଦ୍ଧ ବୈଜ୍ଞାନିକ ସୁନୀତା ୱିଲିୟମ୍ସ ମଧ୍ୟ ସ୍ୱୀକାର କରିଥିଲେ ଯେ, ପୃଥିବୀ ବାହାରେ ଜୀବନ ଅଛି। ଏହା ବ୍ୟତୀତ, ପୂର୍ବତନ ଇସ୍ରୋ ମୁଖ୍ୟ ଡକ୍ଟର ଏସ୍. ସୋମନାଥ ଏଲିଏନ୍ ଜୀବନ ବିଷୟରେ ସାର୍ବଜନୀନ ଭାବରେ କହିଥିଲେ, ଏଥିରେ କୌଣସି ସନ୍ଦେହ ନାହିଁ। ଡକ୍ଟର ଏସ୍. ସୋମନାଥ କହିଥିଲେ, ଇସ୍ରୋର ଅଧ୍ୟକ୍ଷ ଭାବରେ, ମୁଁ ଆପଣଙ୍କୁ କହୁଛି ଯେ, ଯଦି କୌଣସି ଏଲିଏନ୍ ସଭ୍ୟତା ଆମଠାରୁ ମାତ୍ର ଏକ ହଜାର ବର୍ଷ କିମ୍ବା ୧୦,୦୦୦ ବର୍ଷ ଆଗରେ ଅଛି। ତେବେ ଏହା ସମ୍ଭବ ଯେ, ସେମାନେ ବହୁ ଉନ୍ନତ ଏବଂ ଅନ୍ୟ ଗ୍ରହଗୁଡ଼ିକୁ ପରିଦର୍ଶନ କରିପାରିବେ ଯେଉଁଠାରେ ଜୀବନ ଅଛି। ଅନେକ ଆମେରିକୀୟ ପାଇଲଟ୍ ୟୁଏଫ୍ଓ ଓ ଏଲିଏନ୍ ଦେଖିଥିବା ଦାବି କରିଛନ୍ତି। ଚଳିତ ବର୍ଷ ଆରମ୍ଭରେ ଲିକ୍ ହୋଇଥିବା ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ (ଏଟିସି) ଅଡିଓ କ୍ଲିପ୍ ଅନୁଯାୟୀ, ରୋଡ୍ ଆଇଲାଣ୍ଡ ଉପରେ ପାଇପର ପିଏ-୩୨ଆର୍-୩୦୦ଟି ଟର୍ବୋ ଲାନ୍ସ-୨ ଉଡ଼ାଉଥିବା ଜଣେ ପାଇଲଟ୍ ୩,୫୦୦ ଫୁଟ ଉଚ୍ଚତାରେ ତାଙ୍କ ଡେଣାର ଟିପ୍ ଠାରୁ ମାତ୍ର କିଛି ଫୁଟ ଦୂରରେ ଏକ ସନ୍ଦିଗ୍ଧ ଛୋଟ ରୁପାର କ୍ୟାନିଷ୍ଟର ଦେଖିଥିବା କହିଥିଲେ। ଏହା ପୂର୍ବରୁ, ପୂର୍ବତନ ଆମେରିକୀୟ ନୌସେନା ଲେଫ୍ଟନାଣ୍ଟ ରିଆନ୍ ଗ୍ରେଭ୍, ଯିଏ ପୂର୍ବରୁ ଏଫ/ଏ-୧୮ ଉଡ଼ାଇଥିଲେ, ସେ ମଧ୍ୟ ୟୁଏଫ୍ଓ ଦେଖିଥିବା ଦାବି କରିଥିଲେ।

## 'ସ୍ତ୍ରୀକୁ କେବଳ ଥରେ ଚାପୁଡ଼ା ମାରିବା ନିଷ୍ଠୁରତା ନୁହେଁ'



**ନୂଆଦିଲ୍ଲୀ, ୨୨।୨:** ଯଦି କେହି ମହିଳା ନିଜ ବାପା ଘରେ ରହିବାକୁ ଚାହୁଛନ୍ତି, ଆଉ ଏହାକୁ ବିରୋଧ କରି ଯଦି ତାଙ୍କ ସ୍ୱାମୀ ତାଙ୍କୁ ଥରେ ଚାପୁଡ଼ା ମାରୁଛନ୍ତି। ତେବେ ଏହା ନିଷ୍ଠୁରତା ନୁହେଁ। ଏକ ମାମଲାର ଶୁଣାଣି କରି ଏହି ଐତିହାସିକ ରାୟ ଦେଇଛନ୍ତି ଗୁଜରାଟ ହାଇକୋର୍ଟ। ଏହା ସହ କୋର୍ଟ, ପତ୍ନୀଙ୍କୁ ଆତ୍ମହତ୍ୟା ପାଇଁ ଉସ୍କେଇବା ଏବଂ ବୈବାହିକ କ୍ରୁରତା ମାମଲାରେ ବ୍ୟକ୍ତିଙ୍କୁ ଦୋଷ ମୁକ୍ତ କରିଛନ୍ତି। ଏହି ମାମଲାରେ ନିମ୍ନ ଅଦାଲତ ମହିଳାଙ୍କ ସ୍ୱାମୀଙ୍କୁ ୧ ବର୍ଷର ଜେଲଦଣ୍ଡ ଶୁଣାଇଥିଲେ। ଏହି ମାମଲା ୧୯୯୬ର। ବିବାହର ଗୋଟିଏ ବର୍ଷ ପରେ ଜଣେ ମହିଳା ଆତ୍ମହତ୍ୟା କରିଥିଲେ। ମହିଳାଙ୍କ ପରିବାର ଲୋକେ ତାଙ୍କ ସ୍ୱାମୀଙ୍କ ଉପରେ ଶାରୀରିକ ଏବଂ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ। ଆଉ ପୋଲିସ ଏକ ମାମଲା ରୁଜୁ କରି ସ୍ୱାମୀଙ୍କୁ ଗିରଫ କରିଥିଲା। ଏହା ପରେ ୨୦୦୩ ମସିହାରେ ଭାଲସାଡର ଏକ ନିମ୍ନ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ସାତ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ମାମଲା ହାଇକୋର୍ଟ ଯାଇଥିଲା। ବିଚାରପତି ଗୀତା ଗୋପୀ ରାୟ ଉପରେ ପ୍ରଶ୍ନ ଉଠାଇ କହିଥିଲେ ଯେ, ପ୍ରମାଣରେ ଅନେକ ତ୍ରୁଟି ରହିଛି। ସରକାରୀ ଓକିଲଙ୍କ ମୁଖ୍ୟ ଅଭିଯୋଗ ଥିଲା ଯେ, ଅଭିଯୁକ୍ତ ଥରେ ତାଙ୍କ ପତ୍ନୀଙ୍କୁ ତାଙ୍କ ବାପ ଘରେ ଚାପୁଡ଼ା ମାରିଥିଲେ। କାରଣ ପତ୍ନୀ ତାଙ୍କୁ ନ ଜଣାଇ ସେଠାରେ ରହିଥିଲେ। ଏହା ଛଡ଼ା ସ୍ୱାମୀ ଜଣକ ଏକ ବ୍ୟାଣ୍ଡ ପାର୍ଟିରେ ସଦସ୍ୟ ଭାବରେ କାମ କରୁଥିଲେ। ତେଣୁ ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ତେବେ କୋର୍ଟ କହିଛନ୍ତି ଯେ, ଜଣେ ମହିଳାଙ୍କୁ ଥରେ ଚାପୁଡ଼ା ମାରିବା ନିଷ୍ଠୁରତା ବୋଲି ବିବେଚନା କରାଯାଇପାରିବ ନାହିଁ। ବାପା-ମାଆଙ୍କ ବୟାନ ମଧ୍ୟ ସଠିକ୍ ନଥିଲା। ମହିଳାଙ୍କ ମାଆ, ଚାପୁଡ଼ା ମାରିବା କଥା ସ୍ୱୀକାର କରିଥିଲେ। କିନ୍ତୁ ବାପା ଏହା ଦେଖିନଥିବା କହିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମହିଳା ଜଣକ ବିବାହ ସମୟରେ ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ କେବେ ବି ଆନୁଷ୍ଠାନିକ ଅଭିଯୋଗ କରିନଥିଲେ।

ଏମିତିରେ ଜଷ୍ଟିସ୍ ଗୋପୀ ତାଙ୍କ ଆଦେଶରେ ଲେଖିଛନ୍ତି, "ସ୍ତ୍ରୀଙ୍କୁ ଚାପୁଡ଼ା ମାରିବାର ଗୋଟିଏ ଘଟଣା ନିଷ୍ଠୁରତା ବୋଲି ବିବେଚନା କରାଯାଇପାରିବ ନାହିଁ। ଏହା ଆତ୍ମହତ୍ୟାର କାରଣ ବୋଲି ପ୍ରମାଣିତ ହୋଇନାହିଁ।" କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ଆତ୍ମହତ୍ୟା ପାଇଁ ପ୍ରୋତ୍ସାହନ ମାମଲାରେ, ନିଷ୍ଠୁରତା ସ୍ଥାୟୀ ଏବଂ ଅସହ୍ୟ ଥିଲା ବୋଲି ପ୍ରମାଣିତ ହେବା ଆବଶ୍ୟକ। କେବଳ ପ୍ରତିଦିନ ବୈବାହିକ କଳହକୁ ଅପରାଧ ବୋଲି ବିବେଚନା କରାଯାଇପାରିବ ନାହିଁ। ହାଇକୋର୍ଟ ନିମ୍ନ ଅଦାଲତର ନିଷ୍ପତ୍ତିକୁ ବାତିଲ କରି ସ୍ୱାମୀଙ୍କୁ ଦୋଷମୁକ୍ତ କରିଛନ୍ତି।

## ରାହୁଲଙ୍କୁ ସମର୍ଥନ କଲେନି ମାୟାବତୀ ଓ ଅଖିଳେଶ



**ନୂଆଦିଲ୍ଲୀ, ୨୨।୨:** ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟରେ ପ୍ରଦର୍ଶନ ପରେ ଯୁବ କଂଗ୍ରେସ ବିବାଦରେ ଫସିଯାଇଛି। ବିଜେପି ବ୍ୟତୀତ ବହୁଜନ ସମାଜ ପାର୍ଟି (ବିଏସପି) ଏବଂ କଂଗ୍ରେସର ସହଯୋଗୀ ସମାଜବାଦୀ ପାର୍ଟି ମଧ୍ୟ ଯୁବ କଂଗ୍ରେସର ପ୍ରଦର୍ଶନକୁ ନାପସନ୍ଦ କରିଛନ୍ତି। ବହୁଜନ ସମାଜ ପାର୍ଟି (ବିଏସପି) ସୁପ୍ରିମୋ ମାୟାବତୀ ଦିଲ୍ଲୀରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟରେ ଯୁବ କଂଗ୍ରେସ ପ୍ରଦର୍ଶନକୁ ନିନ୍ଦା କରିଛନ୍ତି। ସେ ଶିଖର ସମ୍ମିଳନୀ ସମୟରେ ଆଚରଣକୁ ଚିନ୍ତାଜନକ ବୋଲି କହିଛନ୍ତି। ମାୟାବତୀ ଆହୁରି ମଧ୍ୟ ଦେଶର ମର୍ଯ୍ୟାଦା ଏବଂ ପ୍ରତିଛବିକୁ କ୍ଷୁର୍ଣ୍ଣ ନ କରିବାକୁ ଅନୁରୋଧ କରିଛନ୍ତି।

ବିଏସପି ସୁପ୍ରିମୋ ମାୟାବତୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି, ନୂଆଦିଲ୍ଲୀରେ ଅନୁଷ୍ଠିତ ଏଆଇ ଇମ୍ପାକ୍ଟ ସମିଟକୁ ଭାରତ ଏବଂ ବିଦେଶର ଅନେକ ପ୍ରମୁଖ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଥିଲା ଏବଂ ଏହି କାର୍ଯ୍ୟକ୍ରମ ଅନ୍ତର୍ଜାତୀୟ ସ୍ତରରେ ଶିରୋନାମାରେ ଥିଲା। ଏହି ସମୟରେ ଅର୍ଦ୍ଧନଗ୍ନ ହୋଇ ନିଜର କ୍ରୋଧ ପ୍ରକାଶ କରିଥିବା ଲୋକମାନେ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଯୁବ କଂଗ୍ରେସ ସଦସ୍ୟ ବୋଲି କୁହାଯାଉଛି, ଅତ୍ୟନ୍ତ ଅଶୋଭନୀୟ ଏବଂ ନିନ୍ଦନୀୟ। ମାୟାବତୀ ଆହୁରି ଲେଖିଛନ୍ତି, ଯଦି ଏହି ସମିଟ୍ ଅନ୍ତର୍ଜାତୀୟ ସ୍ତରର ହୋଇନଥାନ୍ତା, ତେବେ ଏହା ଭିନ୍ନ ବିଷୟ ହୋଇଥାନ୍ତା, କିନ୍ତୁ ସମିଟ୍ ସମୟରେ ଏପରି ଆଚରଣ ଚିନ୍ତାର ବିଷୟ। ଆମ ଦେଶର ମର୍ଯ୍ୟାଦା ଏବଂ ପ୍ରତିଛବିକୁ କଳଙ୍କିତ କରାଯିବା ଠିକ୍ ନୁହେଁ।

ଉତ୍ତର ପ୍ରଦେଶରେ କଂଗ୍ରେସର ସହଯୋଗୀ ସମାଜବାଦୀ ପାର୍ଟିର ମୁଖପାତ୍ର ଫଖରୁଲ ହାସନ ଚାନ୍ଦ କହିଛନ୍ତି, କଂଗ୍ରେସ କର୍ମୀମାନେ ପ୍ରତିବାଦ ପାଇଁ ହୁଏତ ଭୁଲ ସ୍ଥାନ ବାଛିଥିଲେ। ଏହା ବଦଳରେ କଂଗ୍ରେସ କର୍ମୀମାନେ ଅନ୍ୟ କୌଣସି ସ୍ଥାନରେ ପ୍ରତିବାଦ କରିପାରିଥାନ୍ତେ, କାରଣ ଗଣତନ୍ତ୍ରରେ ପ୍ରତିବାଦ ଉପରେ କୌଣସି ପ୍ରତିବନ୍ଧକ ନାହିଁ। ତଥାପି ସାର୍ଟବିହୀନ ପ୍ରତିବାଦ ସମ୍ପର୍କରେ ସେ କହିଛନ୍ତି, ଆପଣଙ୍କ ସାର୍ଟ କାଢିବାରେ କୌଣସି ଅସୁବିଧା ନାହିଁ। ଶିକ୍ଷକ ନିଯୁକ୍ତି ଦାବି କରି ଉତ୍ତର ପ୍ରଦେଶରେ ଯୁବ ପ୍ରଦର୍ଶନକାରୀମାନେ ମଧ୍ୟ ବିନା ପୋଷାକରେ ପ୍ରତିବାଦ କରୁଥିଲେ। ଉତ୍ତର ପ୍ରଦେଶରେ ମହିଳାମାନେ ଲଙ୍ଗଳା ହୋଇ ପ୍ରତିବାଦ କରିଥିଲେ। ଗଣତନ୍ତ୍ରରେ ଆମ ନିଜସ୍ୱ ଉପାୟରେ ପ୍ରତିବାଦ କରିବାକୁ ମହାତ୍ମା ଗାନ୍ଧୀ ଆମକୁ ଶିଖାଇଛନ୍ତି।

SANCHAR ସଂଚାର

# ଆମେରିକା ଓ ଇସ୍ରାଏଲ ସହ ଯୁଦ୍ଧ ପ୍ରସ୍ତୁତି



ଲେବାନନ, ୨୨।୨ଃ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ହିଜବୁଲ୍ଲାର କମାଣ୍ଡ ଗ୍ରହଣ କରିଛି। ଖବର ଅନୁଯାୟୀ, ଆଇଆର୍‌ଜିସି ଅଧିକାରୀମାନେ ସମ୍ପ୍ରତି ଲେବାନନରେ ପହଞ୍ଚି ହିଜବୁଲ୍ଲାର ସାମରିକ କ୍ଷମତାକୁ ବିସ୍ତାର କରୁଛନ୍ତି । ସାରା ଦେଶରେ ବିସ୍ତାରିତ ସଦସ୍ୟମାନଙ୍କ ବିଷୟରେ ସୂଚନା ସଂଗ୍ରହ କରାଯାଇ ସେମାନଙ୍କୁ ରଣନୈତିକ ସ୍ଥାନରେ ମୁତୟନ କରାଯାଉଛି। ଇରାନ ଗୋଟିଏ ପଟେ ଇସ୍ରାଏଲକୁ ଧମକ ଦେଉଥିବାବେଳେ ଅନ୍ୟପଟେ ଆମେରିକା ସହ ଉତ୍ତେଜନା ବୃଦ୍ଧି କରୁଛି । ସାଉଦି ଖବରକାଗଜରେ ଏହା ମଧ୍ୟ ରିପୋର୍ଟ କରାଯାଇଛି, ଆଇଆର୍‌ଜିସି ଅଧିକାରୀମାନେ ବେକା ଉପତ୍ୟକାରେ ଏକ ହିଜବୁଲ କ୍ଷେପଣାସ୍ତ୍ର ୟୁନିଟର ସଦସ୍ୟଙ୍କ ସହ ବୈଠକ କରୁଥିଲେ, କିନ୍ତୁ ସୂଚନା ପାଇବା ମାତ୍ରେ ଇସ୍ରାଏଲ ସେହି ଅଞ୍ଚଳରେ ବୋମା ମାଡ଼ କରିଥିଲା। ଏଥିରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ହିଜବୁଲ୍ଲାର ଜଣେ ବରିଷ୍ଠ ଅଧିକାରୀଙ୍କର ମଧ୍ୟ ଜୀବନ ଯାଇଛି । ଲେବାନନ୍ ଗଣମାଧ୍ୟମ ନିଦା ଅଲ-ୱାତାନ୍ କହିଛି, ଯଦି ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ହୁଏ, ତେବେ ବେରୁଟ ଏହାର ନିରପେକ୍ଷତା ବଜାୟ ରଖିବା ଉଚିତ ଏବଂ ଇସ୍ରାଏଲ ସହିତ ଯୁଦ୍ଧକୁ ଦେଶକୁ ଟାଣି ନେବାରୁ ହିଜବୁଲ୍ଲକୁ ରୋକିବା ଉଚିତ ।

ୱାଇନେଟ୍ ନ୍ୟୁଜ୍ ରିପୋର୍ଟ କରିଛି, ଯୁଦ୍ଧ ହେଲେ ଇସ୍ରାଏଲ ବିରୋଧରେ ଲଢ଼ିବା ପାଇଁ ଇରାନ ହିଜବୁଲ୍ଲା ଉପରେ ଚାପ ପକାଉଛି। ଏହି ରିପୋର୍ଟ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଅଞ୍ଚଳରେ ସାମରିକ ବାହିନୀ ମୁତୟନ କରିଛନ୍ତି ଏବଂ ଇରାନ ଉପରେ ଚାପ ବୃଦ୍ଧି କରୁଛନ୍ତି। ଟ୍ରମ୍ପ ଦାବି କରୁଛନ୍ତି, ଇରାନ ନିଜର ପରମାଣୁ କାର୍ଯ୍ୟକ୍ରମ ପରିତ୍ୟାଗ କରି ୟୁରାନିୟମ ସମୃଦ୍ଧି ବନ୍ଦ କରିବା ସହ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରିସର ହ୍ରାସ କରିବ। ହିବ୍ରୁ ଗଣମାଧ୍ୟମ ଅନୁଯାୟୀ, ଇସ୍ରାଏଲ ମଧ୍ୟ ଆମେରିକାକୁ ସହଯୋଗ କରିବାକୁ ପ୍ରସ୍ତୁତି କରୁଛି। କାନ୍ ପବ୍ଲିକ୍ ବ୍ରଡକାଷ୍ଟର ରିପୋର୍ଟ କରିଛି, ହିଜବୁଲ୍ଲା ରକେଟ୍ ବାହିନୀକୁ ପ୍ରସ୍ତୁତ କରୁଥିବା ଇସ୍ରାଏଲ କହିଛି। ଯୁଦ୍ଧ ହେଲେ ହିଜବୁଲ୍ଲା ଇସ୍ରାଏଲ ଉପରେ ଆକ୍ରମଣ କରିବ। ଏହା ସହ ଆଇଆର୍‌ଜିସି, ଇରାନ-ସମର୍ଥିତ ଶିଆ ମିଲିସିଆ ଏବଂ ୟେମେନର ହୁଥି ବିଦ୍ରୋହୀମାନେ ମଧ୍ୟ ଏଥିରେ ସାମିଲ ହେବେ। ଇରାନ ଗୋଟିଏ ପଟେ ଇସ୍ରାଏଲ ସହିତ ଯୁଦ୍ଧ ଲଢ଼ିବା ସହିତ ଅନ୍ୟପଟେ ଆମେରିକା ସହ ଲଢ଼ିବାକୁ ପ୍ରସ୍ତୁତ ହେଉଛି।

### ଆଇସିସି ଟି-୨୦ ବିଶ୍ୱକପ୍ ସୁପର୍-୮

# ଆରମ୍ଭରୁ ଝୁଣ୍ଟିଲା ଭାରତ

ଅହମ୍ମଦାବାଦ,୨୨।୨ଃ ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ର ସୁପର୍=୮ ପର୍ଯ୍ୟାୟରେ ଆଜି ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ତା'ର ପ୍ରଥମ ମ୍ୟାଚ୍ ଖେଳିଥିବା ବେଳେ ପର୍ଯ୍ୟାୟର ପ୍ରାରମ୍ଭରୁ ହିଁ ଝୁଣ୍ଟିଛି। ଦଳ ଏଠାରେ ଦକ୍ଷିଣ ଆଫ୍ରିକାକୁ ଭେଟିଥିବା ବେଳେ ଏଥିରେ ୭୬ ରନ୍‌ରେ ପରାଜୟ ବରଣ କରିଛି। ଅନ୍ୟପକ୍ଷରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଶୃଙ୍ଖଳିତ ପ୍ରଦର୍ଶନ କରି ଦକ୍ଷିଣ ଆଫ୍ରିକା ସହଜ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ଯଦିଓ ପ୍ରଥମ ୩ଟି ୱିକେଟ୍ ହରାଇ ମାତ୍ର ୨୦ ରନ୍ କରିଥିଲା, କିନ୍ତୁ ଚତୁର୍ଥ ୱିକେଟ୍‌ରେ ଡେଭିଡ୍ ମିଲର୍ ଓ ଡେୱାଲ୍ଡ ବ୍ରେଭିସ୍ ୯୭ ରନ୍ ଯୋଡ଼ି ସ୍ଥିତିକୁ ସମ୍ଭାଳିନେଇଥିଲେ। ୨୯ଟି ବଲ୍‌ରେ ୩ଟି ଲେଖାଏଁ ଚୌକା ଓ ଛକା ଜରିଆରେ ୪୫ ରନ୍ କରି ବ୍ରେଭିସ୍ ଆଉଟ୍ ହେବା ଫଳରେ ଏହି ଯୋଡ଼ି ବ୍ରେକ୍ ହୋଇଥିଲା। କିନ୍ତୁ ମିଲର୍ ତାଙ୍କ ଇନିଂସକୁ ଜାରି ରଖି ଅର୍ଦ୍ଧଶତକ ପୂରଣ କରିବା ସହ ମାତ୍ର ୩୫ ବଲ୍‌ରେ ୭ଟି ଚୌକା ଓ ୩ଟି ଛକା ଜରିଆରେ ୬୩ ରନ୍ କରିଥିଲେ। ପରେ ଟ୍ରିଷ୍ଟାନ୍ ଷ୍ଟବ୍ସ ଶେଷ ଭାଗରେ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବା ଫଳରେ ଦକ୍ଷିଣ ଆଫ୍ରିକା ୭ ୱିକେଟ୍ ବିନିମୟରେ ୧୮୭ ରନ୍ କରିଥିଲା। ଷ୍ଟବ୍ସ ମାତ୍ର ୨୪ଟି ବଲ୍ ଖେଳି ଗୋଟିଏ ଚୌକା ଓ ୩ଟି ଛକା ସହ ୪୪ ରନ୍‌ରେ ଅପରାଜିତ ଥିଲେ। ଭାରତ ପକ୍ଷରୁ ଜସପ୍ରୀତ୍ ବୁମ୍‌ରା ୩ଟି ଓ ଅର୍ଶଦୀପ ସିଂହ ୨ଟି ୱିକେଟ୍ ନେଇଥିଲେ।ଭାରତର ବ୍ୟାଟିଂ ଅତି ଦୁର୍ବଳ ରହିଥିଲା। ପ୍ରତିଯୋଗିତାର ପୂର୍ବ ୪ଟି ମ୍ୟାଚ୍ ତୁଳନାରେ ଦଳର ପ୍ରତିଟି ବ୍ୟାଟ୍ସମ୍ୟାନ୍ ଫେଲ୍ ମାରିଥିଲେ। କେବଳ ଶିବମ୍ ଦୁବେ ୩୭ଟି ବଲ୍ ଖେଳି ଗୋଟିଏ ଚୌକା ଓ ୩ଟି ଛକା ସହ ୪୨ ରନ୍ କରିଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୮ ରନ୍ ଲେଖାଏଁ ଏବଂ ଓପନର ଅଭିଷେକ ଶର୍ମା ୧୫ ରନ୍ କରିଥିଲେ। ଅନ୍ୟ କେହି ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କରେ ବି ପହଞ୍ଚି ନ ପାରିବା ଫଳରେ ଭାରତୀୟ ଇନିଂସ ୧୮.୫ ଓଭର୍‌ରେ ୧୧୧ରେ ସୀମିତ ରହିଥିଲା। ମିଲର୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ଉତ୍କଳ ଯାଦବ ସମାଜ କଲ୍ୟାଣ ସମିତିର ଫଗୁ ଉତ୍ସବ



କୋଲକାତା,୨୨।୨(ସଂଚାର ବ୍ୟୁରୋ)ଃ ଫଗୁ ଉତ୍ସବ କେବଳ ଯାଦବ ସମାଜର ନୁହେଁ ବରଂ ଏହା ବିଶ୍ୱବାସୀଙ୍କ ପାଇଁ। ଏହି ଉତ୍ସବ ସମ୍ପ୍ରିତି, ପ୍ରେମ ଓ ଭଲ ପାଇବାର ଉତ୍ସବ। ରାଧାକୃଷ୍ଣ ଅନାବିଳ ପ୍ରେମ କାହାଣୀ ଏକ ଶାଶ୍ୱତ ପ୍ରେମ କାହାଣୀ ବୋଲି ଉତ୍ସବରେ ଯୋଗଦେଇଥିବା ବକ୍ତାମାନେ ମତ ଦେଇଛନ୍ତି। ଆଜି ଉତ୍କଳ ଯାଦବ ସମାଜ କଲ୍ୟାଣ ସମିତିର ରଙ୍ଗଭରା ଫଗୁ ଉତ୍ସବ କୋଲକାତାର ଟଲିଉଡପଡା ଆଜାଦଗଡ଼ କାଳୀ ମନ୍ଦିରରୁ ଆରମ୍ଭ ହୋଇଥିଲା। ସ୍ଥାନୀୟ କାଉନସିଲର ତପନ ଦାସଗୁପ୍ତ ଯାଦବମାନଙ୍କୁ ସମ୍ବର୍ଦ୍ଧିତ କରି ନିଆରା ଢଙ୍ଗରେ ଓଡ଼ିଆମାନଙ୍କ ଫଗୁ ଉତ୍ସବ ସମଗ୍ର ଅଞ୍ଚଳବାସୀଙ୍କୁ ଚକିତ କରିଛି ବୋଲି କହିଥିଲେ। ଅତିଥି ଭାବେ ବଡ଼ବଜାର ଓଡ଼ିଆ ନେତା ତଥା ସମାଜସେବୀ ଧନେଶ୍ୱର ଜେନା, ସାହିତ୍ୟିକ ଭୂପେଶ ମିଶ୍ର, କବି ରତିକାନ୍ତ ଜେନା, ସରୋଜକାନ୍ତ ବେହେରା ଯୋଗଦେଇ ଆମ ଐତିହ୍ୟ, ପରମ୍ପରା ନିଆରା ବୋଲି କହିଥିଲେ। ଉତ୍ସବର ମୁଖ୍ୟ ଅନନ୍ତ ସେନାପତି ଆମେ ଆମ ଢଙ୍ଗରେ ଆମ ଉତ୍ସବ ପାଳନ କରୁ ବୋଲି କହିଥିବା ବେଳେ ସଭାପତି ଅରୁଣ କୁମାର ପଲାଇ ଶ୍ରୀକୃଷ୍ଣ ବିଶ୍ୱ ଚେତନାର ପ୍ରତୀକ ବୋଲି କହିଥିଲେ। ଏହାଛଡ଼ା ସମ୍ପାଦକ ପ୍ରଶାନ୍ତ କୁମାର ଦାସ ଆମେ ପ୍ରବାସରେ ରହିଲେ ବି ଭୁଲିନୁ ଆମ ଐତିହ୍ୟ ଓ ପରମ୍ପରା ବୋଲି କହିଥିଲେ। ନଗର ପରିକ୍ରମା ପୂଜା ଉମାଶଙ୍କର ଭଟ୍ଟାଚାର୍ଯ୍ୟ କରିଥିବା ବେଳେ ବିମାନରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ପୂଜନ ଜଗବନ୍ଧୁ ଦାଶ କରିଥିଲେ। ସହର ଭ୍ରମଣ ଭୋଗଖିଆ ପରେ ଆଜାଦଗଡ ବାଳିକା ବିଦ୍ୟାଳୟରେ ଅବିର ଖେଳ ପରେ ଶେଷ ହୋଇଥିବା ବେଳେ ଏଥିରେ ଆଲିପୁରରୁ ଆଗତ କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ ନିମନ୍ତେ ସ୍ୱତନ୍ତ୍ର ଶିବିର

କଟକ, ୨୨।୨ (ସଂଚାର ବ୍ୟୁରୋ) ଃ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ଦ୍ୱାରା ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ ନିମନ୍ତେ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା। ନୂଆପଡ଼ା ବାଲିସାହି ସ୍ଥିତ ଗାଦି ଗୋସାଇଁ ପଡ଼ିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ନିର୍ମାଣ ଶ୍ରମିକଙ୍କ ସହାୟତା ପାଇଁ ଯୋଜନା ସଂପର୍କରେ ସୂଚନା ପ୍ରଦାନ କରାଯିବା ସହ ରାଜ୍ୟରେ ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ନିମନ୍ତେ ସରକାରଙ୍କ ପ୍ରାଥମିକତା ସଂପର୍କରେ ଏକ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହେଇଥିଲା। ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ, ଇଂ ପ୍ରକାଶ ଚନ୍ଦ୍ର ସେଠୀ ଆଜିର



କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ପ୍ରଗତିରେ ନିର୍ମାଣ ଶ୍ରମିକମାନଙ୍କ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଦିବ୍ୟଲୋଚନ ମହାନ୍ତ ଯୋଗଦେଇ କହିଥିଲେ, ରାଜ୍ୟରେ କଟକ ଜିଲ୍ଲାରେ ସର୍ବାଧିକ ଶ୍ରମିକ ଭାଇ ଭଉଣୀମାନେ ପଞ୍ଜୀକୃତ ହୋଇଛନ୍ତି । ସରକାରୀ ଯୋଜନା ଗୁଡ଼ିକ କିପରି ଭାବେ ସମସ୍ତଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ ଜିଲ୍ଲା ପ୍ରଶାସନ ସଦା ସର୍ବଦା ଚେଷ୍ଟିତ ଓ ଏହି ସମ୍ପର୍କରେ ଗଣମାଧ୍ୟମ ଜରିଆରେ ସମସ୍ତଙ୍କୁ ଅବଗତ କରାଇବାକୁ ଅନୁରୋଧ କରିଥିଲେ। ଆୟୋଜିତ ଏହି ସ୍ୱତନ୍ତ୍ର ଶିବିରରେ ମୁଖ୍ୟ ଅତିଥି ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରିବା ସହ ନିର୍ମାଣ ଶ୍ରମିକ ପରିଚୟ ପତ୍ର ମଧ୍ୟ ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ସମଗ୍ର କଟକ ଜିଲ୍ଲାରେ ୪୦୯୯ ଜଣ ହିତାଧିକାରୀଙ୍କୁ ଏବଂ ୫୦ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ ନିର୍ମାଣ ଶ୍ରମିକଙ୍କ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ପାଦରେ ଚାଲି ଚାଲି ରାଜ୍ୟ ପାର୍

କୋଲକାତା,୨୨।୨(ସଂଚାର ବ୍ୟୁରୋ)ଃ ଆସାମରୁ ମୟନାଗୁଡ଼ି ପ୍ରାୟ ୩୦୦ କିଲୋମିଟର ରାସ୍ତା। ଜଣେ ମାନସିକ ଅସନ୍ତୁଳିତ ଯୁବକ ପାଦରେ ଚାଲି ଚାଲି ଏତେ ଦୂର ଚାଲିଥିଲେ। ଆସାମର ବାଣୁଆ ଡାବପଡା ଅଞ୍ଚଳର ବାସିନ୍ଦା ଜାହିଦୁଲ ଇସଲାମ ଗତ ୭ ଦିନ ଧରି ନିଖୋଜ ଥିଲେ। ତାଙ୍କ ପରିବାର ପକ୍ଷରୁ ଆସାମର ମାଟିଆ ଥାନାରେ ନିଖୋଜ ଅଭିଯୋଗ ମଧ୍ୟ କରାଯାଇଥିଲା। କିନ୍ତୁ ଜାହିଦୁଲର କୌଣସି ସନ୍ଧାନ ମିଳିପାରିଲା ନାହିଁ। ମୟନାଗୁଡ଼ିର ବ୍ରହ୍ମପୁର ଅଞ୍ଚଳରେ, ସ୍ଥାନୀୟ ଲୋକମାନେ ଜଣେ ଅଜଣା ଯୁବକକୁ ଲକ୍ଷ୍ୟହୀନ ଭାବରେ ବୁଲୁଥିବାର ଦେଖିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କ ଅସମ୍ପୂର୍ଣ୍ଣ କଥା ଶୁଣି ଥାନାକୁ ଖବର ଦିଆଯାଇଥିଲା। ପୁଲିସ ପରିଚୟ ଜାଣିବା ପାଇଁ ପଚରାଉଚରା ସମୟରେ ଜାହିଦୁଲ ତାଙ୍କ ନାମ ଏବଂ ପରିଚୟ ପ୍ରକାଶ କରିଥିଲେ। ତାଙ୍କ ପରିବାରକୁ ସୂଚନା ଦିଆଯାଇଥିଲା। ପରେ, ପରିବାର ସଦସ୍ୟମାନେ ମୟନାଗୁଡ଼ିରୁ ଜାହିଦୁଲଙ୍କୁ ଉଦ୍ଧାର କରି ଘରକୁ ନେଇଯାଇଥିଲେ।

# ବୈଭବଙ୍କୁ ୫୦ ଲକ୍ଷ ପୁରସ୍କାର ଦେଲେ ବିହାର ମୁଖ୍ୟମନ୍ତ୍ରୀ



ପାଟନା,୨୨।୨ଃ ଦିନକୁ ଦିନ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସଫଳତାର ପାହାଚ ଦ୍ରୁତ ଗତିରେ ଚଢୁଥିବା ଯୁବ ବ୍ୟାଟ୍ସମ୍ୟାନ୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ଆଜି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସମ୍ମାନ କରିଛନ୍ତି। ନିକଟରେ ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ-୨୦୨୬ରେ ଚାମ୍ପିଅନ୍ ହୋଇଥିବା ଭାରତୀୟ ଦଳରେ ବୈଭବଙ୍କ ପ୍ରଦର୍ଶନ ବେଶ୍ ଉଲ୍ଲେଖନୀୟ ଥିଲା। ନୀତୀଶ ବୈଭବଙ୍କୁ ୫୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିବା ସହ ଏକ ଶାଲ ପ୍ରଦାନ ପୂର୍ବକ ସମ୍ମାନିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୈଭବ ସୂର୍ଯ୍ୟବଂଶୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେ ତାଙ୍କ କଠିନ ପରିଶ୍ରମ ଓ ପ୍ରତିଭା ମାଧ୍ୟମରେ ଭାରତୀୟ କ୍ରିକେଟ ପାଇଁ ଏକ ନୂତନ ଆଶା ପାଲଟିଛନ୍ତି। ଆଗାମୀ ଦିନରେ ବି ସେ ଭାରତୀୟ ଦଳ ପାଇଁ ନୂତନ ରେକର୍ଡ ସୃଷ୍ଟି କରିବା ସହ ଦେଶ ପାଇଁ ଗୌରବ ଆଣନ୍ତୁ ବୋଲି ନୀତୀଶ କାମନା କରିଛନ୍ତି। ସେ ଆହୁରି କହିଛନ୍ତି ଯେ ବୈଭବ ଭଲ କ୍ରିକେଟ ଖେଳିବା ଜାରି ରଖି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିପାରିଛନ୍ତି। ନୀତୀଶ କହିଛନ୍ତି ଯେ ବିହାରର ଜଣେ ପୁଅ ତାଙ୍କ କଠିନ ପରିଶ୍ରମ ଏବଂ ପ୍ରତିଭା ମାଧ୍ୟମରେ ଅନ୍ତର୍ଜାତୀୟ ସ୍ତରରେ ପରିଚିତି ହାସଲ କରିଛନ୍ତି, ଏହା ଆମ ସମସ୍ତଙ୍କ ପାଇଁ ଖୁସିର ବିଷୟ। ବୈଭବ ବିହାରର ପିଲାମାନଙ୍କ ପାଇଁ ପ୍ରେରଣା ବୋଲି ନୀତୀଶ କହିବା ସହ ବୈଭବଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅନ୍ୟପକ୍ଷରେ ବୈଭବ ମଧ୍ୟ ମହଙ୍ଗା କର୍ଭ କାର୍ ଉପହାର ଆକାରରେ ପାଇଛନ୍ତି, ଯାହା ତାଙ୍କୁ ଦେଶର ପ୍ରମୁଖ ଚାରିଚକିଆ ଯାନ ନିର୍ମାଣକାରୀ କମ୍ପାନୀ ଟାଟା ପକ୍ଷରୁ ପ୍ରଦାନ କରାଯାଇଛି। ବୈଭବଙ୍କୁ ଟାଟା ଆଇପିଏଲ୍‌ରେ ସିରିଜର ଶ୍ରେଷ୍ଠ ଷ୍ଟ୍ରାଇକର ଭାବେ ସମ୍ମାନିତ କରାଯାଇଥିଲା। ପାଟନାର ଏକ ଟାଟା ଶୋ' ରୁମର ମାଲିକ କହିଛନ୍ତି ଯେ ଆଜି ବୈଭବଙ୍କୁ କାର୍‌ର ଡେଲିଭରି ଦିଆଯାଇଛି। ବୈଭବ ଓ ତାଙ୍କ ବାପା ନିଜେ କାର ରିସିଭ୍ କରିବାକୁ ଆସିଥିଲେ ବୋଲି ସେ କହିଛନ୍ତି। ବୈଭବଙ୍କୁ ସମ୍ବର୍ଦ୍ଧନା ସମୟରେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ଜଳସମ୍ପଦ ମନ୍ତ୍ରୀ ବିଜୟ କୁମାର ଚୌଧୁରୀ, କ୍ରୀଡ଼ା ମନ୍ତ୍ରୀ ଶ୍ରେୟସୀ ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଦୀପକ କୁମାର, ମୁଖ୍ୟମନ୍ତ୍ରୀଙ୍କ ସଚିବ ଅନୁପମ କୁମାର, କ୍ରୀଡ଼ା ବିଭାଗ ସଚିବ ମହେନ୍ଦ୍ର କୁମାର, ବିହାର ରାଜ୍ୟ କ୍ରୀଡ଼ା ପ୍ରାଧିକରଣର ମହାନିର୍ଦ୍ଦେଶକ ରବୀନ୍ଦ୍ରନ ଶଙ୍କର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବଜେଟ୍ ବରାଦ, ଆସିବ ଅଧିକ ଇ-ବସ୍

ଭୁବନେଶ୍ୱର,୨୨।୨ଃ ବଜେଟରେ ସହରାଞ୍ଚଳ ପରିବହନ ପାଇଁ ୪୨୧ କୋଟି ଟଙ୍କାର ବ୍ୟୟବରାଦ ହେବା ପରେ ଏବେ ଅଧିକରୁ ଅଧିକ ସଂଖ୍ୟକ ପରିବେଶ ଅନୁକୂଳ ଇ-ବସ୍ ଆଣିବା ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି। ରାଜ୍ୟରେ ଚାଲୁଥିବା ଇ-ବସ୍ ତାଲିକାରେ ଆଉ ୬୦୦ ଇ-ବସ୍ ଯୋଡ଼ାଯିବ ବୋଲି ସୂଚନା ମିଳିଛି।

ରାଜ୍ୟରେ ସହରାଞ୍ଚଳ ପରିବହନ ବ୍ୟବସ୍ଥାରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ଓଡ଼ିଶା ସରକାର ୨୦୨୬-୨୭ ବଜେଟରେ ୪୨୧ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟରେ ଇ-ବସ୍ ସେବା ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ବ୍ୟାପକ କରାଯିବ। ରାଜ୍ୟ ସରକାର




୬୦୦ ଇ-ବସ୍ କିଣିବାକୁ ଯୋଜନା କରୁଥିବାବେଳେ ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ରାଜ୍ୟକୁ ଆଉ ୪୦୦ ଇ-ବସ୍ ଆସିବ ବୋଲି ଜଣାଯାଇଛି।

ଏହା ଫଳରେ ରାଜ୍ୟରେ ଆମ ବସ୍ ସେବାର କଳେବର ବୃଦ୍ଧି ପାଇବା ସହ ସହରାଞ୍ଚଳରେ ଏହା ଅଧିକରୁ ଅଧିକ ଲୋକଙ୍କୁ ସେବା ଯୋଗାଇବ। ଉଲ୍ଲେଖନୀୟ ଯେ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ଦ୍ୱାରା ପରିଚାଳିତ ଆମ୍ ବସ୍ ସେବା ଏବେ ଦୈନିକ ୩ ଲକ୍ଷରୁ ଅଧିକ ଯାତ୍ରୀଙ୍କ ପରିବହନ କରୁଛି। 'ଆମ ବସ'ରେ ଯାତାୟାତ କରୁଥିବା ଯାତ୍ରୀଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ଡିଜିଟାଲ୍ ମାଧ୍ୟମରେ ଦେୟ ପ୍ରଦାନ କରୁଛନ୍ତି, ଯାହା ସରକାରଙ୍କ ଡିଜିଟାଲ ଇଣ୍ଡିଆକୁ ଅଧିକ ସୁଦୃଢ଼ କରୁଛି। ସେହିଭଳି ଯାତ୍ରୀମାନଙ୍କୁ ଘରୁ ବସ୍‌ଷ୍ଟାଣ୍ଡ ଓ ବସ୍‌ଷ୍ଟାଣ୍ଡରୁ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ପରିବହନ ସେବା ଯୋଗାଇବା ପାଇଁ ଆମ ଇ-ରାଇଡ୍ ସେବାକୁ ଅଧିକ ସୁଦୃଢ଼ କରାଯାଉଛି। 'ଓଡ଼ିଶା ଯାତ୍ରୀ' ମାଧ୍ୟମରେ ରୁଟ୍ ଅପ୍ଟିମାଇଜେସନ୍ ଓ ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦିଆଯାଉଛି।

ବଜେଟରେ ଅର୍ଥ ବରାଦ ଓ ନୂତନ ପଦକ୍ଷେପ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ ଏହି ବଜେଟ୍ ଆମ ସରକାରଙ୍କ ଲୋକ-କୈନ୍ଦ୍ରିକ ବିକାଶର ପ୍ରତିଫଳନ। 'ଆମ ବସ୍' ଓଡ଼ିଶାରେ ସାଧାରଣ ପରିବହନର ସଂଜ୍ଞା ବଦଳାଇ ଦେଇଛି। ଆମେ କେବଳ ସଂଯୋଗୀକରଣ ବଢ଼ାଉନାହୁଁ, ବରଂ ଭବିଷ୍ୟତ ପାଇଁ ଏକ ସ୍ୱଚ୍ଛ ଓ ସବୁଜ ସହର ନିର୍ମାଣ କରୁଛୁ। ଆମ ବସ୍ ସେବାରେ ଅଧିକରୁ ଅଧିକ ଇ-ବସ୍ ସାମିଲ କରି ଆମେ ସହରାଞ୍ଚଳ ପରିବହନକୁ ଅଧିକ ସୁଲଭ ଏବଂ ପରିବେଶ ଅନୁକୂଳ କରିବାକୁ ଲକ୍ଷ୍ୟ ରଖିଛୁ। ବଜେଟରେ ରାଜ୍ୟ ସରକାର ସହରାଞ୍ଚଳ ପରିବହନକୁ ଯେଭଳି ଅଗ୍ରାଧିକାର ପ୍ରଦାନ କରିଛନ୍ତି ତା' ଆଗାମୀ ଦିନରେ ସହରାଞ୍ଚଳ ପରିବହନ ବ୍ୟବସ୍ଥାକୁ ସୁସଙ୍ଗତ କରିବା ସହ ଦେଶରେ ଅନନ୍ୟ ଉଦାହରଣ ସୃଷ୍ଟି କରିବ ବୋଲି କୁହାଯାଇଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୁଲିସ୍...

କର୍ମଚାରୀ ରେଙ୍ଗାଲି ଥାନାର ଏକ ଗ୍ରାମକୁ ଜଣେ ପୁଲିସ କନଷ୍ଟେବଲଙ୍କ ବାହାଘର ଭୋଜିରେ ଯୋଗଦେଇ ୪୯ ନମ୍ବର ଜାତୀୟ ରାଜପଥରେ ଫେରୁଥିଲେ। ଆଜି ଭୋର ପ୍ରାୟ ସାଢ଼େ ୩ଟା ସମୟରେ ସେମାନଙ୍କ ଗାଡ଼ିକୁ ଝାରସୁଗୁଡ଼ା ସଦର ଥାନା ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ଚିପ୍ସ ବୋଝେଇ ଟ୍ରେଲର ଖୁବ୍ ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୫ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସେହିପରି ବୋଲେରୋ ଗାଡିଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଟିମ ଗାଡ଼ି ଭିତରୁ ମୃତଦେହଗୁଡ଼ିକୁ ବାହାର କରିଥିଲେ। ଗୁରୁତରମାନଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅନ୍ୟ ଜଣେ ଜଣେ ଝାରସୁଗୁଡ଼ା ଜିଲ୍ଲା ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେପଟେ ଦୁର୍ଘଟଣା ଘଟାଇଥିବା ଟ୍ରେଲର ଚାଳକଙ୍କୁ ଅଟକ ରଖାଯାଇଥିବା ବେଳେ ଗାଡ଼ିକୁ ଜବତ କରି ପୁଲିସ ତଦନ୍ତ ଆରମ୍ଭ କରିଥିବା କହିଛନ୍ତି ଝାରସୁଗୁଡ଼ାର ଅତିରିକ୍ତ ଏସ୍‌ପି ମଧୁସିକ୍ତା ମିଶ୍ର। ସେହିପରି ମୃତ୍ୟୁବରଣ କରିଥିବା ୫ ପୁଲିସ୍ କର୍ମଚାରୀ ହେଲେ ହୋମ୍‌ଗାର୍ଡ ଭକ୍ତ ମିର୍ଦ୍ଧା, କନଷ୍ଟେବଳ କାଶିରାମ ଭୋଇ, ଦେବଦତ୍ତ ସାହା, ହାବିଲଦାର ଲିଙ୍ଗରାଜ ଧୁରୁଆ ଓ ଡିଏସ୍‌ଆଇ ନିରଞ୍ଜନ କୁଜୁର।

ଅନ୍ୟପକ୍ଷରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୫ ପୁଲିସ କର୍ମଚାରୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ରିଜର୍ଭ ପୁଲିସ ପଡ଼ିଆକୁ ଅଣାଯାଇଛି। ଶେଠାରେ ବରିଷ୍ଠ ପୁଲିସ ଅଧିକାରୀ, ମୃତକଙ୍କ ପରିବାର ବର୍ଗ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ସମ୍ପର୍କରେ ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲୋକଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ମୃତ ପୁଲିସ୍‌କ କର୍ମଚାରୀଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ମଧ୍ୟ ଘୋଷଣଶ କରିଛନ୍ତି।

ଏହାଛଡ଼ା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋସିଆଲ ମିଡିଆ 'ଏକ୍ସ'ରେ ଏକ ଶୋକବାର୍ତ୍ତା ପୋଷ୍ଟ୍ କରିଛନ୍ତି, ଯେଉଁଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଝାରସୁଗୁଡ଼ାରେ ଏକ ଅଭାବନୀୟ ସଡ଼କ ଦୁର୍ଘଟଣାରେ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ହେବା ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି। ଏହି ଦୁଃଖଦ ସମୟରେ ମହାପ୍ରଭୁ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ। ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି।

## ଏନ୍‌କାଉଣ୍ଟର୍‌ରେ...

ଗୁରୁତର ଭାବେ ହୋଇଥିବା ନେଇ ସୂଚନା ମିଳିଛି। ଦୁଇ ଦିନ ଧରି ଉକ୍ତ ଜଙ୍ଗଲରେ ପୁଲିସ୍ ବାହିନୀ ପକ୍ଷରୁ ଅପରେସନ୍ ଚାଲିଥିବା ବେଳେ ଆଜି ସୁରକ୍ଷାକର୍ମୀଙ୍କୁ ସଫଳତା ମିଳିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଗୁଳିଗୋଳା ବିନିମୟ ଜାରି ରହିଛି। କନ୍ଧମାଳ ଜିଲ୍ଲାରେ କେତେକ ମାଓବାଦୀ ଆତ୍ମଗୋପନ କରିଥିବା ସନ୍ଦେହରେ ଗତ ଦୁଇ ଦିନ ହେଲା ତଲାସୀ ଅଭିଯାନ ଜାରି ରହିଥିଲା। ପୂର୍ବରୁ ଗତ ସପ୍ତାହରେ ରାଇକିଆ ଥାନା ଇନ୍ଦ୍ରଗଡ଼ ପଞ୍ଚାୟତରେ ମଧ୍ୟ ପୁଲିସ ଓ ମାଓବାଦୀ ମୁହାଁମୁହିଁ ହେବା ଫଳରେ ଗୁଳିବିନମୟ ହୋଇଥିଲା, ଏଥିରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ତେବେ ଆଜି ମୃତ୍ୟୁବରଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୨ ଜଣଙ୍କର ପରିଚୟ ମିଳିଛି। ସେମାନେ ହେଲେ ଜଗେଶ ଓ ରଶ୍ମି। ଜଗେଶ ଏରିଆ କମିଟି ସଦସ୍ୟ ଥିବା ବେଳେ ରଶ୍ମି ସିପିଆଇ(ମାଓବାଦୀ)ର ସଦସ୍ୟ ଥିଲା। ଉଭୟଙ୍କ ମୁଣ୍ଡରେ ସାଢ଼େ ୨୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। କଳାହାଣ୍ଡି କନ୍ଧମାଳ ବୌଦ୍ଧ ନୟାଗଡ଼ (କେକେବିଏନ୍) ଡିଭିଜନ୍‌ର ସଦସ୍ୟ ଥିବା ଏହି ଦୁଇ ମାଓବାଦୀ ବିଭିନ୍ନ ହିଂସାକାଣ୍ଡରେ ଜଡ଼ିତ ଥିବା ସ୍ଥାନୀୟ ପୁଲିସ୍ ପକ୍ଷରୁ କୁହାଯାଇଛି। ସେମାନଙ୍କ ନିକଟରୁ ବ୍ୟାପକ ଅସ୍ତ୍ରଶସ୍ତ୍ର ଓ ମାଓସାମଗ୍ରୀ ଜବତ କରାଯାଇଥିବା ସ୍ଥାନୀୟ ଏସ୍‌ପି କହିଛନ୍ତି।

ଅନ୍ୟପକ୍ଷରେ ସିପିଆଇ(ମାଓବାଦୀ) ସଙ୍ଗଠନର ପ୍ରମୁଖ ନେତା ତଥା ସାଧାରଣ ସମ୍ପାଦକ ଥିପ୍ପିରି ତିରୁପତି ଓରଫ୍ 'ଦେବଜୀ' ଆଜି ତେଲଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ସହ ଆଉ ଜଣେ ପ୍ରମୁଖ ମାଓନେତା ମାଲା ରାଜି ରେଡ୍ଡୀ ଓ ୧୬ ଜଣ ସଶସ୍ତ୍ର କ୍ୟାଡର ମଧ୍ୟ ଅସ୍ତ୍ରଶସ୍ତ୍ର ସମର୍ପଣ କରିଛନ୍ତି। ତେଲଙ୍ଗାନାର ଆସିଫାବାଦ ଜିଲ୍ଲା ଜଙ୍ଗଲରେ ଏହି ପ୍ରମୁଖ ନେତାମାନେ ପୁଲିସ ନିକଟରେ ପହଞ୍ଚି ହିଂସାପଥ ପରିତ୍ୟାଗ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇଛନ୍ତି।

## ଦାୟିତ୍ୱବାନ...

କରିଆସୁଥିଲେ। ଶେଷରେ ସୀମା ଟପିବା ପରେ ସହିଦ ନଗର ଥାନାରେ ପୀଡ଼ିତା ଏତଲା ଦେଇଥିବା ବେଳେ ପୁଲିସ ମାମଲା ରୁଜୁ କରି ବୟାନ ରେକର୍ଡ କରିଛି। ଏଥିସହ ତାଙ୍କ ମୋବାଇଲରୁ ଡିଜିଟାଲ୍ ତଥ୍ୟ ପ୍ରମାଣ ସଂଗ୍ରହ କରି ଆଇଆରଏସ୍ ଭାଇ ଓ ସମ୍ପର୍କୀୟ ଭଉଣୀକୁ ଥାନାକୁ ଡକାଇଛି। ତେବେ ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ୨୦୧୩ ବ୍ୟାଚର ଆଇଆରଏସ୍ ଅଧିକାରୀଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ସେପଟେ କେନ୍ଦ୍ରାପଡ଼ା ରାଜକନିକା ଇଲାକାର ଏକ ଶିକ୍ଷାନୁଷ୍ଠାନରେ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ମାମଲାର ଗୁରୁତ୍ୱକୁ ଦେଖି ରେଡ୍‌ଫ୍ଲାଗ୍ ଅନ୍ତର୍ଭୁକ୍ତ କରିଛି କ୍ରାଇମବ୍ରାଞ୍ଚ। ଅର୍ଥାତ ଏତଲାର ୬୦ ଦିନ ଭିତରେ ଚାର୍ଜସିଟ୍ ଦାଖଲ ସହ ସାକ୍ଷୀମାନଙ୍କୁ ଶୀଘ୍ର କୋର୍ଟରେ ଉପସ୍ଥାପନ କରାଯିବ। ହାଇପ୍ରୋଫାଇଲ୍ ମନିଟରିଂ ସହ ପୁଲିସ ଡିଜି, ମହିଳା ଆୟୋଗ, ଶିଶୁ ସୁରକ୍ଷା ଆୟୋଗ କିମ୍ବା ଅନ୍ୟ ଉଚ୍ଚ ସଂସ୍ଥା ଏଇ ମାମଲାର ନିୟମିତ ଫଲୋଅପ୍ କରିବେ। ପୀଡ଼ିତାଙ୍କୁ ସୁରକ୍ଷା, ମେଡିକାଲ୍ ସହାୟତା ଓ କାଉନସେଲିଂ ନିଶ୍ଚିତ କରାଯିବ। ମାମଲାର ବିଚାର ପାଇଁ ଫାଷ୍ଟ ଟ୍ରାକ୍ କୋର୍ଟ ଓ ସରକାରୀ ଓକିଲ ନିଯୁକ୍ତ ହେବେ। ଏସବୁ ଭିତରେ ଅଭିଯୁକ୍ତ ୩ ଶିକ୍ଷକ, ଜଣେ ଶିକ୍ଷୟିତ୍ରୀ ଓ ସ୍କୁଲର ଜଣେ ପିଅନଙ୍କ ବିରୋଧରେ ସଙ୍ଗିନ ଦଫା ଲଗାଇ ଗିରଫ ପରେ କୋର୍ଟଚାଲାଣ କରିଛି ପୁଲିସ। ଅପର ପକ୍ଷେ ଅଭିଯୁକ୍ତ ଶିକ୍ଷକଙ୍କ ସପକ୍ଷରେ ଯୁକ୍ତି ବାଢିବା ସହ ସେମାନେ ନିର୍ଦ୍ଦୋଷ ଏବଂ ତାଙ୍କୁ ଫସାଇ ଦିଆଯାଇଛି। ଏହାର ସଠିକ୍ ତଦନ୍ତ ଦାବି କରି ରାଜକନିକା ଥାନା ଆଗରେ ରୁଣ୍ଡ ହୋଇଥିଲେ କିଛି ଅଭିଭାବକ।

## ଅଭିନବ..

ସହ ସେ କହିଛନ୍ତି ଯେ କଠିନ ପରିଶ୍ରମ ଓ ନୂତନ ଚିନ୍ତାଧାରା ହିଁ ପ୍ରକୃତ ସଫଳତାର ଚାବିକାଠି। ହୀରୋଦ ପିତା ଶିବ ଶଙ୍କର ପଟେଲଙ୍କ ସହ ମିଶି ପାରମ୍ପରିକ ଧାନ ଚାଷ ସହ ଆଧୁନିକ ଜ୍ଞାନକୌଶଳକୁ ଆପଣାଇ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ପୋଖରୀରେ ମାଛ ଚାଷ କରିବା ସହ ତା' ଉପରେ ଭାଡ଼ି କରି ଲାଉ ଓ ବିଭିନ୍ନ ପ୍ରକାରର ପନିପରିବା ଚାଷ କରି ସେ ସ୍ୱାବଲମ୍ବୀ ହୋଇଛନ୍ତି। ଏଥିସହ ସେ ଅନ୍ୟମାନଙ୍କୁ ରୋଜଗାର ଦେଇ ସେ ଯୁବ ସମାଜ ପାଇଁ ଆଦର୍ଶ ସାଜିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା କୃଷିକୁ ବୃତ୍ତି ଭାବେ ଗ୍ରହଣ କରିବାକୁ ଚାହୁଁଥିବା ଯୁବପିଢ଼ିକୁ ନିଶ୍ଚିତ ପ୍ରେରିତ କରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଯେ ନିକଟରେ ଅନୁଷ୍ଠିତ 'ଏଆଇ ଇମ୍ପାକ୍ଟ ସମ୍ମିଟ'ରେ ଭାରତର ନବସୃଜନ କ୍ଷମତା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଅମୂଲ ବୁଥରେ ଏଆଇ ଆଧାରିତ ସମାଧାନ ଜରିଆରେ କିପରି ୨୪ ଘଣ୍ଟିଆ ସହାୟତା ମିଳୁଛି ଓ ଚାଷୀମାନେ ଡାଏରୀ ପରିଚାଳନା ସହ ପଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଶକ୍ତ ହେଉଛନ୍ତି, ତାହା ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାରେ ପ୍ରତିଫଳିତ ହୋଇଛି। ଏଥିସହ ଏଆଇ ମାଧ୍ୟମରେ ଆମର ପ୍ରାଚୀନ ଗ୍ରନ୍ଥ, ଜ୍ଞାନ ପରମ୍ପରା ଓ ପାଣ୍ଡୁଲିପିର ସଂରକ୍ଷଣ ଭାରତର ସାଂସ୍କୃତିକ-ବୈଷୟିକ ଶକ୍ତିର ପରିଚୟ ଦେଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ଧରାହେଲେ...

ଥିବା ପୋଷ୍ଟର୍ ପାଖାପାଖି ୧୦ଟି ସ୍ଥାନରେ ଲଗାଇଥିଲେ। ତଦନ୍ତ ସମୟରେ ଏହି ସନ୍ଦିଗ୍ଧମାନେ ବିଦେଶୀ ଆତଙ୍କୀ ସଂଗଠନଠାରୁ ଅର୍ଥ ପାଉଥିବା ଜଣାପଡ଼ିଥିଲା। ନିକଟରେ ଦିଲ୍ଲୀରେ ଲସ୍କର୍ ପକ୍ଷରୁ ବଡ଼ ଧରଣର ଆତଙ୍କୀ ହମ୍ଲା କରାଯିବା ନେଇ ଗୁଇନ୍ଦା ସୂଚନା ଦେଇଥିବା ବେଳେ ଆଜି ୮ ଜଣ ସନ୍ଦିଗ୍ଧ ଗିରଫ ହେବା ଘଟଣାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି।

## ରାଜ୍ୟ ବିଜେପିରେ...

ପଣ୍ଡା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରତାପ ଷଡ଼ଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡା.ସମ୍ବିତ ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ମାନସ କୁମାର ମହାନ୍ତି ଯୋଗ ଦେଇଥିଲେ।

କିଛି ଦିନ ପୂର୍ବରୁ ମନମୋହନ ସାମଲ ଓ ଧର୍ମେନ୍ଦ୍ର ପ୍ରଧାନ ଏକାଠି ସାମ୍ବାଦିକ ସମ୍ମିଳନୀ କଲେ ଏବଂ ଆଜି କୋର କମିଟି ବୈଠକରେ କେନ୍ଦ୍ରମନ୍ତ୍ରୀ ଯୋଗଦେବା ସଙ୍କେତ ଦେଉଛି କେଉଁଠି ନା କେଉଁଠି ରାଜ୍ୟ ବିଜେପିରେ ଦ୍ୱନ୍ଦ୍ୱ ଦୂର ହେଉଛି। ଏହି ବୈଠକ ପରେ ଚର୍ଚ୍ଚା ହେଉଛି, ଦୀର୍ଘ ଦିନ ହେଲା ଅଟକିଥିବା ବୋର୍ଡ ଓ ନିଗମ ନିଯୁକ୍ତି ବାଟ ଖୋଲିଛି। ଦଳୀୟ ସୂତ୍ର ଅନୁଯାୟୀ, ଦୋଳ ପୂର୍ଣ୍ଣିମା ନିଗମ ଓ ବୋର୍ଡ ନିଯୁକ୍ତି ଘୋଷଣା ହେବ। ସେହିଭଳି ରାଜ୍ୟସଭାରେ ବିଜେପି ପ୍ରାର୍ଥୀ ନେଇ ମଧ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ନିଆସରିଥିବା ଆଲୋଚନା ହେଉଛି। ମିଳୁଥିବା ସୂଚନାନୁଯାୟୀ, ସୁଜିତ କୁମାରଙ୍କୁ ପୁଣି ଥରେ ଦଳ ରାଜ୍ୟସଭାକୁ ପଠାଇବ। ଦ୍ୱିତୀୟ ଆସନ ପାଇଁ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଓ ପୂର୍ବତନ ପ୍ରଭାରୀ ଅରୁଣ ସିଂଙ୍କ ନାଁ ଚର୍ଚ୍ଚା ହେଉଛି। ତୋମାର ଏବେ ସଂସଦର ସଦସ୍ୟ ନାହାଁନ୍ତି। ସେହିଭଳି ଅରୁଣ ସିଂ ମଧ୍ୟ ରାଜ୍ୟ ବିଜେପି ପ୍ରଭାରୀ ଦାୟିତ୍ୱରେ ଥିଲେ। ତେଣୁ ଏହି ଦୁଇ ଜଣ କେନ୍ଦ୍ରୀୟ ନେତାଙ୍କ ମଧ୍ୟରୁ ଜଣଙ୍କୁ ରାଜ୍ୟସଭାକୁ ପଠାଗଲେ ଆଉ ଆଶାୟୀମାନେ ସ୍ୱର ଉତ୍ତୋଳନ କରିବେ ନାହିଁ। ତେବେ ଦଳ ପକ୍ଷରୁ ଏନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଚୂଡ଼ାନ୍ତ ପ୍ରାର୍ଥୀ ଦଳର କେନ୍ଦ୍ରୀୟ କମିଟି ଘୋଷଣା କରିବ।

## 'ମନ୍ କୀ ବାତ୍'ରେ...

ଲାଭବାନ୍ ହୋଇଛନ୍ତି। ତାଙ୍କ ଚାଷ ପ୍ରଣାଳୀ ଅନେକ ଲୋକଙ୍କୁ ପ୍ରେରଣା ଯୋଗାଇଛି। ତେଣୁ ଅନ୍ୟ ଚାଷୀମାନେ ତାଙ୍କୁ ହିରୋଦଙ୍କ ଚାଷ ଶୈଳୀ ଶିଖିବା ସକାଶେ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସୂଚନାନୁସାରେ, ଯୁବ ଚାଷୀ ହିରୋଦ ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକର ରତନପୁର ଗ୍ରାମର ବାସିନ୍ଦା ହୋଇଥିବା ବେଳେ ସେ ତାଙ୍କର ଅଭିନବ ସମନ୍ୱିତ କୃଷି ମଡେଲ ପାଇଁ ଉଲ୍ଲେଖନୀୟ ସ୍ୱୀକୃତି ପାଇଛନ୍ତି। ଧାନ, କଦଳୀ, ମାଛ, ପନିପରିବା ଓ ଫୁଲ ଆଦି ଚାଷ କରି ସେ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏପରିକି ଅନ୍ୟମାନଙ୍କ ପାଇଁ ତାଙ୍କ ୮ ଏକରର ଫାର୍ମ ଜୀବନ୍ତ ପ୍ରୟୋଗଶାଳା ପାଲଟିଛି। ଅନେକ ଚାଷୀ ଓ ଚାଷ ପ୍ରତି ଆଗ୍ରହୀ ଲୋକ ତାଙ୍କ ଫାର୍ମ ବୁଲି ଦେଖୁଛନ୍ତି।]

## ବିଜେଡି...

ଅନ୍ୟ ପକ୍ଷରେ ଦଳର ଏହି ଦୁଇ ସଂଗଠନ ସରକାରଙ୍କ ବିରୋଧରେ କୌଣସି ଆନ୍ଦୋଳନକୁ ମନଇଚ୍ଛା ଓହ୍ଲାଇପାରୁନାହାନ୍ତି। ପ୍ରବଳ କଟକଣା ଓ ଚାପ ସେମାନଙ୍କ ପାଇଁ ସମସ୍ୟା ପାଲଟିଛି। ଏହାକୁ ନେଇ ଦୁଇ ସଂଗଠନରେ ଥିବା ଯୁବଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ଆଗାମୀ ୨୪ ତାରିଖରେ ଦଳର ଛାତ୍ର ଓ ଯୁବ ସଂଗଠନ କିଭଳି ଚାଷୀଙ୍କ ପାଇଁ ରାସ୍ତାକୁ ଓହ୍ଲାଇବ, ତା' ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ସେତିକ ନୁହେଁ, ଦଳ ଏବେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ସଜବାଜ ହେଉଥିବା ବେଳେ ଯୁବ ସଂଗଠନରେ ଏଭଳି ଫାଟ ଏବେ ଦଳୀୟ କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହେଲାଣି।

## 'ସାନ ମାନ୍ୟବର'ଙ୍କ...

ବ୍ୟବସାୟକୁ ଉଜାଡ଼ି ଦେଇଛନ୍ତି ସ୍ଥାନୀୟ ଜନପ୍ରତିନିଧି।

ପିପିଲି ବଜାର ଦେଇ ସାନ ମାନ୍ୟବରଙ୍କ ବଡ଼ ବଡ଼ ଗାଡ଼ି ଯିବାରେ ଅସୁବିଧା ହେଉଥିଲା। ତାଙ୍କୁ ଚଉଡ଼ା ରାସ୍ତା ଦରକାର। ସେଇ ବାଟ ଦେଇ ଉପମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ବି ଯିବାରେ ଅସୁବିଧା ହେଉଥିଲା। ତେଣୁ ଶହ ଶହ ବର୍ଷ ଧରି ପିପିଲି ବଜାରରେ ବ୍ୟବସାୟ କରୁଥିବା ଦୋକାନୀଙ୍କ ରୋଜଗାରକୁ ଉଜାଡ଼ିଦେଲେ। ଗତ ସରକାର ସମୟରେ ପିପିଲି ବଜାରର ଉନ୍ନତିକରଣ ପାଇଁ ୨୨ କୋଟି ଟଙ୍କା ଦିଆଯାଇଥିଲା। ସେ ଟଙ୍କା କୁଆଡ଼େ ଗଲା ବୋଲି ରୁଦ୍ର ପ୍ରଶ୍ନ କରିଛନ୍ତି। ଦୁଇ ବର୍ଷ ଭିତରେ ପିପିଲିବାସୀଙ୍କ ବିକାଶ ପାଇଁ କିଛି କାମ ହୋଇନି। ଅବଶ୍ୟ 'ସାନ ମାନ୍ୟବର'ଙ୍କ ସମ୍ପତ୍ତି ବଢ଼ିଛି, ଗାଡ଼ି ଘୋଡା ବଢ଼ିଛି ଆଉ ତାଙ୍କ ଓଜନ ବି ବଢ଼ିଛି ବୋଲି କଟାକ୍ଷ କରି କହିଛନ୍ତି ରୁଦ୍ର।

'ସାନ ମାନ୍ୟବର'ଙ୍କୁ ଭୋଟ ଦେଇଥିବା ଭୋଟର୍ କହୁଛନ୍ତି ସେମାନଙ୍କ ୧୨ ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଗଲା। ଭୋଟ ଦେଇ ପସ୍ତାଉଥିବା ଲୋକେ ତାଙ୍କୁ କଦଳୀ ଗଛ ସହ ବି ତୁଳନା କରୁଛନ୍ତି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ କୌଣସି ବାଲିଘାଟ ନିଲାମ ହେଉନି। ସବୁଠି ବେଆଇନ ଭାବେ ବାଲି ଓ ପଥର ଖୋଳା ଚାଲିଛି। ଏ ସମ୍ପର୍କରେ ସେ ନିଜେ ଏକାଧିକ ବାର ପୁରୀ ଏସପି, ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଜିପିଏସ ଲୋକେସନ ସହ ଭିଡିଓ ପଠାଇଛନ୍ତି। 'ସାନ ମାନ୍ୟବର'ଙ୍କ ପ୍ରୋତ୍ସାହନରେ ଏସବୁ ଚାଲିଛି। ସେପଟେ 'ବଡ଼ ମାନ୍ୟବର' ଅର୍ଥାତ ପୁରୀ ସାଂସଦ ମଧ୍ୟ ଉଭାନ ହୋଇଗଲେଣି। ତାଙ୍କୁ ଲୋକେ ଆଉ ନିର୍ବାଚନମଣ୍ଡଳୀରେ ଦେଖିବାକୁ ପାଉନାହାଁନ୍ତି। ଯିଏ ଖାତା ଧରି ଲୋକଙ୍କ ସମସ୍ୟା ଟିପୁଥିଲେ, ସେ କୁଆଡ଼େ ଗଲେ ବୋଲି ରୁଦ୍ର ପ୍ରଶ୍ନ କରିଛନ୍ତି। ଛ' ମାସରେ ଥରେ ଆସୁଛନ୍ତି, ଗୋଟିଏ ସ୍ଥାନରେ ୧୦ ଜଣଙ୍କୁ ଭେଟୁଛନ୍ତି ଆଉ ୧୦ଟି ପୋଷ୍ଟ କରି ନିଜର ଉପସ୍ଥିତି ଜାହିର କରୁଛନ୍ତି। ଡବଲ ଇଞ୍ଜିନର ମିଛ ପ୍ରଚାର ବିରୋଧରେ ଲଢ଼େଇରୁ ଓହରିବି ନାହିଁ। ଆଗରୁ ଲଢୁଥିଲି, ଏବେ ଲଢୁଛି ଆଉ ଆଗକୁ ମଧ୍ୟ ଲଢ଼ିବି ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ଜୁନିୟର ମହାରଥୀ।

## ଗଞ୍ଜେଇ ଚାଲାଣ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ନବରଙ୍ଗପର,୨୨।୨ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ଅଦାଲତର ମାନ୍ୟବର ବିଚାରପତି ବିଷ୍ଣୁ ପ୍ରସାଦ ମିଶ୍ର ଏକ ଘଟଣାର ବିଚାରଣା କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ଭଗବାନ ନାୟକକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୨୨.୦୬.୨୦୨୧ ତାରିଖ ସକାଳ ପ୍ରାୟ ୬ ଘଣ୍ଟା ସମୟରେ ତେନ୍ତୁଳୀଖୁଣ୍ଟି ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ତେନ୍ତୁଳୀଖୁଣ୍ଟି ଥାନା ଅନ୍ତର୍ଗତ ବାହାରମେଙ୍ଗା ଗ୍ରାମରୁ ଢୁଲୁ ଘାଟି ଅଞ୍ଚଳକୁ ଗଞ୍ଜେଇ ଚାଲାଣ ହେଉଥିବାର ସୂଚନା ପାଇ କାନ୍ଦରାଗୁଡା ଗ୍ରାମ ନିକଟରେ ଚଢ଼ଉ କରି ଅଭିଯୁକ୍ତ ଭଗବାନ ନାୟକ ଠାରୁ ୧୫ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ସମସ୍ତ ୧୬ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ମାନ୍ୟବର ବିଚାରପତି ବିଷ୍ଣୁ ପ୍ରସାଦ ମିଶ୍ର ଅଭିଯୁକ୍ତ ଭଗବାନ ନାୟକକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ବରିଷ୍ଠ ଆଇନଜୀବୀ ନରସିଂହ ତ୍ରିପାଠୀ, ପ୍ରଫୁଲ୍ଲ ସିଂ, ଶେକ ବାବା ଅଲିଶା ଓ ସହଯୋଗୀ ମାମଲାକୁ ପରିଚାଳନା କରୁଥିଲେ।

## ବିଷକ୍ରିୟାରେ ବ୍ୟକ୍ତିଙ୍କ ମୃତ୍ୟୁ

**ଫୁଲବାଣୀ,୨୨।୨ (ସଂଚାର ବ୍ୟୁରୋ):** ଘରୋଇ କଳହକୁ ନେଇ ଜଣେ ବ୍ୟକ୍ତି ବିଷ ପାନ କରିବା ପରେ ଗୁରୁତର ଅବସ୍ଥାରେ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି ମୃତ ବ୍ୟକ୍ତି ଜଣକ ଫିରିଙ୍ଗିଆ ଥାନା ଅଧୀନରେ ଥିବା ପବିଙ୍ଗିଆ ପଞ୍ଚାୟତର ବବଡିଙ୍ଗିଆ ଗାଁର ଜେନାପଡ଼ା ଦୟାସାଗର କହଁର ବୋଲି ଜଣାପଡିଛି । ସୂଚନା ଅନୁସାରେ ଗତ ୧୬ ତାରିଖ ଦିନ ଦୟାସାଗର ତାଙ୍କ ଘରେ ଲାଗିରହିଥିବା ଘରୋଇ କଳହକୁ ନେଇ ବିଷ ପାନ କରିଦେଇଥିଲେ । ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଫିରିଙ୍ଗିଆରୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଶନିବାର ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ଫୁଲବାଣୀ ମେଡିକାଲରେ ପହଂଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି । ଅନ୍ୟପଟେ ଏହି ଘଟଣା ସଂକ୍ରାନ୍ତରେ ଫିରିଙ୍ଗିଆ ଥାନାରେ ୦୩/୨୦୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା କହିଛନ୍ତି ଥାନା ଅଧିକାରି ମୁରଲୀଧର ସାହୁ।

## ମୋବାଇଲ ଚୋରି ଘଟଣାରେ ଅଭିଯୁକ୍ତକୁ କୋର୍ଟ ଚାଲାଣ



**ଫୁଲବାଣୀ,୨୨।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରେ ଥିବା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପରିସରରୁ ଗତ ଶୁକ୍ରବାର ତାରିଖ ବିଳମ୍ବିତ ରାତିରେ କିଛି ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ଠାରୁ ହୋଇଥିବା ମୋବାଇଲ ଚୋରି ଘଟଣାରେ ସମ୍ପୃକ୍ତ ଚୋରକୁ ଚବିଶ ଘଣ୍ଟା ମଧ୍ୟରେ ଧରିବାରେ ସଫଳ ହୋଇଛି ଫିରିଙ୍ଗିଆ ପୁଲିସ। ତେବେ ମୋବାଇଲ ଚୋର ଜଣକ କନ୍ଧମାଳ ଜିଲ୍ଲା ଖଜୁରୀପଡା ଥାନା ଅଧୀନରେ ଥିବା ତିଳକପଡା ଗାଁର ବିକ୍ରମ ବେହେରାଙ୍କ ପୁଅ ଅନିଲ ବେହେରା ବୋଲି ଜଣାପଡ଼ିଛି। ତେବେ ସମ୍ପୃକ୍ତ ଚୋର ପାଖରୁ ତିନୋଟି ମୋବାଇଲକୁ ପୁଲିସ ଜବତ କରିଥିବା ବେଳେ ଶନିବାର ଏହି ଘଟଣାକୁ ନେଇ ୪୬/୨୦୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ମୁରଲୀଧର ସାହୁ। ସେପଟେ ଅଭିଯୁକ୍ତ ଜଣକ ନାରେ ଜିଲ୍ଲାର ଅନେକ ଥାନାରେ ଏଭଳି ମୋବାଇଲ ଚୋରି ଅଭିଯୋଗ ସହ ବିଭିନ୍ନ ଅପରାଧିକ ମାମଲା ରହିଥିବା ପୁଲିସର ତଦନ୍ତରୁ ଜଣାଅଡ଼ିଛି।

## ୭୦ କିଲୋ ଗଞ୍ଜେଇ ଜବତ, ୧ ଗିରଫ



**ଖୋର୍ଦ୍ଧା,୨୨।୨ (ସଂଚାର ବ୍ୟୁରୋ):** ରବିବାର ଅବକାରୀ ବିଭାଗ ଏକ ଟାଟା ଟିଗୋର କାରରେ ବେଆଇନ ଭାବରେ ଚାଲାଣ ହେଉଥିବା ବେଳେ ୭ ଲକ୍ଷ ଟଙ୍କା ମୂଲ୍ୟର ୭୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଗିରଫ ବ୍ୟକ୍ତିଙ୍କୁ କନ୍ଧମାଳ ଜିଲ୍ଲାର ଆଲୋକ ବିନ୍ଧାଣୀ (୨୨) ବୋଲି ଚିହ୍ନଟ କରାଯାଇଛି। ସୂଚନା ପାଇ ଅବକାରୀ ବିଭାଗ ଏକ ଦଳ ଖୋର୍ଦ୍ଧାର ବାଘମାରୀ ପିଏସ ଅନ୍ତର୍ଗତ ସାରୁଆଠାରେ କାରଟିକୁ ଅଟକାଇ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଖୋର୍ଦ୍ଧାରେ ଏକ ସାମ୍ବାଦିକ ସମ୍ମିଳନୀରେ ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠି କହିଛନ୍ତି ଯେ, ଅପରାଧର କାର୍ଯ୍ୟଧାରା ଅବକାରୀ ଏବଂ ପୋଲିସ ଅଧିକାରୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଯୋଗାଣ ନେଟୱାର୍କକୁ ଠାବ କରିବା ଏବଂ ଚୋରା ଚାଲାଣ ରାକେଟ୍ ସହିତ ଜଡିତ ଅନ୍ୟମାନଙ୍କୁ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି। ବାରମ୍ବାର କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ, ଖୋର୍ଦ୍ଧା ଗଞ୍ଜେଇ ଚୋରା ଚାଲାଣ ପାଇଁ ଏକ ପ୍ରମୁଖ ପରିବହନ ସ୍ଥାନ ଭାବରେ ଉଭା ହେଉଛି ଯାହା ବେଆଇନ କାରବାରର ସ୍ଥାୟୀତ୍ୱ ବିଷୟରେ ଗମ୍ଭୀର ଚିନ୍ତା ସୃଷ୍ଟି କରୁଛି, ସେ ଆହୁରି କହିଛନ୍ତି। ରାଧାକାନ୍ତ ଭୋଇ, ଆଇଇ, ଖୋର୍ଦ୍ଧା ରେଞ୍ଜ, ତପସ୍ୱିନୀ ବରାଳ, ଆଇଆଇସି, ଜିଲ୍ଲା ମୋବାଇଲ୍ ୟୁନିଟ୍, ମିତ୍ରବିନ୍ଦ ପରିଡା, ଏସଆଇ, ଜିଲ୍ଲା ମୋବାଇଲ୍ ୟୁନିଟ୍ ଏବଂ ଖୋର୍ଦ୍ଧାର ଅବକାରୀ କର୍ମଚାରୀମାନେ ଏହି ଚଢ଼ାଉ କରିଥିଲେ।

### ଯୋଗାଣ ବିଭାଗ, ସମବାୟ ବିଭାଗ ଓ ମିଲରଙ୍କ ମଧୁଚନ୍ଦ୍ରିକା

# ଯାଜପୁରରେ ଧାନର ଅଭାବୀ ବିକ୍ରି

**ଶୋଷଣର ଶିକାର ହେଉଛନ୍ତି ଚାଷୀ**

**ଜିଲ୍ଲା ପ୍ରଶାସନ ଜାଣି ଅଜଣା**

**ସମବାୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି**

**ଯାଜପୁର,୨୨।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଧାନର ଅଭାବୀ ବିକ୍ରି ଦେଖା ଦେଇଛି। ଏଥିନେଇ ବିଭିନ୍ନ ଚାଷୀ ସଂଗଠନ ଏବଂ ବିରୋଧୀ ରାଜନୈତିକ ନେତାମାନେ ପ୍ରଶ୍ନ ଉଠାଇଛନ୍ତି। କାରଣ ଜିଲ୍ଲା ପ୍ରଶାସନ, ଯୋଗାଣ ବିଭାଗ, ସମବାୟ ବିଭାଗ ଓ ମିଲରଙ୍କର ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଚାଷୀ ପ୍ରଶାସନିକ ଅଧିକାରୀ ଏବଂ ମିଲରଙ୍କ ଶୋଷଣର ଶିକାର ହେଉଥିବା ଅଭିଯୋଗ ଉଠୁଛି। ତେବେ ଜିଲ୍ଲାରେ ଏଯାବତ ୫୦ ପ୍ରତିଶତ ଧାନ ବିକ୍ରି ହୋଇ ନ ଥିବା ଚାଷୀମାନେ ଅଭିଯୋଗ ଉଠାଇଛନ୍ତି। ଯାହାକି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠୁଛି। କାରଣ ଏହା ସମବାୟ ମନ୍ତ୍ରୀଙ୍କ ଜିଲ୍ଲା ହୋଇଥିଲେ ମଧ୍ୟ ଏଯାବତ ଧାନର ଅଭାବୀ ବିକ୍ରି ସାଧାରଣରେ ପ୍ରଶ୍ନବାଚୀ ହୋଇଛି।

ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୧୩ ଲକ୍ଷ ୧୧ ହଜାର କ୍ୱିଣ୍ଟାଲ ଧାନ ଧାର୍ଯ୍ୟଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ୫୦ ପ୍ରତିଶତ ଧାନ ଏଯାବତ ଚାଷୀମାନଙ୍କ ଠାରୁ ସଂଗ୍ରହ ହୋଇ ନ ଥିବା ବେଳେ ଯୋଗାଣ ବିଭାଗ ୧୦ ହଜାର କ୍ୟୁଇଣ୍ଟାଲ ଧାନ ଚାଷୀଙ୍କଠାରୁ କିଣା ଯାଇଛି ବୋଲି ସୂଚନା ଦେବା ଘଟଣା ଅଧିକ ରହସ୍ୟମୟ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାର ବିଭିନ୍ନ ସେବା ସମବାୟ ସମିତିର ମଣ୍ଡିରେ ଧାନ ବସ୍ତା ଗୁଡିକ ଖୋଲା ଆକାଶ ତଳେ ପଡିରହିଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏହାର ସୁଧାର ଆଣିବା ପାଇଁ ବାରମ୍ବାର ବୈଠକ କରିଥିବା ଦେଖାଯାଇଛି। ହେଲେ ଏହାର ସୁଧାର ଆଣିବା ପାଇଁ ଜିଲ୍ଲା ପ୍ରଶାସନର ସେଭଳି କିଛି ତତ୍ପରତା ପ୍ରକାଶ ପାଉ ନ ଥିବା ମନେ ହେଉଛି।

ଅପରପକ୍ଷରେ ମିଲର ମାନଙ୍କ ମନମାନି ପାଇଁ ଦୀର୍ଘ ଦିନ ଧରି ମଣ୍ଡିରେ ଧାନ ବସ୍ତା ପଡି ରହୁଥିବାରୁ ଅଧିକାଂଶ ଚାଷୀ ମଣ୍ଡିରୁ ମୁହଁ ଫେରାଇ ନେଉଥିବା ଦେଖାଯାଇଛି । ଏଥି ନେଇ ଅଧିକାଂଶ ଚାଷୀ ଦଲାଲଙ୍କ ହାବୁଡ଼ରେ ପଡି ଏମଏସପି ଠାରୁ ଅଧା ଦାମରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଥିବା ଅଭିଯୋଗ ହେଉଛି। ତେଣୁ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ବିଭାଗୀୟ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

## ରାସ୍ତା ଉପରେ ଜଳିଗଲା ଟ୍ରକ, ଦୁଇ ଆହତ



**ସୁନ୍ଦରଗଡ଼,୨୨।୨ (ସଂଚାର ବ୍ୟୁରୋ):** ଆଜି ଅପରାହ୍ଣ ୪.୩୦ ମିନିଟ୍ ସମୟରେ ସୁନ୍ଦରଗଡ଼ ବଡ଼ପତ୍ରାପାଲି ନିକଟସ୍ଥ ହୋଟେଲ ଅନ୍ନପୂର୍ଣ୍ଣା ସମ୍ମୁଖରେ ଠିଆ ହୋଇଥିବା ଏକ କୋଇଲା ବୋଝେଇ ଟ୍ରକ୍‌ରେ କୌଣସି କାରଣବଶତଃ ନିଆଁ ଲାଗି ଯାଇଥିଲା। ଟ୍ରକ୍‌ର ସମ୍ମୁଖ ଭାଗରେ ପ୍ରଥମେ ନିଆଁ ଧରିଥିଲା। ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିବା ଦୁଇ କର୍ମଚାରୀ ଆହତ ହୋଇଥିବା ସୂଚନା ମିଳିଛି। ପରେ ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେଉଁ କାରଣ ଯୋଗୁଁ ଟ୍ରେଲରରେ ନିଆଁ ଲାଗିଲା ତାହା ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ।

### ଗରଦପୁର ବ୍ଲକ୍ ବିଏସ୍ଏସ୍ଓଙ୍କୁ ନେଇ ସାଙ୍ଘାତିକ ଅଭିଯୋଗ

# ଅଜଣା ବ୍ୟକ୍ତି କରୁଛନ୍ତି ଅଫିସ କାର୍ଯ୍ୟ





**ଗରଦପୁର,୨୨।୨ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ଭତ୍ତା ଭିଭାଗରେ ଚାଲିଛି ସରକାରୀ ଚାକିରୀ ନିଯୁକ୍ତି। କର୍ମଚାରୀ ନଥିଲେ ସରକାରୀ ଅଫିସରଙ୍କ ସମସ୍ତ କାର୍ଯ୍ୟ କରନ୍ତି ଅଜଣା ବ୍ୟକ୍ତି। ଆସୁଥିବା ଲୋକମାନଙ୍କୁ ଡାକି ସମସ୍ତ କାଗଜପତ୍ରରେ ଲେଖାଲେଖି କରନ୍ତି ବିଏସଏସଓଙ୍କ ସରକାରୀ ଚେୟାର ଉପରେ ବସି। ଯାହା ଜଣାପଡୁଛି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଚେୟାର କୌଣସି ମର୍ଯ୍ୟାଦା ନାହିଁ। କାରଣ, ଜଣେ ବ୍ୟକ୍ତି ଗରଦପୁର ବ୍ଲକର କୌଣସି ପଦ ପଦବୀରେ ନଥାଇ ସେ କିଭଳି ଭାବେ ବ୍ଲକର ଅଧିକାରୀଙ୍କ ଚେୟାରରେ ବସି ଅଧିକାରୀଙ୍କ କାର୍ଯ୍ୟ କରିବ ତାହା ଏକ ବଡ଼ ପ୍ରଶ୍ନ ? ଯେତେବେଳେ ଆମେ ସେହି ବ୍ୟକ୍ତିର ମତ ନେଇଥିଲୁ ସେହି କହିଥିଲେ କି ଆଗରୁ ନିୟୋଜିତ ହୋଇଥିବା ମ୍ୟାଡ଼ାମ ଛୁଟିରେ ଥିବାରୁ ଅଧିକାରୀଙ୍କୁ ସହଯୋଗ କରିବା ପାଇଁ ମୋତେ ନିଜେ ବ୍ଲକ ସାମାଜିକ ସୁରକ୍ଷା ଧିକାରୀ ଅନୁମତି ଦେଇଛନ୍ତି। ଏହା କେତେଦୂର ଠିକ୍। ଯେତେବେଳେ କୌଣସି ଅଧିକାରୀ ଛୁଟିରେ ରହିବେ ସେ ସମୟରେ କିଭଳି ଭାବେ ଜଣେ ବାହାର ଲୋକ ବ୍ଲକର ଅଫିସ କାର୍ଯ୍ୟ କରିବ ? ଏହାକୁ ନେଇ ଗରଦପୁର ଅଂଚଳରେ ଚର୍ଚ୍ଚା ଜୋର ଧରିଛି।

ଅନେକ ଦିନ ଆଗରୁ ଏହି ଅଜଣା ବ୍ୟକ୍ତିକୁ ବ୍ଲକର ଅନେକ କାମରେ ବିଏସଏସଓ ମନୋଜ ଦାସ ନିଜେ ନିଯୁକ୍ତି ଦେଇଛନ୍ତି, ଯାହାଦ୍ୱାରା ଏହି ଅଜଣା ବ୍ୟକ୍ତି ମାଧ୍ୟମରେ ମୋଟା ଅଙ୍କର ହାତଗୁଂଜା କାରବାର କରିବା ପାଇଁ ସୁବିଧା ହୋଇପାରିବ। କେନ୍ଦ୍ରାପଡ଼ାର ଜିଲ୍ଲାପାଳ ଏବଂ ଗରଦପୁରର ବିଡ଼ିଓ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ବିଏସଏସ ଓ ପଦବୀରେ ଥିବା ଅଧିକାରୀ ମନୋଜ ଦାସ ଙ୍କୁ ତୁରନ୍ତ ବଦଳି କରାଇ ଗରଦପୁର ବ୍ଲକର ସ୍ୱଚ୍ଛତା ବଜାୟ ରଖିବା ସହ ଆସୁଥିବା ହିତାଧିକାରୀ ମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ବରିଷ୍ଠ ନାଗରିକ ମଞ୍ଚ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଧାୟକଙ୍କ ଦ୍ୱାରା ଗୋବରୀ ଜଳ ବିକାଶ ପ୍ରଣାଳୀର ସଂଯୋଗ ନାଳୀ ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ



**ମାହାଙ୍ଗା,୨୨।୨ (ସଂଚାର ବ୍ୟୁରୋ):** ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଭଉଁରିଆ ପଂଚାୟତ ଗସ୍ତ କରି ପନ୍ଦରବାଟିଆ ଠାରେ ଗୋବରୀ ଜଳ ନିକାସ ପ୍ରଣାଳୀର ସଂଯୋଗ ନାଳୀ ଗୁଡିକର ଉନ୍ନତିକରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ କରି ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ଗୋକନ ସମିତିସଭ୍ୟ ମନୋରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ପ୍ରଧାନ ଯୋଗଦେଇ ଏହି ପ୍ରକଳ୍ପ ନିର୍ମାଣ ହେବା ଦ୍ୱାରା ୧୧ଟି ପଂଚାୟତର ଚାଷୀମାନେ ଉପକୃତ ହୋଇପାରିବେ। ଏଥିରେ ଅତିଥି ଭାବେ ବିଚିତ୍ରା ନନ୍ଦ ପଣ୍ଡା, କିଶୋର ରାଉତ, ଅଶୋକ ଓଝା, ଦେବେନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧକ୍ଷା କନକ ଲତା ବେହେରା,ନିର୍ମଳ ରାଉତ, ଭକ୍ତ ଚରଣ ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଂଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏସଡ଼ିଓ ରାଜେନ୍ଦ୍ର ପ୍ରସାଦ ମଲିକ, କନିଷ୍ଠ ଯନ୍ତ୍ରୀ ଶୁଭ ଲକ୍ଷ୍ମୀ ମହାପାତ୍ର, ଭକ୍ତ ଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ମନୋଜ ନାଥ, ରଶ୍ମି କାନ୍ତ ସ୍ୱାଇଁ, ଅମୀୟ ରଞ୍ଜନ ପ୍ରଧାନଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ପୁଣି ଓଡ଼ିଶାକୁ ଧସେଇ ପଶିଲା ପଶ୍ଚିମବଙ୍ଗ




**ବାଲିଆପାଳ,୨୨।୨ (ସଂଚାର ବ୍ୟୁରୋ):** ପୁଣି ବଙ୍ଗ ସରକାରର ଦବଙ୍ଗ ଗିରି, ଦିନ ଦିପହରେ ଓଡିଶା ସୀମା ଭିତରକୁ ଧସେଇ ପଶି ବେଆଇନ ଭାବେ ନିର୍ମାଣ କରୁଛି ରାସ୍ତା, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଓଡିଶା ପଶ୍ଚିମବଙ୍ଗ ସୀମା ସାହାବାଜିପୁର ନିକଟରେ ଉତେଜନା, ସେପଟେ ପଶ୍ଚିମବଙ୍ଗକୁ ଯାଉଥିବା ବେଆଇନ ବାଲି ଗାଡିକୁ ଅଟକାଇଲେ ସ୍ଥାନୀୟ ଲୋକେ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ ସାହାବାଜିପୁର ନିକଟରେ ପଡ଼ୋଶୀ ପଶ୍ଚିମବଙ୍ଗ ଓଡ଼ିଶା ରାସ୍ତାକୁ ଭାଙ୍ଗି ପଶୁଥିବା ବେଳେ ସ୍ଥାନୀୟ ଲୋକଙ୍କ ବିରୋଧ ପରେ କାର୍ଯ୍ୟ ଅଟକିଛି। ଭୋଗରାଇ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ରୂଳର ମେସିନକୁ ଜବତ କରିବା ସହ ବେଆଇନ ବାଲି ଗାଡି ଜବତ କରି ତାଳସାରି ସାମୁଦ୍ରିକ ଥାନାରେ ଅଟକ ରଖିଛନ୍ତି। ତେବେ ବ୍ଲକ ଓ ଜିଲ୍ଲା ପ୍ରଶାସନର ଅବହେଳା ଯୋଗୁଁ ଓଡିଶା ସମ୍ପତି ଉପରେ ପୋଡ଼ଶୀ ପଶ୍ଚିମବଙ୍ଗର ନଜର ପଡ଼ିଛି। ଦିନ ରାତି ଶହ ଶହ ବାଲି ବୋଝଇ ହାଇୱା ହାଇ ଓଡିଶା ସୀମା ପାରି ବେଙ୍ଗଲକୁ ଯାଇଥୁବା ବେଳେ ସ୍ଥାନୀୟ ତାଳସାରୀ ପୋଲିସ ଓ ଖଣି ବିଭାଗ ଚୁପ ବସିଚି। ତେବେ ଆଜି ଏକ ବାଲି ବୋଝେଇ ଗାଡି ଭଦ୍ରକରୁ ଉଦୟପୁର ପର୍ଯ୍ୟନ୍ତ ନକଲି କାଗଜ ପତ୍ର ନେଇ ସୀମା ପାରି ଯାଉଥିଲା ବେଳେ ସ୍ଥାନୀୟ ଲୋକେ ଅଟକାଇ ଅତିରିକ୍ତ ତହସିଲଦାର ପ୍ରଜ୍ଞା ପରମିତା, ପୋଲିସ ଓ ଖଣି ବିଭାଗକୁ ଖବର ଦେଇଥିଲେ। କିନ୍ତୁ ଦୀର୍ଘ ଘଣ୍ଟା ପରେ ଖଣି ବିଭାଗ ଘଟଣା ସ୍ଥଳରେ ନ ପହଂଚିବା ପରେ ପୋଲିସ ଗାଡିଟିକୁ ଥାନାରେ ଅଟକ ରଖିଛି।

## କେନ୍ଦ୍ରାପଡ଼ା ବିଶ୍ୱବିଦ୍ୟାଳୟ ଘୋଷଣାକୁ ସ୍ୱାଗତ

**ପଟ୍ଟାମୁଣ୍ଡାଇ,୨୨।୨ (ସଂଚାର ବ୍ୟୁରୋ):** ଓଡିଶାର ସର୍ବପୁରାତନ ଐତିହ୍ୟ ସମ୍ପନ୍ନ ସହର କେନ୍ଦ୍ରାପଡ଼ା ଠାରେ କେନ୍ଦ୍ରାପଡ଼ା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଘୋଷଣା କରିଥିବାରୁ ଜିଲ୍ଲାର ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ ବୋଲି ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା, ଜିଲ୍ଲା ବିଜେପି ଉପସଭାପତି ଆଡ଼ଭୋକେଟ ଭାରତ ଭୂଷଣ ଦାସ,ବିଜେପିନେତା ସୁରେଶ ସାହୁ, ମିଟୁ ମନୋଜ ନାୟକ, ଯୁବନେତା ପରେଶ ସାହୁ ଓ ଦଳିତ ନେତା ଆଡ଼ଭୋକେଟ ଶିଶିର ମଲିକ ପ୍ରକାଶ କରିବା ସହିତ ସରକାର ଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏଥି ସହିତ ଓଡିଶାର ୬୬ ସବଡିଭିଜନ ସହ ପଟ୍ଟାମୁଣ୍ଡାଇ ସବଡିଭିଜନ ଘୋଷଣା ସରକାରଙ୍କ ବିଚାରାଧୀନ ଅଛି ବୋଲି ସରକାରୀ ଘୋଷଣାକୁ ମଧ୍ୟ ସ୍ୱାଗତ କରିଛନ୍ତି। ବିଜେପି ନେତା ମାନେ ଏଥି ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଔପଦାରେ ଉତ୍କଳ ସାମ୍ବାଦିକ ସଙ୍ଘର ବୈଠକ

**ସଂଘରେ ମିଶିଲେ ୬ ନୂଆ ସଦସ୍ୟ**



**ଔପଦା,୨୨।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଉତ୍କଳ ସାମ୍ବାଦିକ ସଙ୍ଘ ଔପଦା ବ୍ଲକ ସଭାପତି ଶଙ୍କର୍ଷଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଡ଼ସାହି ପଞ୍ଚାୟତର ମା ପଶ୍ଚିମାଙ୍କ ପୀଠରେ ଆଜି ପୂର୍ବାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବାଲେଶ୍ୱର ଜିଲ୍ଲା ସଭାପତି ଲୋକନାଥ ଦଳେଇ, ଜିଲ୍ଲା ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ବାରିକ, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ନିରଞ୍ଜନ ବାରିକ,ଜିଲ୍ଲା ସଙ୍ଗଠନ ସମ୍ପାଦକ ଭଗବାନ ଦାସ, ଉପସଭାପତି ଦେବେନ୍ଦ୍ର ଦାସ, ଜିଲ୍ଲା କମିଟି ସଦସ୍ୟ ନିହାର ରଞ୍ଜନ ଜେନା, ଉପଦେଷ୍ଟା ଅନାଦି ନାୟକ ପ୍ରମୁଖ ଯୋଗ ଦେଇ ଔପଦା ବ୍ଲକରେ ଉତ୍କଳ ସାମ୍ବାଦିକ ସଙ୍ଘକୁ କିପରି ସୁଦୃଢ଼ ସେ ନେଇ ନିଜ ନିଜର ସୁଚିନ୍ତିତ ମତାମତ ଦେବା ସହିତ ସାମ୍ବାଦିକଙ୍କ ହକ ପାଇଁ ଆଗାମୀ ଦିନରେ ରାଜ୍ୟସଙ୍ଘ ଡାକରା ସାମ୍ବାଦିକମାନେ ରାଜରାସ୍ତାକୁ ଓହ୍ଲାଇବାକୁ ପଡିବ ବୋଲି ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଦଳେଇ କହିଥିଲେ । ପରେ ବିଧିବଦ୍ଧ ଭାବେ ଔପଦା ବ୍ଲକରେ ନୂଆ ସଦସ୍ୟ ଭାବେ ଆଦିତ୍ୟ ନାରାୟଣ ବେହେରା, ସଞ୍ଜୟ କୁମାର ବିଶ୍ୱାଳ, ରୋହିତ ରଞ୍ଜନ ପାତ୍ର, ତପନ କୁମାର ଗାହାଣ, ରାଜେଶ କୁମାର କର ଓ ସୁମତି ମହାନ୍ତି ୬ ଜଣ ସଦସ୍ୟ/ସଦସ୍ୟା ଯୋଗଦେଇଥିଲେ।

### ପିଇଓ ସ୍ୱାମୀଙ୍କ ଦବଙ୍ଗଗିରି

# ପିଇଓଙ୍କ ଅନୁପସ୍ଥିତିରେ ବାଣ୍ଟୁଛନ୍ତି ଭତ୍ତା

**ଯାଜପୁର ଟାଉନ୍,୨୨।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ବିଞ୍ଝାରପୁର ବ୍ଲକ୍ ଅଧୀନ ଘଣ୍ଟିଆଳି ପଞ୍ଚାୟତ ଏକ୍ଜେକ୍ୟୁଟିଭ୍ ଅଫିସର୍ (ପିଇଓ) ରଶ୍ମିତା ବେହେରା କାର୍ଯ୍ୟାଳୟରେ ଉପସ୍ଥିତ ନଥିବା ବେଳେ ତାଙ୍କ ସ୍ୱାମୀ ପଞ୍ଚାୟତ କାର୍ଯ୍ୟାଳୟରେ ବସି ଲୋକମାନଙ୍କୁ ଭତ୍ତା ବଣ୍ଟନ କରୁଥିବା ଦୃଶ୍ୟ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁସାରେ, ସେହି ପଞ୍ଚାୟତର ସନ୍ତୋଷ କୁମାର ଧଳ ନାମକ ଜଣେ ଯୁବକ ଶୌଚାଳୟ ସୁବିଧା ପାଇଁ ପିଇଓଙ୍କ ସହ ଆଲୋଚନା କରିବାକୁ କାର୍ଯ୍ୟାଳୟକୁ ଯାଇଥିଲେ। କିନ୍ତୁ ସେଠାରେ ପିଇଓ ଉପସ୍ଥିତ ନଥିବା ବେଳେ ତାଙ୍କ ସ୍ୱାମୀ କାର୍ଯ୍ୟାଳୟରେ ବସି ଲୋକଙ୍କ ଭତ୍ତା ବଣ୍ଟନ କରୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିବା କହିଛନ୍ତି। ଏହି ଘଟଣା ପରେ ପଞ୍ଚାୟତ କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନଚିହ୍ନ ଉଠିଛି।ଗ୍ରାମବାସୀଙ୍କ କହିବା ଅନୁସାରେ, ସରକାରୀ ଦାୟିତ୍ୱ ଥିବା ଅଧିକାରୀଙ୍କ ପକ୍ଷରୁ ଅନ୍ୟ ଜଣେ ବ୍ୟକ୍ତି କାର୍ଯ୍ୟାଳୟରେ ବସି କାମ କରିବା ନିୟମ ବିରୋଧୀ ହେବା ସହ ପ୍ରଶାସନିକ ପାରଦର୍ଶିତାକୁ ନେଇ ଗୁରୁତର ପ୍ରଶ୍ନ ଉଠାଉଛି। "ସରକାରୀ ଟଙ୍କା ବଣ୍ଟନ କାହା ଅଧିକାରରେ ହେଉଛି ?" ବୋଲି ଲୋକମାନେ ପଚାରୁଛନ୍ତି।

ଏହି ଘଟଣା ନେଇ ସ୍ଥାନୀୟ ମହଲରେ ଚର୍ଚ୍ଚା ବଢ଼ୁଥିବା ବେଳେ, ଏନେଇ ପ୍ରଶାସନର ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ। ତେବେ ଘଟଣାର ତଦନ୍ତ ହେବ କି ନାହିଁ, ଓ ଦାୟୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ହେବ କି ସେଥିପାଇଁ ଲୋକେ ଅପେକ୍ଷାରେ ରହିଛନ୍ତି।

## ଘରେ ପଶି ସୁନା, ରୁପା ସହ ଟଙ୍କା ଲୁଟ୍



**କେନ୍ଦ୍ରାପଡ଼ା,୨୨/୨ (ସଂଚାର ବ୍ୟୁରୋ):** ପାଟକୁରା ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳରେ ଗତ ଶନିବାର ବିଳମ୍ବିତ ରାତିରେ ଏକ ଘରେ ପଶି ଦୁର୍ବୃତ୍ତମାନେ ସୁନା, ରୂପା ସହ ନଗଦ ଟଙ୍କା ଲୁଟି ନେଇଥିବା ଘଟଣା ଘଟିଛି । ଏନେଇ ଅଭିଯୋଗ ପାଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ପଦ୍ମପୁର ଅଞ୍ଚଳର ଜପ ମହାନ୍ତିଙ୍କ ଘରେ ଗତ ଶନିବାର ରାତିରେ ସମସ୍ତେ ଶୋଇଥିବା ସମୟରେ କେହି ଦୃର୍ବୃତ୍ତ ସିଡି ଘର ଦେଇ ଘର ଭିତରକୁ ପ୍ରବେଶ କରିଥିଲେ । ପରେ ସେମାନେ ଜପଙ୍କ ସ୍ତ୍ରୀ ଶୋଇଥିବା ଘରକୁ ପଶି ସେଠାରେ ଥିବା ଟ୍ରଙ୍କ ଓ ଆଟାଚି ଭାଙ୍ଗି ତଲାସି କରିଥିଲେ। ଦୃର୍ବୃତ୍ତମାନେ ସେଠାରୁ ସୁନା କାନଫୁଲ ୩ ହଳ, ଏକ ମଙ୍ଗଳସୂତ୍ର, ସୁନା ଶଙ୍ଖା ୨ ହଳ, ରୂପା ପାଉଁଜି ୩ ହଳ, ପ୍ରାୟ ୨ ଶହ ଗ୍ରାମ ରୂପା ଟଙ୍କା ଓ ନଗଦ ୩୦ ହଜାର ଟଙ୍କା ଲୁଟି ନେଇଥିଲେ । ଲୁଟ ହୋଇଥିବା ସୁନାର ଓଜନ ପ୍ରାୟ ୨୬ ଗ୍ରାମ ଓ ରୂପାର ଓଜନ ପ୍ରାୟ ୪୫୦ ଗ୍ରାମ ହେବ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି ।

ଲୁଟ ପରେ ଦୃର୍ବୃତ୍ତମାନେ ଘଟଣାସ୍ଥଳରେ ନିଜ ଚପଲ ଓ ଗାମୁଛା ଛାଡ଼ି ଯାଇଥିବା ଜଣାପଡ଼ିଛି। ସକାଳେ ଘଟଣା ଜଣାପଡ଼ିବା ପରେ ଲିକୁନା ମହାନ୍ତି ପାଟକୁରା ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପାଟକୁରା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଏହା ସହ ସମାନ ଦିନରେ ସେହି ଗ୍ରାମର ପିତାମ୍ବର ଲେଙ୍କାଙ୍କ ଘରେ ମଧ୍ୟ ଦୁର୍ବୃତ୍ତ ଚୋରି କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ସେଥିରେ ସଫଳ ହୋଇ ନଥିବା ଦେଖିବାକୁ ମିଳିଛି। କିନ୍ତୁ ଦୁର୍ବୃତ୍ତ ନିଜର ଏକ ଗାମୁଛା ଛାଡ଼ିଦେଇ ଚାଲିଯାଇଛନ୍ତି। ଦୃର୍ବୃତ୍ତମାନଙ୍କ ସନ୍ଧାନ ପାଇଁ ପୋଲିସ ତଦନ୍ତ ଜୋରଦାର କରିଥିବା ସୂଚନା ମିଳିଛି ।

# ରାସ୍ତା ସାରା ଖାଲଖମା, ଲୋକେ ହନ୍ତସନ୍ତ

### ମରାମତି ପାଇଁ ବିଡିଓଙ୍କୁ ଛାତ୍ରଛାତ୍ରୀଙ୍କ ଆକୁଳ ନିବେଦନ



**ବୋରିଗୁମ୍ମା,୨୨।୨ (ସଂଚାର ବ୍ୟୁରୋ):** ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନରୁ ସରକାର ଯେତିକି ପ୍ରାଧାନ୍ୟ ଦେବା କଥା ତାହା କେବଳ କାଗଜ କଲମରେ ଚାଲିଛି ସିନା ମାତ୍ର ପ୍ରକୃତ ଛବି କିନ୍ତୁ ଅଲଗା । ପ୍ରଥମ କରି ବୋରିଗୁମ୍ମା ବ୍ଲକର ସଦର ଗ୍ରାମ ପଞ୍ଚାୟତ ସମେତ ଏକଟା ଆମ୍ବଗୁଡା, ବାରଙ୍ଗ ଗୁଡା ଗ୍ରାମକୁ ନେଇ ନୂତନ ବୋରିଗୁମ୍ମା ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠିତ ହେଲା। ହେଲେ ଏହା ପୂର୍ବରୁ ଏହି ପଞ୍ଚାୟତ ଅଧିନ ପୁରୁଣା ବୋରିଗୁମ୍ମା ଛକ ଠାରୁ ଏକଟା ଆମ୍ବଗୁଡା, ବାରଙ୍ଗଗୁଡା ପର୍ଯ୍ୟନ୍ତ ଦେଢ଼ କିମି ରାସ୍ତା ୨୫ ବର୍ଷ ପୂର୍ବେ ଅଧା ମେଟାଲ ଓ ଅଧା ମୁରମ ପକାଇ ରାସ୍ତା ତିଆରି ହୋଇଥିଲା । ଆଜି ପର୍ଯ୍ୟନ୍ତ ଏହି ରାସ୍ତା ପ୍ରତି ପ୍ରଶାସନର ନଜର ଆସୁନାହିଁ ।

ବାରଙ୍ଗଗୁଡା ପ୍ରାଥମିକ ବିଦ୍ୟାଳୟ ସହିତ ଅନ୍ୟ ବିଦ୍ୟାଳୟକୁ ଦୈନିକ ୨୦ରୁ ୩୦ ପିଲା ସାଇକେଲ ଓ ଚାଲି ଚାଲି ଆସୁଛନ୍ତି । ଏଥି ସହିତ ଏହି ଅଞ୍ଚଳରେ ପରିବା ଚାଷ ଅଧିକ ହେଉଥିବାରୁ ଚାଷୀଟିଏ ସାଇକେଲରେ ବୋଝେଇ କରି ବୋରିଗୁମ୍ମା ମୁଖ୍ୟ ବଜାର ତଥା ଆଖ ପାଖ ହାଟ ବଜାରକୁ ବିକ୍ରୀ କରିବା ଆସିଥାନ୍ତି। ଏହି ରାସ୍ତାର ଦୂରାବସ୍ଥା ପାଇଁ ଚାଷୀମାନେ ହଇରାଣ ହେଉଛନ୍ତି। ବର୍ଷାଦିନେ ସ୍କୁଲ ଛାତ୍ରଛାତ୍ରୀ ମାନେ ବହୁବାର ଏହି କାଦୁଅ ପଚ୍ ପଚ୍ ରାସ୍ତାରେ ପଡି କାଦୁଅ ବୋଳା ଦେହରେ ଘରକୁ ଫେରି ଯାଉଛନ୍ତି। ସେହି ପିଲାମାନଙ୍କ ମଧ୍ୟରୁ କିଛି ଛାତ୍ରଛାତ୍ରୀ ଏହି ରାସ୍ତା ନିର୍ମାଣ କରିବା ପାଇଁ ବୋରିଗୁମ୍ମା ବିଡିଓ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ପଟନାୟକଙ୍କୁ ଆକୁଳ ନିବେଦନ କରିଛନ୍ତି ।

# ସ୍କୁଲ ଛାତ୍ରଛାତ୍ରୀଙ୍କ ବିପଜ୍ଜନକ ଯାତ୍ରା

**ପରିବହନ ବିଭାଗ ନିର୍ଦ୍ଦେଶନାମାକୁ ଖୁଲମଖୁଲା ଉଲ୍ଲଘନ**

**ପୁଲିସ ଓ ପରିବହନ ବିଭାଗ ନିଦାବିଷ୍ଟ**



**କାକଟପୁର/ଅସ୍ତରଙ୍ଗ,୨୨।୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଥାନା ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ରଛାତ୍ରୀ ପାଠପଢ଼ିବାକୁ ଗାଡିରେ ବିପଦଜନ୍ନକ ଭାବେ ଯାତାୟାତ କରୁଛନ୍ତି। ପ୍ରାୟତଃ ବିଦ୍ୟାଳୟ ଗୁଡିକରେ ସମ୍ପୂର୍ଣ୍ଣ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। ଏଭଳି ସମୟରେ ବିପଦଜନ୍ନକ ଭାବେ ଛାତ୍ରଛାତ୍ରୀଙ୍କୁ ପରିବହନ କରୁଥିବା ଅଟୋ ଓ ମ୍ୟାଜିକ ଗାଡି ଗୁଡିକ ଉପରେ ନିୟନ୍ତ୍ରଣ ଏବଂ ଯାଞ୍ଚ ହେଉନଥିବାରୁ ବିପଦଜନକ ଅବସ୍ଥାରେ ଛାତ୍ର ଛାତ୍ରୀ ଯାତାୟତ କରୁଛନ୍ତି।

ସୂଚନା ଯୋଗ୍ୟ ଯେ ଅର୍ଥ ଲୋଭରେ ଅଟୋ ଓ ଚାରିଚକିଆ ଯାନରେ ଛାତ୍ରଛାତ୍ରୀଙ୍କୁ ବିପଦଜନକ ଭାବେ ପ୍ରତିଦିନ ପରିବହନ କରାଯାଉଛି। ପ୍ରାୟେ ଗାଡିର ଫିଟନେସ ଅଛି କି ନାହିଁ ଯାଞ୍ଚ କରାଯାଉ ନାହିଁ। ଅଟୋ ଚଳାଉଥିବା ଡ୍ରାଇଭରର ଲାଇସେନ୍ସ ରହିଛି କି ନାହିଁ ତାହାକୁ ବି କେହି ଯାଞ୍ଚ କରୁନାହାନ୍ତି। ନିୟମ ଅନୁସାରେ ଗୋଟିଏ ଅଟୋରେ ୫ଜଣ ଛାତ୍ରଛାତ୍ରୀଙ୍କୁ ନେବାର ପ୍ରାବଧାନ ଥିବା ବେଳେ ସ୍ଥଳ ବିଶେଷରେ ଗୋଟିଏ ଅଟୋରେ ୧୦ଜଣରୁ ଅଧିକ ପିଲା ନେଉଥିବା ଦେଖିବାକୁ ମିଳୁଛି।

କାକଟପୁର, ଅସ୍ତରଙ୍ଗ, ନୂଆଗଡ ଥାନା ଅଧିକାରୀ, ପୁରୀ ଏସ୍ପି, ଆରଟିଓ ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବୀ ହେଉଛି।

## ସିଟି salad

## ଭାରି ଯୋଗାଡିଆ ଯୋଗାଣ ବାବୁ

ଧାନର ଅଭାବି ବିକ୍ରିକୁ ନେଇ ବିଧାନସଭା କମ୍ପମାନ ହେଉଥିବାବେଳେ ଧାନ ସଂଗ୍ରହ କରୁଥିବା ବିଭାଗର ଜଣେ ବାବୁ ଅର୍ଥାତ୍ ଯୋଗାଣ ବାବୁଙ୍କୁ ନେଇ ରାଜଧାନୀରେ ଚର୍ଚ୍ଚା ଜୋର ଧରିଛି। ବାବୁ କୁଆଡେ ସାକ୍ଷାତ କୁବେର। ରାଜଧାନୀରେ ଆସ୍ଥାନ ଜମାଇଛନ୍ତି। ତାଙ୍କ ବିରାଦିରୀ ଭାଇମାନେ କରୁଥିବା ଆଲୋଚନା ଅନୁଯାୟୀ ବାବୁଙ୍କର କୁଆଡେ ମାତ୍ର ୧୨ଟି ପ୍ଲଟ ରାଜଧାନୀ ଓ ଏହାର ଆଖପାଖରେ ରହିଛି।




ଓଡିଶା ବାହାରେ ପାହାଡିଆ ରାଜ୍ୟରେ ବାବୁ ହୋଟେଲଟିଏ ବି କରିଛନ୍ତି। ଏଥି ସହିତ ଦୁଇ ଦୁଇଟି ବାର୍‌ର ବେନାମୀ ମାଲିକ ବି। ବାବୁଙ୍କର କୁଆଡେ କଟକ ଜିଲ୍ଲାରେ ଦୁଇ ଦୁଇଟି ଗୋଦାମ ଘର ରହିଛି। ତେବେ ଅଧିକାଂଶ ବାବୁ ନିଜ ନାଁରେ ରଖିନାହାନ୍ତି। ବାବୁଙ୍କ ବିଭାଗର ଆଉ ଜଣେ ବାବୁ କରୁଥିବା ଆଲୋଚନା ଅନୁଯାୟୀ ଏହି ବାବୁଜଣଙ୍କ ଯୁଆଡେ ବଦଳିହୋଇ ଯାଆନ୍ତି ପ୍ରଥମେ ସେଠାକାର ଜିଲ୍ଲାପାଳଙ୍କୁ ନିଜର କରି ନିଅନ୍ତି। ପରେ ସେହି ଜିଲ୍ଲାପାଳ ଯୁଆଡେ ଯାଆନ୍ତି ଏ ବାବୁଙ୍କୁ ସାଙ୍ଗରେ ନିଅନ୍ତି। ଏହି ଫର୍ମୁଲାରେ ବାବୁ ଦୀର୍ଘଦିନ ହେଲା ଭଲ ଭଲ ସ୍ଥାନରେ ରହିବା ସହିତ ସମ୍ପତ୍ତି ବଢାଇବାରେ ଲାଗିଛନ୍ତି। ଏବେ ଧାନର ଅଭାବି ବିକ୍ରି ଚର୍ଚ୍ଚାରେ ରହିବା ସହିତ ବାବୁ ବି ଚର୍ଚ୍ଚାରେ ରହିଛନ୍ତି। ନିଜ ବିଭାଗର ବାବୁମାନେ ଯେଭଳି ପ୍ରଚାର ଚଳାଇଛନ୍ତି କେଉଁଦିନ ସାଦା ପୋଷାକଧାରୀ ବାବୁଙ୍କ କବାଟ ବାଡେଇବେ ତାହା କହିହେବ ନାହିଁ।

## ପୁଲିସ୍‌କୁ ଘାରିଛି ପିଆର ଚିନ୍ତା

ଓଡିଶା ପୁଲିସ୍‌କୁ ଏବେ ପିଆର ଚିନ୍ତା ଘାରିଛି। ପିଆର ମାନେ ପବ୍ଲିକ ରିଲେସନ ବା ଲୋକ ସମ୍ପର୍କ। କାରଣ ବିଭାଗର ଏହି ଦିଗଟି ଦୁର୍ବଳ ଥିବାରୁ ଯେତେ ଭଲ କାମ କଲେ ବି କେହି ବାହାବା କରୁନାହାନ୍ତି। ଓଲଟା ସାମାନ୍ୟ ଭୁଲ ତ୍ରୁଟି ଏଭଳି ପ୍ରଚାରି ହେଉଛି ଯେମିତି ସୁନାମି କିମ୍ବା ଭୂମିକମ୍ପ ଖବର ତାହା ଆଗରେ ଫିକା ପଡିଯିବ। ନିକଟରେ ଚୌଦ୍ୱାର ଜେଲରୁ ଫେରାର ଜଣେ କଏଦୀକୁ ଓଡିଶା ପୁଲିସ୍ ଦିନ ରାତି ଏକ କରି ବୃନ୍ଦାବନରୁ ଧରିଲା। ଏଥିପାଇଁ କମ୍ କଷ୍ଟ କରିବାକୁ ପଡିନାହିଁ। ହେଲେ ଏହି ଘଟଣାରେ ପୁଲିସ୍‌କୁ ଯେଭଳି ସାବାସୀ ମିଳିବାକଥା ତାହା ମିଳିଲା ନାହିଁ। ସାଧାରଣ ଲୋକେ ଏ ନେଇ ପୁଲିସକୁ ଯେଭଳି ସାବାସୀ ଦେବାକଥା ତାହା ହେଲନାହିଁ। କେବଳ ଏହି ଗୋଟିଏ ଘଟଣା ନୁହେଁ, ମାଳ ମାଳ ସାଇବର ଅପରାଧିଙ୍କୁ ଧରିବା, ଲୋକଙ୍କୁ ଲୁଟ୍‌ପାଟ୍ ସାମଗ୍ରୀକୁ ଫେରାଇବା, ନାମୀ ଦାମୀ ଅପରାଧୀଙ୍କୁ ସାବାଡ କରିବାଭଳି କାମ ମଧ୍ୟ ପୁଲିସ୍ ବାବୁମାନେ କରୁଛନ୍ତି। ହେଲେ ସାବାସୀ ଘର ଶୂନ। ଏହାର ମୂଳ କାରଣ ପିଆର ସମସ୍ୟା ବୋଲି ବାବୁମାନେ ବୁଝିଗଲେଣି। କାରଣ ସେମାନେ ଦେଖିଲେଣି ଯେ ସରକାରୀ ବିଭାଗମାନେ ନିଜ ଢୋଲକୁ ପିଟିବାପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ଘରୋଇ ସଂସ୍ଥାକୁ କିଭଳି ନିୟୋଜିତ କରୁଛନ୍ତି। ଖବରକାଗଜ, ଟିଭି ଠାରୁ ଆରମ୍ଭ କରି ସୋସିଆଲ ମିଡିଆରେ ସେମାନେ ବିଭାଗକୁ ଚମକାଉଛନ୍ତି। ହେଲେ ସବୁକିଛି କରି ବି ପିଆର ସଙ୍କଟରୁ ଖାକି ବାବୁମାନେ କେବଳ ଅପନିନ୍ଦା ମୁଣ୍ଡାଉଛନ୍ତି। ତେଣୁ ଏବେ ପିଆର ସମସ୍ୟାର ସମାଧାନ ପାଇଁ କିଛି ଖାକି ବାବୁ ଲାଗି ପଡିଥିବାବେଳେ ଏହାର କେବେ ସମାଧାନ ହେବ ତାହା ଉପରେ ସମସ୍ତଙ୍କ ନଜର।




## ଘୁଙ୍ଗୁଡିରେ କମ୍ପୁଛି ବିଧାନସଭା




ବିଧାନସଭା ପରିସର ଘୁଙ୍ଗୁଡିରେ କମ୍ପୁଛି। କଥାଟି ସତ, ହେଲେ ଘୁଙ୍ଗୁଡି ମାରୁଥିବା ଲୋକେ ବିଧାୟକ ନୁହନ୍ତି। ବିଧାୟକଙ୍କ ଚାଳକମାନେ ଘୁଙ୍ଗୁଡି ମାରୁଛନ୍ତି। ବିଧାୟକମାନେ ଗୃହ ଭିତରକୁ ଯିବାପରେ ସେମାନଙ୍କ ଚାଳକମାନେ ଗାଡିରେ ଏସି ଚଲାଇ ଘୁଙ୍ଗୁଡି ମାରୁଛନ୍ତି। ବିଧାନସଭାରେ ଡ୍ୟୁଟି କରୁଥିବା ଜଣେ ଖାକି ବାବୁଙ୍କୁ ପଚାରିବାରୁ ସିଏ ଯାହା କହିଲେ ତାହାକୁ ସହଜରେ ବିଶ୍ୱାସ କରିବା କଷ୍ଟକର। ବାବୁ ଜଣଙ୍କ କହିଲେ ସରକାର ଅର୍ଥ ଶ୍ରାଦ୍ଧ କରି ଚାଳକମାନଙ୍କ ବସିବାପାଇଁ ଘର ତିଆରି କରିଛନ୍ତି। ପାନୀୟଜଳ ବ୍ୟବସ୍ଥା ବି ହୋଇଛି। ହେଲେ ପ୍ରାୟତଃ କୌଣସି ଚାଳକ ସେଠାକୁ ଯାଉ ନାହାନ୍ତି। ବିଧାୟକମାନେ ଗୃହ ଭିତରକୁ ଯିବାପରେ ଚାଳକମାନେ ବଡ ବଡ ଗାଡିରେ ଏସି ଚଳାଇ ଘୁଙ୍ଗୁଡି ମାରୁଛନ୍ତି। ଅବସ୍ଥା ଏମିତି ହୋଇଛି ଯେ ଏମାନଙ୍କ ନିଦ ଭାଙ୍ଗିବାପାଇଁ ବିଧାୟକମାନଙ୍କୁ କସରତ କରିବାକୁ ପଡୁଛି। ଖାକି ବାବୁଜଣଙ୍କ କହୁଥିଲେ, ବୁଝିଲେ ଆଜ୍ଞା ବିଧାୟକମାନେ ସିନା ଟଙ୍କା ଅଣ୍ଟୁନି କହି ଦରମା ବଢାଇବାକୁ ଦାବି ପରେ ଦାବି କରୁଛନ୍ତି। ହେଲେ ସେମାନଙ୍କ ଗାଡିର ଚାଳକମାନେ ଯେଭଳି ତେଲ ପୋଡି ଘୁଙ୍ଗୁଡି ମାରୁଛନ୍ତି ସେଥିରୁ ସେମାନଙ୍କୁ ସତରେ ଟଙ୍କା ଅଣ୍ଟୁନି ବୋଲି କେହି ହେଲେ ବିଶ୍ୱାସ କରିବେ ନାହିଁ। ଯେଉଁ ମାନଙ୍କ ଡ୍ରାଇଭରମାନେ ଗାଡିରେ ଏସି ଲଗାଇ ଶୋଉଛନ୍ତି, ସେମାନଙ୍କୁ ଟଙ୍କାର ଅଭାବ କ'ଣ? ଖାକି ବାବୁ ଜଣଙ୍କ ଏତିକି କହିଲା ବେଳକୁ ଆମେ ଖାଲି ତାଙ୍କୁ ଆଁ କରି ଅନାଇ ରହିଥିଲୁ।

## କଂଗ୍ରେସ ପଛରେ ରହିଗଲା ବିଜେଡି

ରାଜ୍ୟର ମୁଖ୍ୟ ବିରୋଧିଦଳ ବିଜେଡି ଏବେ କଂଗ୍ରେସ ପଛରେ ରହିଯାଇଛି। ଏକଥା ଖୋଦ ବିଜେଡି କର୍ମୀମାନେ କହି ବୁଲୁଛନ୍ତି। ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ କଂଗ୍ରେସ ବିଧାୟକମାନେ ବିରୋଧ କରି କକ୍ଷତ୍ୟାଗ କରିବା ପରେ ବିଜେଡି ଗୃହ ଛାଡିଲା। ଏହାକୁ ନେଇ ବିଜେଡି କର୍ମୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସେମାନଙ୍କ କହିବାକଥା ହେଲା ୧୪ଜଣିଆ କଂଗ୍ରେସ ଦଳ ଗୃହରେ ତତ୍କାଳ ନିଷ୍ପତ୍ତି ନେଲା। ସିଧାସଳଖ ଗୃହ ଛାଡି ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କଲା। ହେଲେ ବିଜେଡି ମୁଖ୍ୟା ଗୃହରେ ଥିଲେ ମଧ୍ୟ ବିଳମ୍ବରେ ଗୃହ ଛାଡିଲେ। ତେବେ କିଛି ବିଜେଡି କର୍ମୀଙ୍କ କହିବାକଥା ଯେ ନିଜର ଇଜ୍ଜତ ବଞ୍ଚାଇବାପାଇଁ ବିଜେଡି ଏଭଳି ପଦକ୍ଷେପ ନେବାକୁ ବାଧ୍ୟ ହେଲା। କାରଣ ଯଦି ବିଜେଡି କକ୍ଷତ୍ୟାଗ କରିନଥାନ୍ତା ତେବେ ସବୁତକ ଶ୍ରେୟ କଂଗ୍ରେସ ନେଇଯାଇଥାନ୍ତା। ପଛରେ ଗଲେ ବି କିଛିଟା ମାନ ରହିଗଲା। ତେବେ ଏଭଳି ନିଷ୍ପତ୍ତି ନେବାରେ କାହିଁକି ବିଳମ୍ବ ହେଲା ତାହା ଏବେ ଦଳ ଭିତରେ ଚର୍ଚ୍ଚାର ବିଷୟ ହୋଇଛି। ବିଜେଡି କ'ଣ କକ୍ଷତ୍ୟାଗ କରିବାକୁ ଚାହୁଁନଥିଲା କି ବୋଲି ଅନେକ ପ୍ରଶ୍ନ ବି କରୁଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ବଜେଟ୍ ଅଭିଭାଷଣକୁ କଂଗ୍ରେସ ବିରୋଧ କରିଥିବାବେଳେ ବିଜେଡି ସୁନାପିଲା ଭଳି ବସି ଶୁଣିବା ଏବେ ଆଲୋଚନାକୁ ଆହୁରି ଖୋରାକ ଯୋଗାଇଛି। ଆସନ୍ତା ରାଜ୍ୟସଭା ଉପରେ ଏହାର ପ୍ରଭାବ ପଡିବ ବୋଲି ବି କିଛି କର୍ମୀ କହି ବୁଲିଲେଣି।



## ବଡ଼ ଗାଡ଼ିକୁ ପୁଲିସର ଡର



କମିଶନରେଟ ପୁଲିସର ଏବେ ବଡ ଗାଡି, ବିଶେଷକରି ମାଲ ଲଦା ହୋଇଥିବା ଗାଡିକୁ ଭାରି ଡର। ଯେବେଠାରୁ ନବ ନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାମାନେ ପାହାନ୍ତିଆ ପହରୁ ଆସି ସଚିବାଳୟ ସମ୍ମୁଖରେ ଧାନବସ୍ତା ପକାଇଦେଲେ ସେବେଠାରୁ ପୁଲିସକୁ ବଡ ଗାଡି ଡର ଗୋଡାଉଛି। ସହର ସାରା ଯେଉଁଠି ବୁଲୁଛ ବୁଲ, ହେଲେ ସଚିବାଳୟ ରାସ୍ତାରେ ଯିବା ସମ୍ପୂର୍ଣ୍ଣ ମନା। ପରିବା ଲଦା ଗାଡି ହେଉ କି ଅନ୍ୟ କୌଣସି ସାମଗ୍ରୀ ଲଦା ହୋଇଥିବା ଗାଡିକୁ ଦେଖିଲେ ପୁଲିସ୍ ବାବୁମାନେ ମାରି ଗୋଡାଉଛନ୍ତି। ତେବେ ଧାନ ଲଦା ଗାଡି କେମିତି ଆସିଲା ତାହାକୁ ନେଇ ଖାକି ମହଲରେ ଅଙ୍କକଷା ଚାଲିଥିବା ନେଇ ସୂଚନା ମିଳିଛି। ଏହି ଦୋଷକୁ କିଏ କାହା ମୁଣ୍ଡରେ ଥୋଇବ ବୋଲି ମାନସ ମନ୍ଥନ ଚାଲିଥିବାବେଳେ ରାଜଧାନୀର ଗୁଇନ୍ଦାଙ୍କ ମୁଣ୍ଡରେ ନଡିଆ ଭାଙ୍ଗିବାକୁ କିଛି ବାବୁ ଲାଗି ପଡିଛନ୍ତି। ସେମାନଙ୍କ ସୂଚନା ସଂଗ୍ରହ ବ୍ୟବସ୍ଥା ଫେଲ ମାରିବାରୁ ଏଭଳି କାଣ୍ଡ ଘଟିଲା ବୋଲି କହୁଛନ୍ତି। ତେବେ ସବୁଠାରୁ ବଡ କଥାହେଲା ଚାଷୀମାନେ ବିଧାନସଭା ସମ୍ମୁଖରେ ଧାନବସ୍ତା ଧରି ହଙ୍ଗାମା କରିବାପରେ ଏହାର ଭିଡିଓ ଜାରିକରି ଯେଭଳି ପୂର୍ବ ଘୋଷଣା ଅନୁଯାୟୀ ଫିଲ୍ମ ଦେଖାଇଦେଲେ ବୋଲି କହିଲେ ତାହା ରାଜଧାନୀର ପୁଲିସ୍ ବ୍ୟବସ୍ଥାକୁ ଅଧିକ ଲଜ୍ଜିତ କରିଦେଇଛି।

# କୃଷି କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି ଏଆଇ




**ନୂଆଦିଲ୍ଲୀ,୨୨।୨:** ଭାରତର କୃଷି କ୍ଷେତ୍ରରେ ଚାଷୀଙ୍କୁ ସହାୟତା ଯୋଗାଇ ଦେବା, ନିଷ୍ପତ୍ତି ପ୍ରକ୍ରିୟାକୁ ସୁଦୃଢ଼ କରିବା ଏବଂ ଉତ୍ପାଦକତା ବଢ଼ାଇବା ଲାଗି ଏଆଇର ବର୍ଦ୍ଧିତ ଉପଯୋଗ କରାଯାଉଛି। ଉପଗ୍ରହ ଚିତ୍ର, ଡ୍ରୋନ ଆଧାରିତ ନିରୀକ୍ଷଣ ଏବଂ କୃଷି ସ୍ତରୀୟ ଫଟୋକୁ ବ୍ୟବହାର କରି ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ଏଆଇର ଉପଯୋଗ କରାଯାଉଛି। ଏହା ପ୍ରୟୋଗଶାଳାରେ ମାଟି ପରୀକ୍ଷାର ଆବଶ୍ୟକତାକୁ ଦୂର କରୁଛି। ଏଆଇ ମଧ ବୃଷ୍ଟିପାତ ସ୍ଥିତି, ତାପମାତ୍ରା ପରିବର୍ତ୍ତନ ଏବଂ ଖରାପ ପାଣିପାଗ ପୂର୍ବାନୁମାନ ଲାଗି ପାଣିପାଗ ଏବଂ ଜଳବାୟୁ ତଥ୍ୟର ବିଶ୍ଳେଷଣରେ ସହାୟକ ହେଉଛି। ଏହା ମଧ କୀଟ ଏବଂ ଫସଲ ରୋଗ ଚିହ୍ନଟ କରିବା ଲାଗି ଉପଗ୍ରହ ଚିତ୍ର, ଡ୍ରୋନ, ସେନ୍ସର ଓ ଅନ୍ୟ ଫଟୋକୁ ବିଶ୍ଳେଷଣ କରୁଛି।

ଏଆଇ ଆଧାରିତ ଚିତ୍ର ବର୍ଗୀକରଣ ଓ ମସିନ ଲର୍ଣ୍ଣିଂ ଉପକରଣ ଡ୍ରୋନ, ରିମୋଟ୍ ସେନ୍ସିଂ ଓ ସ୍ଥାନୀୟ ସେନ୍ସର ଡାଟା ଉପଯୋଗ କରି କୃଷି ଯନ୍ତ୍ରାଂଶର ଦକ୍ଷ ଉପଯୋଗ କରାଯାଇପାରୁଛି। ସେହିପରି ଏଆଇ ଚାହିଦା-ଯୋଗାଣ ପୂର୍ବାନୁମାନ, ବଜାର ଗୁଇନ୍ଦା ଏବଂ କୃଷି ମୂଲ୍ୟ ଶୃଙ୍ଖଳରେ ସମନ୍ୱୟକୁ ସୁଦୃଢ଼ କରିଛି। ଫଳରେ ଚାଷୀଙ୍କୁ ସେମାନଙ୍କ ଉତ୍ପାଦର ଉଚିତ୍ ମୂଲ୍ୟ ମିଳିପାରୁଛି। ଇନାମ, ଆଗମାର୍କେଟ, କୃଷି ଉପକରଣ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ କାର୍ଯ୍ୟକ୍ରମ ଭଳି ପ୍ଲାଟଫର୍ମରେ ଦର ବିଶ୍ଳେଷଣ ଏବଂ ପୂର୍ବାନୁମାନରେ ଏଆଇ ସହାୟକ ହୋଇଛି। ଏହାଦ୍ୱାରା ୧୨ ରାଜ୍ୟରେ ୧୮ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି । ଏଆଇ ମଧ ପାଣି, ସାର ଓ କୀଟନାଶକକୁ ଉପଯୁକ୍ତ ପରିମାଣରେ ପ୍ରୟୋଗ କରିବାରେ ଚାଷୀଙ୍କୁ ସହାୟକ ହେଉଛି। ସେହିପରି ଅଙ୍ଗାରକାମ୍ଳ ନିର୍ଗମନ ମଧ ହ୍ରାସ ପାଇଛି। ସରକାର ନୀତିଗତ ହସ୍ତକ୍ଷେପରେ ଏଆଇର ସଦୁପଯୋଗ କରୁଛନ୍ତି। କେନ୍ଦ୍ର ବଜେଟ୍ ୨୦୨୬-୨୭ରେ ଏଗ୍ରିଷ୍ଟାକ୍ ପୋର୍ଟାଲ୍ ଏବଂ ଆଇସିଏଆର ପ୍ୟାକେଜକୁ ଏଆଇ ପ୍ରଣାଳୀ ସହ ସଂଯୁକ୍ତ କରିବା ପାଇଁ ଏକ ବହୁଭାଷୀ ଏଆଇ ଉପକରଣ ଭାରତ ବିସ୍ତାରର ଶୁଭାରମ୍ଭ କରାଯାଇଛି। ଏହା ପରାମର୍ଶ ସେବା ଯୋଗାଇ ଦେଇ ଫସଲ ଉତ୍ପାଦକତା ବଢ଼ାଇବା ସହ ଚାଷୀଙ୍କୁ ଉନ୍ନତ ନିଷ୍ପତ୍ତି ଗ୍ରହଣ ଏବଂ ବିପଦ ହ୍ରାସରେ ସହାୟକ ହୋଇପାରିବ। ଗତ ଡିସେମ୍ବର ସୁଦ୍ଧା ଏଆଇ ଆଧାରିତ କିଷାନ ଇ-ମିତ୍ର ଚାଟବଟ୍‌ରେ ୯୩ ଲକ୍ଷ ପ୍ରଶ୍ନର ଉତ୍ତର ମିଳିଛି। ଦୈନିକ ୧୧ ଆଞ୍ଚଳିକ ଭାଷାରେ ୮ ହଜାର ଚାଷୀଙ୍କ ପ୍ରଶ୍ନର ସମାଧାନ ହୋଇଛି । ଜାତୀୟ କୀଟ ନିରୀକ୍ଷଣ ପ୍ରଣାଳୀ ଏଆଇ ଓ ମସିନ ଲର୍ଣ୍ଣିଂର ଉପଯୋଗ କରୁଛି। ଏହାଦ୍ୱାରା ୪୩୨ଟି କୀଟ ପ୍ରଜାତିକୁ ଚିହ୍ନଟ କରାଯାଇଛି ଏବଂ ୬୬ ପ୍ରକାର ଫସଲ ସୁରକ୍ଷା ହୋଇପାରିଛି। ଫଳରେ ୧୦ ହଜାରରୁ ଅଧିକ ସମ୍ପ୍ରସାରଣ କର୍ମୀଙ୍କୁ ସହାୟତା ମିଳିଛି। ୧୩ଟି ରାଜ୍ୟର କିଛି ଅଂଶରେ ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ପାଇଁ ଖରିଫ ୨୦୨୫ ସମୟରେ ଏକ ଏଟିଆଇ-ଆଧାରିତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା। ସ୍ଥାନୀୟ ମୌସୁମୀ ଆଗମନକୁ ଧ୍ୟାନ ଦେଇ ସର୍ବୋତ୍ତମ ବିହନ ନିଷ୍ପତ୍ତି ନେବା ପାଇଁ, ସମ୍ଭାବ୍ୟ ପୂର୍ବାନୁମାନ ଏମକିଷାନ ପୋର୍ଟାଲ୍ ମାଧ୍ୟମରେ ଏସଏମଏସ ଜରିଆରେ ୧୩ ରାଜ୍ୟର ୫ଟି ଆଞ୍ଚଳିକ ଭାଷାରେ ୩.୮୮ କୋଟି ଚାଷୀଙ୍କୁ ଏହାର ଲାଭ ମିଳିଥିଲା। ଗତ ଜାନୁଆରୀ ସୁଦ୍ଧା ୬ ହଜାର କୃଷି ଷ୍ଟାର୍ଟଅପକୁ ତାଲିମ ସହ ୧୮୬ କୋଟିରୁ ଅଧିକ ଟଙ୍କାର ଅନୁଦାନ ଦିଆଯାଇଛି।

## ଜଙ୍ଗଲରୁ ବିପୁଳ ବେଆଇନ ବାଣ ଜବତ



**ସାଲେପୁର, ୨୨।୨ (ସଂଚାର ବ୍ୟୁରୋ):** ରବିବାର ଜଗତପୁର ଥାନା ପୋଲିସ ସାଲେପୁର ମହାଜନପୁର ନିକଟସ୍ଥ ଜଙ୍ଗଲରୁ ବିପୁଳ ପରିମାଣର ବେଆଇନ ବାଣ ଜବତ କରିଛି। ଏସବୁ ବାଣକୁ ରେଡ୍ ଭୟରେ ଜଙ୍ଗଲରେ ଲୁଚାଯାଇଥିବା ସନ୍ଦେହ କରାଯାଉଛି। ସୂଚନାଥାଉକି, ଗତ ତିନି ଦିନ ତଳେ କଟକ ଜିଲ୍ଲାର ସାଲେପୁର ବ୍ଲକ୍ ଅଧୀନସ୍ତ ମହାଜନପୁରରେ ବେଆଇନ୍ ବାଣ ବିସ୍ଫୋରଣରେ ୩ ଜଣ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଅଞ୍ଚଳରେ ଜଗତପୁର ପୋଲିସ ଓ ପାଗା ଫାଣ୍ଡିର ମିଳିତ ଚଢ଼ାଉ ଜାରି ରହିଛି। ଏମିତିରେ ରେଡ୍ ଭୟର ଅନ୍ୟ ବେଆଇନ ବାଣ ତିଆରି କରୁଥିବା ବେପାରୀଙ୍କ ମନରେ ଛନକା ପଶିଛି। ଆଉ ଏହାକୁ ନେଇ କେହି ବେପାରୀ ମହାଜନପୁର ନିକଟସ୍ଥ ଜଙ୍ଗଲରେ ବିପୁଳ ପରିମାଣର ବାଣ ଏବଂ ବାଣ ତିଆରି କରିବା ସରଞ୍ଜାମ ଲୁଚାଇ ରଖିଥିଲେ। ହେଲେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଜଙ୍ଗଲ ଭିତରେ ଥିବା ବିପୁଳ ପରିମାଣର ବାଣ ଜବତ କରିଛି।

## ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ
## ୩ ଜଣଙ୍କୁ କୋର୍ଟ ଚାଲାଣ



**ପଟାଙ୍ଗି,୨୨।୨(ସଂଚାର ବ୍ୟୁରୋ):** କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଦେଓପଟାଙ୍ଗି ପଞ୍ଚାୟତ ସଦର ମହକୁମାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ୍ୟୁବରଣ କରିଥିବା ବେଳେ ପୁଲିସ ତଦନ୍ତ ଜାରି ରଖି ଆଜି ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। କୋର୍ଟ ଚାଲାଣ ହୋଇଥିବା ଉକ୍ତ ୩ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ଥିବା ବେଳେ ଅନ୍ୟ ଦୁଇ ଜଣ କୃଷ୍ଣ ଗୁଣ୍ଡା ଓ ଆଦୁ ହନ୍ତାଳ ବୋଲି ଜଣାପଡ଼ିଛି। ସେହିପରି ନାବାଳକ ଅଭିଯୁକ୍ତଙ୍କ ନାମ ସୁନୀଲ ଖରା ହୋଇଥିବା ବେଳେ ତାଙ୍କୁ ମଧ କୋର୍ଟକୁ ପଠାଯାଇଛି। ମିଳିଥିବା ସୂଚନାନୁସାରେ, ମୃତ ଯୁବକ ଯୋଗୀ ଖରାଙ୍କ ବାପା ପଶୁପତି ଖରାଙ୍କ ଲିଖିତ ଅଭିଯୋଗ କ୍ରମେ ପୁଲିସ ଏକ କେସ ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ପଞ୍ଚାୟତ ସଦର ମହକୁମାର କିଛି ଲୋକଙ୍କୁ ସନ୍ଦେହରେ ଉଠାଇ ଆଣି ପଚରାଉଚରା କରିଥିଲା। ଏହି ସମୟରେ ଯୋଗୀଙ୍କ ସାନ ଭାଇ ନାବାଳକ ସୁନୀଲଙ୍କ କହିବା ଅନୁସାରେ ବାରହା ଶିକାର କରିବା ପାଇଁ ବିଦ୍ୟୁତ୍ ତାର ଯାଇଥିବା ସ୍ଥାନରେ ମୁଁ ଓ ଅନ୍ୟ ଦୁଇ ଜଣ ଫାଶ ପକାଇଥିଲୁ। କିନ୍ତୁ ଘଟଣା ଘଟିବା ଦିନ ଭୋର ସକାଳୁ ବାର୍‌ହା ଶିକାର ପାଇଁ ପକା ଯାଇଥିବା ଫାଶ ସ୍ଥାନକୁ ଯାଇ ଦେଖିବାକୁ ପାଇଥିଲୁ କି ମୋର ନିଜ ବଡ଼ ଭାଇ ଉକ୍ତ ଫାଶରେ ଫସିଯାଇଛି। ଏହା ଦେଖି ଭାଇକୁ ଫାଶରୁ ବାହାର କରିବା ପୂର୍ବରୁ ଭାଇ ମୃତ୍ୟୁବରଣ କରିଥିଲେ। ମୃତ ଭାଇକୁ ଫାଶରୁ ବାହାର କରି ଘଟଣା ଘଟିଥିବା ସ୍ଥାନରୁ ପ୍ରାୟ ୫୦ ମିଟର୍ ଦୂରରେ ପକାଇ ଦେଇଥିଲୁ ବୋଲି ପୁଲିସ ନିକଟରେ ପ୍ରକାଶ କରିଥିଲେ।

## ହାତୀ ମୃତ୍ୟୁ ଘଟଣାରେ ୩ ଶିକାରୀ ଗିରଫ

**ଫୁଲବାଣୀ,୨୨।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡା ବନଖଣ୍ଡର ବେଲଘର ରେଞ୍ଜ ଅନ୍ତର୍ଗତ ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ୩ ଜଣ ଶିକାରୀଙ୍କୁ ବନ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ଏହି ଶିକାରୀମାନେ ମୁଣ୍ଡୁଟି ଜଙ୍ଗଲରେ ଗତ ଜାନୁଆରୀ ୪ ତାରିଖରେ ବାରହା ଶିକାର କରିବା ପାଇଁ ବିଦ୍ୟୁତ ତାର ବିଛାଇଥିଲେ। କିନ୍ତୁ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗତ ଜାନୁଆରୀ ୫ ତାରିଖରେ ଏକ ହାତୀ ମୃତ୍ୟୁବରଣ କରିଥିଲା। ତେବେ ଏହି ହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ତଦନ୍ତ କରିବା ସମୟରେ ଏହି ୩ ଶିକାରୀଙ୍କୁ ଜେରା କରିବା ବେଳେ ବିଦ୍ୟୁତ ତାର ବିଛାଇବା ସହ ହାତୀର ମୃତ୍ୟୁ ପରେ ବି ଘଟଣାସ୍ଥଳରେ ଉପସ୍ଥିତ ରହିଥିବା କହିଥିଲେ। ଗିରଫ ତିନି ମୁଖ୍ୟ ଅଭିଯୁକ୍ତ ହେଲେ ବେଲଘର ରେଞ୍ଜ ଝିରିପାଣି ଗାଁର କ୍ଷମା ପାତ୍ର (୭୬), ବୃଷଭ ପାତ୍ର (୪୪) ଓ ଗୋକୁଳ ପାତ୍ର (୪୧)। ବେଲଘର ରେଞ୍ଜ ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାରେ ଅଦ୍ୟାବଧି ୬ ଜଣ ଶିକାରୀ, ଫେରାର ରହିଥିବା ଡେପୁଟି ରେଞ୍ଜରଙ୍କ ଡ୍ରାଇଭର ଓ ଜେସିବି ଅପେରେଟରଙ୍କ ସମେତ ମୋଟ ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାକୁ ଚପାଇଦେବାକୁ ଉପରୋକ୍ତ ଅଭିଯୁକ୍ତମାନେ ହାତୀର ମୃତଦେହକୁ ୩୨ ଖଣ୍ଡ କରି ମାଟି ତଳେ ପୋତି ଦେଇଥିଲେ। ଏହା ଜଣାପଡ଼ିବା ପରେ ତୁରନ୍ତ ଡେପୁଟି ରେଞ୍ଜର ବିନୟ କୁମାର ବିଶିଙ୍କୁ ନିଲମ୍ବନ କରାଯାଇଥିବା ବେଳେ ସେ ଏବେ ବି ଫେରାର୍ ରହିଛନ୍ତି। ସେହିପରି ତଦନ୍ତ ରିପୋର୍ଟକୁ ଚପାଇଦେବାକୁ ଉଦ୍ୟମ କରିବା ଅଭିଯୋଗରେ ଏସିଏଫ ସୂର୍ଯ୍ୟକାନ୍ତ ବେହେରାଙ୍କୁ ମଧ ନିଲମ୍ବନ କରାଯାଇଛି।

**ଏବେ ବି ଡେପୁଟି ରେଞ୍ଜର୍ ଫେରାର୍**

**ହାତୀର ମୃତଦେହକୁ ୩୨ ଖଣ୍ଡ କରି ମାଟି ତଳେ ପୋତିଥିଲେ**



## ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର
### ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



**ଭୁବନେଶ୍ୱର, ୨୨।୨ (ସଂଚାର ବ୍ୟୁରୋ) :** ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର । ସୃଷ୍ଟ ଲଘୁଚାପ ପ୍ରଭାବରେ କାଲିଠୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା । କାଲିଠୁ ଉତ୍ତର ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ଆକାଶ ମେଘୁଆ ରହିବ । କାଲି ଘଡ଼ଘଡ଼ି ସହ ବର୍ଷା ନେଇ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି । ବର୍ଷା ସହ କିଛି ସ୍ଥାନରେ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ରହିଛି। ଏପଟେ ରାଜ୍ୟରେ କମୁଛି ଶୀତର ପ୍ରକୋପ। ଧୀରେ ଧୀରେ ବଢୁଛି ତାପମାତ୍ରା । ରାଜ୍ୟରେ ଆଗାମୀ ୪୮ ଘଣ୍ଟାରେ ରାତ୍ରି ତାପମାତ୍ରା ୨ ରୁ ୩ ଡିଗ୍ରୀ ସେଲସିଅସ ବୃଦ୍ଧି ପାଇବା ନେଇ ସୂଚନା ଜାରି କରିଛନ୍ତି ପାଣିପାଗ ବିଭାଗ ।

**ଓସିଏ ଏଜିଏମ୍‌ରେ ଅସନ୍ତୋଷ**

## ନିର୍ବାଚନକୁ ବିରୋଧ ନେଇ ତାତିଲେ ଲଳିତେନ୍ଦୁ




**ଆଣିଲେ ଦୁର୍ନୀତି ଅଭିଯୋଗ, ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ**

**କଟକ,୨୨।୨(ସଂଚାର ବ୍ୟୁରୋ):** ଅଧିକ ବିବାଦୀୟ ହୋଇଛି ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ନିର୍ବାଚନ। ଆଜି ଓସିଏର ସାଧାରଣ ପରିଷଦ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅସନ୍ତୋଷ ଦେଖିବାକୁ ମିଳିଛି। ଓସିଏ ନିର୍ବାଚନକୁ ନେଇ ସଦସ୍ୟମାନଙ୍କ ମଧ୍ୟରେ ହୋହାଲ୍ଲା ହୋଇଛି। ଓସିଏ ନିର୍ବାଚନ ତୁରନ୍ତ କରିବା ପାଇଁ କେତେକ ସଦସ୍ୟ ଦାବି କରିଥିବା ବେଳେ ଆଉ କେତେକ ନିର୍ବାଚନ ସ୍ଥଗିତ ରଖିବା ସପକ୍ଷରେ ମତ ଦେଇଥିଲେ। ଏହାକୁ ନେଇ ବୈଠକରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା।

ଓସିଏ କାଉନସିଲ ସଦସ୍ୟ ତଥା ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ତାଙ୍କ ସହ କେତେକ ସଦସ୍ୟ ଓସିଏ ନିର୍ବାଚନ କରାଯାଉ ବୋଲି ଦାବି କରିଥିଲେ। ହେଲେ ଅନ୍ୟ ସଦସ୍ୟମାନେ କହିଥିଲେ ଯେ ଓସିଏ ନିର୍ବାଚନ ଏବେ ନ ହୋଇ ବରଂ ନୂଆ ସ୍ପୋର୍ଟ୍ସ ବିଲ୍ ଆସିବା ପରେ ହେଉ। ଏହାକୁ ନେଇ ଓସିଏ ରାଜନୀତି ଅଧିକ ସରଗରମ ହୋଇଛି। ଲଳିତେନ୍ଦୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସମସ୍ତ ନିୟମକୁ ଉଲ୍ଲଂଘନ କରି ଓସିଏ ନିର୍ବାଚନ ଘୁଞ୍ଚାଇବାକୁ ଉଦ୍ୟମ କରାଯାଉଛି।

ଲୋଧା କମିଟି ନିୟମ ଅନୁସାରେ ୧୬ଟି ରାଜ୍ୟ କ୍ରିକେଟ ଆସୋସିଏସନ୍ ନିର୍ବାଚନ କରିସାରିଲେଣି। କିନ୍ତୁ ଏ ଦିଗରେ ଓସିଏ ଅଦ୍ୟାବଧି ପଦକ୍ଷେପ ନେଇନାହିଁ। ଏ ବାବଦରେ ବିସିସିଆଇକୁ ଅବଗତ କରାଇବା ସହ କୋର୍ଟର ଆଶ୍ରୟ ନେବେ ବୋଲି ଲଳିତେନ୍ଦୁ କହିବା ସହ ଓସିଏ ଉପରେ କିଛି ଲୋକ ବର୍ଷ ବର୍ଷ ଧରି କବ୍‌ଜା କରିବସିଥିବାରୁ ଓଡ଼ିଶା କ୍ରିକେଟ୍‌ର ସ୍ତର ଏବେ ଅତି ନିମ୍ନ ସ୍ତରକୁ ଚାଲିଗଲାଣି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଯେଉଁମାନେ ଓସିଏ ଦାୟିତ୍ୱରେ ଅଛନ୍ତି, ସେମାନଙ୍କର କିଛି ବି ଉତ୍ତରଦାୟିତ୍ୱ ରହୁନାହିଁ। ବର୍ଷ ବର୍ଷ ଧରି ବହୁତଗୁଡ଼ିଏ ଦୁର୍ନୀତି ଓସିଏରେ ହୋଇଛି। ତା'ର ସ୍ପେଶାଲ ଅଡିଟ କରାଯିବା ଦରକାର। ଏ ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସବୁକିଛି କହିବି ବୋଲି ଲଳିତେନ୍ଦୁ କହିଛନ୍ତି।

ଅନ୍ୟପକ୍ଷରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଏନେଇ କହିଛନ୍ତି ଯେ ଓସିଏ ଏଜିଏମ୍‌ରେ ଏବେ ନିର୍ବାଚନ କରାନଯିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରାୟ ସମସ୍ତ ସଦସ୍ୟ ଏନେଇ ସେମାନଙ୍କ ସହମତି ଲିଖିତ ଆକାରରେ ଦେଇଛନ୍ତି। କୌଣସି ନିୟମ ଉଲ୍ଲଂଘନ ହୋଇନାହିଁ, ନୂଆ ସ୍ପୋର୍ଟସ ବିଲ ଆସିବା ପରେ ନିର୍ବାଚନ ହେବ। ତା'ର ରୂପରେଖ କଣ ହେଉଛି ଓ ବିସିସିଆଇର ନିର୍ଦ୍ଦେଶ ପରେ ନିର୍ବାଚନ କରାଯିବ ବୋଲି ଶ୍ରୀ ବେହେରା କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଓସିଏରେ କୌଣସି ଦୁର୍ନୀତି ହୋଇନାହିଁ। ସେ ଦାୟିତ୍ୱ ନେବା ପରେ ଆର୍ଥିକ ସ୍ତରରେ ଓସିଏ ସୁଦୃଢ଼ ହୋଇଛି। ମୁଖ୍ୟମନ୍ତ୍ରୀ ଓସିଏ ବାବଦରେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି ଓ ସେ ମଧ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସବୁକଥା ଆଲୋଚନା କରିବେ ବୋଲି ଶ୍ରୀ ବେହେରା ଗଣମାଧ୍ୟମକୁ କହିଛନ୍ତି।

# ଫୁଲ ଚାଷ ଦେଖିବାକୁ ପାହାଡ଼ ଚଢ଼ିଲେ ଜିଲ୍ଲାପାଳ

**ପଟ୍ଟାଙ୍ଗି,୨୨।୨(ସଂଚାର ବ୍ୟୁରୋ) :** କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନରେ ରହିଥିବା କୋଟିଆ ପଞ୍ଚାୟତକୁ ଜିଲାପାଳ ମନୋଜ ସତ୍ୟବାନ୍ ମହାଜନ୍ ଗସ୍ତ କରି ପଞ୍ଚାୟତର ବିଭିନ୍ନ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ । ଏହାସହ ଉପସ୍ଥିତ ବ୍ଲକ୍ କର୍ମଚାରୀଙ୍କ ସହ ଆଲୋଚନା କରି ପାହାଡ଼ ଉପରେ ସ୍ୱଂୟ ସହାୟକ ଗୋଷ୍ଠୀ ଦ୍ୱାରା ହୋଇଥିବା ଫୁଲ ଚାଷକୁ ଦେଖି ଗୋଷ୍ଠୀ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ ।

ସୂଚନାଯୋଗ୍ୟକି, ଜିଲାପାଳ ମହାଜନଙ୍କ ରେଣ୍ଟମ୍ ଟୁର୍ କାର୍ଯ୍ୟକ୍ରମ ଭିତରେ ପଟ୍ଟାଙ୍ଗି ତହସିଲ ସହ ବ୍ଲକ୍ ଏବଂ କିଛି ଫିଲ୍ଡ ଗସ୍ତ କରିବା କାର୍ଯ୍ୟକ୍ରମ ଭିତରେ କୋଟିଆ ପଞ୍ଚାୟତ ଗସ୍ତ କରିବା ବାଟରେ ତୁରିଆ ଟାଉପଦର ଗ୍ରାମ ଛକରେ ହନୁମାନ ସ୍ୱଂୟ ସହାୟକ ଗୋଷ୍ଠୀ ଦ୍ୱାରା ହୋଇଥିବା ମିଲେଟ୍ ଟିଫିନ୍ ସେଣ୍ଟର ପରିଦର୍ଶନ କରି ହୋଇଥିବା ଟିଫିନ୍ ପ୍ରସ୍ତୁତି ଦେଖିଥିଲେ । ପରେ ଉକ୍ତ ସ୍ଥାନରୁ ବାହାରି ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ଉକ୍ତ ରଥ ନିମନ୍ତେ ଚାଲିଥିବା ନିର୍ମାଣ ଗୃହ ଦେଖିଥିଲେ । ଏହାପରେ ପଞ୍ଚାୟତ ସଦର ମହକୁମାର ତିନି ସ୍ୱଂୟ ସହାୟକ ଗୋଷ୍ଠୀ ଯଥା ମାଁ ସନ୍ତୋଷୀ, ଜନନୀ ଏବଂ ଅଲିବା ପ୍ରମୁଖଙ୍କ ଦ୍ୱାରା ନିକଟସ୍ଥ ପାହାଡ଼ ଉପରେ ହୋଇଥିବା କ୍ଷମ ମାଳି ଫୁଲ ଚାଷକୁ ଜିଲାପାଳ ମହାଜନ୍ ପାହାଡ଼ ଚଢ଼ି ଦେଖିବା ସହ ଉପସ୍ଥିତ ଗୋଷ୍ଠୀ ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ ।

ଯାହାକି ଉକ୍ତ ଫୁଲ ଏକ ଚେରମୁଳୀ ଔଷଧୀୟ ଗୁଣ ରହିଥିବା ବେଳେ ଫୁଲଟି ଚା' ପତି ଭାବେ ବ୍ୟବହାର ଉପଯୁକ୍ତ ହୋଇଥାଏ। ଯେଉଁଥି ପାଇଁ ଉକ୍ତ ଚାଷ ନିମନ୍ତେ ଓରମାସ୍ ପକ୍ଷରୁ ସମସ୍ତ ସହାୟତା ଉପରୋକ୍ତ ଗୋଷ୍ଠୀଙ୍କୁ ଯୋଗାଇ ଦିଆଯାଇଛି । ସେହିପରି ପଞ୍ଚାୟତ କାର୍ଯ୍ୟାଳୟ ସହ ପଞ୍ଚାୟତରେ ରହିଥିବା ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟ ପରିସରରେ ଆବଶ୍ୟକ ଥିବା ଛାତ୍ର ଆବାସ ଏବଂ ଅତିରିକ୍ତ ଶ୍ରେଣୀ ଗୃହ ନିମନ୍ତେ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ଜିଲାପାଳ ମହାଜନଙ୍କ ସହ ଆଲୋଚନା କରି ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଜିଲାପାଳ ମହାଜନ୍ ଉକ୍ତ ବିଦ୍ୟାଳୟ ପରିସରରେ ରହିଥିବା ଛାତ୍ରୀ ନିବାସ ସହ ଅନ୍ୟ ଶ୍ରେଣୀ ଗୃହ ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମ୍ପର୍କରେ ପଚାରି ବୁଝିଥିଲି ।

ଶେଷରେ ଜାନିଗୁଡା ଗ୍ରାମରେ ହୋଇଥିବା ଷ୍ଟବେରୀ ଚାଷ ବୁଲି ଦେଖିବା ସହ ଉକ୍ତ ଚାଷ ପାଇଁ ଆବଶ୍ୟକ ରହିଥିବା ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ପାଇଁ ଉପସ୍ଥିତ ଉଦ୍ୟାନ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ ।



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଭାରତ ଉପରେ ଶୁଳ୍କ ୧୦%କୁ ହ୍ରାସ



ନୂଆଦିଲ୍ଲୀ, ୨୨।୨: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଲଗାଇଥିବା ଶୁଳ୍କକୁ ଗତକାଲି ଆମେରିକାର ସୁପ୍ରିମକୋର୍ଟ ଅସିଦ୍ଧ ଘୋଷଣା କରିଥିଲେ। ଏହି ରାୟ ପ୍ରକାଶ ପାଇବାର କିଛି ଘଣ୍ଟା ପରେ ଟ୍ରମ୍ପ ନୂଆ ୧୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏହାର ପ୍ରଭାବରେ ଭାରତ ଉପରେ ଆମେରିକାର ଶୁଳ୍କ ୧୮ ପ୍ରତିଶତରୁ ହ୍ରାସ ପାଇ ୧୦ ପ୍ରତିଶତ ହୋଇଛି। ଭାରତ ଉପରେ ଟ୍ରମ୍ପ ଗତବର୍ଷ ଅଗଷ୍ଟଠାରୁ ୫୦ ପ୍ରତିଶତ ଶୁଳ୍କ ଲଗାଇଥିଲେ। ସେଥିରୁ ୨୫ ପ୍ରତିଶତ ପାଲଟା ଶୁଳ୍କ ଥିଲା ଓ ଅବଶିଷ୍ଟ ୨୫ ପ୍ରତିଶତ ରୁଷରୁ ଭାରତ ତେଲ କିଣୁଥିବାରୁ ଜରିମାନା ଭାବେ ଲଗାଯାଇଥିଲା। ତେବେ ଭାରତ ସହ ବାଣିଜ୍ୟ

## ୨୪ରୁ ଲାଗୁ ହେବ

ରାଜିନାମା ସମ୍ପର୍କରେ ସହମତି ହୋଇଥିବା ନେଇ ଆମେରିକା ତରଫରୁ ଘୋଷଣା କରାଯିବା ସହ ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଥିଲା। ନୂଆ ଶୁଳ୍କ ସମ୍ପର୍କରେ ଟ୍ରମ୍ପ କହିଥିଲେ ଯେ ଚଳିତ ମାସ ୨୪ ତାରିଖରୁ ତାହା ୧୫୦ ଦିନ ପାଇଁ ଲାଗୁ କରାଯାଇଛି। ଔଷଧ ଏବଂ ଆମେରିକା-ମେକ୍ସିକୋ-କାନାଡା ରାଜିନାମାରେ ଅନ୍ତର୍ଭୁକ୍ତ ସାମଗ୍ରୀ ଉପରେ ଏହି ଶୁଳ୍କ ଲାଗୁହେବ ନାହିଁ। ଏହା ବ୍ୟତୀତ ଆମେରିକାକୁ ଆମଦାନୀ କରାଯାଉଥିବା ସବୁ ସାମଗ୍ରୀ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗିବ ବୋଲି ଟ୍ରମ୍ପ କହିଥିଲେ। ୧୯୭୪ର ବାଣିଜ୍ୟ ନିୟମର ଧାରା ୧୨୨ରେ ଥିବା କ୍ଷମତାକୁ ଉପଯୋଗ କରି ଟ୍ରମ୍ପ ନୂଆ ଟିକସ ଲଗାଇଛନ୍ତି। ଏହି ଧାରା ରାଷ୍ଟ୍ରପତିଙ୍କୁ ୧୫ ପ୍ରତିଶତ ଟିକସକୁ ୧୫୦ ଦିନ ପର୍ଯ୍ୟନ୍ତ ଲଗାଇବାର କ୍ଷମତା ଦେଇଛି।

ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ବିଶ୍ୱ ବାଣିଜ୍ୟ କାରବାରକୁ ନେଇ ନୂଆ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆମେରିକା ସହ ଭାରତ ସମେତ ବିଭିନ୍ନ ଦେଶ ସ୍ୱାକ୍ଷର କରିଥିବା ରାଜିନାମାର କ'ଣ ହେବ ତାହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ବର୍ତ୍ତମାନ ସମୟରେ କୌଣସି ଦେଶକୁ ୧୦ ପ୍ରତିଶତରୁ ଅଧିକ ଶୁଳ୍କ ଦେବାକୁ ପଡ଼ିବ ନାହିଁ। କିନ୍ତୁ ସୁପ୍ରିମକୋର୍ଟଙ୍କ ରାୟକୁ ଟ୍ରମ୍ପ କିଭଳି ଗ୍ରହଣ କରୁଛନ୍ତି ଓ ଆଗକୁ କଣ ପଦକ୍ଷେପ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ।

ବିଶେଷଜ୍ଞଙ୍କ ମତରେ ଆମେରିକାକୁ ଜିନିଷ ପଠାଉଥିବା କୌଣସି ଦେଶକୁ ବର୍ତ୍ତମାନ ୧୦ ପ୍ରତିଶତରୁ ଅଧିକ ଶୁଳ୍କ ଗଣିବାକୁ ପଡ଼ିବନି। କିନ୍ତୁ ବାଣିଜ୍ୟ ନିୟମର ଧାରା ୧୨୨ ଆଧାରରେ ଲଗାଯାଇଥିବା ଶୁଳ୍କର ଅବଧି ୧୫୦ ଦିନ ପରେ ଆପେ ଶେଷ ହୋଇଯିବ। ଟ୍ରମ୍ପ ଚାହିଲେ ଜରୁରୀକାଳୀନ ସ୍ଥିତି ସୃଷ୍ଟି ହୋଇଥିବା ଦର୍ଶାଇ ଶୁଳ୍କକୁ ଆଗୁଆ ଉଚ୍ଛେଦ କରି ପୁଣି ଅଧିକ ଟିକସ ଲଗାଇପାରିବେ। ଗତକାଲି ଆମେରିକା ସୁପ୍ରିମକୋର୍ଟ ଶୁଳ୍କକୁ ଅସିଦ୍ଧ ଘୋଷଣା କରିବା ପରେ ଭାରତ ଭଳି ଦେଶ ପାଇଁ ଚମତ୍କାର ସୁଯୋଗ ସୃଷ୍ଟି ହୋଇଥିଲା। ସବୁଠୁ ଅନୁଗୃହୀତ ଦେଶ (ଏମଏଫଏନ) ମାନ୍ୟତା ପାଇଥିବାରୁ ଭାରତ ପାଇଁ ଶୁଳ୍କ ୩.୫ ପ୍ରତିଶତକୁ ହ୍ରାସ ପାଇଥିଲା। କିନ୍ତୁ ଟ୍ରମ୍ପ ସଙ୍ଗେ ସଙ୍ଗେ ୧୦ ପ୍ରତିଶତର ନୂଆ ଶୁଳ୍କ ଲଗାଇବା ପରେ ସବୁକିଛି ବିଗିଡ଼ିଯାଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ଟ୍ରମ୍ପ କହିଥିଲେ ଯେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମା ବଜାୟ ରହିଛି। ଭରତ ସହ ମୋ ସମ୍ପର୍କ ବହୁତ ବଢ଼ିଆ। ଆମେ ଭାରତ ସହ କାରବାର କରୁଛୁ। ସେ କହିଥିଲେ ସୁପ୍ରିମକୋର୍ଟଙ୍କ ରାୟ ପ୍ରଭାବରେ କିଛି ବି ବଦଳିବନି। ଭାରତ ଆମକୁ ଶୁଳ୍କ ଦେବ। ଆମେ ସେମାନଙ୍କୁ ଶୁଳ୍କ ଦେବୁନାହିଁ। ଏହା ହିଁ ନିଷ୍ପତ୍ତି ହୋଇଛି ବୋଲି ଟ୍ରମ୍ପ କହିଥିଲେ।



# ଔଷଧ ରପ୍ତାନିରେ ଭାରତ ତୃତୀୟ

ନୂଆଦିଲ୍ଲୀ, ୨୨।୨: ଔଷଧ ରପ୍ତାନିରେ (ମୋଟ ରପ୍ତାନି ପରିମାଣ ଅନୁଯାୟୀ) ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି। ଏହି କ୍ଷେତ୍ରରେ ୨୦୨୫-୨୬ରେ ୯.୪ ପ୍ରତିଶତ ଅଭିବୃଦ୍ଧି ହାର ହାସଲ ହୋଇଛି। ତେବେ ୨୦୨୬-୨୭ରେ ତାହା ୧୦ ପ୍ରତିଶତରୁ ଅଧିକ ହେବା ଆକଳନ କରାଯାଇଛି। ସଂପ୍ରତି ୨୦୦ରୁ ଅଧିକ ବଜାରକୁ ଭାରତରୁ ଔଷଧ ରପ୍ତାନି ହେଉଛି। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ଗତ ଆର୍ଥିକ ବର୍ଷରେ ଭାରତରୁ ୩୦.୪୭ ବିଲଅନ୍ ଡଲାର ମୂଲ୍ୟର ଔଷଧ

## ୬୦ ବିଲିଅନ୍ ଡଲାରର ଶିଳ୍ପ

ବିଭିନ୍ନ ଦେଶକୁ ରପ୍ତାନି ହୋଇଛି। ଏବେ ଦେଶରେ ୬୦ ବିଲିଅନ୍ ଡଲାରର ଔଷଧ ଶିଳ୍ପ ରହିଛି। ଏହାକୁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ୨୦୩୦ ସୁଦ୍ଧା ଏହାକୁ ୧୩୦ ବିଲିଅନ୍ ଡଲାରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ଭାରତ ୩୦.୪୭ ବିଲଅନ୍ ଡଲାର ମୂଲ୍ୟର ଔଷଧ ବିଭିନ୍ନ ଦେଶକୁ ରପ୍ତାନି କରୁଥିବା ବେଳେ ଏହାର ଏକ ବଡ଼ ଅଂଶ ୩୪ ପ୍ରତିଶତ ଆମେରିକାକୁ ରପ୍ତାନି ହୋଇଥାଏ। ସେହିପରି ୧୯ ପ୍ରତିଶତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକୁ ରପ୍ତାନି ହେଉଛି।

# ବୁଦ୍ଧ ସର୍କିଟକୁ ଫେରିବ ଫର୍ମୁଲା-୧



ନୂଆଦିଲ୍ଲୀ: ଭାରତକୁ ଫେରିବ ଫର୍ମୁଲା-୧ ରେସ୍। ଏଭଳି ଆଶା ପୁଣି ଉଦ୍ରେକ ହୋଇଛି। ନୂଆଦିଲ୍ଲୀର ବୁଦ୍ଧ ଅନ୍ତର୍ଜାତୀୟ ସର୍କିଟ୍‌ରେ ୨୦୧୧ରୁ ୨୦୧୩ ପର୍ଯ୍ୟନ୍ତ ୩ ଋତୁରେ ଇଣ୍ଡିଆ ଫର୍ମୁଲା-୧ ଗ୍ରାଁ ପ୍ରି ଅନୁଷ୍ଠିତ ହୋଇଥିଲା। କିନ୍ତୁ ସରକାରୀ ଶୁଳ୍କ ଓ ପ୍ରଶାସନିକ ଅସହଯୋଗ କାରଣରୁ ଆର୍ଥିକ ସଙ୍କଟ ଉପୁଜିବାରୁ ଏହା ବନ୍ଦ ହୋଇଯାଇଥିଲା। ଭାରତରେ ଫର୍ମୁଲା-୧ର ଗୋଟିଏ ରେସ୍ ପାଇଁ ବର୍ଷକୁ ୨୦୦ରୁ ୬୦୦ କୋଟି ଆମେରିକୀୟ ଡଲାର୍‌ର ଆବଶ୍ୟକତା ପଡ଼ିଥାଏ। ଏବେ କିନ୍ତୁ ଭାରତ ସରକାରଙ୍କ ଆଗ୍ରହ କାରଣରୁ ବିଶ୍ୱର ଏହି ସର୍ବୋଚ୍ଚ ରେସିଂ ପ୍ରତିଯୋଗିତା ଫେରିବାକୁ ଯାଉଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ ଏଥିପାଇଁ ପ୍ରାରମ୍ଭିକ କଥାବାର୍ତ୍ତା ବି କରି ସାରିଛନ୍ତି। ଏଥି ସହ ସମ୍ପୃକ୍ତ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ନିକଟରେ ମନ୍ତ୍ରୀ ମାଣ୍ଡବୀୟ ଗ୍ରେଟର୍ ନୋଏଡ଼ାରେ ଥିବା ବୁଦ୍ଧ ଅନ୍ତର୍ଜାତୀୟ ସର୍କିଟ୍ ପରିଦର୍ଶନ କରିବା ସହ ଏହାର ଦାୟିତ୍ୱରେ ଥିବା ଯମୁନା ଏକ୍ସପ୍ରେସ୍‌ୱେ ଇଣ୍ଡଷ୍ଟ୍ରିଆଲ୍ ଡେଭଲପ୍‌ମେଣ୍ଟ୍ ଅଥରିଟି ସହ କଥାବର୍ତା କରିଛନ୍ତି। ପୂର୍ବରୁ ୨୦୧୧ରୁ ୨୦୧୩ ପର୍ଯ୍ୟନ୍ତ ଏହି ରେସ୍ ବେଳେ ଜେପି ଗ୍ରୁପ୍ ପ୍ରାୟୋଜକ ଥିଲେ ମଧ୍ୟ ଏବେ ଦେବାଳିଆ ଅବସ୍ଥାରେ ରହିଛି। ଆଦାନି ଗ୍ରୁପ୍ ଏବେ ଯୋଡ଼ି ହୋଇ ଫର୍ମୁଲା-୧ର ପ୍ରତ୍ୟାବର୍ତନ ପଥକୁ ସୁଗମ କରିବ ବୋଲି ସୂଚନା ମିଳିଛି।

# ଏଆଇ ଇମ୍ପାକ୍ଟ ସମିଟରେ ଦୃଷ୍ଟି ଆକର୍ଷଣ କରୁଛି ଜିଓ-ଶିକ୍ଷା କ୍ଲାସରୁମ୍



ନୂଆଦିଲ୍ଲୀ, ୨୨।୨: ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟରେ ଜିଓ ପାଭିଲିୟନରେ ଜିଓ-ଶିକ୍ଷା କ୍ଲାସରୁମ୍ ବିଶେଷ ଭାବରେ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଏହା କେବଳ ଏକ ଟେକ୍ନୋଲୋଜି ପ୍ରଦର୍ଶନ ବା ଡେମୋ ନୁହେଁ, ବରଂ ଅଧ୍ୟୟନ କରିବାର ପଦ୍ଧତିକୁ ପରିବର୍ତ୍ତନ କରିବାର ଏକ ଗମ୍ଭୀର ପ୍ରୟାସ। ଭାରତରେ ପ୍ରାୟ ୨୫ କୋଟି ଛାତ୍ରଛାତ୍ରୀ ପାରମ୍ପରିକ ପଦ୍ଧତିରେ ଅଧ୍ୟୟନ କରୁଛନ୍ତି। ଜିଓ-ଶିକ୍ଷା ମଡେଲର ଭିଜନ ହେଉଛି ଭବିଷ୍ୟତରେ ସ୍କୁଲଗୁଡ଼ିକୁ "ଏଆଇ-ସଶକ୍ତ ଶିକ୍ଷା କେନ୍ଦ୍ର"ରେ ପରିଣତ କରିବା। ଜିଓ-ଶିକ୍ଷା କ୍ଲାସରୁମର ଦୁଇଟି ମୌଳିକ ସ୍ତମ୍ଭ ହେଉଛି ଜିଓ ଇ-ବୋର୍ଡ ଏବଂ ଜିଓ ଇ-ବୁକ। ଉଭୟ କ୍ଲାଉଡ୍ ମାଧ୍ୟମରେ ସଂଯୁକ୍ତ। ଶିକ୍ଷକ ଶିକ୍ଷୟିତ୍ରୀମାନେ ବୋର୍ଡରେ ଯାହା ବି ପଢ଼ାଉଛନ୍ତି, ସମାନ ବିଷୟବସ୍ତୁ ସିଧାସଳଖ ଛାତ୍ରଛାତ୍ରୀଙ୍କ ଇ-ବୁକକୁ ସ୍ଥାନାନ୍ତରିତ ହୋଇଥାଏ। ଏହା ନୋଟ୍‌ସ କପି କରିବାର ଚିନ୍ତା ଏବଂ ଭାରୀ ପାଠ୍ୟପୁସ୍ତକର ବୋଝକୁ ଦୂର କରିଥାଏ। ଇ-ବୁକ୍‌ରେ କେବଳ ପାଠ୍ୟପୁସ୍ତକ ନୁହେଁ ବରଂ ସମ୍ପର୍କିତ ଭିଡିଓ, କୁଇଜ୍ ଏବଂ ଅତିରିକ୍ତ ଅଧ୍ୟୟନ ସାମଗ୍ରୀ ମଧ୍ୟ ରହିଛି। ଏହାର ଅର୍ଥ ହେଉଛି ବ୍ଲାକବୋର୍ଡ, ପୁସ୍ତକ, ହୋମୱାର୍କ, ନୋଟ୍ସ ଏବଂ ଅଧ୍ୟୟନ ସାମଗ୍ରୀ ସବୁ ଗୋଟିଏ ଡିଜିଟାଲ୍ ଇକୋସିଷ୍ଟମ୍ରେ ଗୋଟିଏ ବଟନ୍ କ୍ଲିକ୍ରେ ଉପଲବ୍ଧ। ପଢ଼ିବାର ପ୍ରଭାବ ସେତେବେଳେ ଗଭୀର ହୋଇଥାଏ ଯେତେବେଳେ ଛାତ୍ରଛାତ୍ରୀମାନେ ନିଜ ଗତିରେ ଏବଂ ନିଜ ସମୟରେ ଶିଖିପାରିବେ। ଜିଓ-ଶିକ୍ଷା ଏହି ନିରନ୍ତରତା ଉପରେ ଗୁରୁତ୍ୱ ଦେଇଥାଏ, ଯାହାଦ୍ୱାରା ଶ୍ରେଣୀଗୃହ ଏବଂ ଘର ମଧ୍ୟରେ ପଢ଼ିବାର ସୁଗମ ପ୍ରବାହ ସୁନିଶ୍ଚିତ ହୋଇଥାଏ। ଶ୍ରେଣୀଗୃହରେ ପଢ଼ାଯାଉଥିବା ଯେକୌଣସି ବିଷୟବସ୍ତୁ ଛାତ୍ରଛାତ୍ରୀମାନଙ୍କ ପାଖରେ ଘରେ ସହଜରେ ଉପଲବ୍ଧ ରହିପାରିବ। ମଡେଲର ଏଆଇ ଟ୍ୟୁଟର୍ ବିଷୟବସ୍ତୁ ସମ୍ପର୍କରେ ସ୍ପଷ୍ଟତା ପ୍ରଦାନ କରିବା ସହିତ ବିଭିନ୍ନ ଭାଷାରେ ସମ୍ବାଦ କରିପାରିବ ଏବଂ ପ୍ରତ୍ୟେକ ଛାତ୍ରଛାତ୍ରୀ ପାଇଁ ବ୍ୟକ୍ତିଗତ ଭାବରେ ଅଲଗା ଅଲଗା ପଢ଼ିବା ପଥର ପରାମର୍ଶ ଦେଇପାରିବ। ଏହାଦ୍ୱାରା ଘୋଷା ମାଧ୍ୟମରେ ଅଧ୍ୟୟନ ସଂସ୍କୃତିରୁ ଅଲଗା ହୋଇ ବୁଝାମଣା-ଆଧାରିତ ଶିକ୍ଷା ଆଡକୁ ଆଗକୁ ବଢ଼ିବା ସମ୍ଭବ ହେବ। ଜିଓ-ଶିକ୍ଷା କ୍ଲାସରୁମ ମଡେଲ୍ କେବଳ ଛାତ୍ରଛାତ୍ରୀଙ୍କ ଉପରେ ନୁହେଁ ବରଂ ଶିକ୍ଷକମାନଙ୍କ ଉପରେ ମଧ୍ୟ ଧ୍ୟାନ ଦେଉଛି। ଶିକ୍ଷକମାନଙ୍କୁ ଶିକ୍ଷାଦାନ ଉପରେ ଅଧିକ ଧ୍ୟାନ ଦେବା ଦିଗରେ ସକ୍ଷମ କରିବା ପାଇଁ, ଏହା ସିଷ୍ଟମ୍ ସ୍ୱୟଂଚାଳିତ ମୂଲ୍ୟାଙ୍କନ, ବାସ୍ତବ-ସମୟ ପ୍ରଦର୍ଶନ ତଥ୍ୟ ଏବଂ ପ୍ରଶାସନିକ କାମ ବୋଝ ହ୍ରାସ ଭଳି ଫିଚର ପ୍ରଦାନକରିଥାଏ। ପ୍ରଧାନଶିକ୍ଷକ / ପ୍ରିନ୍ସିପାଲ ଏବଂ ଅଭିଭାବକମାନଙ୍କୁ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ବାସ୍ତବ ସମୟ ପ୍ରଗତି ସମ୍ପର୍କିତ ତଥ୍ୟ ମିଳିପାରିବ ଯାହାଦ୍ୱାରା ସେମାନେ ସମୟୋଚିତ ଭାବରେ ଶିକ୍ଷାଗତ ହସ୍ତକ୍ଷେପ ମାଧ୍ୟମରେ ସୁଧାର କରିପାରିବେ। ଏହି ମଡେଲ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି ଏବଂ କେବଳ କିଛି ସ୍କୁଲରେ କାର୍ଯ୍ୟକାରୀ ହୋଇଛି, କିନ୍ତୁ ଏହାର ଦିଗ ସୂଚାଇ ଦେଉଛି ଯେ ଭବିଷ୍ୟତରେ ଶ୍ରେଣୀଗୃହ କିଭଳି ହୋଇପାରେ। ଏହାକୁ କେବଳ ଏକ ପ୍ରଯୁକ୍ତି ଉତ୍ପାଦ ଭାବରେ ନୁହେଁ, ବରଂ ଏକ ବିକଶିତ ହେଉଥିବା ଶିକ୍ଷା ପ୍ରଣାଳୀ ଭାବରେ ଦେଖାଯାଉଛି। ଯଦି ଏହି ମଡେଲକୁ ବ୍ୟାପକ ଭାବରେ କାର୍ଯ୍ୟକାରୀ କରାଯାଏ, ତେବେ ଏହା ସ୍କୁଲ ବ୍ୟାଗର ବୋଝ ହ୍ରାସ କରିବା ସହିତ ଶିକ୍ଷାକୁ ଅଧିକ ବ୍ୟକ୍ତିଗତ, ସୁରକ୍ଷିତ ଏବଂ ସୁଲଭ କରିବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ।

# ଜିରୋ ବାଲାନ୍ସ ଆକାଉଣ୍ଟରୁ ଉଠାଇପାରିବେ ୧୦ହଜାର ଟଙ୍କା

ନୂଆଦିଲ୍ଲୀ,୨୨।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ କାର୍ଯ୍ୟକାଳର ସବୁଠାରୁ ଲୋକପ୍ରିୟ ଯୋଜନାଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଜନ ଧନ (ପ୍ରଧାନମନ୍ତ୍ରୀ ଜନ ଧନ) ଆକାଉଣ୍ଟ। ଏହି ଯୋଜନା ଅଧୀନରେ, ଆକାଉଣ୍ଟଧାରୀମାନେ କେବଳ ବୀମା କଭରେଜ ନୁହେଁ ବରଂ ଏକ ଓଭରଡ୍ରାଫ୍ଟ ସୀମା ମଧ୍ୟ ପାଆନ୍ତି। ଏହା ଉଲ୍ଲେଖନୀୟ ଯେ ଓଭରଡ୍ରାଫ୍ଟ ଏକ ଆର୍ଥିକ ସୁବିଧା ଯାହା ଆପଣଙ୍କୁ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇବାକୁ ଅନୁମତି ଦିଏ, ଯଦିଓ ଏହା ଖାଲି ଥାଏ। ଜନ ଧନ ଆକାଉଣ୍ଟଧାରୀଙ୍କ ପାଇଁ ଓଭରଡ୍ରାଫ୍ଟ ସୀମା ୧୦,୦୦୦ ରଖାଯାଇଛି। ଆସନ୍ତୁ ଜାଣିବା ଆପଣ ଏହାର ଲାଭ କିପରି ନେଇପାରିବେ। ଯେଉଁମାନେ ଜାଣି ନାହାନ୍ତି, ଜନ ଧନ ଆକାଉଣ୍ଟଗୁଡ଼ିକ ଆକାଉଣ୍ଟଧାରୀଙ୍କ ବିଭିନ୍ନ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏଥିରେ ଏକ ଜିରୋ-ବାଲାନ୍ସ ଆକାଉଣ୍ଟ, ଏକ ବୀମାକୃତ ରୁପିପେ ଡେବିଟ କାର୍ଡ ଏବଂ ଏକ ଓଭରଡ୍ରାଫ୍ଟ ବିକଳ୍ପ ଭଳି ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ। ଏହି ପଦକ୍ଷେପ ଉନ୍ନତ ଆର୍ଥିକ ସ୍ଥିରତା ପାଇଁ ହିତାଧିକାରୀମାନଙ୍କୁ ଅନ୍ୟ ସରକାରୀ କାର୍ଯ୍ୟକ୍ରମ ସହିତ ମଧ୍ୟ ସଂଯୋଗ କରେ। ଏହା ପ୍ରାୟ ୧୧ ବର୍ଷ ପୂର୍ବେ ନରେନ୍ଦ୍ର ମୋଦିଙ୍କ ପ୍ରଥମ କାର୍ଯ୍ୟକାଳ ସମୟରେ ଆରମ୍ଭ କରାଯାଇଥିଲା। ଏକ ମାନକ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ଯୋଗ୍ୟ ଯେକୌଣସି ଭାରତୀୟ ନାଗରିକ ଏକ ମୌଳିକ ସଞ୍ଚୟ ବ୍ୟାଙ୍କ ଜମା ଆକାଉଣ୍ଟ ମଧ୍ୟ ଖୋଲିପାରିବେ। ଏହି ପ୍ରକାର ଆକାଉଣ୍ଟ ପାଇଁ ସର୍ବନିମ୍ନ ବାଲାନ୍ସ ଆବଶ୍ୟକ ନାହିଁ। ବ୍ୟାଙ୍କ ଶାଖା, ଏଟିଏମ୍ ଏବଂ ବ୍ୟାଙ୍କ ସେବା ପ୍ରଦାନକାରୀଙ୍କ ମାଧ୍ୟମରେ କାରବାର କରାଯାଇପାରିବ। ପ୍ରତି ମାସରେ ଅତି କମରେ ଚାରି ଥର ଟଙ୍କା ଉଠାଣ ଅନୁମତି ଦିଆଯାଇଛି। ଯେଉଁମାନେ ଆନୁଷ୍ଠାନିକ ଆଇନଗତ ଡକ୍ୟୁମେଣ୍ଟ ନାହାଁନ୍ତି ସେମାନେ ଛୋଟ ଆକାଉଣ୍ଟ ଖୋଲିପାରିବେ। ଏଗୁଡ଼ିକ ୧୨ମାସ ପାଇଁ ବୈଧ ଏବଂ ପ୍ରଥମ ବର୍ଷ ମଧ୍ୟରେ ଯଦି ଏକ ସରକାରୀ ବୈଧ ଡକ୍ୟୁମେଣ୍ଟର ପ୍ରମାଣ ଦାଖଲ କରାଯାଏ ତେବେ ଏହାକୁ ଆଉ ୧୨ ମାସ ପାଇଁ ବଢ଼ାଯାଇପାରିବ। ଖାତାଧାରୀମାନେ ଦୁର୍ଘଟଣା ବୀମା ସହିତ ଏକ ରୁପିପେ ଡେବିଟ କାର୍ଡ ମଧ୍ୟ ପାଆନ୍ତି। ସମସ୍ତ ହିତାଧିକାରୀଙ୍କୁ ୨ ଲକ୍ଷର ବୀମା କଭର ପାଇବାଆବଶ୍ୟକ। ତଥାପି, ୨୬ ଅଗଷ୍ଟ ୨୮, ୨୦୧୮ ପୂର୍ବରୁ ଖୋଲାଯାଇଥିବା ଆକାଉଣ୍ଟଗୁଡ଼ିକୁ ୧ ଲକ୍ଷର ଦୁର୍ଘଟଣା ବୀମା କଭର ମିଳିଥାଏ। ଏହା ସହିତ, ହିତାଧିକାରୀମାନେ ୧୦,୦୦୦ ପର୍ଯ୍ୟନ୍ତ ଓଭରଡ୍ରାଫ୍ଟ ସୁବିଧା ପାଇପାରିବେ। ସାଧାରଣତଃ କ୍ରେଡିଟ ଏବଂ ଓଭରଡ୍ରାଫ୍ଟ ପରିମାଣ ଉପରେ ପରିମାଣ ବ୍ୟବହୃତ ଦିନ ପାଇଁ ସୁଧ ଆଦାୟ କରାଯାଏ। ଜନଧନ ଆକାଉଣ୍ଟଗୁଡ଼ିକ ସିଧାସଳଖ ଲାଭ ହସ୍ତାନ୍ତର ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନା, ଏବଂ ମାଇକ୍ରୋ ୟୁନିଟ୍ସ ଡେଭଲପମେଣ୍ଟ ଆଣ୍ଡ ରିଫାଇନାନ୍ସ ଏଜେନ୍ସି ବ୍ୟାଙ୍କ ଯୋଜନା ଭଳି ସରକାରୀ ଯୋଜନା ପାଇଁ ଯୋଗ୍ୟ। ବଜେଟ ପୂର୍ବରୁ ଉପସ୍ଥାପିତ ଅର୍ଥନୈତିକ ସର୍ଭେରେ କୁହାଯାଇଛି ଯେ ମାର୍ଚ୍ଚ ୨୦୨୫୬ ସୁଦ୍ଧା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ୫୫୨ ନିୟୁତ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୨,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୫,୭୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୨,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୫,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୮୦ ଓ ୧,୪୨,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୬୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୭ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

# ଦାଦନ ସମସ୍ୟା ଦୂର ହେବ କେବେ ?

**ସର୍ଦ୍ଦାର ପାଖରେ ବନ୍ଧା ପଡ଼ିଛନ୍ତି ୨ ଶ୍ରମିକ**

**ନୂଆପଡ଼ା ଜିଲ୍ଲାକୁ ଡାଲଖାଇ ଯୋଜନା, କଳାହାଣ୍ଡିକୁ ଉପେକ୍ଷା**





**କଳାହାଣ୍ଡି,୨୨।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାରେ ଦିନକୁ ଦିନ ଦାଦନ ଦୁଃଖ ବଢ଼ିଚାଲିଛି। ପେଟ ପାଇଁ ୨ ଶ୍ରମିକ ଆନ୍ଧ୍ରପ୍ରଦେଶ ଯାଇଥିଲେ। ହେଲେ ଦାଦନ ସର୍ଦ୍ଦାର ହାବୁଡ଼ରେ ପଡି ସେମାନେ ପ୍ରାୟ ୧୦ମାସ ହେଲା ବନ୍ଧା ପଡିଛନ୍ତି। ସର୍ଦ୍ଦାର କେବଳ ଖାଇବାକୁ ଦେଇ କାମ କରାଇବା ସହିତ ନିର୍ଯାତନା ଦେଉଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ଗୋଟିଏ ପଟେ ରାଜ୍ୟ ସରକାର ଦାଦନ ମୁକ୍ତ ପାଇଁ ନୂଆପଡା ଜିଲାକୁ ଡାଲଖାଇ ଯୋଜନାରେ ସାମିଲ କରିଥିବାବେଳେ କଳାହାଣ୍ଡି ଜିଲାକୁ ଉପେକ୍ଷା କରାଯାଇଛି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା କୁନାଗଡ଼ ବ୍ଲକ କଲେଇ ଗାଁର ନରେନ୍ଦ୍ର ନାଏକ (୨୬) ଓ ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ଅନ୍ତର୍ଗତ ସିନାପାଲି ଗ୍ରାମର ପ୍ରେମରାଜ ନାଏକ (୩୨) ଦାଦନ ସର୍ଦ୍ଦାର ପାଖରେ ପ୍ରାୟ ୧୦ ମାସ ହେବ ବନ୍ଧା ପଡ଼ିଛନ୍ତି। ନରେନ୍ଦ୍ର ଓ ପ୍ରେମରାଜ ୨୦୨୫ ମାର୍ଚ୍ଚରେ ଦାଦନ ଶ୍ରମିକ ଭାବେ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଯାଇଥିଲେ। କିଛି ମାସ କାମ କରିବା ପରେ ଦାଦନ ଦଲାଲ ଅଧିକ ମଜୁରି ଦେବାକୁ କହି ଦୁଇ ସାଙ୍ଗକୁ ଟ୍ରେନ ଯୋଗେ ନେଇ ସର୍ଦ୍ଦାର ପାଖରେ ଛାଡିଦେଇ ଫେରାର ହୋଇଯାଇଥିଲେ। ଦୁଇ ଶ୍ରମିକଙ୍କୁ ଦାଦନ ସର୍ଦ୍ଦାର ଆନ୍ଧ୍ରପ୍ରଦେଶର ପେହେନା ନଦୀ ଆରପଟେ ରଖି ମାଛମରା କାମରେ ନିୟୋଜିତ କରିଛନ୍ତି। ସେମାନଙ୍କୁ ଟଙ୍କା ପଇସା କିଛି ଦେଉ ନ ଥିବାବେଳେ ଭୋର ୪ଟାରୁ ଦିନ ୧ଟା ଓ ଦିନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କାମ କରାଉଛନ୍ତି।

ଭଲରେ ଖାଇବାକୁ ମଧ୍ୟ ଦେଉନାହାନ୍ତି। ଏପରିସ୍ଥଳେ ନରେନ୍ଦ୍ର ଲୁଚିକରି ଏକ ଫୋନ ମାଧ୍ୟମରେ ଶୀଘ୍ର ତାଙ୍କୁ ଉଦ୍ଧାର କରିବାକୁ ପରିବାର ଲୋକଙ୍କୁ ଜଣାଇଛନ୍ତି। ପୁଅକୁ ଉଦ୍ଧାର ପାଇଁ ନରେନ୍ଦ୍ରଙ୍କ ବାପା ଅଶ୍ୱିନୀ ନାଏକ କଳାହାଣ୍ଡି ଜିଲାପାଳଙ୍କଠାରୁ ଆରମ୍ଭ କରି ଶ୍ରମ ବିଭାଗ, ଜୁନାଗଡ଼ ଥାନା ଓ ଧର୍ମଗଡ଼ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ତାଙ୍କ କଥାକୁ କେହି କର୍ଣ୍ଣପାତ କରୁନାହାନ୍ତି।

କଳାହାଣ୍ଡି ଜିଲାର ଅନେକ ବ୍ଲକ ଦାଦନ ପ୍ରବଣ। ଏଠାରେ ନାମକୁମାତ୍ର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଚାଲିଛି । ଏହି ଯୋଜନାରେ କାମ କରିବା ଲୋକ ଅଲଗା, ଫଟୋ ଉଠାଇବା ଲୋକ ଅଲଗା ଓ ଟଙ୍କା ଉଠାଇବା ଲୋକ ମଧ୍ୟ ଅଲଗା। ଅନ୍ୟପଟେ ନୂଆପଡା ଜିଲାରେ ଦାଦନ ସମସ୍ୟା ରୋକିବା ପାଇଁ ଡାଲଖାଇ ଯୋଜନାରେ ସାମିଲ କରାଯାଇଥିବା ବେଳେ କଳାହାଣ୍ଡିରେ ପ୍ରତିଦିନ ଦାଦନ ସମସ୍ୟା ନେଇ ଖବରକାଗଜରେ ଶିରୋନାମା ପାଲଟିଥିବା ବେଳେ ଏହି ଜିଲାକୁ ରାଜ୍ୟ ସରକାର ଅଣଦେଖା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ତୁରନ୍ତ ଦାଦନ ସର୍ଦ୍ଦାର ପାଖରେ ବନ୍ଧା ପଡିଥିବା ଦୁଇ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଦାବି ହୋଇଛି।

## ମାଝିପଡ଼ା ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ



**ଫୁଲବାଣୀ,୨୨।୨ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ୨୧ ଫେବୃୟାରୀକୁ ଅନ୍ତର୍ଜାତୀୟ ମାତୃ ଭାଷା ଦିବସ ଭାବରେ ରାଜ୍ୟର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ବିଦ୍ୟାଳୟ ମାନଙ୍କରେ ପାଳନ କରାଯାଉଥିବା ବେଳେ ଅନୁରୂପ ଭାବରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା କାଶିନୀପଦର ପଞ୍ଚାୟତ ର ମାଝୀପଡା ଠାରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ମଧ୍ୟ ଏହି ଅନ୍ତରାଷ୍ଟ୍ରୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କେଶବ ନାଏକ ଙ୍କ ଅଧକ୍ଷତାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଅଭିମନ୍ୟୁ ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ର ସମସ୍ତ ସଦସ୍ୟ ସଦସ୍ୟା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ଶୁକ୍ରୀବ ପ୍ରଧାନ ପରିଚାଳନା କରିଥିବା ବେଳେ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ମୃତ୍ୟୁଞ୍ଜୟ କହଁର, ଅଜୟ କୁମାର ମହାନ୍ତି,ଶେଷଦେବ ବେହେରା, ସୁଧୀର ଦିଗାଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଓଡ଼ିଶାର ମାତୃଭାଷା କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମ ଶେଷରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପରେ ଛାତ୍ର ଛାତ୍ରୀ ମାନଙ୍କୁ ମାଧ୍ୟାନ୍ନ ଭୋଜନ ସହ ବିଦ୍ୟାଳୟ ତରଫରୁ ପାରମ୍ପାରିକ ଖାଦ୍ୟ ବଣ୍ଟନ କରାଯାଇଥିଲା ।

## ମହିଳା ଓକିଲଙ୍କ ସୁରକ୍ଷା ପାଇଁ ଅନ୍ତରୀଣ କମିଟି ଗଠନ



**ଧାମନଗର,୨୨।୨ (ସଂଚାର ବ୍ୟୁରୋ):** ଧାମନଗର ଓକିଲ ସଂଘ ସଭାଗୃହ ପରିସରରେ ଧାମନଗର ଓକିଲ ସଂଘର ସଭାପତି ଅଶୋକ ଦାସଙ୍କ ସଭାପତିତ୍ୱରେ ଏକ ଜରୁରକାଳୀନ ସଭା ଅନଷ୍ଠିତ ହୋଇଅଛି।, ସଂଘର ସାଧାରଣ ସମ୍ପାଦକ ରଞ୍ଜିତ କୁମାର ମହାନ୍ତି ସର୍ବୋଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଓ ମାର୍ଗଦର୍ଶିକା ଚିଠି ନମ୍ବର ୧୪୬/୧୮.୦୨. ୨୦୨୬ଅନୁସାରେ ଆମ ବିଚାରାଳୟର ମହିଳା ଓ ତୃତୀୟ ଲିଙ୍ଗୀଙ୍କ ପାଇଁ ଲିଙ୍ଗ ସଚେତନତା,ଯୌନ ଉତ୍ପୀଡନ (ନିରୋଧ,ପ୍ରତିକାର,ନିବାରଣ) ନିମନ୍ତେ ଏକ କମିଟି ଗଠନ ପ୍ରକ୍ରିୟାରେ ସଂଘ ତରଫରୁ ଦୁଇ ଜଣ ମହିଳା ଆଇନଜୀବୀ ଓ ଜଣେ ସମାଜସେବୀଙ୍କୁ ଚୟନ କରି କମିଟି ରେ ସ୍ଥାନ ଦେବା ପାଇଁ ପ୍ରସ୍ତାବ ରଖାଯାଇଥିଲା। ଉପସ୍ଥିତ ଓକିଲ ସଂଘ ର ସଭ୍ୟ ମାନେ ସର୍ବସମ୍ମତି କ୍ରମେ ଓକିଲ ସଂଘ ର ସଭ୍ୟା ମିନତୀ ମଲ୍ଲିକ,ମଧୁସ୍ମିତା ମହାପାତ୍ର ଓ ସମାଜସେବୀ ନାରାୟଣ ସାହାଣୀଙ୍କ ନାମ ସ୍ଥିର କରାଯାଇ ଧାମନଗର ବିଚାରପତି ଙ୍କ ମାଧ୍ୟମରେ ଓଡ଼ିଶା ଉଚ୍ଚ ନ୍ୟାୟଳୟ କୁ ଚିଠି ନମ୍ବର ୧୦୩/୨୧.୨.୨୦୨୬ ମାଧ୍ୟମରେ ପଠାଯାଇଛି।

## ଟ୍ରାକ୍ଟର ଡାଲାରେ ବସି ପରୀକ୍ଷା କେନ୍ଦ୍ରକୁ ଗଲେ ପରୀକ୍ଷାର୍ଥୀ



**କନ୍ଧମାଳ,୨୨।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକରେ ପ୍ରଥମ ଦିନରେ ଟ୍ରାକ୍ଟର ଡାଲାରେ ବସି ଦଶମ ଶ୍ରେଣୀ ପରୀକ୍ଷା ଦେବା ପାଇଁ ତିନି କିଲୋମିଟର ଗଲେ ତିରିଶିରୁ ଉର୍ଦ୍ଧ ଛାତ୍ର । ପରୀକ୍ଷାର୍ଥୀଙ୍କ ସୁରକ୍ଷାକୁ ନେଇ ଉଠିଛି ଅନେକ ପ୍ରଶ୍ନ । ଜନ ସାଧାରଣରେ ଆଲୋଚନା ହେଉଛି ଡବଲ ଇଞ୍ଜିନ ସରକାରଙ୍କ ଶିକ୍ଷା ନୀତି । ଏ ସରକାର କହନ୍ତି ଗୋଟିଏ କାମ ଆଉ ଗୋଟିଏ ବୋଲି ଆଲୋଚନା ହେଉଛି। କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକରୁ ଆସିଛି ଏପରି ଅଭାବନୀୟ ଦୃଶ୍ୟ। ତେବେ ଟ୍ରାକ୍ଟରରେ ବୁହାହୋଇ ଯାଉଥିବା ସମସ୍ତ ଛାତ୍ର କ.ନୂଆଗାଁ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ହୋଇଥିବା ଜଣା ପଡ଼ିଛି । ଚଳିତ ବର୍ଷ ଆରମ୍ଭ ହୋଇଥିବା ମେଟ୍ରିକ ପରୀକ୍ଷା କେନ୍ଦ୍ରକୁ ଟ୍ରାକ୍ଟରରେ ଏପରି ଦୟନୀୟ ଅବସ୍ଥାରେ ଯାଇଥିବା ସାମ୍ନାକୁ ଆସିଛି ।

କ.ନୂଆଗାଁ ପି.ଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରଙ୍କ ସେଣ୍ଟର କୁତୁତୁଲି ଉଚ୍ଚ ବିଦ୍ୟାଳୟରେ ଥିବା ବେଳେ ଏପରି ଟ୍ରାକ୍ଟରରେ ବୁହାହୋଇ ଛାତ୍ରମାନେ ପହଞ୍ଚିବା ଜଣାପଡ଼ିଛି। ପରୀକ୍ଷା ସେଣ୍ଟରକୁ ତିନି କିଲୋମିଟର ଦୂରତା ରାସ୍ତାକୁ ଅତି ବିପଦପୂର୍ଣ୍ଣ ଭାବରେ ଟ୍ରାକ୍ଟର ଡ଼ାଲାରେ ବସି ଛାତ୍ର ମାନେ ଆସୁଥିବା ଦୃଶ୍ୟକୁ ନେଇ ସାଧାରଣ ଓ ବୁଦ୍ଧିଜୀବୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦଶମ ଶ୍ରେଣୀ ପିଲାଙ୍କୁ ପରୀକ୍ଷା କେନ୍ଦ୍ରକୁ ଯିବା ପାଇଁ ସେପରି କିଛି ବ୍ୟବସ୍ଥା ଗ୍ରହଣ କରାଯାଇନଥିବା ବେଳେ ଛାତ୍ରମାନେ ଏପରି ଟ୍ରାକ୍ଟରରେ ଯାଇଥିବା ଜଣା ପଡିଛି । ତେବେ ଏ ନେଇ କ.ନୂଆଗାଁ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ରଥ କହିଛନ୍ତି ଟ୍ରାକ୍ଟର ଡାଲାରେ ବସି ଯାଉଥିବା ଛାତ୍ର ଆମ ବିଦ୍ୟାଳୟର ଡେସସ୍କୋଲାର ଛାତ୍ର କି ଆଉ କେଉଁ ବିଦ୍ୟାଳୟର ସେ ନେଇ ସ୍ପଷ୍ଟ ହୋଇନାହିଁ । ଯଦିଓ ଛାତ୍ର ଯୋଉ ବି ବିଦ୍ୟାଳୟ ର ହୁଅନ୍ତୁ ଏପରି ଟ୍ରାକ୍ଟର ଡାଲା ରେ ବସି ପରୀକ୍ଷା କେନ୍ଦ୍ର କୁ ଯିବା ଘଟଣା ଅନୁଚିତ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି।

ତେବେ ଯେଉଁ ଟ୍ରାକ୍ଟର ଡାଲାରେ ବସି ଛାତ୍ରମାନେ ଯାଇଥିଲେ ସେହି ଟ୍ରାକ୍ଟର ର ସନ୍ଧାନ ଚାଲିଛି । ସେହି ଟ୍ରାକ୍ଟର ଡ୍ରାଇଭର କିପରି କୋଉ ପରିସ୍ଥିତିରେ ଛାତ୍ରଙ୍କୁ ବସାଇ ନେଇଥିଲେ ସେହି ଡ୍ରାଇଭରଙ୍କ ବିରୋଧ ରେ ଏଫଆଇଆର ଦିଆଯିବ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି ।

ତେବେ ଏଠି ପ୍ରଶ୍ନ ଉଠୁଛି ବିପଦ ସଂକୁଳ ଅବସ୍ଥାରେ ପରୀକ୍ଷା କେନ୍ଦ୍ରକୁ ଟ୍ରାକ୍ଟର ଡାଲାରେ ବସି ଯାଇଥିବା ଛାତ୍ରଙ୍କ ଭବିଷ୍ୟତ ଓ ସୁରକ୍ଷା ପାଇଁ ଉତ୍ତରଦାୟୀ କିଏ??। ପିଲାଙ୍କ ଭବିଷ୍ୟତ ସହ ଖେଳୁଥିବା ସରକାର ନିଜ ଦୋଷ ଲୁଚାଇବାକୁ ଯାଇ ଅନ୍ୟ ମୁଣ୍ଡରେ ହାତ ଥୋଇ ନିଜ ଦୋଷକୁ ଲୁଚେଇବା କେତେ ଦୂର ଠିକ୍ ତାହା ସମୟ ହିଁ କହିବ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଚାନକ ପହଞ୍ଚିଲେ ଜିଲ୍ଲାପାଳ



**ସୁବର୍ଣ୍ଣପୁର,୨୨।୨ (ସଂଚାର ବ୍ୟୁରୋ):** ଗତକାଲି ରାତି ୧୧ଟାରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଚାନକ ପରିଦର୍ଶନରେ ଯାଇ ସମସ୍ତ ବିଭାଗକୁ ବୁଲି ଡିଉଟିରେ ଥିବା ସମସ୍ତ ଡ଼ାକ୍ତର କର୍ମଚାରୀଙ୍କ କାର୍ଯ୍ୟ ତାଦରଖ କରିଛନ୍ତି । ଡ. ସାହୁ ଏହି ପରିଦର୍ଶନ ବେଳେ ନାଲି ବତି ଗାଡ଼ିରେ ନ ଯାଇ ହଠାତ୍ ଜଣେ ସାଧାରଣ ଲୋକଙ୍କ ଭଳି ମେଡିକାଲ୍ ରେ ପହଞ୍ଚି ସ୍ୱଚ୍ଛତା, ରୋଗୀ ସେବା ଓ ସୁରକ୍ଷା ବିଭିନ୍ନ ଦିଗ ଉପରେ ଅନୁଧ୍ୟାନ କରିବା ସହ ରୋଗୀ ସେବାରେ ଅବହେଳା ନ କରିବାକୁ ଡାକ୍ତର ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାପାଳ କାର୍ଯ୍ୟରେ ଯୋଗ ଦେବା ପରେ ସ୍ୱାସ୍ଥ୍ୟ ବିଭାଗକୁ ବାରମ୍ବାର ପରିଦର୍ଶନ କରୁଥିବାରୁ ବିଭାଗର ଅନେକ ସମସ୍ୟାର ଆସ୍ତେ ଆସ୍ତେ ସୁଧାର ଆସିଛି। ଜିଲ୍ଲାପାଳଙ୍କ ଏଭଳି ରାତି ଅଧିଆ ଅଚାନକ ପରିଦର୍ଶନ ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଛାନିଆ ହୋଇ ଯାଇଥିବା ଜଣାପଡ଼ିଛି ।

## ୨୧ବର୍ଷ ପରେ ତରଙ୍ଗେଲରେ ମେରିଆ ପର୍ବ ପାଳନ



**ଲାଞ୍ଜିଗଡ଼,୨୨।୨ (ସଂଚାର ବ୍ୟୁରୋ):** କେଉଁ ପୁରାତନ କାଳରୁ ଆଦିବାସୀ ମାନେ ନିଜର ଧରଣୀପେନୁ ତଥା ପ୍ରକୃତି ରାଣୀ ବଣ, ପାହାଡ଼, ଝରଣାକୁ ପୂଜାର୍ଚ୍ଚନା କରି ଆସୁଛନ୍ତି।ସେମାନେ ପୂର୍ବରୁ ପ୍ରକୃତ ପୂଜା ଉପରେ ବିଶ୍ୱାସ କରୁଥିବା ବେଳେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି। ଏଥିରୁ ଅନ୍ୟତମ ଆଦିବାସୀଙ୍କ ନିଆରା ପରମ୍ପରା ଟୋକି ପର୍ବ ବା ମେରିଆ ପର୍ବ। ଉକ୍ତ ଅଞ୍ଚଳରେ ଏହି ପର୍ବକୁ ପୌଷ ମାସରେ ହିଁ ପାଳନ କରିଥାନ୍ତି।

ସେହିଭଳି ଆଜି ୨୧ବର୍ଷ ପରେ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ବଣପାହାଡ଼ ଘେରା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ତରଙ୍ଗେଲ ଗାଁରେ। ଏହି ଟୋକି ମରା ପର୍ବ ତଥା ମେରିଆ ପର୍ବ ରବିବାର ଶାନ୍ତି ଶୃଙ୍ଖଳାର ସହିତ ଉଯାପିତ ହୋଇଯାଇଥିବା ବେଳେ ଏନେଇ ତରଙ୍ଗେଲ ଗାଁ ଉତ୍ସବ ମୁଖର ହୋଇଉଠିଛି।

ଏହି ଅବସରରେ ଗାଁ ଧରଣୀପେନୁ ଦେବି ସମେତ ସମସ୍ତ ଦେବାଦେବୀଙ୍କ ଶକ୍ତି ପିଠ ଗୁଡିକରେ ରୀତିନୀତି ଅନୁଯାଇ ଆଦିବାସୀଙ୍କ ମନ୍ତ୍ର ପାଠରେ ପୂଜାର୍ଚ୍ଚନା କରାଯାଇଥିଲା। ଆଦିବାସୀଙ୍କ ବିଶ୍ୱାସ ପୂର୍ବପୁରୁଷରୁ ରହି ଆସିଛି ଏହି ମେରିଆ ପର୍ବରେ ଗୃହପାଳିତ ପଶୁ ପକ୍ଷୀ ମାନଙ୍କୁ ବଳି ଦେବା ଦ୍ୱାରା ଗାଁର ରୋଗଶୋକ ଦୂର ହେବା ଶହ ପୋଡୁ ଚାଷ ତଥା କ୍ଷେତରେ ଭଲ ଫସଲ ଅମଳ ହୁଏ ବୋଲି।ଏନେଇ ମୁଖ୍ୟ ପୂଜକ ତଥା ଗାଁ ଯାନୀ ସୋମବାରା ମାଝୀ,ପାଠ ଯାନୀ ସନା ମାଝୀ ସମେତ ଗାଁ ମୁଖିଆ ଶୁକ୍ରୁ ମାଝୀ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିବା ବେଳେ ପୁରାତନ ଯୁଗର ଆଦିବାସୀଙ୍କ ମନ୍ତ୍ର ପାଠରେ ଅଞ୍ଚଳଟି ପ୍ରକମ୍ପିତ ହୋଇଥିଲା। ଆଦିବାସୀଙ୍କ ନିଶାନ ବିର ବାଦ୍ୟରେ ଗାଁଟି ଗର୍ଜିଉଠିଥିବା ବେଳେ ଆସିଥିବା ଅତିଥି ମାନଙ୍କୁ ସନ୍ମମାନର ସହିତ ଖଟିଆ ଉପରେ ବସାଇ କାନ୍ଧରେ ବୋହି ନାଚଗୀତରେ ନାଚିନାଚି ମନ୍ଦିର ବେଢ଼ା ଚାରିପାର୍ଶରେ ପରିକ୍ରମା କରିବା ଏକ ନିହାର ପରମ୍ପରା ରହିଛି। ଏହି ମେରିଆ ପର୍ବରେ ରାଜୁ ମାଝୀ, ନବୀ ମାଝୀ, ପ୍ରଶାନ୍ତ ମାଝୀ,ଲାଚାନା ମାଝୀ, ଜୟ ମାଝୀ, ଜଗନ୍ନାଥ ମାଝୀ, ରବି ମାଝୀ ସମେତ ତରଙ୍ଗେଲ ଗାଁର ସମସ୍ତ ଯୁବ ଗୋଷ୍ଠି ସହଯୋଗ କରିଥିଲେ।

**ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ**

## ମାତୃଭାଷାରେ ଚିନ୍ତନ କଲେ ମାତୃଭାଷାର ଉନ୍ନତି ହୋଇପାରିବ



**ବୈଶିଙ୍ଗା,୨୨।୨ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଏକ ଗାମ୍ଭୀର୍ଯ୍ୟ ପରିବେଶରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରାରମ୍ଭରେ ମଂଚାସୀନ ସମସ୍ତ ଅତିଥି ଓଡ଼ିଶାର ବରପୁତ୍ର ମାନଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପ୍ରଦାନ ପୂର୍ବକ ଉତ୍ସବ ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ଓଡ଼ିଆ ଭାଷା ସାହିତ୍ୟ ଶିକ୍ଷକ ଶ୍ରୀ ରାଜ କିଶୋର ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନିଜ ମାତୃଭାଷାରେ ପ୍ରତିଟି କଥାକୁ ଚିନ୍ତନ କଲେ ଏହା ପ୍ରତି ପ୍ରକୃତ ସମ୍ମାନ ହେବ ବୋଲି କହିଥିଲେ। ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ଦାସ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ମାତୃଭୂମି ଓ ମାତୃଭାଷା ପ୍ରତି ସମ୍ମାନ ରଖୁଥିବା ବ୍ୟକ୍ତି ସମାଜର ଶ୍ରେଷ୍ଠ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ ।

ବିଦ୍ୟାଳୟ ର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀ ଅତୁଲ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର, ସତ୍ୟନାଥ ମହାନ୍ତ, ନିରଞ୍ଜନ ବାରିକ, ତରଣି କାନ୍ତ ମହାନ୍ତ, ହରେକୃଷ୍ଣ ମହାନ୍ତ ଓ ଶୁଭବନ୍ତ ନାୟକ ପ୍ରମୁଖ ମଞ୍ଚାସୀନ ହୋଇ ନିଜ ନିଜର ସାର ଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ।

## ବନ୍ଧୁକ ମୁନରେ ବର ପାଖରୁ ପ୍ରେମିକାକୁ ଉଠାଇ ନେଲା ପ୍ରେମିକ



**ସୁବର୍ଣ୍ଣପୁର,୨୨।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ଠାରେ ଆଜି ସକାଳୁ ସକାଳୁ ଏକ ଅଭାବନୀୟ ଘଟଣା ଘଟିଛି। ନବବଧୂ ଙ୍କୁ ବାଟରେ ବନ୍ଧୁକ ଦେଖେଇ ବର ଠାରୁ ଛଡେଇ ନେଇ ଗଲେ ପ୍ରେମିକ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ରଥପଡ଼ା ର ସର୍ଜନ ପୁଟେଲ ଙ୍କ ଝିଅ ରଶ୍ମି କୁ ବଲାଙ୍ଗୀର କାମାକ୍ଷାନଗର ର ହରିବନ୍ଧୁ ପୁଟେଲ ବୈଦିକ ରିତିରେ ବାହା ହେଇ ଘରକୁ ଫେରୁଥିଲେ । ତରଭା ଥାନା ଅନ୍ତର୍ଗତ ବଡ଼ବନ୍ଧ ନିକଟରେ ଅଚାନକ ୩ ଜଣ ଯୁବକ ଆସି ଗାଡି ଅଟକାଇ ଥିଲେ। ଗାଡି ଅଟକିବା ପରେ ବନ୍ଧୁକ ଦେଖେଇ ନବବଧୂ ଙ୍କୁ ଗାଡିରୁ ଓହ୍ଲାଇ ସାଙ୍ଗରେ ନେଇ ଫେରାର ହୋଇ ଯାଇଥିଲେ। ଘଟଣା ପରେ ବର ପିଲା ତରଭା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିବା ବେଳେ ଏହି ଘଟଣା କୁ ନେଇ ତରଭା ପଲିସ ତନାଘନା ଜାରି ରଖିଥିବା ଆଇଆଇସି ଅନିତା କିଡୋ ସୂଚନା ଦେଇଛନ୍ତି।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଶୋଭାଯାତ୍ରା



**ବୈଶିଙ୍ଗା,୨୨।୨ (ସଂଚାର ବ୍ୟୁରୋ):** ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ବୈଶିଙ୍ଗା ସେବାକେନ୍ଦ୍ର ତରଫରୁ ରାଇକମା ଗ୍ରାମରେ ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ, ରାଇକମା ଆଶ୍ରମ ବିଦ୍ୟାଳୟ ତଥା ସତ୍ୟସାଇ ଶିକ୍ଷାକେନ୍ଦ୍ରର ଅନ୍ୟୂନ ୮୦୦ଜଣ ଛାତ୍ରଛାତ୍ରୀଙ୍କୁ ନେଇ ନିଶାମୁକ୍ତ ଭାରତ ଅଭିଯାନର ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ସମସ୍ତ ବିଦ୍ୟାଳୟ ତରଫରୁ ବ୍ରହ୍ମା କୁମାରୀ ଅନୁପମା ଭଗିନୀ ତଥା ସେବାକେନ୍ଦ୍ରର ଉପସ୍ଥିତ ଭ୍ରାତା, ଭଗିନୀମାନଙ୍କୁ ଉତ୍ତରୀୟ, ପବିତ୍ର ବ୍ରହ୍ମକମଳଚାରା,ଫଳ, ଫୁଲ ତୋଡ଼ା ଅର୍ପଣପୂର୍ବକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ସବୁଜ ଜୀବନ ଶୈଳୀ ସମ୍ପର୍କିତ ସଚେତନତା ବାର୍ତ୍ତାଫର୍ଦ୍ଦ ସମସ୍ତଙ୍କୁ ବଣ୍ଟନ କରିଥିଲେ। ବ୍ରହ୍ମା କୁମାରୀ ଅନୁପମା ଭଗିନୀ ମୋବାଇଲର ବ୍ୟାପକ ଅପବ୍ୟବହାର ତଥା ତମାଖୁ ଦ୍ୱାରା ଛାତ୍ରଛାତ୍ରୀ କିପରି ନିଜର ଜୀବନପ୍ରତି ବିପଦ ଟାଣି ଆଣୁଛନ୍ତି, ସେ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ତମାଖୁ ନିବାରଣ ପାଇଁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସତ୍ୟସାଇ ଶିକ୍ଷାକେନ୍ଦ୍ରର ମୁଖ୍ୟ ଉପେନ୍ଦ୍ର କୁମାର ମହାନ୍ତ, ଶିକ୍ଷକ ମଙ୍ଗଳୁ ମହାନ୍ତ, ହରେକୃଷ୍ଣ ମହାନ୍ତ, ସରସ୍ୱତୀ ଜେନା, ପ୍ରତିମା ପରିଡା, ମାଳତୀ ମାଝୀ,ମଣ୍ଟୁ ମାଣ୍ଡି ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ ।

## ୧୧କେଭି ବିଦ୍ୟୁତ୍ ତାର ଲାଗି ହାଇୱା ଡ୍ରାଇଭର ଗୁରୁତର

**ଧାମନଗର,୨୨।୨ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଓ ଏନ ଏ ସି ଅଞ୍ଚଳରେ ଦିନକୁ ଦିନ ଚୋରା ବାଲି ଚାଲାଣ ଦ୍ୱାରା ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ହୋଇ ପଡିଥିବା ବେଳେ ବିଦ୍ୟୁତ ତାର ଲାଗି କେଉଁଠି ବାଲି ଗାଡ଼ି ଡ୍ରାଇଭର ଆହାତ ହେଲେଣି ତ ଆଉ କେଉଁଠି ମୃତ୍ୟୁବରଣ କଲେଣି,ଏବେ କେଇଟା ଦିନ ପୂର୍ବରୁ ଭଗବାନପୁର ପଞ୍ଚାୟତ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମର ଜଣେ ଡ୍ରାଇଭରର ବିଦ୍ୟୁତ୍ ତାର ଲାଗି ମୃତ୍ୟୁ ହୋଇଥିବା ବେଳେ ଶନିବାର ଦିନ ଫଳପୁର ପୃଷ୍ଟି ସାହୀ ଠାରେ ଓଡ଼ି, ୩୪ ଘ ୧୧୧୮ ନମ୍ବର ଥିବା ଏକ ବାଲି ବୋଝେଇ ହାଇୱା ବାଲି ଢ଼ାଳିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ଲାଗିବା ଦ୍ୱାରା ଡ୍ରାଇଭର ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଦ୍ୱାରା ଧାମନଗର ଡ଼ାକ୍ତର ଖାନା ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ ଯାଜପୁର ଡ଼ାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନାଥାଉକି ଆହତ ଡ୍ରାଇଭରଙ୍କ ଘର ଯାଜପୁର ଜିଲ୍ଲା କାଟିଆ ଅଞ୍ଚଳର ସେକ ଆସିରୁଦ୍ଦିନ ବୋଲି ଜଣାପଡିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରାୟ ୫ ଘଣ୍ଟା ବିଦ୍ୟୁତ୍ ସେବା ବନ୍ଦ ରହିଥିଲା। ତେବେ ଖଣି ବିଭାଗ ବାଲି ଚୋରା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରିଛନ୍ତି।

## ମାସିକ ସଡ଼କ ସୁରକ୍ଷା କମିଟି ବୈଠକ



**ସୁବର୍ଣ୍ଣପୁର,୨୨।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ସଡ଼କ ସୁରକ୍ଷା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ଘଟୁଥିବା ଦୁର୍ଘଟଣା ସଂଖ୍ୟା ହ୍ରାସ ଓ ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟରେ ନିଆଯାଇଥିବା ପଦକ୍ଷେପ ସହ ଗତ ବୈଠକର ସମୀକ୍ଷା କରାଯାଇଥିଲା ଏବଂ ମୋଟର ଯାନ ଯାଞ୍ଚ ପ୍ରକ୍ରିୟା କୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ଜାନୁଆରୀ ମାସରେ ମୋଟର ଯାନ ଯାଞ୍ଚ ସମୟରେ ମୋଟ ୯୭ଟି ଚାଲାଣ ରଦ୍ଧ ହୋଇଥିବାବେଳେ ୯୦୭ଟି ଚାଲାଣ ବକେୟା ରହିଛି। ଏହି ସମୟରେ ୧୩,୯୧,୮୧୫ ଟଙ୍କା ଅର୍ଥଦଣ୍ଡ ସଂଗ୍ରହ କରାଯାଇଛି ଏବଂ ୧୧୯ଟି ଡ୍ରାଇଭିଂ ଲାଇସେନ୍ସ ରଦ୍ଧ କରାଯାଇଛି। ଜାନୁଆରୀରେ ୧୧ଟି ସଡ଼କ ଦୁର୍ଘଟଣା ଘଟିଥିବାବେଳେ ସେଥିରୁ ୨ଟି ଦୁର୍ଘଟଣା ଦ୍ରୁତ ଗତି ଓ ଅବହେଳା ଯୋଗୁ ଘଟିଥିବା ଜଣାପଡିଛି। ଅନ୍ୟ ଦୁର୍ଘଟଣାମାନଙ୍କର କାରଣ ଅସ୍ପଷ୍ଟ ରହିଛି।

ଏହା ସହ ୪୮୪ଟି ଗାଡି ଚାଳକ ହେଲମେଟ ନ ପିନ୍ଧିଥିବା ଚିହ୍ନଟ ହୋଇଥିବାବେଳେ ୩୪୭ଟି ଗାଡିକୁ ଦ୍ରୁତ ଗତିରେ ଚଳାଇବା ପାଇଁ ଚାଲାଣ କରାଯାଇଛି। ୩୯ଜଣ ଚାଳକ ଗାଡି ଚଳାଇବା ସମୟରେ ଫୋନ୍ ବ୍ୟବହାର କରୁଥିବା ଧରାପଡିଛନ୍ତି। ଜିଲ୍ଲାରେ ୧୦ଟି ବ୍ଲାକ ସ୍ପଟ ଚିହ୍ନଟ କରାଯାଇଛି।

## ଡାହିବାଡ଼ି ସାପ୍ତାହିକ ହାଟରୁ ବାଇକ ଚୋରି

**ବୈଶିଙ୍ଗା,୨୨।୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଉପକଣ୍ଠ ଡାହିବାଡି ସାପ୍ତାହିକ ହାଟରୁ ଶନିବାର ଏକ ବାଇକ୍ ଚୋରି ହୋଇଯାଇଥିବା ସୂଚନା ମିଳିଛି। ବୁଧବାର ଓ ଶନିବାର ଦୁଇଦିନ ଜିଲ୍ଲାର ଏହି ବିଶାଳ ବ୍ୟବସାୟୀକ ହାଟ ଲାଗିଥାଏ। ପ୍ରାୟ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଲୋକ ଅତ୍ୟାବଶ୍ୟକ ସାମଗ୍ରୀର କିଣା ବିକା ପାଇଁ ଏହି ହାଟ ଉପରେ ନିର୍ଭରଶୀଳ। ତେବେ ଶନିବାର ବେତନଟୀ ଅଞ୍ଚଳର ରାମଚନ୍ଦ୍ର ଟୁଡୁ ନିଜ ବାଇକ ନଂ ଓଡି ୧୧ ଏକ୍ସ ୪୬୬୪ ଯୋଗେ ପନିପରିବା କିଣିବା ପାଇଁ ବାଇକ ଟିକୁ ରଖି ହ୍ୟାଣ୍ଡେଲ ଲକ୍ କରି ଯାଇଥିଲେ। କିଣାକିଣି ସାରି ଫେରିବା ବେଳକୁ ବାଇକ ନଥିଲା। ସବୁ ଯାଗାରେ ଖୋଜାଖୋଜି କରି ନପାଇବାରୁ ବୈଶିଙ୍ଗା ପୋଲିସ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏହାକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ତେବେ ଏଠାରେ ତିନୋଟି ସାଇକେଲ ଓ ବାଇକ୍ ଷ୍ଟାଣ୍ଡ ଥିବା ସତ୍ତ୍ୱେ ସେଠାରେ ବାଇକ ନରଖି ବାହାରେ ଏଣେତେଣେ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ମୂଲ୍ୟବାନ ବାଇକ ରଖୁଥିବା ଯୋଗୁଁ ବାଇକ ଚୋରି ଘଟଣା ବଢି ଚାଲିଛି। ବାଇକ ସହିତ ମୋବାଇଲ ଚୋରୀ ମଧ୍ୟ ଏକ ନିତି ଦିନିଆ ଘଟଣା ପାଲଟି ଯାଇଛି । ଏ ଦିଗରେ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଭାଲୁକାରେ ଅଷ୍ଟପ୍ରହରୀ ନାମଯଜ୍ଞ



**ଆନନ୍ଦପୁର,୨୨।୨ (ସଂଚାର ବ୍ୟୁରୋ):** ଘଷିପୁରା ବ୍ଲକ୍ ଅନ୍ତର୍ଗତ ଗଡ଼ବାନ୍ଧଗଡା ପଞ୍ଚାୟତ ଭାଲୁକା ଗ୍ରାମରେ ନିଷ୍ଠାର ସହ ୧୨ତମ ପୂର୍ତ୍ତି ଅଷ୍ଟପ୍ରହର ନାମଯଜ୍ଞ ୩ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଦିନ ଅବାସ ଓ ଶନିବାର ରାତି ନାମଯଜ୍ଞ ହୋଇଛି। ରବି ବାର ସଂକୀର୍ତ୍ତନ ଦଳ ଆସି ନଦିଆ କିର୍ତ୍ତନ ତାଳେତାଳେ ନଗର ପରିକ୍ରମା କରିଥିଲେ । ଏଥିରେ ଅନେକ ଶ୍ରଦ୍ଧାଳୁ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ କୃଷ୍ଣ ପ୍ରେମରେ ବିଭୋର ହୋଇଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଭକ୍ତ ନଦିଆ କୀର୍ତ୍ତନ ସହ ଉଦଣ୍ଡ କାର୍ଜନ କରିଥିଲେ। ସଙ୍କୀର୍ତ୍ତନ ଦଳ କୋଳିପାଳ, କୃଷ୍ଣପୁର, ରାସୁଳ, ନୂଆଗାଁ ଶହ ଶହ ଗୌର ଭକ୍ତ ଏବଂ ମଦନ ମୋହନ ଜେନା ନିତାଇଗୌରଙ୍କୁ ହାତରେ ଧରି ଭାଲୁକା, କଇଁସାରି, ସୁଆଁଳ ଗ୍ରାମ ପରିକ୍ରମା କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିପାରିଥିଲେ । କର୍ତ୍ତା ଭାବରେ ବନମାଳି ଜେନା, କନକ ଜେନା ନିଷ୍ଠାର ସହ ଶଙ୍ଖଳ୍ପରେ ବସି ରହିଥିଲେ । ତିନିଧାରୀ ଗୋକିଳ ଦାସ ପୂଜା ଅର୍ଚ୍ଚନା କରିଥିଲେ। ମଦନ ମୋହନ ଜେନା ଦଧିହାଣ୍ଡି ଭାଙ୍ଗି କାର୍ଯ୍ୟକ୍ରମକୁ ସମାପନ କରିଥିଲେ। ରାଜେଶ ଜେନା, ନିଗମ ସୁତାର, କୃଷଚନ୍ଦ୍ର ଜେନା, ହୃଷିକେଶ ଜେନା,ସମତେ ସମସ୍ତ ଗୌର ଭକ୍ତ ଏବଂ ଭାଲୁକା ଗ୍ରାମବାସି ସହଯୋଗ କରିଥିଲେ ଏବଂ ସନ୍ଧ୍ୟା ସମୟରେ ସଂକୀର୍ତ୍ତନ ଦଳ, ଭାଲୁକା ଗ୍ରାମବାସି ପାଖାପାଖି ତିନି ଶହ ଲୋକ ପ୍ରସାଦ ସେବନ କରିଥିଲେ।

# ବାଲିପାଟଣାରେ ଦିନରାତି ଜଳୁଛି ଇଟାଭାଟି



**ଧୂଆଁରେ ଅତିଷ୍ଠ ସ୍ଥାନୀୟ ଲୋକେ**

**ବେଆଇନ ଇଟାଭାଟିକୁ ବିଦ୍ୟୁତ୍ ସଂଯୋଗ ଦେଉଛି କିଏ ?**

**ବାଲିପାଟଣା,୨୨।୨ (ସଂଚାର ବ୍ୟୁରୋ):** ଆଗକୁ ଆସୁଛି ଗ୍ରୀଷ୍ମ ଦିନ। ଗ୍ରୀଷ୍ମ ତାତିରୁ ରକ୍ଷା ପାଇବା ପାଇଁ ସରକାର ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରିଥାନ୍ତି। କିନ୍ତୁ ଦୁଃଖର ବିଷୟ ଯେ, ବାଲିପାଟଣା ତହସିଲ୍ ଅଧିନରେ ଦିନ ରାତି ବେଆଇନ ଇଟାଭାଟି ଜଳୁଥିଲେ ସୁଦ୍ଧା ପ୍ରଶାସନର ନିଦ ଭାଙ୍ଗୁନି।

ସୂଚନା ମୁତାବକ ବେଆଇନ ଇଟାଭାଟି କଟକଣା ଥିବାବେଳେ ବାଲିପାଟଣା ତହସିଲ୍ ଅଧିନ ଅଠାନ୍ତର ର ଆଇତଳଙ୍ଗ ଠାରେ ୨ଟି ଲୁହା ଚିମିନି ଲଗେଇ ଖୋଲମ୍ ଖୋଲା ବେଆଇନ ଇଟାଭାଟି ଜଳୁଛି ଫଳରେ ବିଷାକ୍ତ ଧୂଆଁ ହେବା ଫଳରେ ବାୟୁମଣ୍ଡଳ ପ୍ରଦୂଷଣ ହେବା ସହିତ ବିଷାକ୍ତ ଧୂଆଁରେ ସ୍ଥାନୀୟ ଲୋକେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି। ମୁଖ୍ୟ କଥା ହେଲା ରାତିରେ ମଧ୍ଯ ଲାଇଟ ଲଗେଇ ଇଟା ପୋଡ଼ା ଚାଲିଛି। ଏଠି ପ୍ରଶ୍ନ ଉଠୁଚି ଯେ, ବେଆଇନ ଇଟାଭାଟି କୁ ବିଦ୍ୟୁତ୍ ସଂଯୋଗ ଦେଉଛି କିଏ? ସବୁଠାରୁ ଆଶ୍ଚର୍ଯ୍ୟ କଥା ଯେ ତହସିଲ୍ ଅଫିସ୍ ଠାରୁ ୪କି. ମି ଦୂରତା ହେଉଥିଲେ ସୁଦ୍ଧା ସବୁଜାଣି ଆଖିରେ କଳା ପଟି ବାନ୍ଧି ଦେଇଛି ପ୍ରଶାସନ। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା ସେମିତି କିଛି ଆଖି ଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଯଦି ଏପରି ବେଆଇନ ଇଟାଭାଟି ଚାଲିବ ତେବେ ତୁରିନ୍ତିରା ପଞ୍ଚାୟତ ବାସୀ, ଅଠାନ୍ତର ପଞ୍ଚାୟତ ବାସୀ, ପମ୍ପାଲୋ ପଞ୍ଚାୟତ ବାସୀ ଆଦି ପ୍ରମୁଖ ଆଖ ପାଖ ଅଞ୍ଚଳର ଲୋକ ଆସୁଥିବା ଗ୍ରୀଷ୍ମ ଋତୁରେ ଲୋକେ ବହୁତ ହଇରାଣ ହେବେ। ଏବେଠୁ ବେଆଇନ ଇଟାଭାଟି ବନ୍ଦ କରିବାପାଇଁ ଅଞ୍ଚଳବାସୀ ତହସିଲ୍ ପ୍ରଶାସନ ପାଖରେ ନିଜର ଦାବୀ ରଖିଛନ୍ତି।




# ଋତୁ ପରିବର୍ତ୍ତନ ସହ ବଢ଼ୁଛି ଶ୍ୱାସକ୍ରିୟା ସଂକ୍ରମଣ



ଋତୁ ପରିବର୍ତ୍ତନ ହେବା ସହ କାଶ-ଥଣ୍ଡା ଓ ଶ୍ୱାସକ୍ରିୟା ଜନିତ ସଂକ୍ରମଣ ଆଜିକାଲି ବଢ଼ିଚାଲିଛି। ଶୀତଦିନେ ଆମର ରୋଗ ପ୍ରତିରୋଧକ ଶକ୍ତି ପ୍ରାୟତଃ କମ୍ ରହିଥାଏ। ଥଣ୍ଡା ପବନ ଓ ଶୁଷ୍କତା ଆମ ଶ୍ୱାସନଳୀର ଆର୍ଦ୍ରତାକୁ ନଷ୍ଟ କରିଦେଇଥାଏ। ବିଶେଷକରି ଆମର ବାୟୁମାର୍ଗରେ ଏକ ସୁରକ୍ଷାତ୍ମକ ତରଳ ପଦାର୍ଥ ରହିଥାଏ, ଯାହା ଭାଇରସ୍ ଓ ବ୍ୟାକ୍ଟେରିଆକୁ ରୋକିବା ସହ ବାହାରକୁ ବାହାର କରି ଦେଇଥାଏ। କିନ୍ତୁ ଶୀତଦିନେ ବିଶେଷକରି ହିଟର୍ ଓ ବ୍ଲୋୟାର୍ ବ୍ୟବହାର ଯୋଗୁ ଏହି ସୁରକ୍ଷାତ୍ମକ ବ୍ୟାରିଗେଟ୍ ଶୁଷ୍କ ହୋଇପଡିଥାଏ। ଫଳରେ ବ୍ୟାକ୍ଟେରିଆ ଓ ଭାଇରସ୍ ଭିତରକୁ ଯିବା ସହ ଶ୍ୱାସନଳୀରେ ଦୀର୍ଘ ସମୟ ଯାଏ ରହିଥାନ୍ତି। ତେଣୁ ସଂକ୍ରମଣର ଆଶଙ୍କା ବଢ଼ିଚାଲେ। ଏହାବ୍ୟତୀତ ଥଣ୍ଡାଦିନେ ଶ୍ୱାସନଳୀରେ ଭାଇରସ୍ ଅଧିକ ସମୟ ଯାଏ ଜୀବିତ ରହିବା ସହ ବଢ଼ିଥାନ୍ତି ମଧ୍ୟ। ଥଣ୍ଡା ଯୋଗୁ ଗୋଟିଏ ଘରେ ଏକାସାଙ୍ଗରେ ଅନେକ ଲୋକ ଦୀର୍ଘ ସମୟ ରହିଥାନ୍ତି। ଫଳରେ ସଂକ୍ରମଣ ବଢ଼ି ଚଲେ।

ଋତୁ ପରିବର୍ତ୍ତନର ପ୍ରଭାବ ସମସ୍ତଙ୍କୁ ପ୍ରଭାବିତ କରି ନଥାଏ। କିଛି ଲୋକ ବିଶେଷକରି ଅଧିକ ସତର୍କ ରହିବା ଜରୁରି। ଯେପରିକି ଙ୍କ ୧୦ରୁ କମ୍ ବୟସର ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତ ସମ୍ପୂର୍ଣ୍ଣ ବିକଶିତ ହୋଇ ନଥାଏ। ସେହିପରି ୬୫ ବର୍ଷରୁ ଅଧିକ ବୟସଙ୍କ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପଡିଥାଏ। ଏହାବ୍ୟତୀତ ମଧୁମେହ ଓ ହୃଦ୍ରୋଗୀଙ୍କୁ ମଧ୍ୟ ସମସ୍ୟା ହୋଇପାରେ। ଙ୍କ ଶ୍ୱାସରୋଗୀଙ୍କ ପାଇଁ ମଧ୍ୟ ଏହି ସାଧାରଣ ସଂକ୍ରମଣ ଖୁବ୍ କ୍ଷତିକାରକ ସାବ୍ୟସ୍ତ ହୋଇପାରେ।

ଋତୁ ପରିବର୍ତ୍ତନ ସମୟରେ ଶରୀରରେ ଦେଖା ଦେଉଥିବା ସଙ୍କେତକୁ ଅଣଦେଖା କରନ୍ତୁନି। ଲଗାତାର କାଶ-ଛିଙ୍କ୍ ହେଉଥିଲେ କିମ୍ବା ଶ୍ୱାସ ନେବାରେ ସମସ୍ୟା ଦେଖା ଦେଉଥିଲେ ତୁରନ୍ତ ଡାକ୍ତର ପରାମର୍ଶ କରାଇ ନିଅନ୍ତୁ। ସାମାନ୍ୟ ସାବଧାନ ରହିଲେ ଫୁସଫୁସକୁ ସୁରକ୍ଷିତ ରଖିପାରିବେ। ଶରୀରକୁ ଜଳଶୁଷ୍କ କରନ୍ତୁନି। ଶ୍ୱାସନଳୀରେ ଆର୍ଦ୍ରତା ବଜାୟ ରହିବ। ବୟସ ଓ ଅନ୍ୟାନ୍ୟ ରୋଗ ଥିବା ଲୋକମାନଙ୍କୁ ଇନଫ୍ଲୁଏଞ୍ଜା ଟୀକା ନିଶ୍ଚୟ ଲଗାନ୍ତୁ। ଥଣ୍ଡା ଦିନେ ବାହାରକୁ ବାହାରିବା ସମୟରେ ଗରମ ପୋଷାକ ନିଶ୍ଚୟ ପିନ୍ଧନ୍ତୁ।

# ତ୍ୱଚା ଓ କେଶ ସ୍ୱାସ୍ଥ୍ୟକୁ ଠିକ ରଖିବାକୁ ଚାହୁଁଛନ୍ତି କି ?



ପୁରୁଷ ହୁଅନ୍ତୁ କି ମହିଳା ସମସ୍ତେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି। ସୁନ୍ଦର ତ୍ୱଚା ଏବଂ ମଜବୁତ କେଶ ପାଇଁ ମାର୍କେଟରେ ବିକ୍ରି ହେଉଥିବା ଅନେକ ପ୍ରକାରର ବିୟୁଟି ପ୍ରଡକ୍ଟକୁ ଆମେ ବ୍ୟବହାର କରିଥାଉ। କେବଳ ମହଙ୍ଗା ପ୍ରଡକ୍ଟ ବ୍ୟବହାର କଲେ ସୁନ୍ଦର ଦେଖାଯାଇନଥାଏ ବରଂ ଆପଣ ଆପଣଙ୍କ ଘରେ ବ୍ୟବହାର କରୁଥିବା ଜିନିଷ ଉପରେ ମଧ୍ୟ ନିର୍ଭର କରେ। ପ୍ରାୟତଃ ଅଜାଣତରେ କିଛି ଅଭ୍ୟାସ ରହିଛି ଯାହା ଆମ ସ୍କିନ୍ ଏବଂ କେଶ ପାଇଁ କ୍ଷତିକାରକ ହୋଇଥାଏ। ତେଣୁ ଏହି ସବୁ ଅଭ୍ୟାସଠାରୁ ଦୂରେଇ ରୁହନ୍ତୁ। ଯାହା ଦ୍ୱାରା ଆପଣଙ୍କ ଚର୍ମ ଏବଂ କେଶକୁ ସୁସ୍ଥ ରଖିପାରିବେ। ତେବେ ଆସନ୍ତୁ ସେହି ସବୁ ସମ୍ପର୍କରେ ଜାଣିବା।

ପ୍ରାୟତଃ ଲୋକମାନେ ହାତ ଗାମୁଛାକୁ ମୁହଁରେ ବ୍ୟବହାର କରିଥାଆନ୍ତି। ଯାହାକୁ ବ୍ୟବହାର କରିବା ଦ୍ୱାରା କ୍ରସ୍-କଣ୍ଟେମିନେସନ୍ ହୋଇପାରେ। ଯାହା ଜଣେ ବ୍ୟକ୍ତିରୁ ଅନ୍ୟ ଜଣଙ୍କୁ ଜୀବାଣୁ ସଂକ୍ରମିତ ହୋଇପାରେ। ଏଥିସହ ବ୍ରଣ, ଫଙ୍ଗାଲ୍ ଇନଫେକ୍ସନ୍ ଭଳି ଚର୍ମରୋଗର ଆଶଙ୍କାକୁ ବଢ଼ାଇ ଦେଇଥାଏ। ତେଣୁ ଏହି ସବୁ ଅଭ୍ୟାସଠାରୁ ଦୂରେଇ ରହିବାକୁ ଚର୍ମରୋଗ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ମେକଅପ୍ ବ୍ରସ୍ ମଧ୍ୟ ଆମ ସ୍କିନ୍ ପାଇଁ କ୍ଷତିକାରକ ହୋଇଥାଏ। ଯାହା ପଙ୍ଗସ୍ ଭଳି ସମସ୍ୟା ସୃଷ୍ଟି କରିପାରେ।

ଏହା ବ୍ୟତୀତ ଲୁଫା କିମ୍ବା ଯେକୌଣସି ବଡି ବ୍ରସ୍ ଆମେ ଅନେକ ସମୟରେ ବ୍ୟବହାର କରିଥାଉ। କିନ୍ତୁ ଏହାର ବ୍ୟବହାର ଆମକୁ ବିପଦରେ ପକାଇପାରେ। ଯାହା ବ୍ରଣ ଏବଂ ସକ୍ରମଣର ଆଶଙ୍କା ବଢ଼ାଇପାରେ। ଯାହା ଆମ ସ୍କିନକୁ କ୍ଷତି ପହଞ୍ଚାଇଥାଏ। ତ୍ୱଚାର ଯତ୍ନ ନେବା ପାଇଁ ସଠିକ୍ ଜିନିଷର ବ୍ୟବହାର କରାଯିବା ଉଚିତ୍। ଯାହା ଆମ ସ୍କିନ୍ କେୟାର ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ନଚେତ୍ ଏହି ବ୍ୟବହାର ଆମ ସ୍କିନକୁ କ୍ଷତି ପହଞ୍ଚାଇଥାଏ। ତେଣୁ ଏହା ବଦଳରେ ନରମ ତଉଲିଆ, ୱାଶକ୍ଲଥ୍ କିମ୍ବା ଏକ୍ସପୋଲିଏଟର ବ୍ୟବହାର କରନ୍ତୁ।

ସେହିପରି କେଶର ଠିକ୍ ଭାବେ ଯତ୍ନ ନନେଲେ ଏହା ଦୁର୍ବଳ ହୋଇଯାଇଥାଏ। କେଶ ଝଡିବା ଏବଂ ପାଚିବା ଭଳି ସମସ୍ୟା ଦେଖାଦେଇଥାଏ। ପ୍ଲାଷ୍ଟିକ୍ ପାନିଆ କେଶକୁ ଖରାପ କରିଦେଇଥାଏ। ଏହି ସବୁ ସମସ୍ୟାକୁ ରୋକିବା ପାଇଁ କାଠ କିମ୍ବା କାର୍ବନ ପାନିଆ ବ୍ୟବହାର କରିବାକୁ ଚର୍ମରୋଗ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି। ଏଥିସହ ଆଣ୍ଟି ହେୟାରଫଲ୍ ସାମ୍ପୁ ବ୍ୟବହାର କରିବାକୁ ମଧ୍ୟ ବାରଣ କରିଥାଆନ୍ତି। ଏହି ସାମ୍ପୁ ବଦଳରେ ଡର୍ମାଟୋଲୋଜିଷ୍ଟ ମାଇଲ୍ଡ, ସଲଫେଟ୍-ଫ୍ରି ସାମ୍ପୁ ବ୍ୟବହାର କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି।

ଏହା ବ୍ୟତୀତ ଅନେକ ଲୋକ ବାରମ୍ବାର କେଶର ରଙ୍ଗ ବଦଳାଇଥାଆନ୍ତି। କିନ୍ତୁ ଏଥିପ୍ରତି ସାବଧାନ ରୁହନ୍ତୁ। ନଚେତ୍ ଏହା ଆପଣଙ୍କୁ ଏହା ବଡ଼ ବିପଦରେ ପକାଇଥାଏ। ଏହା କେବଳ କେଶ ଝଡିବାର କାରଣ ନୁହେଁ ବରଂ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପକାଇପାରେ। ଯଦି ଆପଣ କେଶ ରଙ୍ଗ କରିବାକୁ ଚାହୁଁଛନ୍ତି ତେବେ କେଶରେ ମେହେନ୍ଦି ଏବଂ ଅଁଳା ବ୍ୟବହାର କରିପାରିବେ। ଯାହା ପ୍ରାକୃତିକ ଗୁଣରେ ଭରପୁର। ତେଣୁ ଏହି ସବୁ ଅଭ୍ୟାସଠାରୁ ଦୂରେଇ ରୁହନ୍ତୁ । ଯାହା ଆପଣଙ୍କ କେଶକୁ ମଜବୁତ କରିବା ସହ ସ୍କିନ ପାଇଁ ମଧ୍ୟ ଲାଭଦାୟକ ହେବ।

# ପ୍ରତିଦିନ ଖାଆନ୍ତୁ ଦୁଇ ପାଖୁଡ଼ା ରସୁଣ



ରସୁଣରେ ଆଲିସିନ୍, ମାଙ୍ଗାନିଜ୍, ଭିଟାମିନ୍ ବି୬, ଭିଟାମିନ୍ ସି, ସେଲେନିୟମ୍, ଫାଇବର, କ୍ୟାଲସିୟମ୍, ପୋଟାସିୟମ୍, ଆଇରନ୍ ଏବଂ କପର ସମେତ ଅନେକ ପୁଷ୍ଟିକର ତତ୍ତ୍ୱ ଯଥେଷ୍ଟ ପରିମାଣରେ ଥାଏ। ରସୁଣକୁ ପୁଷ୍ଟିକର ତତ୍ତ୍ୱର ଏକ ଶକ୍ତିଗୃହ ଭାବରେ ବିବେଚନା କରାଯାଏ। ରସୁଣକୁ ଖାଦ୍ୟରେ ସଠିକ୍ ମାତ୍ରାରେ ବ୍ୟବାହର କରିଲେ ସ୍ୱାସ୍ଥ୍ୟରେ ଉନ୍ନତି ଆସିପାରିବ। ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବା ପାଇଁ ପ୍ରତିଦିନ ଦୁଇଟି ରସୁଣ ପାଖୁଡ଼ା ଖାଇପାରିବେ। ସର୍ବୋତ୍ତମ ଫଳାଫଳ ପାଇଁ ପୁଷ୍ଟିକର ରସୁଣକୁ କଞ୍ଚା କିମ୍ବା ହାଲୁକା ରନ୍ଧା କରି ଖାଇପାରିବେ। ରକ୍ତଚାପ ନିୟନ୍ତ୍ରଣ କରିବା ପାଇଁ ରସୁଣ ପାଖୁଡ଼ାକୁ ଆପଣଙ୍କ ଖାଦ୍ୟରେ ସାମିଲ କରାଯାଇପାରିବ। ଏହା ବ୍ୟତୀତ, ରସୁଣ ପାଖୁଡ଼ା କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବାରେ ମଧ୍ୟ ପ୍ରଭାବଶାଳୀ ହୋଇପାରେ। ସାମଗ୍ରିକ ଭାବରେ, ରସୁଣରେ ଥିବା ଯୌଗିକଗୁଡ଼ିକ ହୃଦୟ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ରସୁଣ ଅନ୍ତନଳୀ ସ୍ୱାସ୍ଥ୍ୟକୁ ଉନ୍ନତ କରିବାରେ ମଧ୍ୟ ପ୍ରଭାବଶାଳୀ ହୋଇପାରେ। ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ କରିବା ପାଇଁ ରସୁଣ ପାଖୁଡ଼ା ଖାଇବାକୁ ପରାମର୍ଶ ଦିଆଯାଏ। ସର୍ବୋତ୍ତମ ଫଳାଫଳ ପାଇଁ, ସକାଳେ ଖାଲି ପେଟରେ ଏକ କଞ୍ଚା ରସୁଣ ପାଖୁଡ଼ା ଚୋବାନ୍ତୁ। କିନ୍ତୁ ଏହାଠାରୁ ଅଧିକ ଖାଇଲେ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇବା ପରିବର୍ତ୍ତେ ନକାରାତ୍ମକ ପ୍ରଭାବ ପକାଇପାରେ।

# ଖରାଦିନେ ଫ୍ରିଜ୍ ପାଣି ନୁହେଁ ପିଅନ୍ତୁ ମାଟିହାଣ୍ଡି ପାଣି



ଆସିଲାଣି ଗ୍ରୀଷ୍ମ ଋତୁ। ଏହି ଋତୁରେ ଯେତେବେଳେ ଆମେ ବାହାରକୁ ଯାଆନ୍ତି ବହୁତ୍ ଗରମ ଅନୁଭବ କରିଥାନ୍ତି। ଏହା ସହିତ ଘରେ ଆସି ପହଞ୍ଚିବା ମାତ୍ରେ ପ୍ରଥମେ ଫ୍ରିଜରୁ ପାଣି କାଢ଼ି ପିଇଥାଉ। ହେଲେ ଆପଣମାନେ ଜାଣନ୍ତି ନାହିଁ ଯେ ଏହି ଅଭ୍ୟାସ୍ ଶରୀର ପାଇଁ କେତେ କ୍ଷତିକାରକ ହୋଇଥାଏ। ଏହି ଅଭ୍ୟାସ୍ ଦ୍ୱାରା ଥଣ୍ଡା, କାଶ, ଛିଙ୍କ ଆଦି ସମସ୍ୟା ସୃଷ୍ଟି ହୋଇଥାଏ। ଏହା ସହିତ ହେଲ୍ଥ ବିଶେଷଜ୍ଞଙ୍କ ମତ ଅନୁଯାୟୀ, ଥଣ୍ଡା ପାଣି ଆମର ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଥାଏ ଏବଂ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ତେବେ ଏପରି ପରିସ୍ଥିତିରେ ଆମେ କ'ଣ କରିବା ଉଚିତ୍ ତାହା ଆସନ୍ତୁ ଜାଣିବା। ଆପଣମାନେ ନିଶ୍ଚିତ ଭାବରେ ଜାଣିଥିବେ ଯେ ଆଗରୁ ମାଟି ପାତ୍ରରେ ପାଣି ପିଆଯାଏ। ଏହି ପାଣି ସ୍ୱାସ୍ଥ୍ୟ ପାଇଁ ବେଶ ଉପକାରି ହୋଇଥାଏ। ହେଲେ ବର୍ତ୍ତମାନର ଲୋକମାନେ ଫ୍ରିଜରୁ ପାଣି ପିଇ ନିଜ ସ୍ୱାସ୍ଥ୍ୟକୁ ଖରାପ କରିବାରେ ଲାଗିଛନ୍ତି। ହେଲେ ଆପଣମାନେ ନିଶ୍ଚିତ ଭାବରେ ମନେ ରଖନ୍ତୁ ଯେ, ଯେତେବେଳେ ଆପଣ ଖରାଦିନରେ ବାହାରେ ବୁଲାବୁଲି କରି ଆସି ଥକ୍କାରେ ବସୁଛନ୍ତି, ସେତେବେଳେ ଫ୍ରିଜ୍ ପାଣି ନପିଇ ମାଟି ପାତ୍ରରେ ପାଣି ରଖି ସେହି ପାଣିକୁ ପିଇବା ଅଭ୍ୟାସ୍ କରନ୍ତୁ। ତେବେ ଆସନ୍ତୁ ଜାଣିବା ଥଣ୍ଡା ପାଣି ପିଇବାର କ୍ଷତି ଏବଂ ମାଟି ପାତ୍ରରୁ ପାଣି ପିଇବାର ଲାଭ ବିଷୟରେ।

## ଫ୍ରିଜ୍ ପାଣି ପିଇବାର କ୍ଷତି

ଗଳା ବିନ୍ଧାଃ ଥଣ୍ଡା ପାଣି ପିଇବା ଦ୍ୱାରା ଗଳାରେ ଆସ୍ୱିସ୍ତି ହୋଇପାରେ। ବିଶେଷକରି ଯେଉଁମାନେ ସ୍ୱାସରୋଗୀ ସେହିମାନେ ଏହାକୁ ପିଇବା ଅନୁଚିତ୍। ଏହା ଗଳା ମାଂସପେଶୀକୁ ସଙ୍କୁଚିତ କରିପାରେ, ଯାହା ଫଳରେ ଗିଳିବା କଷ୍ଟକର ହୋଇପାରେ।

ଧୀର ହଜମଃ ଯଦି ଆପଣଙ୍କର ଥଣ୍ଡା ପାଣି ହଜମ ପ୍ରକ୍ରିୟାରେ ସାହାଯ୍ୟ କରିପାରେ, ହେଲେ ଅଧିକ ଥଣ୍ଡା ପାଣି ପିଇବା ଦ୍ୱାରା ହଜମ ପ୍ରକ୍ରିୟା ଧୀର ହୋଇପାରେ। ଏହା ଖାଦ୍ୟରେ ଥିବା ଚର୍ବିକୁ କଠିନ କରିଥାଏ, ଯାହା ଫଳରେ ଆମର ସଠିକ୍ ଭାବରେ ଖାଦ୍ୟ ହଜମ ହୋଇ ନଥାଏ।

କଫ ଃ ଆପଣମାନେ ନିଶ୍ଚିତ ଭାବରେ ଜାଣିଥିବେ ଯେ ଅତ୍ୟଧିକ ଥଣ୍ଡା ପାଣି ପିଇବା ଫଳରେ ଛାତିରେ କଫ ଜମାଟ ବାନ୍ଧିଥାଏ। ଏଥି ସହ ନିଶ୍ୱାସ ନେବାକୁ ମଧ୍ୟ କଷ୍ଟକର ହୋଇଥାଏ। ଯାହା ଦ୍ୱାରା ଆମକୁ ବହୁତ କଷ୍ଟ ମଧ୍ୟ ହୋଇଥାଏ।

## ମାଟି ପାତ୍ରରୁ ପାଣି ପିଇବାର ଲାଭ

ପ୍ରାକୃତିକ ଥଣ୍ଡା ଃ ମାଟି ପାତ୍ରରୁ ପାଣି ପିଇବାର ଏକ ବିଶେଷ ଲାଭ ହେଉଛି ଏହାର ପ୍ରାକୃତିକ ଗୁଣ। ଯାହା ଆମର ସମ୍ପୂର୍ଣ୍ଣ ଶରୀରକୁ ଥଣ୍ଡା ରଖିଥାଏ।

ପୋଟେନସିଆଲ୍ ଅଫ୍ ହାଇଡ୍ରୋଜେନ୍ (ପିଏଚ) ସନ୍ତୁଳନ କରିଥାଏଃ ଆମ ସ୍ୱାସ୍ଥ୍ୟ ପାଇଁ ପାଣିର **PH** ସ୍ତର ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ପ୍ଲାଷ୍ଟିକ୍ ପାତ୍ର କିମ୍ବା ବୋତଲରେ ରଖାଯାଇଥିବା ପାଣିର **PH** ର ସ୍ତର ପାତ୍ରରେ ଥିବା ରାସାୟନିକ ପାତ୍ର ଯୋଗୁଁ ପରିବର୍ତ୍ତନ ହୋଇପାରେ। ହେଲେ ଯେତେବେଳେ ମାଟି ପାତ୍ରରେ ପାଣି ସଂରକ୍ଷଣ କରାଯାଏ, ମାଟିର କ୍ଷରୀୟ ପ୍ରକୃତି ପାଣିର **PH** ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରିଥାଏ।

ସ୍ୱାଦ ବଢ଼ାଇଥାଏଃ ମାଟି ପାତ୍ରର ପାଣିର ସ୍ୱାଦ ବହୁତ ଭଲ ହୋଇଥାଏ। ଯେତେବେଳେ ମାଟି ପାତ୍ରରେ ପାଣି ଭର୍ତ୍ତି କରାଯାଏ, ଏହା ମାଟିରେ ଥିବା ଖଣିଜ ପଦାର୍ଥ ଏବଂ ଲୁଣକୁ ଶୋଷିତ କରେ, ଯାହା ପାଣିର ସ୍ୱାଦକୁ ଉନ୍ନତ କରିଥାଏ।

ଯଦି ଆପଣ ସୁସ୍ଥ ରହିବାକୁ ଚାହୁଁଛନ୍ତି, ତେବେ ପ୍ରତ୍ୟେକ ଦିନ ମାଟି ପାତ୍ରରେ ପାଣି ରଖି ପିଅନ୍ତୁ। ଦେଖିବେ ଆପଣଙ୍କର ଅନେକ ସମସ୍ୟା ଦୂର ହେବାକୁ ଲାଗିବ ଏବଂ ଆପଣ ସୁସ୍ଥ ମଧ୍ୟ ରହିପାରିବେ।

## ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ



ଡେରାବିଶ,୨୨।୨(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ରାଜନଗର ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା । ସୂଚନା ଅନୁଯାଇ ସେହି ଗ୍ରାମର କିଛି ଅମାବାଦୀ ଜାଗାକୁ କେନ୍ଦ୍ରକରି ଦୀର୍ଘଦିନ ହେବ ସନ୍ତୋଷ ସାମଲ ଓ ମନୋରଞ୍ଜନ ସାହୁଙ୍କ ମଧ୍ୟ ତିକ୍ତତା ହେଇଆସୁଥିଲା । ଆଜି ତାହା ଉଗ୍ରରୂପ ନେଇଛି । ସନ୍ତୋଷ ପାନଦୋକାନକୁ ପାନ ପାଇଁ ଯାଇଥିବା ବେଳେ ଉଭୟଙ୍କ ମଧ୍ୟରେ କଥା କଟା କାଟି ହେବାସହ ଯୁକ୍ତିତର୍କ ହୋଇଥିଲା । ଏହା ପରେ ସନ୍ତୋଷକୁ ମନୋରଞ୍ଜନ ଓ ତାଙ୍କ ସାନ ଭାଇ ଚିତ୍ତ ମିଶି ଆକ୍ରମଣ କରିଥିଲେ ଫଳରେ ସନ୍ତୋଷଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ବାମ ହାତଟି ଭାଙ୍ଗିଯାଇଛି । ତେବେ ଖବର ପାଇ ପରିବାର ଓ ଗ୍ରାମର କିଛି ଯୁବକ ମିଶି ସନ୍ତୋଷଙ୍କୁ ପ୍ରଥମେ ଡେରାବିଶ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର । ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ତେବେ ଡେରାବିଶ ଥାନାରେ ଉଭୟଙ୍କ ପକ୍ଷରୁ ଏତଲା ହୋଇଥିବା ଜଣାପଡିଛି ।

# ଦିନିକିଆ ବାରିପଦା ଗସ୍ତରେ ରାଜ୍ୟପାଳ

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ କଲେ ପୂଜାର୍ଚ୍ଚନା



ବାରିପଦା,୨୨।୨ (ସଂଚାର ବ୍ୟୁରୋ): ଦିନିକିଆ ବାରିପଦା ଗସ୍ତରେ ରାଜ୍ୟପାଳ ଶ୍ରୀ ହରିବାବୁ କମ୍ଭମପାଟି ଆସି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରିଜର୍ଭ ପୁଲିସ ପଡ଼ିଆସ୍ଥିତ ହ୍ୟାଲିପେଡ଼୍‌ରେ ଅବତରଣ କରିବା ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ ।

ରାଜ୍ୟପାଳ ପ୍ରଥମେ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ବାରିପଦାସ୍ଥିତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟବାସୀଙ୍କ ଶାନ୍ତି ଓ ସମୃଦ୍ଧି କାମନା କରି ରାଜ୍ୟପାଳ ପୂଜାର୍ଚ୍ଚନା କରିଥିଲେ।ଏହାପରେ କଲେଜ ପଡିଆ ଠାରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼. ମହାପାତ୍ରଙ୍କ ପୁତ୍ର ଆୟୁଷ୍ମାନ ଆସ୍ତିକ ମହାପାତ୍ରଙ୍କ ବ୍ରତପୋନୟନ କାର୍ଯ୍ୟକ୍ରମରେ ଯୋଗଦେଇ ଆଶିର୍ବାଦ ପ୍ରଦାନ କରିଥିଲେ। ପାରମ୍ପରିକ ମୂଲ୍ୟବୋଧ ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷା ପ୍ରତି ଗୁରୁତ୍ୱାରୋପ କରିବା ସହ ସେଗୁଡ଼ିକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ସମେତ ବିଭିନ୍ନ ବର୍ଗରେ ପ୍ରତିଷ୍ଠିତ ବ୍ୟକ୍ତି ଓ ବହୁ ସଂଖ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଇଥିବାବେଳେ ସୁଚାରୁ ରୂପେ ସମସ୍ତ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା।

## ଅଲଚିକି ଭାଷା ଶିକ୍ଷକଙ୍କୁ ରାଷ୍ଟ୍ରପତିଙ୍କ ସମ୍ବର୍ଦ୍ଧନା



ବାଲିଆପାଳ,୨୨।୨ (ସଂଚାର ବ୍ୟୁରୋ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ନୂଆ ଦିଲ୍ଲୀ ସ୍ଥିତ ଡ଼ ଭୀମ ରାଓଆମ୍ବେଦକର ସମ୍ମିଳନୀ କକ୍ଷରେ ସାନ୍ତାଳୀ ଭାଷା 'ଅଲଚିକି' ଲିପିର ଶତବାର୍ଷିକୀ ସମାରୋହ ଅବସରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପ୍ରାଥମିକ ସରକାରୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାକ୍ଷୀନ ମୁର୍ମୁଙ୍କୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବର୍ଦ୍ଧନା କରିଛନ୍ତି। ଶ୍ରୀ ମୁର୍ମୁ ଜଣେ ଏକାଧାରରେ ଶିକ୍ଷକ, ସମାଜସେବୀ ଏବଂ ନିଜର ମାତୃଭାଷା ଅଲଚିକିର ପ୍ରଚାର ପ୍ରସାର କରି ଆଦିବାସୀ ସାନ୍ତାଳୀ ସମାଜର ଜନ ମାନସରେ ବିଭିନ୍ନ ଦିଗରେ ଦିଗଦର୍ଶନ ଦେଇ ଅଲଚିକି ଲିପିର ଶିକ୍ଷାକୁ ଉଜ୍ଜୀବିତ ରଖିବାର ପ୍ରୟାସ କରୁଥିବାରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଶ୍ରୀ ମୁର୍ମୁ ୨୦୦୧ ମସିହାରୁ ରାଇରଙ୍ଗପୁର ଠାରେ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘର ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଛନ୍ତି । ଏହା ବ୍ୟତୀତ ଦୀର୍ଘ ୨୬ ବର୍ଷ ଧରି ଡିଗିରିପାହି ଠାରେ ଥିବା ଅଲଚିକି ଅନୁଷ୍ଠାନରେ ଶିକ୍ଷାଦାନ କରନ୍ତି। ଏହି ସଫଳତା ହାସଲ କରିବା ପରେ ତାଙ୍କ ବିଭିନ୍ନ ଅନୁଷ୍ଠାନରୁ ଶୁଭେଚ୍ଛାର ସୁଅ ଛୁଟିଛି।

ବଡପଡ଼ିଆ ପରିବା ମାର୍କେଟରେ ଅଗ୍ନିକାଣ୍ଡ

## ଜଳିଗଲା ୬୦ରୁ ଉର୍ଦ୍ଧ୍ୱ ଦୋକାନ



ପାରାଦୀପ,୨୨।୨ (ସଂଚାର ବ୍ୟୁରୋ): ପାରାଦୀପ ବଡପଡିଆ ମୁଖ୍ୟ ପରିବା ମାର୍କେଟ ରେ ଭୟାଭୟ ଅଗ୍ନିକାଣ୍ଡ। ପୋଡିଗଲା ୬୦ରୁ ଉର୍ଦ୍ଧ ଦୋକାନ । ଅଗ୍ନିକାଣ୍ଡ ର କାରଣ ଅସ୍ପଷ୍ଟ। ୫ଟି ଦମକଳ ନିୟୋଜିତ। ବିଳମ୍ବିତ ରାତ୍ର ପ୍ରାୟ ୨ଟା ସମୟରେ ଅଗ୍ନିକାଣ୍ଡ ଘଟି ୬୦ରୁ ଉର୍ଦ୍ଧ ପରିବା ଦୋକାନ ପୋଡି ପାଉଁଶ ହୋଇଯାଇଛି। ଦୋକାନରେ ଥିବା ଟଙ୍କା ପଇସା ସହ ପନୀପରିବା , କମ୍ପୁଟର କଣ୍ଟା ଓ ଗୋଟିଏ ବାଇକ୍ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁକୁ ଆୟତ କରିବା ଯାରୀ ରହିଛି। ଏହା ପାରାଦୀପ ବଣିକସଂଘର ମୁଖ୍ୟ ପରିବା ବ୍ୟବସାୟ କେନ୍ଦ୍ର ହୋଇଥିବା ବେଳେ ସମସ୍ତେ ଏହି ଦୋକାନ ଗୁଡିକ ଉପରେ ନିର୍ଭର କରିଥାନ୍ତି। ତେବେ ଅଗ୍ନିକାଣ୍ଡ ର କାରଣ ଅସ୍ପଷ୍ଟ ରହିଥିବା ବେଳେ ମଶାଧୂପ କିମ୍ବା ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥାଇ ପାରେ ବୋଲି ଅନୁମାନ କରାଯାଉଛି। ତେବେ ପାରାଦୀପ ବନ୍ଦର ପକ୍ଷରୁ ଅସ୍ଥାୟୀ ଭାବେ ପିଣ୍ଡି ଯୋଗାଇ ଦିଆ ଯାଇଥିବା ବେଳେ ବ୍ୟବସାୟୀ ମାନେ କେବଳ ବାଉଁଶ ଓ ଜରି ପାଲରେ ଦୋକାନ ଗୁଡିକ ରେ ଦୀର୍ଘ ବର୍ଷ ଧରି ବ୍ୟବସାୟ କରି ଆସୁଛନ୍ତି। ତେବେ ପୂର୍ବରୁ ମଧ୍ୟ ଏହିଭଳି ଅଗ୍ନିକାଣ୍ଡ ଘଟି ୪ଟି ଦୋକାନ ପୋଡି ଯାଇଥିବା ବେଳେ ଭେଣ୍ଡିଂ ଯୋନ୍ ନିର୍ମାଣ କରିବା ପାଇଁ ବାରମ୍ବାର ଦାବି ହୋଇ ଆସୁଛି। ହେଲେ ଏପର୍ଯ୍ୟନ୍ତ ଭେଣ୍ଡିଂ ଯୋନ ନିର୍ମାଣ କରା ଯାଇ ପାରି ନାହିଁ। ଯାହା ଫଳରେ ଆଜି ନିଆଁ ଲାଗି ୬୦ରୁ ଉର୍ଦ୍ଧ ଦୋକାନ ପୋଡି ପାଉଁଶ ହୋଇଯାଇଛି।

## ଡ୍ରାଇଭର ଗୋଡ଼ରେ ଚଢିଗଲା ଡମ୍ଫର



ନୀଳଗିରି, ୨୨।୨(ସଂଚାର ବ୍ୟୁରୋ): ବିଲରେ ମାଟି ପକାଇ ଡମ୍ଫର ଟି ପଛାଉଥିବା ସମୟରେ ଅସାବଧାନତା କାରଣରୁ ଉକ୍ତ ଡମ୍ଫର ପଛରେ ଜୈନିକ ଡ୍ରାଇଭର ଛିଡ଼ା ହୋଇଥିବା ବେଳେ ତାଙ୍କ ବାମ ଗୋଡ଼ ଉପରେ ପଛଚକା ଚଢି ଯିବାରୁ ତାଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ଏଭଳି ଘଟଣା ଘଟିଛି ନୀଳଗିରି ଥାନା ଅଧିନ ଏନଏସି ୨ ନମ୍ବର ୱାଡ଼ ର ଭୂମିଜ ସାହି ନିକଟ ମାଟି ପଡୁଥିବା ବିଲରେ ଅପରାହ୍ଣ ୬ଘଟିକା ସମୟରେ ଉକ୍ତ ସ୍ଥାନରେ ଡମ୍ଫର ଦ୍ୱାରା ମାଟି ପଡୁଥିବା ବେଳେ ଜଡ଼ିଡ଼ା ପଞ୍ଚାୟତ ନିକଟ ଡେଙ୍ଗାସାହି ଗ୍ରାମର ସ୍ୱର୍ଗତ ଶଙ୍କରା ସିଂଙ୍କ ପୁଅ ରବିନ୍ଦ୍ର ସିଂ (୩୫) ଉକ୍ତ ଜାଗାରେ ଏକ ଡମ୍ଫର ଦ୍ୱାରା ମାଟି ପକାଇସାରି ଅନ୍ୟ ଏକ ଡମ୍ଫର ପଛରେ ଛିଡ଼ା ହୋଇଥିବା ବେଳେ ଡମ୍ଫର ଟି ହଠାତ ପଛଉଥିବା ସମୟରେ ଅଜଣା ବଶତଃ ରବୀନ୍ଦ୍ରଙ୍କ ବାମ ଗୋଡ଼ ଉପରେ ଚଢିଯାଇଥିଲା। ରବୀନ୍ଦ୍ର ର ଚିତ୍କାର ଶୁଣି ଗାଡିଟି ଅଟକିଥିଲା। ତୁରନ୍ତ ରବୀନ୍ଦ୍ର ଙ୍କୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇ ଆସୁଚିକିତ୍ସା କରାଯାଇଥିଲା। ପରେ ସ୍ୱାସ୍ଥ୍ୟବସ୍ଥା ଉଦବେଗ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ରହିଛି।

## ଚିକିତ୍ସାରେ ଅବହେଳା ଜନିତ ମୃତ୍ୟୁ ଅଭିଯୋଗ, ଡାକ୍ତରଖାନାରେ ଉତ୍ତେଜନା



ବାଲିଅନ୍ତା, ୨୨।୨ (ସଂଚାର ବ୍ୟୁରୋ):ବାଲକାଟି ଫାଣ୍ଡି ଅଧୀନ ପଞ୍ଚାୟତ ରୋଡ଼ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଆଜି ଅପରାହ୍ଣରେ ଗୋଡ଼ରେ ଅସ୍ତ୍ରୋପଚାର କରାଇଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ଘୋର ଉତ୍ତେଜନା ଦେଖାଦେଇଛି । ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ନେଇ ରୋଗୀର ମୃତ୍ୟୁ ଘଟିଥିବା ଅଭିଯୋଗ କରି ପାଟିତୁଣ୍ଡ କରିଥିଲେ । ଏନେଇ ଦୀର୍ଘ ସମୟ ଧରି ଉତ୍ତେଜନା ଦେଖା ଦେଇଥିଲା । ଖବର ପାଇ ବାଲକାଟି ଫାଣ୍ଡି ପୁଲିସ ସମ୍ପର୍କୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ସୂଚନା ଅନୁସାରେ ଭଦ୍ରକ ଜିଲ୍ଲା ନରେନ୍ଦ୍ରପୁର ଥାନା ଅଞ୍ଚଳର ସୁବାସ ଚନ୍ଦ୍ର ମହାଲିକ ( ୫୬ ) ନାମକ ଜଣେ ବ୍ୟକ୍ତିଙ୍କର ଆଣ୍ଠୁଗଣ୍ଠି ରୋଗରେ ପୀଡ଼ିତ ଥିଲେ । ୨ ସପ୍ତାହ ତଳେ ଉକ୍ତ ହସ୍ପିଟାଲରେ ଆଣ୍ଠୁ ଅସ୍ତ୍ରୋପଚାର କରାଇଥିଲେ । ଆଜି ପୂର୍ବାହ୍ଣରେ ସୁବାଷଙ୍କ ଅବସ୍ଥା ଅଧୁକ ଖରାପ ହୋଇପଡିବାରୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ଅପରାହ୍ଣରେ ତାଙ୍କର ମୃତ୍ୟୁ ଘଟିଥିଲା ।

# ପୀଡିତାଙ୍କ ଘରେ ବିଜେପି ନେତା



ରାଜକନିକା,୨୨।୨(ସଂଚାର ବ୍ୟୁରୋ): ଓଳାଭର ଅଞ୍ଚଳର ଘରୋଇ ସ୍କୁଲରେ ସପ୍ତମ ଶ୍ରେଣୀର ନାବାଳିକା ଛାତ୍ରୀଙ୍କ ପ୍ରତି ହୋଇଥିବା ଗଣଧର୍ଷଣ ଏବେ ସମଗ୍ର ରାଜ୍ୟରେ ଏକ ମୁଖ୍ୟ ପ୍ରସଙ୍ଗ ଭାବେ ଉଭା ହୋଇଛି।ଏଭଳି ସ୍ଥିତି ସବୁ ମହଲରୁ ଏହାକୁ ନିନ୍ଦା କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ରାଜନୈତିକ ଉଷ୍ମତା ବି ବୃଦ୍ଧି ପାଇଛି। ଗତକାଲି ଦୁଇ ୱିରୋଧୀ ଦଳ କଂଗ୍ରେସ ଆଉ ବିଜୁ ଜନତା ଦଳ ପକ୍ଷରୁ ପୀଡିତାଙ୍କ ପରିବାର ପାଖେ ପହଞ୍ଚି ନ୍ୟାୟ ପ୍ରଦାନ ଦିଗରେ ସରକାର

ଟାଳଟୁଳ ନିତି ନ ଆପଣେଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ରଖିଛନ୍ତି। ଅନ୍ୟଥା ରାଜରାସ୍ତାକୁ ଓହ୍ଲାଇବାକୁ ବି ଚେତାବନୀ ଦେବାକୁ ଭୁଲି ନାହାନ୍ତି।ସେଇଭଳି ଆଜି ସକାଳେ କେନ୍ଦ୍ରାପଡା ଜିଲ୍ଲା ବିଜେପି ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସହିତ ଏକ ପ୍ରତିନିଧି ମଣ୍ଡଳୀ ପୀଡିତାଙ୍କ ପରିବାର ପାଖେ ପହଞ୍ଚି ସମବେଦନା ଜ୍ଞାପନ କରିଥିଲେ।

ପୁଲିସ୍ ପକ୍ଷରୁ ପୀଡିତାଙ୍କ ଅଭିଯୋଗ ଆଧାରରେ ତିନି ଜଣ ଶିକ୍ଷକ, ଜଣେ ଶିକ୍ଷୟତ୍ରୀ ଓ ସ୍କୁଲର ପିଅନକୁ ତ୍ୱରିତ୍ ବେଗରେ ଅଟକ ରଖି ଆଜି କୋର୍ଟ ଫରଓ୍ୱାର୍ଡ କରିଥିବା ନେଇ ସୂଚନା ଦେଇଥିଲେ। ତେବେ ପୀଡିତାଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଆମେ ରହିଛୁ ବୋଲି କହିଥିଲେ । ଏଥିରେ ଜିତୁ ସାମଲ ,ସୁଶାନ୍ତ ନାୟକ,ଜନ୍ ନାୟକ,ନାରାୟଣ ମଲିକ,ସଚିନ୍ ଦାସ ଙ୍କ ସହିତ ବହୁତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ମତ୍ସ୍ୟଜୀବୀଙ୍କ ପାଇଁ ସଚେତନତା କର୍ମଶାଳା



ପାରାଦ୍ୱୀପ,୨୨।୨ (ସଂଚାର ବ୍ୟୁରୋ): ସମୁଦ୍ରରେ ମାଛ ଧରିବା ପାଇଁ ବର୍ଗାକାର ଜାଲ ବ୍ୟବହାର ହେବ। ଏହାଦ୍ୱାରା ମାଛ ଯାଆଁଳ ସୁରକ୍ଷିତ ରହିପାରିବେ। ଏନେଇ ପାରାଦୀପ ନେହେରୁ ବଙ୍ଗଳା ମାଛଧରା ବନ୍ଦର ପରିସରରେ ଏମ୍.ପି.ଇ.ଡି.ଏ ଓ ପାରାଦୀପ ବନ୍ଦର ପ୍ରାଧିକରଣ ମିଳିତ ସହଯୋଗରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରାନାଦ୍ ଯୋଗଦେଇ ବର୍ଗାକାର ଜାଲର ଉପାଦେୟତା ସମ୍ପର୍କରେ ସଚେତନ କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ଏମ୍.ପି.ଇ.ଡି.ଏ ସଂଯୋଜକ ଏସ୍.କେ.ମହାପାତ୍ର ଓ ନେଟଫିସ୍ ଉପ ନିର୍ଦ୍ଦେଶକ ଆର୍ଟିମାନ୍ ଲାହାରୀ ଯୋଗଦେଇ ମାଛ ଯାଆଁଳ ସୁରକ୍ଷିତ ରହିବା ପାଇଁ ହେଲେ ଫାସି ଜାଲ ବଦଳରେ ବର୍ଗୀକୃତ ଜାଲ ବ୍ୟବହାର କରିବା ନିତ୍ୟାନ୍ତ ଆବଶ୍ୟକ ରହିଛି ବୋଲି ସମସ୍ତ ମତ୍ସ୍ୟଜୀବୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଯାଆଁଳ ସୁରକ୍ଷିତ ରହିଲେ ମତ୍ସ୍ୟଜୀବୀ ପାଇଁ ଉପାଦେୟ ହେବ । ତେଣୁ ସମସ୍ତ ମତ୍ସ୍ୟଜୀବୀ ମାନଙ୍କୁ ବର୍ଗାକାର ଜାଲ ବ୍ୟବହାର କରିବା ପାଇଁ ପରାମର୍ଶ ଦେବା ସହିତ ୨ଶହ ଟ୍ରଲର ମାଲିକ ମାନଙ୍କୁ ବର୍ଗାକାର ଜାଲ ଓ ୨୦ଟି କଇଁଚ ଅପସରଣ ଯନ୍ତ୍ର (ଟେଡ୍) ବଣ୍ଟନ କରାଯାଇଥିଲା। ଏଥି ସହିତ ବୋଟ୍ରେ ସ୍ୱଛତା ପାଇଁ ବାୟୋ-ଟଏଲେଟ୍ ବ୍ୟବହାର କରିବା ପାଇଁ ସମସ୍ତ ଟ୍ରଲର ମାଲିକଙ୍କୁ ପରାମର୍ଶ ଦେବା ସହିତ ୨ଟି ବାୟୋ-ଟଏଲଟ୍ ବଣ୍ଟନ କରିଥିଲେ। ଏହି ପରିପ୍ରେକ୍ଷୀରେ କଇଁଚ ସୁରକ୍ଷା ନିମନ୍ତେ ଟେଡ୍ ବ୍ୟବହାର ସମ୍ପର୍କରେ ଏକ ସଚେତନତା ଗାଡିକୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରାନାଦ୍ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କର୍ମଶାଳାରେ ଓଡିଶା ମତ୍ସ୍ୟ ଉତ୍ପାଦକ ସଂଘର କର୍ମକର୍ତ୍ତା ମାନଙ୍କ ସମେତ ଟ୍ରଲର ମାଲିକ ମାନେ ଉପସ୍ଥିତ ଥିଲେ।

ଉତିକଣ ଅଞ୍ଚଳର ବନ୍ୟା ସୁରକ୍ଷା ପାଇଁ ପଦକ୍ଷେପ

# ବିଧାୟକଙ୍କ ଦ୍ୱାରା ବ୍ରାହ୍ମଣୀ ନଦୀ ବନ୍ଧ ସୁଦୃଢ଼ୀକରଣ ଶିଳାନ୍ୟାସ




ପଟ୍ଟାମୁଣ୍ଡାଇ,୨୨।୨ (ସଂଚାର ବ୍ୟୁରୋ): ସମଗ୍ର ଉତିକଣ ଓ ଧୋୟାଞ୍ଚଳର ସୁରକ୍ଷା କବଚ ବ୍ରାହ୍ମଣୀ ନଦୀ ବନ୍ଧ ଦୁର୍ବଳ ହୋଇପଡିଥିବାରୁ ବନ୍ୟା ବିଭୀଷିକା ଭୟରେ ସମଗ୍ର ଉତିକଣ ଅଂଚଳ ସହିତ ବନ୍ୟା ବିପନ୍ନ ଧୋୟାଞ୍ଚଳବାସୀ ଆଶା ଆଶଙ୍କା ଓ ଚିନ୍ତାରେ ଥିଲେ। ଏ ସମ୍ପର୍କରେ ଅବଗତ ହେବା ପରେ ରାଜନଗର ବିଧାୟକ ଧ୍ରୁବ ସାହୁ ବ୍ରାହ୍ମଣୀ ନଦୀ ବନ୍ଧ ସୁଦୃଢ଼ୀ କରଣ ପାଇଁ ରାଜ୍ୟ ସରକାରଙ୍କ ଠାରେ ଦାବୀ ଉପସ୍ଥାପନ କରିବା ସହିତ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ମୁଖ୍ୟଯନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ନିର୍ବାହୀଯନ୍ତ୍ରୀଙ୍କୁ ନେଇ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ରାଜନଗର ନିର୍ବାଚନମଣ୍ଡଳୀର ୧୫ଟି ପଂଚାୟତବାସୀଙ୍କୁ ବନ୍ୟା ଦାଉରୁ ସୁରକ୍ଷା ଦେଇ ଆସୁଥିବା ବ୍ରାହ୍ମଣୀ ଘେରି ବନ୍ଧ ରାସ୍ତାର କିଛି ଅଂଶ ଗତ ବର୍ଷା ଋତୁ ସମୟରେ ବ୍ରାହ୍ମଣୀ ନଦୀ ଗ୍ରାସ କରିଥିବାରୁ ଅଂଚଳବାସୀ ଭୟଭୀତ ହୋଇ ପଡ଼ିଥିଲେ । ରାଜ୍ୟ ସରକାର ସମସ୍ତ ବିଷୟରେ ଅବଗତ ହେବା ପରେ ବ୍ରାହ୍ମଣୀ ନଦୀ ବନ୍ଧର ଦକ୍ଷିଣ ପାର୍ଶ୍ୱ ସୁଦୃଢ଼ୀକରଣ ପାଇଁ ଅର୍ଥ ମଂଜୁର କରିଥିଲେ। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ କଖାରୁଣୀ ପୋଲ ନିକଟରୁ ଶୋଭାଯାତ୍ରାରେ ଯାଇ ୧୮କୋଟି ଟଙ୍କା ବ୍ୟୟରେ ନିମପୁର ବ୍ରାହ୍ମଣୀ ନଦୀ କୂଳରେ ନଦୀବନ୍ଧ ଦକ୍ଷିଣ ପାର୍ଶ୍ୱ ସୁଦୃଢ଼ୀକରଣ ପାଇଁ ଶୁଭ ଶିଳାନ୍ୟାସ କରିଥିଲେ।

ବ୍ରାହ୍ମଣୀ ନଦୀ ବନ୍ଧ ଶିଳାନ୍ୟାସ କରି ଆୟୋଜିତ ଉତ୍ସବରେ ବିଧାୟକ ଶ୍ରୀସାହୁ ସମଗ୍ର ଉତିକଣ ଓ ଧୋୟାଞ୍ଚଳବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ନଦୀବନ୍ଧ ସୁଦୃଢ଼ୀକରଣ ସହ ଉତ୍ତମ ଗମନାଗମନ ସୁବିଧା ପାଇଁ ଏହି ନଦୀବନ୍ଧ ରାସ୍ତାକୁ ୨ଥାକିଆ ରାସ୍ତାରେ ପରିଣତ କରିବା ରାଜ୍ୟ ବିଧାନସଭାରେ ସରକାରଙ୍କ ଠାରେ ଦାବୀ ଉପସ୍ଥାପନ କରିବେ ବୋଲି ପ୍ରକାଶ କରିବା ସହିତ ପ୍ରକଳ୍ପର ସଫଳ କାର୍ଯ୍ୟକାରୀତା ପାଇଁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ। ଏହି ଶିଳାନ୍ୟାସ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ଲୋକ ପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ ।

## ପାଟପୁର ଗ୍ରାମରେ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ

### ଶ୍ରୀକ୍ଷେତ୍ରରୁ ଆସିଲା ଆଜ୍ଞା ମାଳ

ସାଲେପୁର,୨୨।୨ (ସଂଚାର ବ୍ୟୁରୋ): ଶ୍ରୀ ଶ୍ରୀ ରାଧାକାନ୍ତ ଜୀଉଙ୍କ ମନ୍ଦିର ପରିସରରେ ହେଉଥିବା ତ୍ରି ଦିବସୀୟ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ପରିପେକ୍ଷରେ ଆଜି ପୁରୀ ଶ୍ରୀ ମନ୍ଦିର ରୁ ଆସିଥିବା ଆଜ୍ଞା ମାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଜ୍ଞା ମାଳ କୁ ସିଗମାପୁର୍ ବିପ୍ରେଶ୍ୱର୍ ମହାଦେବଙ୍କ ପୀଠ ଖାରଖିଆ ଠାରୁ ଖୋଳ କୀର୍ତ୍ତନ , ଝାଞ୍ଜ ମୃଦଙ୍ଗ, ଘଣ୍ଟ ଘଣ୍ଟା ନାଦରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଶ୍ରୀକ୍ଷେତ୍ର ଧାମ ପୁରୀ ଶ୍ରୀ ମନ୍ଦିର ରୁ ପ୍ରଭୁ ଜଗନ୍ନାଥ ଙ୍କ ଆଜ୍ଞା ମାଳ ଖରାଖିଆ ଠାରେ ପୂର୍ବାହ୍ନ ୯ ଘଟିକା ସମୟରେ ପହଞ୍ଚି ଥିଲା । ପାଟପୁର ଗ୍ରାମବାସୀ ଙ୍କ ସମେତ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ମାନେ ଏହି ଶୋଭାଯାତ୍ରା ରେ ସାମିଲ ହୋଇ ଜଗନ୍ନାଥ ମହାପ୍ରଭୁ ଙ୍କ ଆଜ୍ଞା ମାଳ କୁ ଏକ ବିରାଟ ପଟୁଆରରେ ଏକ ସୁସଜ୍ଜିତ ବିମାନ ରେ ଶିଗମାପୁର୍, ଜମାଲପୁର୍ ,ପାଟପୁର ଗ୍ରାମ ପରିକ୍ରମା କରି ଶ୍ରୀ ଶ୍ରୀ ରାଧାକାନ୍ତ ଜୀଉ ମନ୍ଦିର କୁ ଅଣା ଯାଇଥିଲା । ଏହି ଅବସରରେ ବିଭିନ୍ନ ଛକ ମାନଙ୍କରେ ଶତାଧିକ ମହିଳା ମାନେ ଏକତ୍ରିତ ହୋଇ ଆଜ୍ଞା ମାଳ କୁ ବନ୍ଦାପନା କରିଥିବାର ଦେଖିବାକୁ ମିଳିଥିଲା ।ପୁରୀ ରୁ ଆସିଥିବା ଖଜା ଭୋଗ ଭକ୍ତ ମାନଙ୍କୁ ବଣ୍ଟନ କରାଯାଇଥିଲା । ଏହାପରେ ପାଟପୁର ର ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିର ରୁ ଲକ୍ଷ୍ମୀନାରାୟଣ ବିଗ୍ର କୁ ଶୋଭାଯାତ୍ରା କୁ ଯଜ୍ଞ ସ୍ଥଳ କୁ ଅଣାଯାଇଥିଲା । ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତ ଜିୟୁ ମହୋତ୍ସବ ୨୩ ତାରିଖ ସୋମବାର ଠାରୁ ୨୫ ତାରିଖ ବୁଧୁବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ୨୫ ତାରିଖ ଅପରାହ୍ନ ତିନି ଘଟିକା ସମୟରେ ରାଧାକାନ୍ତ ଜୀଉ ମନ୍ଦିର ପରିସରରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ଆଜିର ଏହି ଆଜ୍ଞା ମାଳ ଶୋଭାଯାତ୍ରାକୁ ସମାଜସେବୀ ଦିଲୀପ ଦାସ, ମଦନ ମୋହନ ଦାସ, ହିମାଂଶୁ ଭୁଷଣ ଦାସ, ଶରତ ପ୍ରଧାନ, ଜୟନ୍ତ ଦାସଙ୍କ ସମେତ ପାଟପୁର ଗ୍ରାମର ଗ୍ରାମବାସୀମାନେ ପରିଚାଳନା କରିଥିଲେ ।

## ବାଇକରୁ ପଡ଼ି ମହିଳାଙ୍କ ମୃତ୍ୟୁ

ଗରଦପୁର,୨୨।୨ (ସଂଚାର ବ୍ୟୁରୋ): ଗରଦପୁର ଅଞ୍ଚଳର ପତିସାହି ଅଙ୍ଗନବାଡି କେନ୍ଦ୍ରର ସହାୟିକା ବନଲତା ପତି (୫୪) ଶନିବାର ରାତିରେ ପୁଅ ସତ୍ୟଜିତଙ୍କ ସହ କାମେଶ୍ୱର ଯାତ୍ରା ଦେଖି ବଜାରରୁ କିଛି ଘରକରଣା ସାମଗ୍ରୀ କିଣି ସ୍କୁଟିରେ ଘରକୁ ଫେରୁଥିଲେ। କିନ୍ତୁ ଘରକୁ ଫେରୁଥିବା ସମୟ ତାଙ୍କ ପାଇଁ କାଳ ସାଜିଥିଲା। କିଏ ଜାଣିଥିଲା ସେଇ ଖୁସିର ଯାତ୍ରା ହେବ ତାଙ୍କ ଜୀବନର ଶେଷ ଯାତ୍ରା। ପନ୍ଦିଆ- ପହଣା ସେତୁ ନିକଟରେ ହଠାତ୍ ସ୍କୁଟିରୁ ଗଳିପଡି ସେ ଗୁରୁତର ଆହତ ହୋଇଥିଲେ। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ତୁରନ୍ତ ମେଡିକାଲକୁ ନେଇଯାଇଥିଲେ, କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବନଲତାଙ୍କ ଜୀବନ ଥିଲା ସଂଘର୍ଷର କାହାଣୀ। ପୂର୍ବରୁ ସ୍ୱାମୀଙ୍କୁ ହରାଇଥିଲେ। ଅନେକ ଦୁଃଖ କଷ୍ଟ ମଧ୍ୟରେ ପରିବାରକୁ ସମ୍ଭାଳି ଆସୁଥିଲେ। ଗତ ମାସରେ ପୁଅଙ୍କ ବିବାହ କରାଇ ନୂଆ ଆଶାର ସ୍ୱପ୍ନ ଦେଖୁଥିଲେ। କିନ୍ତୁ ଭାଗ୍ୟ ତାଙ୍କ ସହ ଏମିତି ନିଷ୍ଠୁର ଖେଳ ଖେଳିଦେଲା। ତାଙ୍କ ଅକାଳ ବିୟୋଗରେ ଗରଦପୁର ଓ ପତିସାହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ସାଲେପୁର କଲେଜର ବାର୍ଷିକ ଉତ୍ସବ ଉଦ୍‌ଘାଟିତ



ସାଲେପୁର,୨୨।୨(ସଂଚାର ବ୍ୟୁରୋ): କଟକ ଜିଲ୍ଲା ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବ ଉଦଘାଟିତ ହୋଇଯାଇଛି । କଲେଜ୍‌ର ଅଧ୍ୟକ୍ଷା ଡକ୍ଟର ସଙ୍ଗୀତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନେ ଶିକ୍ଷା ଗ୍ରହଣ କରିବା ସହ ସମାଜ ପାଇଁ କାର୍ଯ୍ୟ କଲେ ରାଜ୍ୟ ଓ ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ । ସାଲେପୁର କଲେଜ୍ ଓଡ଼ିଶା ରେ ଏକ ଶିକ୍ଷା କ୍ଷେତ୍ର ରେ ସୁନାମ ଅର୍ଜନ କରିଅଛି ।ତାଙ୍କ ଉଦ୍ୟମ ରେ ପିଜି ବିଭାଗ ଖୋଲିବା ସହ ସାଲେପୁର କଲେଜ୍ ର ଅଡିଟୋରିୟମ ହଲ, ନୂତନ ଅଫିସ କାର୍ଯ୍ୟାଳୟ ଓ ଛାତ୍ର ନିବାସ ପ୍ରାୟ ତିନି କୋଟି ବ୍ୟୟ ରେ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ପ୍ରକାଶ କରିଛନ୍ତି ସେ ସବୁବେଳେ ସବୁ ସମୟରେ କଲେଜ୍ ର ବିକାଶ ପାଇଁ ତତ୍ପର ବୋଲି କହିଥିଲେ ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କବି ଓ ଗୀତିକାର ଶ୍ରୀଯୁକ୍ତ ବିଜୟ ମଲ୍ଲ , ସମ୍ମାନିତ ଅତିଥି ବ୍ୟଙ୍ଗ କବି ଜ୍ଞାନ ହୋତା, ସମ୍ମାନିତ ଅତିଥି ସାଲେପୁର ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ଉପଦେଷ୍ଟା ଆଲୋକ ଚନ୍ଦ୍ର ମହାନ୍ତି,ପ୍ରଶାସନିକ ଅଧିକାରୀ ରୀନା ସ୍ୱାଇଁ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପରିପେଖିରେ ଚଳଚ୍ଚିତ୍ର ଅଭିନେତ୍ରୀ ଶୀତଲ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କର ମନୋରଞ୍ଜନ କରିଥିଲେ।

## ସାନ୍ତସାହି ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ହିନ୍ଦୁ ସମ୍ମିଳନୀ

### ସନାତନ ଧର୍ମ ସୃଷ୍ଟିର ପ୍ରଥମ ଧର୍ମ




କେନ୍ଦ୍ରାପଡ଼ା,୨୨।୨(ସଂଚାର ବ୍ୟୁରୋ): ସନାତନ ଧର୍ମ ସୃଷ୍ଟିର ସର୍ବ ପୁରାତନ ତଥା ଏକମାତ୍ର ଧର୍ମ । ସନାତନ ସଂସ୍କୃତି ବସୁଧୈବ କୁଟୁମ୍ବକଂର ବାର୍ତ୍ତା ଦେଇଥାଏ । ସମଗ୍ର ବିଶ୍ୱର ମଙ୍ଗଳ କାମନା ତଥା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଅନାଦି କାଳରୁ ଏହି ଧର୍ମ ଚେଷ୍ଟା କରି ଆସିଛି ଓ ଦେଶ ମାତୃକାକୁ ନିଜର ମାଆ ବୋଲି ସମ୍ବୋଧନ କରିଆସିଛି । ହିନ୍ଦୁ ସଂସ୍କୃତି କେବଳ ଦେବୀ ବା ଦେବତା ନୁହେଁ, ମାନବ, ବୃକ୍ଷଲତା ଏପରିକି ଜଡ଼ ବସ୍ତୁରେ ମଧ୍ୟ ଭଗବତ ସାର ଅନୁଭବ କରିଥାଏ । ତେଣୁ ଏହି ମହାନ ସଂସ୍କୃତିକୁ ବଜାୟ ରଖି ସୁରକ୍ଷା ପ୍ରଦାନ କରିବାକୁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ । ଏଥିସହିତ ସୁସଂଗଠିତ ହୋଇ ଭାରତ ଗୌରବର ବିଜୟ ବାନାକୁ ସମଗ୍ର ବିଶ୍ୱରେ ଉଡାଇବା ଉଚିତ ବୋଲି ସାନ୍ତସାହିସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ବିଶାଳ ହିନ୍ଦୁ ସମ୍ମିଳନୀରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ମା' ବୁଢ଼ୀ ବିଳାଶୁଣୀ ଓ ମା'ଯାଜ୍ଞସେନୀ ବସତୀର ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ସ୍ଥାନୀୟ ସାନ୍ତସାହିସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ସଂଯୋଜକ ସଚ୍ଚିଦାନନ୍ଦ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ବିଶାଳ ହିନ୍ଦୁ ସମ୍ମିଳନୀରେ ଉଦଘାଟକ ରୂପେ ମହନ୍ତ ସଚ୍ଚିଦାନନ୍ଦ ଦାସ, ମୁଖ୍ୟଅତିଥି ଭାବେ ଦୈନିକ ଶ୍ରୁତିର ସମ୍ପାଦକ ସର୍ବେଶ୍ୱର ମିଶ୍ର ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ହୃଷିକେଶ ରଥ ପ୍ରମୁଖ ଯୋଗଦେଇ ଭାରତୀୟ ହିନ୍ଦୁ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହିତ ଏକ ସୁସ୍ଥ ହିନ୍ଦୁ ସମାଜ ଗଠନରେ ସାମାଜିକ ସରସତା ସ୍ଥାପନ ପାଇଁ ପ୍ରତ୍ୟେକ ହିନ୍ଦୁମାନଙ୍କ ମଧ୍ୟରେ ଥିବା ଉଚ୍ଚନୀଚ ଭେଦଭାବକୁ ଦୂର କରିବାକୁ ପଡିବ ବୋଲି କହିଥିଲେ । ଏହାସହିତ ଦେଶକୁ ଏକ ପରମ ବୈଭବଶାଳୀ ରାଷ୍ଟ୍ର ଭାବେ ଗଠନ କରି ପ୍ରତ୍ୟେକ ହିନ୍ଦୁମାନଙ୍କୁ ସଂଗଠିତ କରିବାର ଆବଶ୍ୟକତା ତଥା ହିନ୍ଦୁତ୍ୱ ଓ ସନାତନ ଧର୍ମ ଏବଂ ସଂସ୍କୃତିର ସୁରକ୍ଷା ପ୍ରତି ଆସୁଥିବା ଆହ୍ୱାନକୁ ସାମନା କରିବାକୁ ସମସ୍ତେ ଏକାଠି ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଦ୍ୟନାଥ ଚାଟାର୍ଜୀ, କିଶୋର ପଣ୍ଡା, ଗିତାଞ୍ଜଳୀ ସେଠୀ, ନେହେରୁ ସାହୁ, ପ୍ରଧାନ ଆଚାର୍ଯ୍ୟ ମନୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଦୁଇହଜାରରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଓ ପିଲାମାନେ ଯୋଗଦେଇଥିଲେ ।

ଚକ୍ରବ୍ୟୂହରେ ଶିକ୍ଷକ

## ପୁଲିସ୍ ଗାଡି ଆଗରେ ବସିଲେ ଛାଡି ଦେବାକୁ ଦାବି କଲେ



# ଶିକ୍ଷକଙ୍କ ସପକ୍ଷରେ ଅଭିଭାବକ

ରାଜକନିକା,୨୨।୨(ସଂଚାର ବ୍ୟୁରୋ): ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ମାମଲାରେ ଗିରଫ ହୋଇଥିବା ୫ ଜଣଙ୍କ ସପକ୍ଷରେ ବାହାରିଛନ୍ତି ତାଙ୍କର ଅଭିଭାବକ । ଆଜି ରାଜକନିକା ଥାନା ସମ୍ମୁଖରେ ବହୁ ସଂଖ୍ୟାରେ ଯୋଗଦେଇ ଅଭିଭାବକମାନେ ଦୃଢ ଭାବେ କହିଥିଲେ ଯେ ନିରୀହ, ନିଷ୍ପାପ ଶିକ୍ଷକମାନଙ୍କୁ ଚକ୍ରାନ୍ତ କରି ଫସାଇ ଦିଆ ଯାଇଛି। ଏଥିରେ ତାଙ୍କର କୌଣସି ଦୋଷ ନ ଥିବା ସତ୍ତେବି ମିଛ କେସ୍‌ରେ ଛନ୍ଦି ଦିଆଯାଇଛି । ଯାହା ଫଳରେ ନିଷ୍ପାପ ଶିକ୍ଷକ ମାନଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଟାଣି ହୋଇ ଯାଇଛି। ତାଛଡା ଏବେ ପରୀକ୍ଷା ଚାଲୁ ଥିବାରୁ ଛାତ୍ରଛାତ୍ରୀଙ୍କ ଉପରେ ଏହାର ଭୀଷଣ ପ୍ରଭାବ ପଡିବ ବୋଲି ଦାବି କରି ଶିକ୍ଷକମାନଙ୍କୁ ଛାଡି ଦିଆଯାଉ ବୋଲି ମୁଦାଲାଙ୍କୁ ନେଇ ଯାଉଥିବା ଗାଡି ଆଗରେ ବସି ଅଭିଭାବକମାନେ ପ୍ରତିବାଦ କରିଥିଲେ।

ତେବେ ଥାନାଧିକାରୀ ସଞ୍ଜୟ କୁମାର ମଲ୍ଲିକ ଯେତେ ବୁଝାଶୁଝା ପରେବି ମହିଳାମାନେ ଉଠି ନଥିଲେ। ଏହାକୁ ନେଇ କିଛି ସମୟ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଅଭିଭାବକଙ୍କ ପକ୍ଷରୁ ପୀଡିତା ଆଉ ତାଙ୍କ ମାଆଙ୍କୁ ଏଠାକୁ ଅଣାଯାଇ ପ୍ରକୃତ ସତ୍ୟାସତ୍ୟ ସାମନାରେ ଆସୁ ବୋଲି ଦାବି କରିଥିଲେ।

ପ୍ରକାଶଯୋଗ୍ୟ ଯେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ଓଳାଭର ଅଞ୍ଚଳର ଏକ ଘରୋଇ ଇଂରାଜୀ ମିଡିୟମ ସ୍କୁଲର ଶିକ୍ଷକ ଓ ଜଣେହ ଶିକ୍ଷୟତ୍ରୀ ସମୁଦାୟ ୫ଜଣଙ୍କ ସହଭାଗୀତାରେ ବଳାତ୍କାର କରାଯାଇଥିବା ନେଇ ପ୍ରଥମେ ସିଡବ୍ଲୁସିଠାରେ ଅଭିଯୋଗ ପରେ ଗତକାଲି ରାଜକନିକା ପୁଲିସ ପାଖରେ ଅଭିଯୋଗ ହୋଇଥିଲା। ଯାହାକି ରାଜ୍ୟ ସାରା ଆଲୋଡନ ସୃଷ୍ଟି କରିଥିଲା । ଗତକାଲି ପୀଡିତା ନାବାଳିକା ଆଉ ପିତାମାତାଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ୍ ମାମଲା ରୁଜୁ କରି ଅଟକ ଅଭିଯୁକ୍ତଙ୍କୁ କୋର୍ଟ ପଠାଇବାର ସମସ୍ତ ଫରମାଲିଟ୍ ପୂରଣ କରି ଥିବା ବେଳେ ଆଜି ଅଭିଭାବକଙ୍କ ପକ୍ଷରୁ ଶିକ୍ଷକମାନଙ୍କୁ ଛାଡି ଦେବାକୁ ଦାବି କରାଯାଇଛି ।